



# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 33 | ISSUE 122 | ଭାଗ ୩୩ | ସଂଖ୍ୟା ୧୨୨ | Bhubaneswar | Wednesday 23 July 2025 | Page 8 Rs. 4.00 | ● ଭୁବନେଶ୍ୱର ବୁଧବାର ୨୩ ଜୁଲାଇ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା


# ଅରାଜକତାର ବ୍ରାଣ୍ଡ ଆମ୍ବାସଡର ଅଚ୍ୟୁତ









## କଣ ହୋଇପାରେ ପରିଣାମ ?

ନିର୍ଦ୍ଧାରିତ ସମୟ ଭିତରେ ଜବାବ ଦାଖଲ କରିବାରେ ବିଫଳ ହେଲେ କିଟ୍ ବିଶ୍ୱବିଦ୍ୟାଳୟକୁ ଗୁରୁତର ପରିଣାମ ଭୋଗିବାକୁ ପଡ଼ିପାରେ। ୟୁଜିସି କର୍ତ୍ତୃପକ୍ଷ କିଟ ବିରୋଧରେ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରନ୍ତି ତାର ସଙ୍କେତ ଦେଇଛନ୍ତି। ଏହି ନିର୍ଦ୍ଦେଶ ୟୁଜିସିର ଡିମ୍ଡ ଟୁ ବି ୟୁନିଭର୍ସିଟି ଆଇନ ୨୦୨୩ର ଧାରା ୨୯ ଓ ୩୪ ଅନୁଯାୟୀ ଦିଆଯାଇଛି। ତଦନୁଯାୟୀ ସାର୍ବଜନୀନ ଘୋଷଣା ସହିତ ଲିଖିତ ଚେତାବନୀ ଦିଆଯିବ। ୩ ବର୍ଷ ଯାଏ କିମ୍ବା ଫ୍ୟାକ୍ଟ ଫାଇଣ୍ଡିଂ ଟିମ ଦ୍ୱାରା ପ୍ରଦତ୍ତ ଅବଧି ଯାଏ ବିଶ୍ୱବିଦ୍ୟାଳୟକୁ ନୂଆ କୋର୍ସ, ବିଭାଗ, ଅଫ୍-କ୍ୟାମ୍ପସ କିମ୍ବା ଅଫ୍-ଶୋର କ୍ୟାମ୍ପସ ଖୋଲିବା ଉପରେ କଟକଣା ଲାଗିପାରେ। ଅବସ୍ଥାପିତ କୋର୍ସ, ବିଭାଗ, ଅଫ୍-କ୍ୟାମ୍ପସ କିମ୍ବା ଅଫ୍-ଶୋର କ୍ୟାମ୍ପସ ବନ୍ଦ କରାଯାଇପାରେ। କିଟର ଡିମଡ୍ ବିଶ୍ୱବିଦ୍ୟାଳୟ ମାନ୍ୟତା ମଧ ପ୍ରତ୍ୟାହାର ହୋଇପାରେ। ୟୁଜିସି କର୍ତ୍ତୃପକ୍ଷଙ୍କ ଦ୍ୱାରା କିଟ୍ ବିଶ୍ୱବିଦ୍ୟାଳୟକୁ ଏହି ନୋଟିସ୍ ପଠାଯିବା ସହ ଏହାର ଏକ କପି ମଧ ରାଜ୍ୟ ଉଚ୍ଚଶିକ୍ଷା ବିଭାଗର ସଚିବଙ୍କୁ ନିକଟକୁ ପଠାଯାଇଥିବା ଜଣାପଡ଼ିଛି।

- ଶିକ୍ଷାନୁଷ୍ଠାନରେ ଅଘଟଣ ପାଇଁ କିଟ୍ ଦେଖାଇଲା ବାଟ
- କାରଣ ଦର୍ଶାଅ ନୋଟିସ୍ ଜାରିକଲା ୟୁଜିସି
- ସପ୍ତାହକରେ ଉତ୍ତର ଦେବାକୁ ନିର୍ଦ୍ଦେଶ
- ଉତ୍ତର ସନ୍ତୋଷଜନକ ନହେଲେ ପରିଣାମ ଭୋଗିବ କିଟ୍
- ପ୍ରତ୍ୟାହାର ହୋଇପାରେ ଡିମ୍ଡ ବିଶ୍ୱବିଦ୍ୟାଳୟ ମାନ୍ୟତା

ଭୁବନେଶ୍ୱର, ୨୨।୭(ସଂଚାର ବ୍ୟୁରୋ): କିଟ ବିଶ୍ୱବିଦ୍ୟାଳୟରେ ଚାଲିଥିଲା ଏକଛତ୍ରବାଦ ଓ ହିଟଲରୀ ଶାସନ। ରାଜ୍ୟର ସବୁ ଅନୁଷ୍ଠାନ ପାଇଁ ଗୋଟେ ଆଇନ, ହେଲେ କିଟ ପାଇଁ କାମ କରୁନଥିଲା କୌଣସି ଆଇନ କାନୁନ। ଦୁଇ ନେପାଳୀ ଛାତ୍ରୀଙ୍କ ମୃତ୍ୟୁ ଏବଂ ଏନେଇ ୟୁଜିସି ଟିମର ତଦନ୍ତ ପରେ ଏବେ ସବୁ ପଦାରେ ପଡିଛି। ମୋଟାମୋଟି କହିବାକୁ ଗଲେ ଅରାଜକତାର ଅନ୍ୟନାମ ଥିଲେ ଅଚ୍ୟୁତ ସାମନ୍ତ। ବୁଦ୍ଧିଜୀବୀଙ୍କ ମତରେ ଗତ ଫେବୃଆରୀ ମାସରେ କିଟରେ ନେପାଳୀ ଛାତ୍ରୀ ଆତ୍ମହତ୍ୟା ପରେ ଯେଉଁଭଳି ହିଂସାର ବାତାବରଣ ସୃଷ୍ଟି ହୋଇଥିଲେ, ସେ ସମୟରେ ହିଁ କିଟ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ନିଆଯିବାର ଆବଶ୍ୟକତା ଥିଲା। ସେ ସମୟରେ କିଟକୁ ଛୁଟ ଦିଆଯିବାରୁ ତାର ପ୍ରଭାବ ଏବେ ଏଫଏମ କଲେଜରେ ପଡିଛି। ଏପରିକି କିଟରେ ଯେଉଁଭଳି ଆଭ୍ୟନ୍ତରୀଣ ଅଭିଯୋଗ କମିଟି (ଆଇସିସି)କୁ ମୋଡି ମକଚି କର୍ତ୍ତୃପକ୍ଷ ନିଜ ସ୍ୱାର୍ଥ୍ୟରେ ବ୍ୟବହାର କରୁଥିଲେ, ଅନ୍ୟ ଉଚ୍ଚଶିକ୍ଷାନୁଷ୍ଠାନ ବି ସେହି ଢାଞ୍ଚା ଆପଣେଇଲେ। ଏମିତି ଦେଖିବାକୁ ଗଲେ କିଟ ହିଁ ରାଜ୍ୟର ଅନ୍ୟ ଉଚ୍ଚଶିକ୍ଷାନୁଷ୍ଠାନରେ ଶୈକ୍ଷିକ ବାତାବରଣକୁ କଳୁଷିତ କରିବାକୁ ମାର୍ଗଦର୍ଶକ ଭାବେ କାର୍ଯ୍ୟ କରିଛି ବୋଲି ଶିକ୍ଷାବିତମାନେ ଆକଳନ କରୁଛନ୍ତି। ସେପଟେ ଏନଏଚଆରସିଙ୍କ କାର୍ଯ୍ୟାନୁଷ୍ଠାନକୁ ଚ୍ୟାଲେଞ୍ଜ କରି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିବା କିଟ୍ କର୍ତ୍ତୃପକ୍ଷଙ୍କୁ ଏବେ ୟୁଜିସିଙ୍କ ଶକ୍ତ ଝଟକା ଲାଗିଛି। ଦୁଇ ନେପାଳୀ ଛାତ୍ରୀଙ୍କ ଆତ୍ମହତ୍ୟା ମାମଲାରେ ଗତକାଲି ଜୁଲାଇ ୨୧ତାରିଖରେ କିଟ୍ ବିଶ୍ୱବିଦ୍ୟାଳୟକୁ କାରଣ ଦର୍ଶାଅ ନୋଟିସ୍ ଜାରିଛନ୍ତି ୟୁଜିସି। ସପ୍ତାହକ ମଧ୍ୟରେ ସନ୍ତୋଷଜନକ ଉତ୍ତର ଦେବାରେ ବିଫଳ ହେଲେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ୟୁଜିସି କର୍ତ୍ତୃପକ୍ଷ ସ୍ପଷ୍ଟ କରିଛନ୍ତି। କାହିଁକି ଶିକ୍ଷାନୁଷ୍ଠାନ ବିରୁଦ୍ଧରେ ଅନୁଶାସନାତ୍ମକ କାର୍ଯ୍ୟାନୁଷ୍ଠାନ ଅବା ଆଇନଗତ ପଦକ୍ଷେପ ଗ୍ରହଣ କରାଯିବ ନାହିଁ ତା'ର ଜବାବ ରଖିବାକୁ କୁହାଯାଇଛି। ୨୦୨୫ ଫେବୃୟାରୀ ୧୬ ଓ ମେ' ୧ତାରିଖରେ ଦୁଇଜଣ ନେପାଳୀ ଛାତ୍ରୀଙ୍କ ଆତ୍ମହତ୍ୟା ପ୍ରସଙ୍ଗରେ ଏହି କାରଣଦର୍ଶାଅ ନୋଟିସ୍ ଜାରି ହେବା ସହ ବିଶ୍ୱବିଦ୍ୟାଳୟରେ ମାନସିକ ସ୍ୱାସ୍ଥ୍ୟ ସହାୟତା ବ୍ୟବସ୍ଥା, ସୁରକ୍ଷା ପ୍ରୋଟୋକଲ ଓ ପ୍ରଶାସନିକ ପ୍ରତିକ୍ରିୟା ପ୍ରଣାଳୀରେ ରହିଥିବା ଗୁରୁତର ତ୍ରୁଟିକୁ ନେଇ ମଧ ୟୁଜିସି କର୍ତ୍ତୃପକ୍ଷ ଚିନ୍ତା ବ୍ୟକ୍ତ କରିଛନ୍ତି। କିଟ୍ ବିଶ୍ୱବିଦ୍ୟାଳୟରେ ଦୁଇ ବିଦେଶୀ ଛାତ୍ରୀଙ୍କ ଆତ୍ମହତ୍ୟା ଘଟଣାକୁ ଗୁରୁତର ସହ ନେଇ ୟୁଜିସି କର୍ତ୍ତୃପକ୍ଷ ୨୦୨୫ ମେ' ୨ ତାରିଖରେ ପ୍ରଫେସର ନାଗେଶ୍ୱର ରାଓଙ୍କ ନେତୃତ୍ୱରେ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ଗଠନ କରିଥିଲେ। ଏହି କମିଟି ଭୁବନେଶ୍ୱର ଆସି କିଟ୍ ପରିସରରେ ସରଜମିନ୍ ତଦନ୍ତ କରି ଫେରିବା ପରେ ମେ'୨୦ତାରିଖରେ ୟୁଜିସି କର୍ତ୍ତୃପକ୍ଷଙ୍କୁ ଦେଇଥିବା ରିପୋର୍ଟ ଓ ସୁପାରିଶ ଆଧାରରେ କିଟ୍ କର୍ତ୍ତୃପକ୍ଷଙ୍କୁ ଗତକାଲି ଏହି ନୋଟିସ୍ ଜାରି ହୋଇଛି। ଏହି କମିଟିର ରିପୋର୍ଟକୁ ମଧ ୟୁଜିସି କର୍ତ୍ତୃପକ୍ଷଙ୍କ ଦ୍ୱାରା ଗତକାଲିର ନୋଟିସ୍ ସହ ସଂଲଗ୍ନ କରି କିଟ୍ କର୍ତ୍ତୃପକ୍ଷଙ୍କୁ ଦିଆଯାଇଛି।

# ଦୁର୍ନୀତି ବିରୁଦ୍ଧରେ ମୁଖ୍ୟମନ୍ତ୍ରୀଙ୍କ ଶୂନ୍ୟସହନଶୀଳତା

- ଗୋଟିଏ ଦିନରେ ଦୁଇଜଣଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ
- ବହିଷ୍କୃତ ହେଲେ ଡାକ୍ତର କରୁଣାକର ରାଉତ
- ବିଦା ହେଲେ ଯୋଗାଣ ନିରୀକ୍ଷକ ବବିଲତା ବେହେରା



ଭୁବନେଶ୍ୱର, ୨୨।୭: ଦୁର୍ନୀତି ବିରୁଦ୍ଧରେ କଡା ଆଭିମୁଖ୍ୟ ଜାରି ରଖି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୋଟିଏ ଦିନରେ ଦୁଇ ଦୁଇ ଜଣ ସରକାରୀ ଅଧିକାରୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନେଇଛନ୍ତି। ଯାଜପୁର ଜିଲ୍ଲା ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ପୂର୍ବତନ ମେଡିକାଲ ଅଫିସର ଡାକ୍ତର କରୁଣାକର ରାଉତଙ୍କୁ ଚାକିରିରୁ ବହିଷ୍କାର କରିଛନ୍ତି। ସେହିଭଳି ଅନୁଗୋଳ ଜିଲ୍ଲା କଣିହା ବ୍ଲକର ପୂର୍ବତନ ଯୋଗାଣ ନିରୀକ୍ଷକ ବବିଲତା ବେହେରାଙ୍କୁ ଚାକିରୀରୁ ବହିଷ୍କାର କରିଛନ୍ତି ମୁଖ୍ୟମନ୍ତ୍ରୀ। ଡାକ୍ତର ରାଉତ ବର୍ତ୍ତମାନ ଭଦ୍ରକ ଜିଲ୍ଲା ସଦର ମହକୁମା ହସ୍ପିଟାଲର ମାନସିକ ସ୍ୱାସ୍ଥ୍ୟ ଏବଂ କ୍ୟାନ୍ସର ବିଭାଗର ବରିଷ୍ଠ ମେଡିକାଲ ଅଫିସର ଭାବେ କାର୍ଯ୍ୟ କରୁଛନ୍ତି। ସୂଚନାଯୋଗ୍ୟ ଯେ, ଡାକ୍ତର କରୁଣାକର ରାଉତଙ୍କ ନାମରେ କଟକ ଭିଜିଲାନ୍ସ ବିଭାଗ ପକ୍ଷରୁ ଏକ କେସ୍ ରୁଜୁ ହୋଇଥିଲା। ଡାକ୍ତର ରାଉତଙ୍କ ନାମରେ ମଧ ଡିପାର୍ଟମେଣ୍ଟାଲ ପ୍ରୋସିଡିଙ୍ଗ୍ କରାଯାଇଥିଲା। ତାଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯିବା ସହିତ ଅନ୍ୟାନ୍ୟ ଦଣ୍ଡବିଧାନ ମଧ କରାଯାଇଥିଲା। ଇତିମଧ୍ୟରେ ଭିଜିଲାନ୍ସ କୋର୍ଟ ପକ୍ଷରୁ ରାୟ ପ୍ରକାଶ ପାଇ ତାଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଛି।

ସେହିଭଳି ବବିଲତା ବର୍ତ୍ତମାନ ବାରିପଦା ଜିଲ୍ଲା ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟରେ ଯୋଗାଣ ନିରୀକ୍ଷକ ଭାବେ କାର୍ଯ୍ୟରତ ଅଛନ୍ତି। ସୂଚନାଯୋଗ୍ୟ ଯେ, କଣିହା ବ୍ଲକରେ କାର୍ଯ୍ୟରତ ଥିବାବେଳେ ଲାଞ୍ଚ ଗ୍ରହଣ କରିଥିବା ଅଭିଯୋଗରେ ଅନୁଗୋଳ ଜିଲ୍ଲା ଭିଜିଲାନ୍ସ ପକ୍ଷରୁ ତାଙ୍କ ବିରୁଦ୍ଧରେ କେଶ୍ ରୁଜୁ ହୋଇଥିଲା । ନିକଟରେ ଅନୁଗୋଳ ଭିଜିଲାନ୍ସ ସ୍ପେସାଲ ଜଜ୍ ପୃଷ୍ଠା-୬

# ପ୍ରଶାସନିକ ସ୍ତରରେ ବଡ ଧରଣର ଅଦଳବଦଳ

- ସୂଚନା ଓ ଲୋକସମ୍ପର୍କ ବିଭାଗ ଦାୟିତ୍ୱରେ ହେମନ୍ତ ଶର୍ମା
- ବିଏମସି କମିଶନର ହେଲେ ଚଞ୍ଚଳ ରାଣା
- ରାଜ୍ୟପାଳଙ୍କ ସଚିବ ହେଲେ ରୂପା ରୋଶନ ସାହୁ



ଭୁବନେଶ୍ୱର, ୨୨।୭(ସଂଚାର ବ୍ୟୁରୋ): ଆଇଏଏସ ସ୍ତରରେ ବଡ଼ ଧରଣର ଅଦଳବଦଳ। ଏହି ଅଦଳବଦଳରେ ସଚିବଙ୍କ ସହ କିଛି ଜିଲାର ଜିଲାପାଳ ମଧ୍ୟ ବଦଳି ହୋଇଛନ୍ତି। ୪୮ ଜଣ ଆଇଏଏସ ଅଫିସରଙ୍କୁ ଅଦଳବଦଳ କରିଛନ୍ତି ରାଜ୍ୟ ସରକାର। ସବୁଠୁ ବଡ଼ କଥା ହେଉଛି ମାତ୍ର ମାସ ମଧ୍ୟରେ ପୁରୀ ଜିଲ୍ଲାପାଳଙ୍କୁ ବଦଳାଇଛନ୍ତି ରାଜ୍ୟ ସରକାର। ଚଞ୍ଚଳ ରାଣାଙ୍କୁ ବିଏମସି କମିଶନର ଭାବେ ନିଯୁକ୍ତି ମିଳିଛି। ରଥଯାତ୍ରା ଅଘଟଣ ପରେ ସେ ପୁରୀ ଜିଲାପାଳ ଭାବେ ଦାୟିତ୍ୱ ନେଇଥିଲେ। ବର୍ତ୍ତମାନ ତାଙ୍କର ବଦଳି କରାଯାଇଛି।

ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ଲୋକସଂପର୍କ ବିଭାଗର ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ପ୍ରମୁଖ ସଚିବ ସଞ୍ଜୀବ କୁମାର ମିଶ୍ରଙ୍କୁ ଅର୍ଥ ବିଭାଗର ପ୍ରମୁଖ ସଚିବ ଭାବେ ବଦଳି କରାଯାଇଛି। କ୍ରିଡା ଓ ଯୁବ ବ୍ୟାପାର ବିଭାଗର ପ୍ରମୁଖ ସଚିବ ଭାସ୍କରଜ୍ୟୋତି ଶର୍ମାଙ୍କୁ ଅବକାରୀ ବିଭାଗର ପ୍ରମୁଖ ଶାସନ ସଚିବ ଭାବେ ଅବସ୍ଥାପିତ କରାଯାଇଛି। ରାଜ୍ୟପାଳଙ୍କ ପ୍ରମୁଖ ସଚିବ ଏନ.ବି. ଏସ ରାଜପୁତଙ୍କୁ ସାଧାରଣ ଉଦ୍ୟୋଗ ବିଭାଗର ପ୍ରମୁଖ ସଚିବ ଭାବେ ଅବସ୍ଥାପିତ କରାଯାଇଥିବା ବେଳେ ସେ ଓଏସଆରଟିସିର ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱରେ ରହିବେ।

ସେହିପରି ଦକ୍ଷିଣାଞ୍ଚଳ ଆରଡିସି ରୂପା ରୋଶନ ସାହୁଙ୍କୁ ରାଜ୍ୟପାଳଙ୍କ ସଚିବ ଭାବେ ବଦଳି କରାଯାଇଛି। ସଚିନ ରାମଚନ୍ଦ୍ର ଯାଦବଙ୍କୁ କ୍ରୀଡ଼ା ଓ ଯୁବ ସେବା ବିଭାଗର ସଚିବ ଭାବେ ନିଯୁକ୍ତି ମିଳିଥିବା ବେଳେ ସେ ଉତ୍ତରାଞ୍ଚଳ ଆରଡିସି ଓ ପଶ୍ଚିମ ଓଡିଶା ବିକାଶ ପରିଷଦର ସିଇଓ ଭାବେ ଅତିରିକ୍ତ ଦାୟିତ୍ୱରେ ରହିବେ। ଭୁପେନ୍ଦ୍ର ସିଂ ପୁନିଆ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ସଚିବ ନିଯୁକ୍ତ ହେବା ସହ ତାଙ୍କୁ ଇପିକଲ ଏମଡି ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। କେନ୍ଦ୍ରାଞ୍ଚଳ ଆରଡିସି ବି.ପରମେଶ୍ୱରନଙ୍କୁ ଅନସୂଚିତ ଜାତି ଜନଜାତି ଓ ପଛୁଆଞ୍ଚଳ ବିକାଶ ବିଭାଗର ସଚିବ ଭାବେ ବଦଳି କରାଯାଇଛି। ବହନ, ହସ୍ତତନ୍ତ ଓ ହସ୍ତଶିଳ୍ପ ବିଭାଗର ସଚିବ ଗୁହା ପୁନମ ତାପସ କୁମାରଙ୍କୁ କେନ୍ଦ୍ରାଞ୍ଚଳ ଆରଡିସି ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ଶିଳ୍ପ ନିର୍ଦ୍ଦେଶକ ଡି. ପ୍ରଶାନ୍ତ ରେଡ୍ଡୀଙ୍କୁ ଏମଏସଏମଇ ବିଭାଗର ସଚିବ ଭାବେ ବଦଳି ପୃଷ୍ଠା-୬

**ଏଫଏମ କଲେଜ ଛାତ୍ରୀ ଆତ୍ମାହୁତୀ ଘଟଣା**

# କ୍ରାଇମବ୍ରାଞ୍ଚକୁ ମିଳିଲା ବଡ ସୁରାକ !



- ଛାତ୍ରଛାତ୍ରୀଙ୍କୁ ଚାଲିଛି ୱାନ ଟୁ ୱାନ ଜେରା
- ସନ୍ଦେହରେ ଥିବା ଶିକ୍ଷାର୍ଥୀଙ୍କ ମୋବାଇଲ ଜବତ

ଭୁବନେଶ୍ୱର, ୨୨।୭ (ସଂଚାର ବ୍ୟୁରୋ): ବାଲେଶ୍ୱର ଫକୀରମୋହନ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମାହୁତି ମାମଲାର ତଦନ୍ତ ଜାରି ରହିଛି। ବିଭିନ୍ନ ଦିଗକୁ ନେଇ ତନାଘନା ଚଳାଇଛି କ୍ରାଇମବ୍ରାଞ୍ଚ। ରବିବାର ମହାବିଦ୍ୟାଳୟରେ କ୍ରାଇମବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର ପହଞ୍ଚି ଡିଆଇଜି ଡା. ସତ୍ୟଜିତ ନାୟକଙ୍କ ସହ ଆଲୋଚନା କରିଥିଲେ। ଏହା ସହିତ ତଦନ୍ତକୁ ୬ ଦିନ ପୂରିଥିବାବେଳେ କ୍ରାଇମବ୍ରାଞ୍ଚ ହାତରେ ବଡ଼ ତଥ୍ୟ ଲାଗିଥିବା ସୂଚନା ମିଳିଛି। କଲେଜର ଛାତ୍ରୀଛାତ୍ରଙ୍କୁ ଓ୍ୱାନ ଟୁ ଓ୍ୱାନ କ୍ରାଇମବ୍ରାଞ୍ଚ ପଚରାଉଚରା କରିଛି। ତା ସହିତ ସେମାନଙ୍କଠାରୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିଛି। କ୍ରାଇମବ୍ରାଞ୍ଚ ହାତରେ କେଉଁଠି ନା କେଉଁଠି ବଡ଼ ତଥ୍ୟ ଲାଗିଛି। ତା' ସହିତ ତଦନ୍ତ ମଧ ଚାଲିଛି। ସେପଟେ କ୍ରାଇମବ୍ରାଞ୍ଚ କଲେଜର ଭାରପ୍ରାପ୍ତ ଅଧକ୍ଷ, କିଛି କର୍ମଚାରୀଙ୍କୁ ମଧ ପଚରାଉଚରା କରାଯିବ। କ୍ରାଇମବ୍ରାଞ୍ଚ ଅନୁସାରେ, ବହୁତ ତଥ୍ୟ ଲାଗିଛି। ତଦନ୍ତ ଯେହେତୁ ଚାଲିଛି, ତଦନ୍ତରେ ବାଧା ଉପୁଜିବା ଆଶଙ୍କା ନେଇ ଏବେ କିଛି କହିହେବନାହିଁ ବୋଲି କହିଛି କ୍ରାଇମବ୍ରାଞ୍ଚ। ବିଭିନ୍ନ ଦିଗକୁ ନେଇ ତନାଘନା ଚଳାଇଛି କ୍ରାଇମବ୍ରାଞ୍ଚ। ରବିବାର ମହାବିଦ୍ୟାଳୟରେ କ୍ରାଇମବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର ପହଞ୍ଚି ଡିଆଇଜି ଡା. ସତ୍ୟଜିତ ନାୟକଙ୍କ ସହ ଆଲୋଚନା କରିଥିଲେ। ଏହା ପରେ ମହାବିଦ୍ୟାଳୟରେ ପହଞ୍ଚି ଛାତ୍ରୀଜଣକ ଆତ୍ମାହୁତି ଦେଇଥିବା ସ୍ଥାନ ବୁଲି ଦେଖିଥିଲେ। ଅଧକ୍ଷଙ୍କ ପୃଷ୍ଠା-୬

# ଆକାଂକ୍ଷୀ ବ୍ଲକ ତାଲିକାରେ ଓଡିଶାର ଆଉ ୧୧ ବ୍ଲକ




- କେନ୍ଦୁଝର ଜିଲ୍ଲାର ୫ଟି ଓ ମୟୂରଭଞ୍ଜର ୬ଟି ବ୍ଲକ ସାମିଲ
- ମୁଖ୍ୟମନ୍ତ୍ରୀଙ୍କ ପ୍ରସ୍ତାବକୁ ନୀତି ଆୟୋଗଙ୍କ ମଂଜୁରୀ

ଭୁବନେଶ୍ୱର, ୨୨।୭ (ସଂଚାର ବ୍ୟୁରୋ): ଓଡ଼ିଶାର ୧୧ଟି ନୂଆ ବ୍ଲକ ନୀତି ଆୟୋଗ ଦ୍ୱାରା ଆକାଂକ୍ଷୀ ବ୍ଲକ ଯୋଜନାରେ ସାମିଲ ହୋଇଛି। କେନ୍ଦୁଝର ଜିଲ୍ଲାର ୫ଟି ବ୍ଲକ ଓ ମୟୂରଭଞ୍ଜ ଜିଲ୍ଲାର ୬ଟି ନୂଆ ବ୍ଲକ ସାମିଲ ହୋଇଛି। ଏହାଦ୍ୱାରା ବର୍ତ୍ତମାନ ଓଡ଼ିଶାର ସମୁଦାୟ ୪୦ଟି ବ୍ଲକ ଆକାଂକ୍ଷୀ ବ୍ଲକରେ ପରିଣତ ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ବ୍ଲକ ଗୁଡ଼ିକୁ ସାମିଲ କରିବା ପାଇଁ ନୀତି ଆୟୋଗକୁ ଅନୁରୋଧ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଅନୁରୋଧକୁ ଗ୍ରହଣ କରି ନୀତି ଆୟୋଗ ଏହି ବ୍ଲକ ଗୁଡିକୁ ଆକାଂକ୍ଷୀ ଯୋଜନାରେ ସାମିଲ କରିଛି। ଯେଉଁ ନୂତନ ବ୍ଲକ ଗୁଡ଼ିକ ଆକାଂକ୍ଷୀ ଯୋଜନାରେ ସାମିଲ ହେଲା, ସେଗୁଡ଼ିକ ପୃଷ୍ଠା-୬



**କାନ ଡେରିଥା**

ରାଜନୀତି ହେଉ ଅବା କୁଟନୀତି
ଲଢେଇ ସବୁଠି ହେଉଛି
ଦଳପ୍ରେମ ଏବେ ସଭିଙ୍କୁ ଘାରିଛି
କର୍ମୀ ଦଳ ପାଇଁ ଲଢୁଛି
ସମ୍ପର୍କ ଟା କିନ୍ତୁ ଭୁଲିଛି...
ଆବଶ୍ୟକ ହେଲେ
ମାରିବା ପାଇଁକି
ରକ୍ତ ସମ୍ପର୍କକୁ ଛାଡ଼ିଛି।

■ ଦେବାଶିଷ

# ଖୁଦ୍ କେଲିଏ କୁଛ ଭି କରେଗା...



- କର୍ମୀ ରାସ୍ତାରେ ଲଢୁଛନ୍ତି, ନେତାଙ୍କ ଦେଖାନାହିଁ
- ଜୀବନରେ ପ୍ଲାକାର୍ଡ ନଧରି ରାଜନୈତିକ ସଚିବ



ଭୁବନେଶ୍ୱର, ୨୨।୭ (ସଂଚାର ବ୍ୟୁରୋ): ହିନ୍ଦିରେ ଗୋଟେ ଢଗ ଅଛି ଖୁଦ କେଲିଏ ... କୁଛଭି କରେଗା... ଏହାର ଅର୍ଥ ହେଉଛି ନିଜ ସ୍ୱାର୍ଥ ରକ୍ଷା ପାଇଁ ସବୁକିଛି କରିବି। ଏଇ ଢଗଟି ଏବେ ବିଜେଡି ସୁପ୍ରିମୋ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କ୍ଷେତ୍ରରେ ପୂରା ଫିଟ ହୋଇଛି। ବିଜେଡି ମହଲରେ ମଧ ଏହାକୁ ନେଇ କର୍ମୀ ଓ ନେତାମାନେ ଗୁମୁରି ଗୁମୁରି କାନ୍ଦିବା ଆରମ୍ଭ କରିଦେଇଛନ୍ତି। କାରଣ ନବୀନଙ୍କ ରାଜନୈତିକ ଆଭିମୁଖ୍ୟ ସହ ସେମାନେ ଖାପ ଖୁଆଇ ପାରୁନାହାଁନ୍ତି କି ତାଙ୍କୁ ବିରୋଧ ବି କରିପାରୁନାହାଁନ୍ତି।

୨୦୦୯ରେ ବିଜେପି ସହ ମେଣ୍ଟ ଭାଙ୍ଗିବା ପରଠାରୁ ବିଜେଡି ରାଜ୍ୟରେ ବିରୋଧୀ ଦଳ ଆସନରେ ବସିବା ପର୍ଯ୍ୟନ୍ତ, ନବୀନଙ୍କ ରାଜନୈତିକ ଆଭିମୁଖ୍ୟ ସବୁବେଳେ ଦଳ ମଧ୍ୟରେ ଏକ ପ୍ରହେଳିକା ହୋଇ ରହିଛି। ବିଜେପି ଓ କଂଗ୍ରେସ ଠାରୁ ସମଦୂରତା ରକ୍ଷା କରୁଥିବା କହୁଥିବା ନବୀନ କିନ୍ତୁ ପ୍ରକୃତ ପକ୍ଷରେ ବିଜେପି ସହ ଭିତିରି ସମ୍ପର୍କରେ ଅଛନ୍ତି ଏକଥା ବୁଝିବାକୁ ଆଉ କାହାକୁ ବାକି ନାହିଁ। ବିଜେପିର ରାଜ୍ୟ ନେତା, କଂଗ୍ରେସ ଏପରିକି ବିଜେଡି ନେତାଙ୍କ ଠାରୁ କର୍ମୀଙ୍କ ପର୍ଯ୍ୟନ୍ତ କାହାକୁ ଅଜଣା ହୋଇ ରହିନାହିଁ।

ରାଜ୍ୟରେ ବିଜେଡି ସରକାରରେ ଥିବା ବେଳେ ମଧ ସଂସଦରେ ବିଜେପିର ସବୁ ବିଲକୁ ସମର୍ଥନ କରୁଥିଲା। କିନ୍ତୁ ପ୍ରସଙ୍ଗ ଭିତ୍ତିକ ସମର୍ଥନର ନାରା ଦିଆଯାଉଥିଲା। ରାଜ୍ୟରେ ବିଜେଡି ବିରୋଧୀ ଦଳ ଆସନକୁ ଆସିବା ପରେ ମଧ ଓ୍ୱାକଫ ବୋର୍ଡ ବିଲରେ ବିଜେଡିର ୫ଜଣ ସାଂସଦ ସମର୍ଥନ କରିଥିଲେ। ବିଲ ସଂସଦରେ ଆଲୋଚନା ଚାଲିଥିବା ବେଳେ ସାଂସଦ ସସ୍ମିତ ପାତ୍ରଙ୍କ ବିବେକାନୁମୋଦିତ ଭୋଟ ଦେବାକୁ ଟ୍ୱିଟ ସେ ସମୟରେ ଝଡ ସୃଷ୍ଟି କରିଥିଲା। ଯଦି ସସ୍ମିତ ପାତ୍ର ନିଜ ମନରୁ ଏହି ଟ୍ୱିଟ କରିଥିଲେ ଆଉ ଏଥିରେ ନବୀନଙ୍କ ସହମତି ନଥିଲା ତେବେ ପୃଷ୍ଠା-୬

## ବାଇକ୍ ଚୋରି ଓ ମାରିବାକୁ ଧମକ ନେଇ ଥାନାରେ ଏତଲା

**ମହାକାଳପଡ଼ା,୨୨।୭ (ସଂଚାର ବ୍ୟୁରୋ):** ବାଇକ୍ ଚୋରି ଓ ଜୀବନରୁ ମାରିଦେବାକୁ ଧମକ ଅଭିଯୋଗରେ ତନ୍ତିଆପାଳ ଥାନା ରେ ଏକ ଲିଖିତ ଅଭିଯୋଗ ପରେ ପୋଲିସ ମାମଲା ରୁଜୁ କରିଛି। ତନ୍ତିଆପାଳ ଥାନା ଅନ୍ତର୍ଗତ ବନ୍ଧପଡା ଗ୍ରାମର ବଂଶୀଧର ବାଇଙ୍କ ପୁଅ କାହ୍ନୁଚରଣ ବାଇ(୨୯) ଗୋଗୁଆ ଛକ ଠାରେ ତାଙ୍କର ଥିବା ଏକ ଗାଡ଼ି ସର୍ଭିସିଂ ସେଣ୍ଟର ରେ ୨୪ ଏପ୍ରିଲ୍ ବିଳମ୍ବିତ ରାତିରେ ପାଖାପାଖି ୧ ଘଟିକା ସମୟରେ ସେ ଶୋଇଥିବା ସମୟରେ ସେହି ଗ୍ରାମର ଗାଙ୍ଗୁଲି ବେହେରା, ସଞ୍ଜୟ ବେହେରା, ନିତ୍ୟାନନ୍ଦ ବେହେରା ତାଙ୍କର କବାଟ ବାଡେଇ ତାଙ୍କୁ ଗାଳିଗୁଲଜ କରିବା ସହିତ ତାଙ୍କର ଏକ ବାଇକ୍ ନେଇଯାଇଛନ୍ତି। ସମ୍ପର୍କୀୟ ହିସାବ ହେତୁ ସେ ତାଙ୍କୁ ଆପୋଷ ରେ ସମାଧାନ ପାଇଁ ପ୍ରୟାସ କରି ବିଫଳ ହେବାରୁ ୨୯ ମେ ରେ ତନ୍ତିଆପାଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ କାହ୍ନୁ। ତନ୍ତିଆପାଳ ପୋଲିସ ଏତଲା ଆଧାରରେ ବିଏନଏସ ୧୨୬,୨୯୬,୩୦୩(୨),୩୬୧(୨) ଓ ୩(୫) ମାମଲା ରୁଜୁ କରିଛି। ମେ ୨୯ ରୁ ମାମଲା ରୁଜୁ ହୋଇଥିଲେ ମଧ ପୋଲିସ ଘଟଣାରେ ଚୁପ୍ ବସିଛି ବୋଲି ଅଭିଯୋଗ ହୋଇଛି। ନା ଚୋରି ହୋଇଥିବା ବାଇକ୍ ମିଳୁଛି ନା ଏତଲା ହୋଇଥିବା ବ୍ୟକ୍ତିଙ୍କୁ ପୋଲିସ ଧରୁଛି। ଯାହାକୁ ନେଇ କାହ୍ନୁ ଅଭିଯୋଗ ଆଣିବା ସହିତ ପୋଲିସର ଅସହଯୋଗ ସମ୍ବନ୍ଧରେ ଆରକ୍ଷୀ ଅଧିକ୍ଷକଙ୍କୁ ସେ ଭେଟିବେ ବୋଲି କହିଛନ୍ତି।

## ଧୋୟା ବନ୍ୟାଞ୍ଚଳ ଗ୍ରସ୍ତରେ କଂଗ୍ରେସ ଟିମ୍



▶ ସିଦ୍ଧାର୍ଥ ସ୍ୱରୂପ, ଦେବସ୍ମିତା ଏବଂ କଂଗ୍ରେସ ଜିଲ୍ଲା ସଭାପତି ସାମିଲ

**କେନ୍ଦ୍ରାପଡ଼ା,୨୨।୭ (ସଂଚାର ବ୍ୟୁରୋ):** ଆଳି ଥାନା ଅନ୍ତର୍ଗତ ଗୋବିନ୍ଦପୁରର ଧୋୟା ଅଞ୍ଚଳରେ ବନ୍ୟାର କୁପ୍ରଭାବରେ ଧୋୟାର ଅନେକ ପଞ୍ଚାୟତ ଜଳମଗ୍ନ ଯୋଗୁଁ ଲୋକମାନେ ଗୃହବନ୍ଦୀ ହୋଇ ରହିଛନ୍ତି।ଯାହା ଫଳରେ ପିଇବା ପାଣିର ଅସୁବିଧା ତା ସାଙ୍ଗକୁ ରୋଷେଇ ବାସକରି ଖାଇବା ମଧ ଦୂରର କଥା ଗୋରୁଗାଈ ବି ଗୁହାଳ ଭିତରେ ଯୁଆଡ଼େ ଅନାଇବ ସିଆଡେ ଖାଲି ପାଣି ସବୁର ଅସୁବିଧା ଭିତରେ ସରକାରଙ୍କ ତରଫରୁ ପହଞ୍ଚି ପାରିନି ରିଲିଫ୍ ଏମିତି ଅନେକ ସମସ୍ୟା ଭିତରେ ଧୋୟାବାସୀ ଜୀବନ ଜିଇଁଛନ୍ତି ଦୁଃଖ କଷ୍ଟରେ। ଆଜି କେନ୍ଦ୍ରାପଡ଼ା କଂଗ୍ରେସ ସାଂସଦ ପ୍ରାର୍ଥୀ ସିଦ୍ଧାର୍ଥ ସ୍ୱରୂପ ଦାଶ ଧୋୟା ଅଞ୍ଚଳ ଗ୍ରସ୍ତରେ ବନ୍ୟା ପ୍ରପୀଡ଼ିତମାନଙ୍କୁ ଭେଟି ଏବଂ ଲୋକଙ୍କ ସମସ୍ୟା ପଚାରି ବୁଝିଲେ। କେନ୍ଦ୍ରାପଡ଼ା ଜିଲ୍ଲା କଂଗ୍ରେସର ଲୋକ ସଭା ପ୍ରାର୍ଥୀ ସିଦ୍ଧାର୍ଥ ସ୍ୱରୂପ ଦାଶ ଏବଂ ଡା ଦେବସ୍ମିତା ଶର୍ମା କଂଗ୍ରେସ୍ ଜିଲ୍ଲା ସଭାପତି ପ୍ରଫୁଲ୍ଲ ଦାସ ତାଙ୍କ ସହିତ ଥିଲେ ପିସିସି ସଦସ୍ୟ ବାବୁରାମ ଯେନା,ରାଜକନିକା ବ୍ଲକ କଂଗ୍ରେସ ସଭାପତି ମଙ୍ଗୁଳି ଚରଣ ବେହେରା,ଆଳି ବ୍ଲକ କଂଗ୍ରେସ ସଭାପତି ରବି ନାରାୟଣ ବେହେରା ,ବିଜୟ କୁମାର ନାୟକ, ପ୍ରଭାକର ସାହୁ, ସତ୍ୟବ୍ରତ ପରିଡ଼ା, ମାନଗୋବିନ୍ଦ ଦାଶ, ସଂଗ୍ରାମ ସାମଲ, ହିମାଦ୍ରି ପତି, ପାଣ୍ଡବ ମଳିକ ଅନ୍ୟମାନେ ମଧ ସିଦ୍ଧାର୍ଥ ସ୍ୱରୂପଙ୍କ ସହ ବନ୍ୟା ପରି ଦର୍ଶନ କରିଥିଲେ। ଧୋୟା ଅଞ୍ଚଳର ବନ୍ୟାର ପ୍ରକୋପ ସମସ୍ୟା ଦେଖିବା ପରେ କଂଗ୍ରେସର ଲୋକସଭା ପ୍ରାର୍ଥୀ ସିଦ୍ଧାର୍ଥ ସ୍ୱରୂପ ସରକାରଙ୍କୁ ଅନୁରୋଧ କରିଛନ୍ତି ଗୋବିନ୍ଦପୁର ଧୋୟା କୁ ସବୁ ସରକାରୀ ସୁବିଧା ସହ ଉଚ୍ଚମାନର ରାସ୍ତା ନିର୍ମାଣ କରାଯାଉ ତେବେ ଧୋୟାଞ୍ଚଳବାସୀ ବନ୍ୟା ଦାଉରୁ ରକ୍ଷା ପାଇବେ ।

## ବିମଳଙ୍କ ସ୍ମୃତିରେ ଶ୍ରୀରାମ ମନ୍ଦିରରେ ଦୀପଦାନ



**ପଟ୍ଟାମୁଣ୍ଡାଇ,୨୨।୭(ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଦାଣ୍ଡିସାହି ଜୟ ହିନ୍ଦ ହାଇସ୍କୁଲ ୧୯୮୦ବ୍ୟାଚର ମେଧାବୀ ଛାତ୍ର ତଥା ଓଡିଶା ସରକାରଙ୍କ ପ୍ରାକ୍ତନ ଅଧିକାରୀ ନୂଆପଡା ଗ୍ରାମର ଦିବଂଗତ ବିମଳ ରାଉତଙ୍କ ଆତ୍ମାର ସଦଗତି ପାଇଁ ଅଣ୍ଡରା ଶ୍ରୀରାମ ମନ୍ଦିର ଠାରେ ୧୯୮୦ ବ୍ୟାଚ ପୁରାତନ ଛାତ୍ର ସଂସଦ ପକ୍ଷରୁ ପୂଜାପାଠ ଓ ସମୂହ ଦୀପଦାନ କରାଯାଇଛି। ପୁରାତନ ଛାତ୍ର ପ୍ରଦୀପ୍ତ କିଶୋର ବିଶ୍ୱାଳଙ୍କ ନେତୃତ୍ୱରେ ଆୟୋଜିତ ସମୂହ ଦୀପଦାନ କାର୍ଯ୍ୟକ୍ରମରେ ପୁରାତନ ଛାତ୍ର ଗୁରୁ ଚରଣ ବିଶ୍ୱାଳ, ସରୋଜକାନ୍ତ ମଲ୍ଲିକ, ପ୍ରେମାନନ୍ଦ ପ୍ରଧାନ, ମନୋରଞ୍ଜନ ସାହୁ, ଭାସ୍କର ମଲ୍ଲିକ, ଶ୍ରୀନିବାସ ବିଶ୍ୱାଳ,କୈଳାଶ ବାରିକ, ନିରଞ୍ଜନ ମଲ୍ଲିକ ପ୍ରମୁଖ ବହୁ ପୁରାତନ ଛାତ୍ର ଓ ମାନ୍ୟଗଣ୍ୟ ବ୍ୟକ୍ତି ସମାଜସେବୀ ସାମିଲ ହୋଇ ଦିବଂଗତ ବିମଳ ରାଉତଙ୍କ ସ୍ମୃତି ଚାରଣ କରିବା ସହିତ ଆତ୍ମାର ସଦଗତି ପାଇଁ ଦୀପଦାନ କରିଥିଲେ। ଦାଣ୍ଡିସାହି ଜୟହିନ୍ଦ ହାଇସ୍କୁଲ ୧୯୮୦ ବ୍ୟାଚ ପୁରାତନ ଛାତ୍ର ସଂସଦର ଏଭଳି କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଛି।

## ମିଳୁନି ଦ୍ୱିତୀୟ କିସ୍ତି ଟଙ୍କା

# ଖୋଲା ଆକାଶ ତଳେ ଅନ୍ତ୍ୟୋଦୟ ହିତାଧିକାରୀ

**କେନ୍ଦ୍ରାପଡା,୨୨।୭ (ସଂଚାର ବ୍ୟୁରୋ):** ଘର ନଥିବା ଲୋକଙ୍କ ମୁଣ୍ଡ ଉପରେ ଛାତ ଦେବେ ସରକାର। ଏଥି ପାଇଁ ଆରମ୍ଭ ହେଲା ଅନ୍ତ୍ୟୋଦୟ ଗୃହ ଯୋଜନା । ଗତ ମାର୍ଚ୍ଚ ୩୦ ତାରିଖରେ ୫୦ହଜାର ହିତାଧିକାରୀଙ୍କୁ ପ୍ରଥମ କିସ୍ତି ଟଙ୍କା ମିଳିଲା । ଖାତାକୁ ୪୦ହଜାର ଟଙ୍କା ଆସିଲା। ୱାର୍କ ଅର୍ଡର ବି ମିଳିଗଲା। ଟଙ୍କା ଦେଖି ନୂଆ ଘର ତୋଳିବା ଆଶାରେ ଲୋକେ ବର୍ଷାଦିନ ଆଗରୁ ପୁରୁଣା କଚ୍ଚା ଘର ଭାଙ୍ଗିଦେଲେ। ଭାବିଥିଲେ, ବର୍ଷା ଦିନ ଆଗରୁ ଘର ଛାତ ପଡ଼ିଯିବ, ମୁଣ୍ଡ ଉପରେ ଆଶ୍ରୟ ଥିବ। ହେଲେ ଘର ଛାତ ପକାଇବାକୁ ସେଣ୍ଟିଂ ବନ୍ଧା ସରିଥିଲେ ବି ଦ୍ୱିତୀୟ କିସ୍ତି ଟଙ୍କା ମିଳୁନି। ଆଉ କିଛି ଲୋକ ହାତ ଉଧାର କରି ଅନ୍ୟଠୁ ଟଙ୍କା ଆଣି ଛାତ ପକାଇ ଦେଇଛି ତା ପାଖକୁ ନା କୌଣସି ଅଧିକାରୀ ଯାଉଛନ୍ତି ନା ଫଟୋ ଉଠାଇ ଟଙ୍କା ପ୍ରଦାନ କରୁଛନ୍ତି। ଯାହା ଫଳରେ ବର୍ତ୍ତମାନ ଟଙ୍କା ପାଇଁ ଉପରକୁ ଚାହିଁ ବସିଛନ୍ତି ଲୋକେ। ଏଭଳି ଚିତ୍ର ସାମ୍ନାକୁ ଆସିଛି କେନ୍ଦ୍ରାପଡା ଜିଲ୍ଲାର ଥିବା ସମସ୍ତ ବ୍ଲକ୍‌ରେ।

ମାର୍ଚ୍ଚ ୩୦ ତାରିଖରେ ଅନ୍ତ୍ୟୋଦୟ ଯୋଜନାର ପ୍ରଥମ କିସ୍ତି ବାବଦରେ ୪୦ ହଜାର ଟଙ୍କା ମିଳିଥିଲା। ରାଜ୍ୟର ୫୦ ହଜାର ହିତାଧିକାରୀଙ୍କ ଆକାଉଣ୍ଟକୁ ମୋଟ ୨୦୦ କୋଟି ଟଙ୍କା ଯାଇଥିଲା। ପ୍ରଥମ କିସ୍ତି ୪୦ ହଜାର ପରେ ଦ୍ୱିତୀୟ କିସ୍ତିରେ ୬୫ ହଜାର ମିଳିଥାଆନ୍ତା। ଛାତ ପଡନ ହେବା ବେଳେ ବା ଛାତ ପାଇଁ ସେଣ୍ଟ୍ରି ବାନ୍ଧିବା ସମୟରେ ଏହି ଦ୍ୱିତୀୟ କିସ୍ତି ମିଳିବା କଥା । ତୃତୀୟ କିସ୍ତି ବା ଛାତ ପଡ଼ି ବଢ଼ି ସାରିବା ପରେ ଆଉ ୧୫ ହଜାର ମିଳିବା କଥା କିନ୍ତୁ ଅନ୍ତ୍ୟୋଦୟ ଗୃହ ହିତାଧିକାରୀଙ୍କୁ ପ୍ରଥମ କିସ୍ତି ମିଳିବାର ସାଢ଼େ ତିନି ମାସ ବିତିଥିଲେ ବି ଏଯାଏ ଦ୍ୱିତୀୟ କିସ୍ତି ମିଳିପାରିନି। ଏଣୁ ତିନି ମାସ ଭିତରେ ଘର କାମ ସାରି ପୁରସ୍କାର ରାଶି ପାଇବାକୁ ଅପେକ୍ଷା କରିଥିବା ହିତାଧିକାରୀଙ୍କ ଆଶା ମଉଳିବାକୁ ଲାଗିଛି।

ଅସହାୟ, ବିଧବା, ପ୍ରାକୃତିକ ବିପର୍ଯ୍ୟୟ ପ୍ରଭାବିତ, ଗୁରୁତର ରୋଗରେ ପୀଡ଼ିତ, ଦିବ୍ୟାଙ୍ଗ ଓ ଅତି ଜରୁରୀ ଥିବା ବ୍ୟକ୍ତି, ବିଭିନ୍ନ ସରକାରୀ ପ୍ରକଳ୍ପ ପାଇଁ ବିସ୍ଥାପିତ ପରିବାର, ଆବାସ ଓ ଅନ୍ୟ ଯୋଜନାରୁ ବାଦ୍ ପଡ଼ିଥିବା ଲୋକ, ବନ୍ୟଜନ୍ତୁ ଆକ୍ରମଣରେ କ୍ଷତିଗ୍ରସ୍ତ ଲୋକ, ଜଙ୍ଗଲ ଅଧିକାର ଆଇନ ହିତାଧିକାରୀ ଓ କୌଣସି ପରିବାରର ମୁଖିଆ ଭିନ୍ନକ୍ଷମ ହୋଇଥିଲେ ତାଙ୍କୁ ଅନ୍ତ୍ୟୋଦୟ ଯୋଜନାରେ ଘର ଦିଆଯିବ ବୋଲି ନୂଆ ସରକାର ଗାଇଡଲାଇନ୍ ଆଣିଥିଲେ । ଯୋଜନାରେ ପ୍ରତି ହିତାଧିକାରୀଙ୍କୁ ୧ଲକ୍ଷ ୨୦ ହଜାର ଟଙ୍କାର ଆର୍ଥିକ ସହାୟତା ଦିଆଯିବ । ଏହାବାଦ୍ ଘର ତିଆରି ପାଇଁ ୯୦ ଦିନର ମନରେଗା ମଜୁରି ମିଳିବ । ୧୨୦ ଦିନ ବା ୪ ମାସ ଭିତରେ ଘର ତିଆରି ସମ୍ପୂର୍ଣ୍ଣ ହେଲେ ୨୦ହଜାର ଟଙ୍କାର ପୁରସ୍କାର ରାଶି ମିଳିବ। ୬ ମାସରେ ଘର ତିଆରି ସାରିଲେ ୧୦ ହଜାର ଟଙ୍କାର ପୁରସ୍କାର ସହାୟତା ଦେବାକୁ ସରକାର ନିଷ୍ପତ୍ତି ନେଇଥିଲେ। ହେଲେ ଦ୍ୱିତୀୟ କିସ୍ତିକୁ ଚାତକ ଭଳି ହିତାଧିକାରୀ ଅପେକ୍ଷା କରିଛନ୍ତି।

**କଚ୍ଚାଘର ଭାଙ୍ଗି ଛାତଘର ନିର୍ମାଣ କରୁଥିଲେ**

**ଅଧିକାଂଶ ସେଣ୍ଟ୍ରିଂ ବାନ୍ଧି ଟଙ୍କାକୁ ଚାହିଁଛନ୍ତି**

**ଖୁବ୍‌ଶୀଘ୍ର ଆକାଉଣ୍ଟକୁ ଟଙ୍କା ଯିବ: ଅତିରିକ୍ତ ଜିଲ୍ଲାପାଳ**

ଅନ୍ତ୍ୟୋଦୟ ଗୃହ ଯୋଜନାର ପୋର୍ଟାଲ ବିକଶିତ ହୋଇନଥିବାରୁ ହିତାଧିକାରୀଙ୍କୁ ଟଙ୍କା ପଠା ଯାଇପାରୁନଥିବା ଜଣାପଡ଼ିଛି । କେନ୍ଦ୍ରାପଡା ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର ମଲ୍ଲିକ (ରାଜସ୍ୱ) ଏହି ସମସ୍ୟାକୁ ନେଇ କହିଛନ୍ତି, ଏହା କେବଳ କେନ୍ଦ୍ରାପଡା ଜିଲ୍ଲାର ସମସ୍ୟା ନୁହେଁ ପୁରା ରାଜ୍ୟରେ ଏଭଳି ସମସ୍ୟା ଦେଖା ଦେଇଛି। ସୂଚନା ମିଳିଛି କି ଅନ୍ତ୍ୟୋଦୟ ଗୃହ ଯୋଜନାର ନୂଆ ପୋର୍ଟାଲ ତିଆରି ସରିଛି। ଏହା ଓକାକ୍ ସର୍ଭରକୁ ମାଇଗ୍ରେଟ୍ ହୋଇଛି। ଆଧାର ଭିତ୍ତିକ ପେମେଣ୍ଟ ବ୍ୟବସ୍ଥା ଆରମ୍ଭ ପାଇଁ କିଛି ସମୟ ଲାଗୁଛି। ଖୁବ୍‌ଶୀଘ୍ର ହିତାଧିକାରୀଙ୍କ ଆକାଉଣ୍ଟକୁ ଦ୍ୱିତୀୟ କିସ୍ତି ଟଙ୍କା ଛଡାଯିବ।



## ଯୌନ ଉତ୍ପୀଡ଼ନ ଆଇନ-୨୦୧୩ କାର୍ଯ୍ୟକାରିତା ନେଇ ବୈଠକ

**କେନ୍ଦ୍ରାପଡ଼ା,୨୨।୭ (ସଂଚାର ବ୍ୟୁରୋ):** ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ନବକ୍ରିଷ୍ଣ ଜେନାଙ୍କ କାର୍ଯ୍ୟାଳୟ କକ୍ଷରେ ଯୌନ ଉତ୍ପୀଡ଼ନ( ନିବାରଣ,ନିଷେଧ ଓ ପ୍ରତିକାର) ଆଇନ-୨୦୧୩ ର କାର୍ଯକାରୀତାକୁ ନେଇ ଏକ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ବୈଠକରେ କାର୍ଯ୍ୟକ୍ଷେତ୍ରରେ ଯୌନ ନିର୍ଯାତନାର ପ୍ରକାର ଭେଦ, ଏହାର ପ୍ରଭାବ, ଅଭିଯୋଗ କରିବାର ପ୍ରକ୍ରିୟା, ଆଭ୍ୟନ୍ତରୀଣ ଅଭିଯୋଗ କମିଟି ଗଠନ, ଦଣ୍ଡବିଧାନ ବ୍ୟବସ୍ଥା ଇତ୍ୟାଦି ଉପରେ ଆଲୋଚନା କରାଯାଇଥିଲା। ପ୍ରତ୍ୟେକ କାର୍ଯ୍ୟାଳୟରେ ତୁରନ୍ତ କମିଟି ଗଠନ କରିବାକୁ ସମସ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ଶ୍ରୀ ଜେନାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀ ତଥା ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ରବୀନ୍ଦ୍ର କୁମାର ମଲ୍ଲିକ, ଉପଜିଲ୍ଲାପାଳ ଅରୁଣ କୁମାର ନାୟକ, ଭାରପ୍ରାପ୍ତ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଭାରତୀ ବେହେରା, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବିଜୟ କେତନ ସାହୁ, କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ଶାନ୍ତନୁ କୁମାର ଜେନାଙ୍କ ସମେତ ବିଭିନ୍ନ ମହାବିଦ୍ୟାଳୟର ଅଧକ୍ଷ ଏବଂ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ବାଇକ ଦୁର୍ଘଟଣାରେ ଯୁବକ ମୃତ

**ରାଜନଗର,୨୨।୭ (ସଂଚାର ବ୍ୟୁରୋ):** ରାଜନଗର ଥାନା ଅନ୍ତର୍ଗତ ଘଡ଼ିଆମାଳ ଗାଁର ମାନ ଗୋବିନ୍ଦ ଭୂୟାଁଙ୍କ ବଡ଼ ପୁଅ ମହେନ୍ଦ୍ର ଭୂୟାଁ ( ୨୨ ବର୍ଷ ) ଙ୍କର ଆଜି ସଡକ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ମାନ ଗୋବିନ୍ଦ ଭୂୟାଁ ଚାନ୍ଦି ବାଉଁଶମୂଳ ପଂଚାୟତର ଦକ୍ଷିଣ ଭେଡା ଗ୍ରାମରେ ଦୀର୍ଘ ବର୍ଷ ହେଲା ରହୁଛନ୍ତି। ଆଜି ପୂର୍ବାହ୍ନରେ କୌଣସି କାମ ପାଇଁ ବାଇକ ନେଇ ରାଜନଗର ଆସୁଥିବା ସମୟରେ ମହେନ୍ଦ୍ର ଦୁର୍ଘଟଣାର ଶିକାର ହୋଇଥିଲେ। ମହୁଲିଆ ନିକଟରେ ଭାରସ୍ୟମ ହରାଇ ସେ ଚଳଉଥିବା ବାଇକଟି ରାସ୍ତା କଡରେ ଥିବା କେନାଲ ମଧକୁ ଗଡି ଯାଇଥିଲା । ସ୍ଥାନୀୟ ଲୋକମାନେ ମହେନ୍ଦ୍ରକୁ କେନାଲରୁ ଉଦ୍ଧାର କରି ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ , ମାତ୍ର ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ । ମହେନ୍ଦ୍ର ବାପା ମା ଙ୍କର ବଡ଼ ପୁଅ। ସେ ବାହାର ରାଜ୍ୟରେ ଦାଦନ ଭାବେ କାର୍ଯ୍ୟ କରୁଥିଲେ । ସେ ୪ ଦିନ ତଳେ ଘରକୁ ଆସିଥିଲେ । ଖବର ପାଇ ରାଜନଗର ପୋଲିସ ଘଟଣା ସ୍ଥଳରେ ପହଞ୍ଚି ବାଇକ ଜବତ କରିବା ସହ ଶବ ବ୍ୟବଚ୍ଛେଦ ପାଇଁ ପଠାଇବା ସହିତ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି ବୋଲି ଆଇଆଇସି ନରେଶ କୁମାର ସାହୁ ସୂଚନା ଦେଇଛନ୍ତି । ମହେନ୍ଦ୍ରର ମୃତ୍ୟୁରେ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

### ପୌରସଂସ୍ଥା କାର୍ଯ୍ୟକାରିଣୀ ବୈଠକ

## ବିଭିନ୍ନ ସମସ୍ୟାକୁ ନେଇ ମୁହଁ ଖୋଲିଲେ ବିଧାୟକ

**କେନ୍ଦ୍ରାପଡ଼ା,୨୨।୭ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ପୌରସଂସ୍ଥା ମାସିକ କାର୍ଯ୍ୟକାରିଣୀ ବୈଠକ ପୌରସଂସ୍ଥା କାର୍ଯ୍ୟଳୟ ପ୍ରକୋଷ୍ଠରେ ରେ ମଙ୍ଗଳବାର ଦିନ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକ ବିଧାୟକ ଗଣେଶ୍ୱର ବେହେରାଙ୍କ ସଭାପତିତ୍ୱ ପୌରସଂସ୍ଥା ଅଦକ୍ଷା ସରିତା ସାହୁ ସାଂସଦଙ୍କ ପ୍ରତିନିଧି ଦୁର୍ଯ୍ୟଧନ ସାହୁଙ୍କ ସହ ୨୧ ଗୋଟି ୱାର୍ଡ କାଉଁସିଲର ଉପସ୍ଥିତ ଥିଲେ । ପୌରସଂସ୍ଥା ଅଧିନରେ ବିଭିନ୍ନ ନୂତନ ପ୍ରୋଜେକ୍ଟ ଶିଳାନ୍ୟାସ ଏବଂ ନୂତନ ପ୍ରୋଜେକ୍ଟ ଉଦଘାଟନ ବିଷୟରେ ଆଲୋଚନା ହେବା ସଙ୍ଗେ ସଙ୍ଗେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ସମ୍ପର୍କ ରେ ଆଲୋଚନା ହୋଇଥିଲା । ୱାର୍ଡ ମାନଙ୍କରେ ଥିବା ମୁଖ୍ୟ ସମସ୍ୟା ମଧରେ ଡ୍ରେନେଜ ଓ ରାସ୍ତା ଘାଟ ତଥା ଆଲୋକୀକର ଗୁଡିକ କିପରି ସୁଚାରୁ ରୂପେ କାର୍ଯ୍ୟକାରୀ ହୋଇପାରିବ ବୋଲି ବିଧାୟକ ଶ୍ରୀ ବେହେରା କାଉଁସିଲର ମାନଙ୍କ ସହିତ ଆଲୋଚନା କରିଥିଲେ । ନୂଆ ବସଷ୍ଟାଣ୍ଡ ନିର୍ମାଣ ଧୀନ ଟର୍ମିଂନାଲ କାର୍ଯ୍ୟ ସାମାନ୍ୟ ଶିଥିଳତା ହୋଇଥିବା ବେଳେ ବସ୍ ଷ୍ଟାଣ୍ଡ ନିକଟରେ ସରକାରୀ ବସ୍ ନପହଞ୍ଚି ଅନ୍ୟ ସ୍ଥାନରୁ ଯାତାୟତ କରୁଥିବା କାଉନସିଲର ମାନେ ବିଧାୟକଙ୍କ ନିକଟରେ ଉପସ୍ଥାପନ ମଧ କରିଥିଲେ ତାହା ସହ ନୂତନ ବସ୍ ଟର୍ମିନାଲ କିପରି ପୁନର୍ବାର ତ୍ୱୋରାନ୍ୱିତ ହେବ ଏବଂ ତାହାର ଉଦଘାଟନ କରାଯାଇପାରିବ ଆଲୋଚନାରେ କୁହାଯାଇଥିଲା। ବର୍ତ୍ତମାନ ପୌରସଂସ୍ଥାରେ ଆବଶ୍ୟକ କର୍ମଚାରୀ ନଥିବାରୁ ବିଭିନ୍ନ କାର୍ଯ୍ୟ କରିବାରେ ବ୍ୟାଘାତ ଘଟୁଛି। ତାହା ମୁଖ୍ୟ ପ୍ରସଙ୍ଗ ହୋଇଥିବା ବେଳେ ଉକ୍ତ ସମସ୍ୟାକୁ ସରକାରଙ୍କ ନିକଟରେ ମୁଁ ନିଶ୍ଚିନ୍ତ ଉପସ୍ଥାପନା କରିବି ବୋଲି ବିଧାୟକ କହିଥିଲେ ।

**ଅଧିକାଂଶ ୱାର୍ଡରେ ବିଭିନ୍ନ ସମସ୍ୟା ଦେଖାଦେଇଛି**

**ପୌର କର୍ମଚାରୀ ଅଭାବ ଏବଂ ସଠିକ୍ ଭାବେ କାର୍ଯ୍ୟ ହେଉନାହିଁ**



## ବିଧାୟକଙ୍କ ହସ୍ତକ୍ଷେପ ପରେ ରାସ୍ତା ମରାମତି କଲା ବିଭାଗ



**ମହାକାଳପଡ଼ା,୨୨।୭ (ସଂଚାର ବ୍ୟୁରୋ):** ମହାକାଳପଡ଼ା ବ୍ଲକ ବଡଟୁବି ଗ୍ରାମର ଦକ୍ଷିଣ ବଡଟୁବି ପଡ଼ାର ୨୫୦ ପରିବାର ଦୀର୍ଘ ଦିନର ସମସ୍ୟା ରହିଛି ଏହି ରାସ୍ତା। ତଟବନ୍ଧ ବିଭାଗ ଅଧୀନରେ ଥିବା ଏହି ରାସ୍ତା ହିଁ ଗ୍ରାମବାସୀଙ୍କ ମୁଖ୍ୟ ଯୋଗାଯୋଗର ମାଧମ। ଛୋଟ ଠାରୁ ବୟସ୍କ ଏହି ରାସ୍ତା ଦେଇ ଯାତାୟତ କରୁଛନ୍ତି। ବର୍ଷା ଦିନରେ ମାଟି ରାସ୍ତା କାଦୁଅ ପଚପଚ ହୋଇ ଗ୍ରାମବାସୀ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏମିତି ଅବସ୍ଥାରେ ସମସ୍ୟା ଭିତରେ ରହି ଆସୁଛନ୍ତି।

ଏନେଇ ସ୍ଥାନୀୟ ସମିତି ସଭ୍ୟ କ୍ରିଷ୍ଣପଦ ମଣ୍ଡଳ ବିଧାୟକ ଦୁର୍ଗା ପ୍ରସନ୍ନ ନାୟକଙ୍କୁ ଅବଗତ କରାଇବା ପରେ ବିଧାୟକ ତଟବନ୍ଧ ଅଧିକାରୀ ଙ୍କ ସହିତ ଯୋଗାଯୋଗ କରି ରାସ୍ତାର ଯାତାୟାତ ସୁବିଧା ପାଇଁ ନିର୍ଦ୍ଦେଶ ଦେଇଥିଲେ। ବିଧାୟକଙ୍କ ନିର୍ଦ୍ଦେଶକ୍ରମେ ବର୍ଷା ଦିନ ପାଇଁ ଉପୁଜୁଥିବା ସମସ୍ୟା ନିମନ୍ତେ ରାସ୍ତା ରେ ବଜୁରୀ ଓ ଡଷ୍ଟ ପକାଯାଇ ମରାମତି କରାଯାଇଛି। ଯାହା ଫଳରେ ଲୋକମାନେ ବର୍ଷା ଦିନରେ ସୁବିଧାରେ ଯାତାୟାତ କରି ପାରିବେ। ରାସ୍ତାର ମରାମତି କରାଇଥିବାରୁ ଜନସାଧାରଣ ବିଧାୟକଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ଧଳା ଜହର କବଳରେ ଯୁବପିଢ଼ି

### ଲୁଣା ନଦୀବନ୍ଧ ପାଲଟିଛି ଆଶ୍ରୟସ୍ଥଳୀ



**ଡେରାବିଶ,୨୨।୭ (ସଂଚାର ବ୍ୟୁରୋ):** ଡେରାବିଶ ଅଞ୍ଚଳର ଯୁବପିଡି ଏବେ ଧଳା ଜହର (ବ୍ରାଉନସୁଗର, ମଦ, ଗଞ୍ଜେଇ ସିଗାରେଟ) କବଳରେ କବଳିତ। ଏହି ଅଞ୍ଚଳ ଏବେ ଧଳା ଜହର ବ୍ୟବସାୟୀ ତାଙ୍କର କାୟାବିସ୍ତାର କରିବାରେ ଲାଗିଛନ୍ତି । ଏହି ବେପାରୀଙ୍କ ଲୋଲୁପ ଦୃଷ୍ଟି ଏବେ ପଡ଼ିଛି ଗ୍ରାମର ଯୁବ ସମାଜ ଉପରେ ଯୁବକ ଏହି ବେପାରରେ ଲିପ୍ତ ରହି ଡେରାବିଶ ବ୍ଲକ୍‌ର ବିଭିନ୍ନ ପଞ୍ଚାୟତକୁ ଯାଇ ଯୁବକ ମାନଙ୍କୁ ବ୍ରାଉନସୁଗର, ଗଞ୍ଜାଇ ସିଗାରେଟ ବିକ୍ରି କରିବାରେ ଲାଗିଛନ୍ତି। ଏହି ବେପାରୀ ଜଣକ ବାଉନସୁଗର ସହିତ ଅନ୍ୟାନ୍ୟ ନିଶାଦ୍ରବ୍ୟ ବିକ୍ରି କରୁଥିବା ଅଭିଯୋଗ ହେଉଛି । ଏହି ନିଶା ବେପାରୀ ଜଣକ ଗ୍ରାମାଞ୍ଚଳର ଯୁବକଙ୍କୁ ପ୍ରଥମେ ମାଗଣାରେ ଅଳ୍ପ ପରିମାଣରେ ବ୍ରାଉନସୁଗର ପ୍ରଦାନ କରି ସେମାନଙ୍କୁ ଅଭ୍ୟସ୍ତ କରୁଛି। ପରେ ଯୁବକମାନେ ବ୍ରାଉନସୁଗର ଗଞ୍ଜାଇ ସିଗାରେଟ କବଳରେ ପଡ଼ିଲା ପରେ ସେମାନଙ୍କୁ ବିକ୍ରି କରିବା ଆରମ୍ଭ କରୁଛି ।

ବହୁ ଯୁବକ ଏହି ବାଇନସୁଗର ଜାଲରେ ପଡ଼ି ଘରେ ଅଶାନ୍ତି ସୃଷ୍ଟି କରିବା ସହ ବାପାମାଆଙ୍କଠାରୁ ଜବରଦସ୍ତ ଟଙ୍କା ଆଣି ନିଶା ସେବନ କରୁଛନ୍ତି । ବିଚରା ବାପାମାଆ ବହୁ କଷ୍ଟରେ ମୁଲ ଲାଗି କରୁଛନ୍ତି। ଏପରିକି କିଛି ଯୁବକଙ୍କୁ ତାଙ୍କ ପରିବାର ପକ୍ଷରୁ ନିଶା ନିବାରଣ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲେ ମଧ ସେମାନେ ସେଠାରୁ ଫେରି ପୁନର୍ବାର ନିଶା କବଳରେ ପଡ଼ୁଛନ୍ତି । ଫଳରେ ସ୍ଥାନୀୟ ଅଞ୍ଚଳରେ ଅଶାନ୍ତିର ବାତାବରଣ ସୃଷ୍ଟି ହେଉଛି । ଡେରାବିଶ ବ୍ଲକ୍‌ର ଦାନପୁର ଲୁଣନଦୀ ନଈ ବନ୍ଧ, ଚାନ୍ଦୋଳ ହାଟ ଭିତରେ ଅରତାମୂଳ, ପାଣିଓଳା, ଦିଗିତି ପଡା,ହରିଆଙ୍କ, ପଳାଇ ବରମୁଳ ଚାଟରାଚକଡ଼ାର ଛଡା ଅଞ୍ଚଳ, ଗୋଲରାହାଟ ପଞ୍ଚାୟତର ଗୋଲରାଟ ବଜାର,ବାରିମୂଳ ପଞ୍ଚାୟତର ବାରିମୂଳ ଛକ, ଲକ୍ଷ୍ମୀନାରାୟଣପୁର ପଞ୍ଚାୟତ ଲକ୍ଷ୍ମୀନାରାୟଣପୁର ଛକ, ଏଣ୍ଡର ପଞ୍ଚାୟତରେ ପଞ୍ଚୁପାଣ୍ଡବ ଛକରେ ଏହି ବେପାର ଖୁବ୍ ଜମୁଛି। ପୁଲିସ୍ ପ୍ରଶାସନ ଜାଣିଶୁଣି ମୋଟା ଅଙ୍କର ମାସିକଚାନ୍ଦା ନେଇ ଚୁପ ରହୁଛି ବାରମ୍ବାର ଖବର ହେଲାପରେ ବି ଏଥିପ୍ରତି ପୁଲିସ ପ୍ରଶାସନ ଚୁପ ବସୁଛି ଦେଖା ଯାଉ ଆଗାମୀ ଦିନରେ ଏଥିପ୍ରତି କଣ ପଦକ୍ଷପ ନିଆଯିବ।

## ଦେବୀ ନଦୀ ନିକଟରୁ ମିଳିଲା ପ୍ରାଚୀନ ବୁଦ୍ଧ ମୂର୍ତ୍ତି

◆ପୁରାତନ ଶତାବ୍ଦୀ ସମୟର ବୋଲି ବୁଦ୍ଧିଜୀବୀଙ୍କ ମତ

**କାକଟପୁର/ଅସ୍ତରଙ୍ଗ,୨୨।୭ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା କାକଟପୁର ଓ ଅସ୍ତରଙ୍ଗ ଦେଇ ପ୍ରବାହିତ ଦେବୀ ନଦୀ ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ପଥର ସ୍ତର ଉପରେ ବୌଦ୍ଧ ପତ୍ନତତ୍ୱିକ ଅବଶେଷ ମିଳିଛି। ଏକ ବୁଦ୍ଧ ମୂର୍ତ୍ତି ସହ ନାଲି ଗାମୁଛା ଉଦ୍ଧାର କରାଯାଇଛି।



ମିଳିଥିବା ସୂଚନା ଅନୁସାରେ ମଙ୍ଗଳବାର ଦିନ ପୂର୍ବାହ୍ନ ସମୟରେ କାକଟପୁର ବାଉରିଆକଣ ଅଞ୍ଚଳ ଯୁବକ ଆଦର୍ଶ ବରାଳ ଦେବୀ ନଦୀ ବନ୍ଧରେ ଯାଉଥିବା ସମୟରେ ଅଚାନକ ପୂର୍ବାହ୍ନ ସମୟରେ ଦେଖିଲେ ନଦୀ ବନ୍ଧ ସ୍ତର ଉପରେ ଏକ ବୁଦ୍ଧ ମୂର୍ତ୍ତି ଥୁଆ ହୋଇଛି। ଯାହାକି ମୂର୍ତ୍ତି ଦେଖିବା ପରେ ସ୍ଥାନୀୟ ଅଞ୍ଚଳ ଲୋକଙ୍କୁ ସୂଚନା ଦେଇଥିଲେ।

ସ୍ଥାନୀୟ ଲୋକ ପହଂଚିବା ପରେ ଦେଖିଥିଲେ ବୌଦ୍ଧ ମୂର୍ତ୍ତି ଖୋଦିତ ଷଷ୍ଠ ସପ୍ତମ ଶତାବ୍ଦି ଅର୍ଘ୍ୟ ସ୍ତୁପ। ସ୍ଥାନୀୟ ଲୋକେ ଦେବୀ ନଦୀ ସ୍ତର ନିକଟରୁ ବୁଦ୍ଧ ମୂର୍ତ୍ତିକୁ ଉଦ୍ଧାର କରି ବାଉରିଆକଣ ତ୍ରିନାଥ ମନ୍ଦିର ନିକଟରେ ସ୍ନାନ ମାର୍ଜନା ପରେ ବୁଦ୍ଧ ମୂର୍ତ୍ତି ପୂଜାର୍ଚ୍ଚନା କରାଯାଇଛି। ପୁରାତନ ମୂର୍ତ୍ତି ମିଳିବା ପରେ ଗାଁରେ ଲୋକଙ୍କ ମଧରେ ଉତ୍ସାହ ପ୍ରକାଶ ପାଇଛି।

## ଅସ୍ତରଙ୍ଗ ଓ କାକଟପୁରରେ ଜେଏମ୍‌ଏଫସି କୋର୍ଟର ଶୁଭାରମ୍ଭ

**କାକଟପୁର/ଅସ୍ତରଙ୍ଗ,୨୨।୭ (ସଂଚାର ବ୍ୟୁରୋ):** ବହୁ ପ୍ରତୀକ୍ଷାର ଅନ୍ତ ଘଟିଛି। ଦୀର୍ଘ ବର୍ଷ ଧରି ହୋଇ ଆସୁଥିବା ଦାବୀ ପୂରଣ ପୂର୍ବକ ପୁରୀ ଜିଲ୍ଲା ଅସ୍ତରଙ୍ଗ ଓ କାକଟପୁରରେ ସିଭିଲ ଜେଏମଏଫସି କୋର୍ଟର ଶୁଭାରମ୍ଭ ହୋଇଛି। ଅସ୍ତରଙ୍ଗ ତହସିଲ ନିକଟରେ ଲକ୍ଷାଧିକ ଟଙ୍କାରୁ ଉର୍ଦ୍ଧ ଟଙ୍କା ବ୍ୟୟରେ ନିର୍ମିତ ସହ ମରାମତି ହୋଇଛି ଅସ୍ଥାୟୀ ଜେଏମଏଫସି କୋର୍ଟ। ସେହିପରି କାକଟପୁର ବ୍ଲକ ନିକଟରେ ନିର୍ମିତ ହୋଇଛି ଜେଏମଏଫସି କୋର୍ଟ। ହାଇକୋର୍ଟର ମୁଖ୍ୟ ବିଚାରପତି ହରିଶ ଟଣ୍ଡନ ଏହାକୁ ଭିଡିଓ କନଫରେନ୍ସ ଦ୍ୱାରା ଉଦଘାଟନ କରିଥିଲେ।

**ଭିସିରେ ଉଦଘାଟନ କଲେ ହାଇକୋର୍ଟ ମୁଖ୍ୟ ବିଚାରପତି**




ମଙ୍ଗଳବାର ସକାଳ ୯ଘ ୪୫ମିନିଟରେ ଅନୁଷ୍ଠିତ ଏହି ଉଦଘାଟନୀ ପର୍ବରେ ଅସ୍ତରଙ୍ଗ କୋର୍ଟ ପରିସରରେ ନିମାପଡା ଅତିରିକ୍ତ ଜିଲ୍ଲା ଦୌରାଜଜ ସୋମ୍ୟକ ପାତ୍ର, ରେଜିଷ୍ଟର,ଅସ୍ତରଙ୍ଗ ଜେଏମ୍‌ଏଫସି କୋର୍ଟର ବିଚାରପତି ସୁଧାବାଇ ଅଗ୍ରୱାଲ, ଏଡ଼ିଏମ୍ ନୀଳ ମାଧବ ଭୋଇ, ଅସ୍ତରଙ୍ଗ ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶିନୀ ପତି, ଅତିରିକ୍ତ ଏସ୍ପି ସଚିନ ପଟେଲ, ଅତିରିକ୍ତ ତହସିଲଦାର ପ୍ରଭୁ ପ୍ରସାଦ ପଣ୍ଡା, ଅସ୍ତରଙ୍ଗ ଥାନା ଅଧିକାରୀ ରାଜେଶ ବଳିୟାର ସିଂ,କାକଟପୁର କୋର୍ଟ ପରିସରରେ ପୁରୀ ଦ୍ୱିତୀୟ ଅତିରିକ୍ତ ଜିଲ୍ଲା ଦୌରାଜଜ ଚିନ୍ମୟୀ ମିଶ୍ର, କାକଟପୁର ଜେଏମଏଫସି କୋର୍ଟର ବିଚାରପତି ଶ୍ରୀଚନ୍ଦନ ଦାଶ, କୋର୍ଟ ମ୍ୟାନେଜର ମଳୟ ଗିରି, ଏଡ଼ିଏମ୍ ଶରତ ମହାପାତ୍ର, କାକଟପୁର ତହସିଲଦାର ଅଙ୍କିତା ଅନିନ୍ଦିତା, ବିଡ଼ିଓ ବିଷ୍ଣୁ ଗୋବିନ୍ଦଙ୍କ ସମେତ ଅସ୍ତରଙ୍ଗରେ ଓକିଲ ଉମାକାନ୍ତ ମିଶ୍ର, ଦିବ୍ୟଦର୍ଶୀ ବିଶ୍ୱାଳ, ଦିଲ୍ଲୀପ ବେହେରା, ଦିଲ୍ଲୀପ ବାରିକି, ସତ୍ୟ ନାରାୟଣ ପଣ୍ଡା, ସଦାଶିବ ପ୍ରଧାନ ପ୍ରମୁଖ ଏବଂ ସାଧାରଣ ଜନତା ଉପସ୍ଥିତ ଥିଲେ।

ଆଜି ପ୍ରଥମ ଦିନରେ ଅବକାରୀ ବିଭାଗ ଅନୁଯାୟୀ ଚୋରା ମଦ ବିକ୍ରି ମକଦ୍ଦମାରେ ୨ଜଣ ଙ୍କ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା।ସେହିପରି ଅସ୍ତରଙ୍ଗ କୋର୍ଟ ରେ ସହନ ଗ୍ରାମର ଟୁନିଲତା ମହାନ୍ତି ଙ୍କ ଅଭିଯୋଗ କ୍ରମେ ମାଡ଼ପିଟ ଘଟଣା ରେ ଅସ୍ତରଙ୍ଗ ଥାନା କେଶ ନମ୍ବର ୧୪୪/୨୫ ମାମଲା ରେ ଭାରତୀୟ ନ୍ୟାୟ ସଂହିତା ଅନୁସାରେ ଦଫା ୧୧୫(୨), ୧୧୭(୨), ୧୨୬(୨), ୨୯୬, ୩(୫), ୩୫୧(୨), ୭୪ ଅସ୍ତରଙ୍ଗ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଦଣ୍ଡାଧିକାରୀ ଅଭିଯୁକ୍ତ କାଳନ୍ଦୀ ମହାନ୍ତି ଙ୍କର ଜାମିନ କୁ ଖାରଜ କରି ବିଚାର ବିଭାଗୀୟ ହାଜତ ନିମାପଡାକୁ ପଠାଇଥିଲେ।

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିକ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଂଚାର



# ପିଓକେ ଉଦ୍ଧାର ସୁଯୋଗ

ପାକ ଅଧିକୃତ କାଶ୍ମୀର ବା ପିଓକେ ଉପରେ ଭାରତର ପୂର୍ଣ୍ଣ ଅଧିକାର ରହିଛି। ଏହାକୁ ପାକିସ୍ତାନ ଯୋରଜବରଦସ୍ତ ମାଡ଼ି ବସିଛି। ଏହାକୁ ଏବେ ଉଦ୍ଧାର କରିବାର ସମୟ ଏବଂ ସୁଯୋଗ ଆସିଛି। ପାକିସ୍ତାନ ସେନା ମୁଖ୍ୟ ଦୁଇ ରାଷ୍ଟ୍ର ନୀତି କଥା କହିଛନ୍ତି। ଏହାର ଜବାବରେ ଭାରତ ପିଓକେ ଖାଲି କରିବାକୁ ଦାବି କରିଛି। ଏହା ଯଥାର୍ଥ। କାରଣ ସ୍ୱାଧୀନତା ପରେ ତତ୍କାଳୀନ କାଶ୍ମୀର ରାଜା ହରି ସିଂହ ଭାରତରେ କାଶ୍ମୀର ମିଶ୍ରଣ ଲାଗି ଚୁକ୍ତି ସ୍ୱାକ୍ଷର କରିଥିଲେ। ଏହି ଚୁକ୍ତି ସମ୍ପୂର୍ଣ୍ଣ କାର୍ଯକ୍ଷମ ହୋଇନି। ପାକିସ୍ତାନ ଏହାକୁ ନିଜ ସୌଭାଗ୍ୟ ବୋଲି ବିଚାର କରିବା ଉଚିତ। କିନ୍ତୁ ପାକିସ୍ତାନ ସେତିକିରେ ସନ୍ତୁଷ୍ଟ ନହୋଇ କାଶ୍ମୀର ଦଖଲ କଥା କହୁଛି। ଏହାକୁ କହନ୍ତି ବିନାଶ କାଳେ ବିପରତ ବୁଦ୍ଧି। ଭାରତ ସ୍ୱାଧୀନତା ସମୟରେ ତତ୍କାଳୀନ ବ୍ରିଟିଶ ସରକାର ଧର୍ମ ଆଧାରରେ ବିଭାଜନ ନୀତି ଅନୁସରଣ କରିଥିଲେ। ବ୍ରିଟିଶ ସରକାରଙ୍କ ନୀତି ଆଧାରରେ ଧର୍ମ ଆଧରରେ ଭାରତ ବିଭାଜିତ ହେଲା। ମୁସଲମାନ ବହୁଳ ଅଞ୍ଚଳକୁ ନେଇ ପାକିସ୍ତାନ ଏବଂ ହିନ୍ଦୁ ବହୁଳ ଅଞ୍ଚଳକୁ ନେଇ ଭାରତ ଗଠନ ହେଲା। ପରେ ପାକିସ୍ତାନ ପୁନର୍ବାର ବିଭାଜିତ ହୋଇ ବାଂଲାଦେଶ ଜନ୍ମ ନେଲା। ତେବେ ଭାରତରେ ଅନେକ ମୁସଲମାନ ଏବଂ ପାକିସ୍ତାନରେ ଅନେକ ହିନ୍ଦୁ ରହିଗଲେ। ପାକ ସେନାମୁଖ୍ୟ ଏହାକୁ ଦୋହରଣିବାରେ ଉଦ୍ଦେଶ୍ୟ ହେଲା ମୁସଲମାନ ବହୁଳ କାଶ୍ମୀର ପାକିସ୍ତାନର ବୋଲି ସାବ୍ୟସ୍ତ କରିବା। ଯେଉଁ ଆଧାରରେ ଭାରତ ବିଭାଜିତ ହେଲା, ସେହି ଆଧାରରେ କାଶ୍ମୀର ପାକିସ୍ତାନର ହେବା ଉଚିତ। କିନ୍ତୁ ସେ ସମ୍ଭବତଃ ଇତିହାସକୁ ଭଲଭାବେ ପଢ଼ି ନାହାଁନ୍ତି ବା ଜାଣି ନାହାଁନ୍ତି। ସ୍ୱାଧୀନତା ସମୟରେ କାଶ୍ମୀର ନିଜର ସ୍ୱତନ୍ତ୍ରତା ବଜାୟ ରଖିଥିଲା। କିନ୍ତୁ ପାକିସ୍ତାନ ବଳପ୍ରୟୋଗ କରି ଏହାକୁ ଅକ୍ତିଆର କରିବାକୁ ଉଦ୍ୟମ କରିଥିଲା। ସେତେବେଳେ କାଶ୍ମୀରର ରାଜା ଭାରତଠାରୁ ସୁରକ୍ଷା ଏବଂ ସହାୟତା ମାଗିଥିଲେ। ପ୍ରତିବଦଳରେ ଜାମ୍ମୁ-କାଶ୍ମୀର ଭାରତର ଅଂଶବିଶେଷ ହୋଇ ରହିବ ବୋଲି ଚୁକ୍ତି ହୋଇଥିଲା। ଶେଷରେ ତାହା ହିଁ ହେଲା। ଭାରତୀୟ ସେନା ଆଗରେ ପାକ୍ ସେନା ପରାଜିତ ହୋଇ କାଶ୍ମୀର ଛାଡ଼ି ଚାଲିଗଲେ। କିନ୍ତୁ କାଶ୍ମୀରର ଏକ ବଡ଼ ଅଂଶ ଏବେ ବି ପାକିସ୍ତାନ ଅଧିନରେ ରହିଛି। ଏହାକୁ କୁହାଯାଉଛି ପାକ ଅଧିକୃତ କାଶ୍ମୀର ବା ପିଓକେ। ଯଦି ତତ୍କାଳୀନ ପ୍ରଧାନମନ୍ତ୍ରୀ ପଣ୍ଡିତ ନେହରୁ ଚାହିଁଥାଆନ୍ତେ ତେବେ ପିଓକେକୁ ସହଜରେ ଦଖଲ କରିପାରିଥାଆନ୍ତେ। କିନ୍ତୁ ତାଙ୍କର ଭୁଲ ନିଷ୍ପତ୍ତି, ଦୂରଦୃଷ୍ଟି ହୀନତା ଏବଂ ଅପରିପକ୍ୱତା ଯୋଗୁ କାଶ୍ମୀରର ଏକ ବିରାଟ ଅଂଶ ପାକିସ୍ତାନକୁ ଚାଲିଗଲା। ଆଉ ଏକ ବଡ଼ ଅଂଶ ଚୀନ ଦଖଲ କରିନେଲା। ପରବର୍ତ୍ତୀ ସମୟରେ ୧୯୭୧ ଯୁଦ୍ଧ ବେଳେ ମଧ ପିଓକେ ଦଖଲ ସୁଯୋଗ ଥିଲା। କିନ୍ତୁ ଭାରତ ଏହାକୁ ହାତଛଡ଼ା କରିଦେଲା। ଏଥିପାଇଁ ତତ୍କାଳୀନ କଂଗ୍ରେସ ସରକାର ଦାୟୀ। ଏବେ ପାକ ସେନାମୁଖ୍ୟ ଯାହା କହିଛନ୍ତି ତାହାର ଉଚିତ ଜବାବ ଦେଇଛି ଭାରତ। ଭାରତ କହିଛି ଯେ, ପିଓକେ ହେଉଛି ଭାରତର। ଧାରା ୩୭୦ ଉଚ୍ଛେଦ ପରେ ଭାରତରେ କାଶ୍ମୀରର ମିଶ୍ରଣ ଚୁଡ଼ାନ୍ତ ହୋଇଛି। ଏବେ ପାକିସ୍ତାନ ପିଓକେକୁ ଖାଲି କରିଦେବା ଉଚିତ। ଯେତେବେଳେ ପିଓକେକୁ ପାକିସ୍ତାନ ଭାରତକୁ ହସ୍ତାନ୍ତର କରିବ କେବଳ ସେତେବେଳେ କାଶ୍ମୀର ପ୍ରସଙ୍ଗରେ ପାକିସ୍ତାନ ସହ ଆଲୋଚନା ସମ୍ଭବ ହୋଇପାରିବ। ତା ପୂର୍ବରୁ ନୁହେଁ। କୁହାଯାଉଛି ଯେ, ଭାରତରେ ଧାର୍ମିକ ସଂଖ୍ୟାଲଘୁ ଗୋଷ୍ଠୀକୁ ଉସୁକାଇବା ଏବଂ ଦଙ୍ଗା ସୃଷ୍ଟି କରିବା ଲାଗି ପାକିସ୍ତାନ ଉଦ୍ୟମ କରୁଛି। ସେଥିପାଇଁ ପାକ ସେନା ମୁଖ୍ୟ ଏଭଳି ଧର୍ମ ଆଧାରରେ ଦୁଇ ରାଷ୍ଟ୍ର ଫର୍ମୁଲା କଥା କହିଛନ୍ତି। ୧୯୪୭ରେ ତତ୍କାଳୀନ ବ୍ରିଟିଶ ସରକାର ଯାହା କରିଥିଲେ ତାହାକୁ ୮୦ ବର୍ଷ ପରେ ସ୍ୱାଧୀନ ଭାରତ ପୁନର୍ବାର କାର୍ଯ୍ୟକାରୀ କରିବ ବୋଲି ଆଶା କରିବା ବୃଥା। ଭାରତରେ ବାସ କରୁଥିବା



ମୁସଲମାନମାନେ ଭାରତର ନାଗରିକ। ସେମାନେ ପାକିସ୍ତାନ ଯିବାକୁ ଚାହାଁନ୍ତି ନାହିଁ। ଏହା ପାକିସ୍ତାନ ମନେ ରଖିବା ଉଚିତ। ୧୯୭୧ ଯୁଦ୍ଧରେ ପାକିସ୍ତାନ ପରାଜିତ ହୋଇ ଭାରତ ନିକଟରେ ଆତ୍ମସମର୍ପଣ କରିବା ପରେ ପିଓକେ ଦଖଲ ନିମନ୍ତେ ସୁବର୍ଣ୍ଣ ସୁଯୋଗ ସୃଷ୍ଟି ହୋଇଥିଲା। କିନ୍ତୁ ଭାରତ ଏହାକୁ ହାତଛଡ଼ା କରିଦେଲା। ତେଣୁ ପାକିସ୍ତାନ ନିଜକୁ ଭାଗ୍ୟବାନ ବୋଲି ଭାବିବା ଉଚିତ। ଯାହା ବି ହେଉ ପାକିସ୍ତାନର କାଶ୍ମୀର ଉପରେ ଲୋଭ ଧାରା ୩୭୦ ଉଚ୍ଛେଦ ପାର ବି ଅତୁଟ ରହିଛି। କାଶ୍ମୀର ଏକ ଦିବା ସ୍ୱପ୍ନ ବୋଲି ଜାଣି ସୁଦ୍ଧା ପାକିସ୍ତାନ ଏହି ସ୍ୱପ୍ନ ଦେଖିବା ଛାଡ଼ିପାରିନାହିଁ। କାଶ୍ମୀରକୁ ପାଇବା ପାଇଁ ପାକିସ୍ତାନ ଆତଙ୍କବାଦୀଙ୍କ ସହାୟତା ନେଇଛି। ପାକିସ୍ତାନରେ ଗଢ଼ି ଉଠିଛି ଅନେକ ଆତଙ୍କୀ ସଙ୍ଗଠନ। ଅଶୀ ଦଶକରୁ ପାକିସ୍ତାନ ଏହିସବୁ ଆତଙ୍କୀ ସଙ୍ଗଠନକୁ ସହାୟତା ଏବଂ ସହଯୋଗ କରିଆସୁଛି। ଏହା ମଧ୍ୟରେ ରହିଛି ଲସ୍କରଠଇ-ତୋଇବା ଏବଂ ଜୈସ-ଇ-ମହମ୍ମଦ । ଏମାନେ ଅଲକାଏଦା ଏବଂ ତାଲିବାନ ଆଦର୍ଶରେ ଅନୁପ୍ରାଣୀତ। ତୈମୁରଙ୍ଗ, ମାମୁଦ ଏବଂ ଚେଙ୍ଗିଜ ଖାନଙ୍କର ଏମାନେ ହେଉଛନ୍ତି ବଂଶଧର। ହତ୍ୟା,ଲୁଣ୍ଠ. ବ୍ୟଭିଚାର, ଅତ୍ୟାଚାର ହେଉଛି ଏମାନଙ୍କ ନୀତି ଏବଂ ଆଦର୍ଶ। ଇସଲାମ ଧର୍ମର ମୌଳିକ ତତ୍ତ୍ୱ ଏମାନଙ୍କୁ ଜଣାନାହିଁ। ମାନବବାଦ କ'ଣ ତାହା ସେମାନେ ଜାଣନ୍ତି ନାହିଁ। ଲୁଣ୍ଠନ ହେଉଛି ସେମାନଙ୍କର ପେସା। ଅସ୍ତ୍ର ଧରି ଲଢ଼େଇ କରିବା ଏବଂ ଲୁଚି ଛପି କାପୁରଷ ଭଳି ମଣିଷ ମାରିବା ହେଉଛି ସେମାନଙ୍କ ଧର୍ମ। ବିଶ୍ୱାସରେ ବିଷ ଦେବା ସେମାନଙ୍କ ନୀତି। ଜ୍ଞାନ ବିଜ୍ଞାନ, ମାନବିକତା ଏବଂ ଶିକ୍ଷା ସଂସ୍କୃତି ସହିତ ସେମାନଙ୍କପର କୌଣସି ସମ୍ପର୍କ ନାହିଁ। ସେମାନଙ୍କ ପ୍ରତିହିଂସା, ମୌଳବାଦ ଚିନ୍ତାଧାରା ଏବଂ ଅମାନବୀୟ ଆଚରଣ ପାଇଁ ଭାରତକୁ ଅନେକ କଷ୍ଟ ସହିବାକୁ ପଡ଼ୁଛି। ଭାରତୀୟ ଙ୍କ ଚରିତ୍ରର ବିଶେଷତ୍ୱ ହେଲା ସହନଶୀଳତା। ଭାରତବାସୀଙ୍କ ଧୈର୍ଯ୍ୟ ଏବଂ ସହନଶୀଳତାକୁ ଅନେକ ଭାରତର ଦୁର୍ବଳତା ବୋଲି ବିଚାର କରନ୍ତି। ଏଭଳି ଚିନ୍ତାଧାରା ସ୍ୱାଭାବିକ। ବାସ୍ତବରେ ଭାରତବାସୀ ସବୁ ବେଳେ ଆତ୍ମରକ୍ଷା କରି ଆସିଛନ୍ତି। କିନ୍ତୁ ଆତଙ୍କବାଦୀଙ୍କ ପ୍ରତି ଆକ୍ରମଣାତ୍ମକ ଆଭିମୁଖ୍ୟର ଆବଶ୍ୟକତା ରହିଛି। ଆତଙ୍କବାଦୀ ଆମକୁ ଆକ୍ରମଣ କରିବା ପୂର୍ବରୁ ଆମେ ସେମାନଙ୍କୁ ଆକ୍ରମଣ କରି ସମୂଳେବିନାଶ କରିବା ଉଚିତ। ୨୬/୧୧ ପରେ ଭାରତ ସରକାର ଅନୁରୂପ ପଦକ୍ଷେପ ନେବା ଉଚିତ ଥିଲା। କିନ୍ତୁ ତତ୍କାଳୀନ ସରକାର ଏହାର ଲାଭକ୍ଷତି ବିଚାର କରି ଏଥିରୁ ନିବୃତ୍ତ ରହିଲେ। ୨୦୧୮ରେ ପୁଲୱାମା ହମଲା ପରେ ଭାରତୀୟ ସେନା ପାକସ୍ତାନରେ ସର୍ଜିକାଲ ଷ୍ଟ୍ରାଇକ କରି ପାକିସ୍ତାନକୁ ଚେତାବନୀ ଦେଇଥିଲା। କିନ୍ତୁ ଏହା ଯଥେଷ୍ଟ ନଥିଲା। ଏବେ ପହଲଗାମ ନରସଂହାର ପରେ ଏଥିଲାଗି ସୁବର୍ଣ୍ଣ ସୁଯୋଗ ସୃଷ୍ଟି ହୋଇଛି। ହମାସ ବିରୋଧରେ ଇସ୍ରାଏଲ ଯେପରି ଚରମ ପଦକ୍ଷେପ ନେଲା ଏବେ ଭାରତ ପାକିସ୍ତାନ ବିରୋଧରେ ଅନୁରୂପ ପଦକ୍ଷେପ ନେବା ଉଚିତ। ଏକଥା ସତ୍ୟ ଯେ, ଯୁଦ୍ଧ ହେଲେ ଉଭୟ ଦେଶ କ୍ଷତି ସହିବେ ଏବଂ ଭାରତର ସୁଦୃଢ଼ ଅର୍ଥନୀତି ପ୍ରତି ବିପଦ ସୃଷ୍ଟି ହୋଇପାରେ। କିନ୍ତୁ ଏବେ ଯେଉଁ ସୁଯୋଗ ସୃଷ୍ଟି ହୋଇଛଇ, ସାରା ବିଶ୍ୱ ଯେପରି ଭାରତକୁ ସମର୍ଥନ ଦେଉଛନ୍ତି, ସେଭଳି ସୁଯୋଗ ନିକଟ ଭବିଷ୍ୟତରେ ଆଉ ମିଳିବ କି ନାହିଁ ସନ୍ଦେହ। ସମ୍ମୁଖ ଯୁଦ୍ଧ ପୂର୍ବରୁ ଭାରତ ପାକିସ୍ତାନ ବିରୋଧରେ ଅନେକ ମହତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛି। ସିନ୍ଧୁ ନଦୀ ଜଳ ଚୁକ୍ତିକୁ ଭାରତ ବାତିଲ କରିଛି। ସିନ୍ଧୁ ନଦୀ ହେଉଛି ପାକିସ୍ତାନର ଲାଇଫ ଲାଇନ। ସିନ୍ଧୁ ନଦୀର ଜଳ ଭାରତ ଅଟକାଇଲେ ତାହା ପାକିସ୍ତାନର ଅର୍ଥନୀତିକୁ ତଳିତଳାନ୍ତ କରିଦେବ। ସେହିପରି ପାକିସ୍ତାନ ସହ ଭାରତ ସମସ୍ତ ପ୍ରକାର ବାଣିଜ୍ୟିକ ସମ୍ପର୍କ ମଧ ଛିନ୍ନ କରିଛି। ଏବେ ପାକିସ୍ତାନ ବିରୋଧୋ ସାମରିକ କାର୍ଯ୍ୟାନୁଷ୍ଠାନର ବେଳ। ଏହା ପୂର୍ବରୁ କାଶ୍ମୀର ଉପତ୍ୟକାରେ ଲୁଚି ରହିଥିବା ଆତଙ୍କବାଦୀଙ୍କୁ ଖୋଜି ଖୋଜି ନିପାତ କରିବାର ବେଳ। ଶତ ପ୍ରତିଶତ ସଫଳତା ହାସଲ ପର୍ଯ୍ୟନ୍ତ ଏହା ଜାରି ରହିବା ଉଚିତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏଥିଲାଗି ପ୍ରତିଶ୍ରୁତି ଦେଇଛନ୍ତି। ଏବେ ପିଓକେ ଉଦ୍ଧାର ପାଇଁ ସୁବର୍ଣ୍ଣ ସୁଯୋଗ ସୃଷ୍ଟି ହୋଇଛି। ଏହାକୁ ହାତଛଡ଼ା କରାଯିବା ଅନୁଚିତ।

# ରାଜନୀତିରେ କିଙ୍ଗ ଓ କିଙ୍ଗ ମେକର



**ସୁବାସ ଷଡଙ୍ଗୀ**

ବନ୍ଧୁ ଯେତେବେଳେ ଶତ୍ରୁ ପାଲଟିଯାଏ, ସେଇ ଶତ୍ରୁତା ହୁଏ ସବୁଠାରୁ ମାରାତ୍ମକ। ମିତ୍ରରୁ ଶତ୍ରୁ ପାଲଟିଥିବା ବିଶ୍ୱର ସବୁଠାରୁ ବଡ ଯୋଡି ହେଲେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ବିଶ୍ୱର ସବୁଠାରୁ ଧନୀ ଏଲନ ମସ୍କ। ଅର୍ଥ, ଯଶ ଓ ପ୍ରତିପତିରେ ଏ ଦୁଇଜଣ କେହି କାହାଠୁ କମ ନୁହନ୍ତି। ଏଲନ ମସ୍କ ହେଉଛନ୍ତି ବିଶ୍ୱର ସବୁଠାରୁ ଧନୀ ବ୍ୟବସାୟି। ରାଜନୀତିରେ ପାଦ ଦେଇଥିଲେ ଟ୍ରମ୍ପଙ୍କ ହାତଧରି। ଆଉ ଟ୍ରମ୍ପ ଜିତିବା ପଛରେ ସେ ଥିଲେ। ଟ୍ରମ୍ପ ଜିତିବା ପରେ ସେ ହୋଇ ଉଠିଲେ ରାଷ୍ଟ୍ରପତିଙ୍କ ସବୁଠାରୁ ବିଶ୍ୱସ୍ତ। ହ୍ୱାଇଟ ହାଉସରେ ତାଙ୍କ ଜାଗା ମିଳିଗଲା। 'ଜିଓଡିଇ' ନାମରେ ଏକ ବିଭାଗ ଖୋଲାଯାଇ ମସ୍କଙ୍କୁ ଦାଇତ୍ୱ ଦିଆଗଲା। ବିଭିନ୍ନ କ୍ଷେତ୍ରରେ ସେ ଟ୍ରମ୍ପଙ୍କୁ ପରାମର୍ଶ ଦେଲେ। କିନ୍ତୁ ମାତ୍ର ଚାରିମାସ ପରେ ସେମାନଙ୍କ ସମ୍ପର୍କରେ ଦେଖାଦେଲା ଫାଟ। ମସ୍କ ନିଜ ପଦବୀରୁ ଇସ୍ତଫା ଦେଲେ। ବାସ, ଏଇଠାରୁ ଆରମ୍ଭ ହେଲା ସେମାନଙ୍କ ମଧରେ ଶତ୍ରୁତା। ଟ୍ରମ୍ପଙ୍କ 'ବିଗ ବ୍ୟୁଟିଫୁଲ ବିଲ'କୁ ବିରୋଧ କଲେ ମସ୍କ। ରାଗରେ ଟ୍ରମ୍ପ କହିଲେ ତାଙ୍କର କାମ ଯଦି ପସନ୍ଦ ନ ହେଉଛି, ମସ୍କ ତାଙ୍କ ନିଜ ଦେଶ ଦକ୍ଷିଣ ଆଫ୍ରିକା ଚାଲି ଯାଆନ୍ତୁ। ମସ୍କ କୋଉ ଛୋଟିଆ ଲୋକ!ଟ୍ରମ୍ପ ହୁଏତ ରାଷ୍ଟ୍ରପତି ହୋଇପାରନ୍ତି କ୍ରିନ୍ତୁ ସେ ବିଶ୍ୱର ଏକ ନମ୍ବର ଧନୀ। ରାଜନୀତି କରିବା ପାଇଁ ସେ ଏକ ଦଳ ପ୍ରତିଷ୍ଠା କଲେ। ଯାହାର ନାମ ହେଲା 'ଆମେରିକା ପାର୍ଟି'।

ଆମେରିକାରେ ମୁଖ୍ୟତଃ ଦୁଇଦଳିଆ ବ୍ୟବସ୍ଥା। ତୃତୀୟ ଦଳର କେବେ ଆବଶ୍ୟକତା ପଡ଼ି ନାହିଁ। ଏଣୁ ଏବେ ମସ୍କଙ୍କ ତୃତୀୟ ଦଳ କିଭଳି କାମ କରିବ, ସେ ନେଇ ଚର୍ଚ୍ଚା। ଅନେକଙ୍କ ଯୁକ୍ତି ହେଉଛି- ରିପବଲିକାନ ଦଳ ଓ ଡେମୋକ୍ରାଟିକ ଦଳକୁ ଏବେ ଆମେରିକାର ଅନେକ ଲୋକ ଚାହୁଁ ନାହାନ୍ତି। ଗତ ଜୁଲାଇ ଚାରି ତାରିଖରେ ମସ୍କ ତାଙ୍କ ମାଲିକାନାରେ ଥିବା 'ଏକ୍ସ' ରେ ଏକ ସର୍ବେକ୍ଷଣ କରାଇଥିଲେ। ସେଥିଣେ କୁଆଡେ ପଞ୍ଚଷଠୀ ଭାଗ ଲୋକ ନୂଆଦଳ ଗଠନକୁ ସମର୍ଥନ କରିଥିଲେ।

ଆମେରିକାରେ ଏବେ ଟ୍ରମ୍ପ ବିରୋଧୀ ପରିବେଶ ଗଢି ଉଠୁଚି। ମସ୍କ ଏଥିରୁ ଫାଇଦା ନେବାକୁ ଚାହାନ୍ତି। ତାଙ୍କ ପରିଚାଳିତ ସାମାଜିକ ଗଣମାଧମ 'ଏକ୍ସ'ର ଫଲୋୟର ସଂଖ୍ୟା ପ୍ରାୟ ବାଇଶ କୋଟିରୁ ଅଧିକ। ଜନମତକୁ କିପରି ଭାବରେ ବଦଳାଇ ଦିଆଯାଇପାରିବ, ବିଶେଷ କରି ଅର୍ଥନୈତିକ ଦୃଷ୍ଟିଭଙ୍ଗୀରେ, ଟ୍ରମ୍ପଙ୍କୁ କିପରି ଚାଲେଂଜ କରହେବ, ସେ ନେଇ ମସ୍କ ଏବେ କସରତ କରୁଛନ୍ତି। କିନ୍ତୁ କେବଳ ପ୍ରତିହିଂସା ମାନସିକତା ନେଇ ରାଜନୈତିକ ଦଳ ଗଠନ ଓ ଏହାକୁ ଗୋଟିଏ ଦଳ ବିରୋଧରେ କାମରେ ଲଗାଇଲେ, ହୁଏତ ଆମେରିକାବାସୀ ସହଜରେ ଗ୍ରହଣ କରିନପାରନ୍ତି। ସମଗ୍ର ବିଶ୍ୱରେ ନୂତନ ଦଳ ଗଠନ କରି କ୍ଷମତା



ଦଖଲର ଉଦାହରଣ ବହୁତ କମ ଦେଖିବାକୁ ମିଳେ। ମତାଦର୍ଶ ଜନିତ ପାର୍ଥକ୍ୟ, ଦଳର କାର୍ଯ୍ୟକ୍ରମ ନେଇ ଅସନ୍ତୋଷ ନେଇ ଅନେକ ନେତା ଦଳ ଛାଡିଛନ୍ତି। ନୂତନ ଦଳ ଗଠନ କରିଛନ୍ତି। ଫ୍ରାନ୍ସର 'ସୋସିଆଲିଷ୍ଟ ପାର୍ଟି' ନେତା ତଥା ଇକୋନୋମି ମିନିଷ୍ଟର ଇମାନୁଲ ମାକ୍ରୋ ନିଜ ଦଳ ଛାଡି ୨୦୧୬ ମସିହାରେ ' ଆ ମାସ' ନାମରେ ଏକ ଦଳ ଗଠନ କଲେ। ତହିଁ ପରବର୍ଷ ହୋଇଥିବା ନିର୍ବାଚନରେ ସେ ବିଜୟ ଲାଭ କରି ପ୍ରେସିଡେଣ୍ଟ ହେଲେ। ସେଇପରି ଦକ୍ଷିଣ ଆଫ୍ରିକାର ନେସନାଲ କଂଗ୍ରେସ ସଭାପତି ଥବଲେ ଜୁଲିୟସ ମାଲେମା। ନିଜ ଦଳରୁ ବହିଷ୍କୃତ ହେବା ପରେ 'ଇକୋନୋମିକ ଫ୍ରିଡମ ଫାଇଟର୍ସ' ନାମକ ଏକ ନୂତନ ଦଳ ଗଠନ କରିଥିଲେ। ମାତ୍ର ଲଇ ଦଳ ନିର୍ବଚନରେ ସଫଳ ହୋଇ ପାରି ନଥିଲା। ଇଂଲଣ୍ଡର ନାଇଜେଲ ଫରାଜ, ବା ରବର୍ଟ ପିଲ ନୂତନ ଦଳ ପ୍ରତିଷ୍ଠା କରିଥିଲେ ମଧ ସଫଳତା ପାଇପାରି ନଥିଲେ। ସେମିତି ଆଉ ଜଣେ ନେତା ହେଲେ ଅଷ୍ଟ୍ରେଲିଆର। ସେ ନେସନାଲ ପାର୍ଟି ଛାଡି 'ଅଷ୍ଟ୍ରେଲିଆ ପାର୍ଟି' ନାମରେ ଏକ ଦଳ ଗଠନ କରିଥିଲେ ତାଙ୍କ ନାମ ହେଲା ବବ କାର୍ଟର।

ଭାରତ କଥାକୁ ଆସିବା। କଂଗ୍ରେସ ଛାଡି ଚକ୍ରବର୍ତ୍ତି ରାଜଗୋପାଳଚାରୀ ୧୯୫୯ ମସିହାରେ 'ସ୍ୱତନ୍ତ୍ର ପାର୍ଟି' ନାମରେ ଏକ ରାଜନୈତିକ ଦଳ ଗଠନ କରିଥିଲେ। ମାତ୍ର ଏଇ ଦଳ ରାଜନୈତିକ ସଫଳତା ପାଇ ପାରି ନଥିଲା। ମୋରାରଜି ଦେଶାଇ ବା ଭି.ପି ସିଂ କଂଗ୍ରେସ ଛାଡି ଜନତା ପାର୍ଟି ବା ଜନତା ଦଳ ଗଂନ କରିଥିଲେ ମଧ ସେଭଳି ସଫଳତା ପାଇ ନଥିଲେ। କମ ସମୟ ପାଇଁ ଅଂଶୀଦାର ଦଳର ସମର୍ଥନ ନେଇ କ୍ଷମତା ଦଖଲର ସ୍ୱପ୍ନକୁ ଚରିତାର୍ଥ କରିଥିଲେ। ମହାରାଷ୍ଟ୍ରର ଶରଦ ପାୱାର କଂଗ୍ରେସ ଛାଡି 'ଏନସିପି' ଗଠନ କରିଥିଲେ। ମାତ୍ର ଏଇଦଳ କେବଳ ଏକ ଆଞ୍ଚଳିକ ଦଳରେ ରହିଗଲା। ନିଜ ପୁତୁରା ସେଇ ଦଳକୁ ପୁଣି ବିଭାଜନ କଲେ। ଶିବସେନା ଦୁଇଭାଗ ହେଲେ ମଧ ଲୋକସମର୍ଥନ ପାଇପାରିଲା ନାହିଁ।

ତେବେ ଦୁଇ ଜଣ ମହିଳା ନେତ୍ରୀ ସଫଳ ହୋଇଥିଲେ। ୧୯୬୯ ମସିହାରେ ଜାତୀୟ କଂଗ୍ରେସରୁ ଇନ୍ଦିରା ଗାନ୍ଧୀ ବହିଷ୍କୃତ ହେବା ପରେ କଂଗ୍ରେସରେ ବିଭାଜନ ଘଟାଇ ନୂଆ ଦଳ ଗଠନ କଲେ। ତିନି ଥର ପ୍ରଧାନମନ୍ତ୍ରୀ ହେଲେ ଦୀର୍ଘ ପନ୍ଦର ବର୍ଷ ଧରି।

ଆମ ଓଡ଼ିଶାରେ ବିଜୁବାବୁଙ୍କ ପୁଅ ନବୀନ ପଟ୍ଟନାୟକ ମଧ ଜଣେ ବ୍ୟତିକ୍ରମ। ବାପାଙ୍କ ମୃତ୍ୟୁପରେ ଜନତା ଦଳକୁ ଆସିବା ପରେ ସେ ସେଇ ଦଳକୁ ଭାଙ୍ଗି 'ବିଜୁ ଜନତା ଦଳ' ଗଠନ କଲେ ଏବଂ ଦୀର୍ଘ ଚବିଶ ବର୍ଷ କ୍ଷମତାରେ ରହିଲେ।

ସେମିତି ଜଣେ ନେତ୍ରୀ ହେଲେ ମମତା ବାନାର୍ଜୀ। କଂଗ୍ରେସରୁ ବାହାରିବା ପରେ ସେ ନିଜର ଦଳ ଗଠନ କଲେ 'ତୃଣମୂଳ କଂଗ୍ରେସ'। ଏଇ ଦଳ ଏବେ ପଶ୍ଚିମ ବଙ୍ଗରେ କ୍ରମାଗତ ଭାବରେ କ୍ଷମତାରେ ରହି ଆସିଛି।

ତେବେ ମସ୍କ ଆମେରିକାରେ ସଫଳ ହେବେ କି ନାହିଁ, ସେ କଥା ଏବେଠାରୁ କହିହେବ ନାହିଁ। ତାହା ସମୟ କହିବ। ମସ୍କଙ୍କ ସମ୍ପତିର ପରିମାଣ ପଇଁତିରିଶ ହଜାର କୋଟି ଡଲାର। ତାଙ୍କ ସାମାଜିକ ଗରମାଧମର ଫଲୋୱରଙ୍କ ସଂଖ୍ୟା ୨୨ କୋଟି। ଏହାକୁ ଆଧାର କରି ଆମେରିକା ଭଳି ଦେଶରେ ନିର୍ବାଚନ ଜିତିବା ସହଜ କି ନୁହେଁ, ତାହା ଏବେଠୁ କହିବା ସହଜ ନୁହେଁ।

ଭାରତ ସହିତ ଆମେରିକାର ତୁଳନା କରିହେବ ନାହିଁ। ୟୁରୋପ ଦେଶ ସହ ଆମେରିକାର ତୁଳନା କରିହେବ ନାହିଁ। ଅନ୍ୟକୁ ଜିତାଇବା ଭିନ୍ନ କଥା। କାରଣ ଏଇ ଦୁଇ ଦଳର ସଙ୍ଗଠନ ରହିଛି। ଯାହା, ବିଭିନ୍ନ ରାଜ୍ୟରେ ସେମାନଙ୍କୁ ବିଜେତା କରୁଛି। ଆମେରିକାର ସବୁ ରାଜ୍ୟରେ ନିର୍ବାଚନର ରଣନୀତି ଅଲଗା। କିନ୍ତୁ ଦୁଇ ବନ୍ଧୁ ପୁଣି ଯେ ନ ମିଶିବେ ତାହା ମଧ କୁହାଯାଇପାରିବ ନାହିଁ।

# ଧର୍ମ ମାସ ଶ୍ରାବଣ, ଶିବ ଉପାସନା ଓ ବୋଲବମ୍ ଯାତ୍ରା



**ବିକ୍ରମ କେଶରୀ ବିଶ୍ୱାଳ**

ପ୍ରାଚୀନ ହିନ୍ଦୁ ଧର୍ମଶାସ୍ତ୍ର ଅନୁଯାୟୀ ଶ୍ରାବଣ ମାସର ପ୍ରତ୍ୟେକ ଦିନ ପବିତ୍ର। ଏହି ମାସରେ ଭଗବାନ ଶିବ, ଗୌରୀ, କୃଷ୍ଣ ଓ ଲକ୍ଷ୍ମୀଙ୍କୁ ପୂଜା କରାଯାଏ। ବିଶେଷତଃ, ଶିବ ମନ୍ଦିରମାନଙ୍କରେ ସ୍ୱତନ୍ତ୍ର ପୂଜାପାଠ କରାଯାଏ। ଏହି ମାସର ସୋମବାରଗୁଡ଼ିକ ମହତ୍ୱପୂର୍ଣ୍ଣ ହୋଇଥିଲେ ହେଁ ସମସ୍ତେ ପ୍ରତ୍ୟେକ ଦିନ ସାୟଂକାଳରେ ଶିବ ମନ୍ଦିର ଦର୍ଶନ କରିବା ସହ ଜଳାଭିଷେକ କରିବା ଉଚିତ। ଶ୍ରାବଣ ମାସର ଜଳାଭିଷେକକୁ ରୁଦ୍ରାଭିଷେକ କୁହାଯାଏ। ଏହି ମାସରେ ଶିବଙ୍କର ରୁଦ୍ର ଅବତାରଙ୍କୁ ପୂଜା କରିବା ବିଧି। ଏହା ଦ୍ୱାରା ସମସ୍ତ ଦୁଷ୍ଟ-ଶିବଶକ୍ତିଙ୍କ କବଳରୁ ମୁକ୍ତି ମିଳେ। କାମନା ପୂରଣ ହୁଏ ଏବଂ ସମୃଦ୍ଧି ପ୍ରାପ୍ତ ହୁଏ। ନିଜର ସମସ୍ତ ପାପ ଧୋଇବା ଲାଗି ଏହି ମାସରେ ରୁଦ୍ରାଭିଷେକ କରାଯାଏ। ଦୁଗ୍ଧ ମହୁ, ବେଲପତ୍ର, ଦଧି, ଶର୍କରା, ଘୃତ ଓ ପୁଷ୍ପ ଅର୍ପଣ କରାଯାଏ। ସର୍ବଦା ପ୍ରଦୋଷ ବା ସାୟଂକାଳରେ ରୁଦ୍ରାଭିଷେକ କରଣୀୟ। ଶ୍ରାବଣ ମାସର ଶନିବାରଗୁଡ଼ିକ ମଧ ଧାର୍ମିକ ଦୃଷ୍ଟିକୋଣରୁ ଗୁରୁତ୍ୱପୂର୍ଣ୍ଣ। ଏହି ଶନିବାରଗୁଡ଼ିକରେ ଶନିଦେବଙ୍କୁ ପୂଜା କଲେ ଶନିଦଶାରୁ ମୁକ୍ତି ମିଳେ। ଶ୍ରାବଣରେ ଶନି-ପୂଜା କରି ରାଜା ଦଶରଥ ଶନି-ଦୋଷ ମୁକ୍ତ ହୋଇଥିବା ପୁରାଣରେ ଉଲ୍ଲେଖିତ।

ପୁରାଣରେ ଉଲ୍ଲେଖ ରହିଛି ମାତା ପାର୍ବତୀ ଏହି ବ୍ରତ। ହିନ୍ଦୁ ପଞ୍ଜାଙ୍ଗରେ ପଞ୍ଚମ ମାସ ହେଉଛି ଶ୍ରାବଣ। ତେବେ ପୂର୍ଣ୍ଣିମା ଦିନ ଚନ୍ଦ୍ର ଯେଉଁ ନକ୍ଷତ୍ରରେ ରହନ୍ତି, ସେହି ଅନୁସାରେ ମାସର ନାଁ ରଖାଯାଏ। ଏହି ପ୍ରକାରେ ଏହି ମାସ ଯେତେବେଳେ ଆରମ୍ଭ ହୁଏ, ସେତେବେଳେ ପୂର୍ଣ୍ଣିମା ଦିନ ଚନ୍ଦ୍ର ଶ୍ରବଣା ନକ୍ଷତ୍ରରେ ବିରାଜମାନ ହୋଇଥାନ୍ତି। ସେଥିପାଇଁ ଏହି ମାସ ଶ୍ରାବଣ ନାଁରେ ପରିଚିତ। ଭଗବାନ ଶିବଙ୍କୁ ବିଭିନ୍ନ କାରଣ ପାଇଁ ଶ୍ରାବଣ ମାସ ବେଶ ପ୍ରିୟ। କୁହାଯାଏ ଏହି ମାସରେ ମାତା ପାର୍ବତୀ ବର ଭାବେ ଶିବଙ୍କୁ ପାଇବା ପାଇଁ ବ୍ରତ ରଖିଥିଲେ ଓ ତପସ୍ୟା ବି କରିଥିଲେ। ସେଥିପାଇଁ ଏହି ମାସ ଭଗବାନ ଶିବଙ୍କର ଅତି ପ୍ରିୟ। ସମୁଦ୍ର ମନ୍ଥନରୁ ବାହାରିଥିବା ହଳାହଳ ବିଷକୁ ଯେତେବେଳେ ମହାଦେବ ପାନ କଲେ ସେତେବେଳେ ତାଙ୍କ ଶରୀରର ତାପ ବଢ଼ିଲା ଏବଂ ଏହି ତାପକୁ କମ କରିବା ପାଇଁ ଭଗବାନ ଶିବଙ୍କ ଉପରେ ଦେବତାମାନେ ଜଳ ବର୍ଷ କଲେ। ଏହାଦ୍ୱାରା ଶିବଙ୍କୁ ଶୀତଳତା ମିଳିଥିଲା। ସେହିପରି ଶ୍ରାବଣ ମାସରେ ବର୍ଷା ହୁଏ। ଏ ଦୃଷ୍ଟିରୁ ଏହା ହେଉଛି ଭଗବାନ ଶିବଙ୍କ ପ୍ରିୟ। ଅନ୍ୟପଟେ ଏହି ମାସରେ ଭଗବାନ ବିଷ୍ଣୁ ଯୋଗନିଦ୍ରାରେ ଥିବାରୁ ସୃଷ୍ଟିର କାର୍ଯ୍ୟଭାର ଭଗବାନ ଶିବ ସମ୍ଭାଳିଥାନ୍ତି। ଏହି ତମାମ ମାସ ଶିବ ପ୍ରସନ୍ନ ମୁଦ୍ରାରେ ରହନ୍ତି। ଏଣୁ ଏହି ସମୟରେ ରୁଦ୍ରାଭିଷେକ କରିବା ଶୁଭ ବୋଲି ବିବେଚନା କରାଯାଏ। ଶିବଙ୍କୁ ପ୍ରସନ୍ନ କରିବା ପାଇଁ ସରଳ ଜୀବନ ଅତିବାହିତ କରିବା ଭଲ। ଏହି ମାସରେ ତାମସିକ ଭୋଜନକୁ ତ୍ୟାଗ କରି ଶିବ ମନ୍ତ୍ରକୁ ଜପ କରିବା ଦରକାର। ସୋମବାର ବ୍ରତ ରଖିବା ଉତ୍ତମ। ଶ୍ରାବଣ ମାସରେ ଶିବଲିଙ୍ଗରେ କ୍ଷୀର, ବେଲପତ୍ର, କେତକୀ ଫୁଲ ଅର୍ପଣ କଲେ ସମସ୍ତ ମନସ୍କାମନା ପୂରଣ ହୁଏ।

ବୋଲବମ୍ କହିଲେ ଶ୍ରାବଣ ମାସରେ ଜଳାଭିଷେକ କରିବା ପାଇଁ ଶିବ ମନ୍ଦିର ଉଦ୍ଦେଶ୍ୟରେ କରାଯାଉଥିବା ଧାର୍ମିକ ପଦଯାତ୍ରାକୁ ବୁଝାଯାଏ। ଓଡ଼ିଶାର ବିଭିନ୍ନ ଶୈବ କ୍ଷେତ୍ରରେ ଏହି ଉତ୍ସବ ପାଳନ କରାଯାଇଥାଏ। ଆଷାଢ଼ ପୂର୍ଣ୍ଣିମା ଠାରୁ ଆରମ୍ଭ କରି ଶ୍ରାବଣ ପୂର୍ଣ୍ଣିମା ପର୍ଯ୍ୟନ୍ତ ସମସ୍ତ ସୋମବାରରେ ବିଭିନ୍ନ



ଶିବାଳୟରେ ଭକ୍ତମାନେ ଶିବଙ୍କ ମସ୍ତକରେ ଜଳ ଢ଼ାଳିଥାନ୍ତି। ବୋଲ୍‌ବମ୍ ଯାତ୍ରାରେ ଭାଗ ନେଉଥିବା ଭକ୍ତ ମାନଙ୍କୁ କାଉଡିଆ କୁହାଯାଏ। ଭକ୍ତମାନେ ଗେରୁଆବସ୍ତ୍ର ପରିଧାନ କରି କାନ୍ଧରେ କଳସୀ ଭାର ଧରି ଚାଲି ଚାଲି ସମ୍ପୂର୍ଣ୍ଣ ପଥ ଅତିକ୍ରମ କରିଥାନ୍ତି। ସେମାନେ କୌଣସି ନଦୀ ବା ଜଳାଶୟରୁ ଜଳନେଇ ମହାଦେବ ମନ୍ଦିରର ଶିବଲିଙ୍ଗ ଉପରେ ଜଳ ଢ଼ାଳନ୍ତି। ବିଶେଷକରି ଶ୍ରାବଣ ମାସର ପ୍ରତି ସୋମବାରରେ କାଉଡିଆଙ୍କ ଯାତ୍ରା ନର୍ମଦାରୁ ମହାକାଳ ପର୍ଯ୍ୟନ୍ତ, ଗଙ୍ଗାରୁ ନୀଳକଣ୍ଠ ମହାଦେବ, ବୈଦ୍ୟନାଥ ଧାମ, ଗୋଦବରୀରୁ ତ୍ରେମ୍ବକ, ଗଙ୍ଗାରୁ କେଦାରେଶ୍ୱର ପର୍ଯ୍ୟନ୍ତ ଦୃଶ୍ୟମାନ ହୋଇଥାନ୍ତି।

କାଉଡିଆ ଯାତ୍ରାରେ ନିତ୍ୟ କର୍ମରେ ଶୁଦ୍ଧ ଓ ପବିତ୍ର ହୋଇ ବରୁଣ ଦେବତାକୁ ପୂଜନ କରି ଜଳକୁ ତମ୍ବା, ପିତ୍ତଳ, ଚାନ୍ଦି ପାତ୍ରରେ ଜଳ ଭରି କରାଯାଇଥାଏ। ମାଟି ପାତ୍ରରେ ସଂଗୃହୀତ ଜଳରେ ବ୍ରହ୍ମା ରହିଥାନ୍ତି। କିନ୍ତୁ ଏହାର ପବିତ୍ରତା ଉପରେ ସତର୍କତା ଅବଲମ୍ବନ କରିବା ଉଚିତ। ଜଳସ୍ରୋତରୁ ଥରେ ଜଳ ଭରିକରି ତାକୁ ଅଭିଷ୍ଟ କର୍ମ ପୂର୍ବ ଅର୍ଥାତ୍ ଶିବଙ୍କୁ ଅର୍ପଣ କରିବା ପୂର୍ବରୁ ଭୂମିରେ ରଖିବା ଅନୁଚିତ। ଅଶୌଚ ସମୟରେ କାଉଡିଆମାନେ ନିଜ ସାଥୀଙ୍କୁ ଧରାଇବା ବା କୌଣସି ଉଚ୍ଚ ଯାଗାରେ ରଖିବା ଉଚିତ। ଯେପରି ଭାରଟି ଭୂମିକୁ ସ୍ପର୍ଶ କରୁନଥିବ। ଯଦି କୌଣସି ବଶତଃ କାଉଡିଆ ଯାତ୍ରା କରିବା ସମୟରେ ଅଶୌଚ ହୋଇଥିବ ସେ ପୁଣି ଥରେ ନଦୀରେ ସ୍ନାନ କରି ମନ୍ତ୍ରଉଚ୍ଚାରଣ କରି ଜଳ ଭରି ଯାତ୍ରା କରିବା ଉଚିତ। ସୂର୍ଯ୍ୟୋଦୟର ଦୁଇ ଘଣ୍ଟା ପୂର୍ବରୁ ଓ ସୂର୍ଯ୍ୟାସ୍ତର ଦୁଇଘଣ୍ଟା ପରେ କାଉଡିଆ ଯାତ୍ରା କରିବାର ନିୟମ ରହିଛି।

ଆନନ୍ଦ ରାମାୟଣରେ ଲେଖାଅଛି ଯେ, ତ୍ରେତୟା ଯୁଗରେ ଭଗବାନ ରାମ କାଉଡିଆ ସାଜି ସୁଲତାନ ଗଞ୍ଜ ନିକଟ ଗଙ୍ଗାରୁ ଜଳ ସଂଗ୍ରହ କରି ବୈଦ୍ୟନାଥ ଧାମରେ ଭଗବାନ ଶିବଙ୍କୁ ଜଳାଭିଷେକ କରୁଥିଲେ। ଲଙ୍କାପତି ରାବଣ ମଧ କାଉଡିଆ ସାଜି ଶିବଙ୍କୁ ଜଳାଭିଷେକ କରୁଥିଲେ କାରଣ ସେ ଥିଲେ ପରମ ଶିବ ଭକ୍ତ। ଏହିପରି ଆଉ ଜଣେ ହେଲେ ଭୂତନାଥ ଭୈରବ। ସେ ମଧ ଶିବଙ୍କୁ କାଉଡି ଜଳରେ ସ୍ନାନ କରାଉଥିଲେ। ଏଥିରୁ ପ୍ରମାଣିତ ହୁଏ ଯେ, କାଉଡିଆଙ୍କ ଜଳାର୍ପଣ ପରମ୍ପରା ବହୁତ ପ୍ରାଚୀନ। ଏହା କେବଳ ଆମ ରାଜ୍ୟରେ ସୀମାବଦ୍ଧ ନୁହେଁ। ସମଗ୍ର ଭାରତରେ ହିନ୍ଦୁ ଶିବଭକ୍ତ ମଧରେ ଏହା ପ୍ରଚଳିତ।

ପାପ ପୁଣ୍ୟ ବ୍ୟକ୍ତିଗତ କର୍ମର ଫଳ। ଏଣୁ ଜଣେ ଭକ୍ତ ନିଜ ଭକ୍ତିର ପରାକାଷ୍ଠା ନେଇ ତା'ଫଳ ପାଏ। ଜଣେ କାଉଡିଆ ଯଦି ନିଜେ ଭକ୍ତ, ସେ ତା'ର ପୁଣ୍ୟ ଫଳ ଅବଶ୍ୟ ପାଇବ। ଅନେକ ବ୍ୟକ୍ତିବିଶେଷ ଓ ଆଧାତ୍ମିକ ସଂଗଠନମାନେ ଏହି କାଉଡିଆଙ୍କ ସେବା କାର୍ଯ୍ୟ ନିମିତ୍ତ ବିଭିନ୍ନ ଆନୁଷ୍ଠାନିକ ସେବା ସମ୍ପାଦନ କରୁଛନ୍ତି। ବିଧିପୂର୍ବକ ଭାବେ ମହାଦେବଙ୍କୁ ଜଳାଭିଷେକ କରି ତିନିଥର ସେହି ଜଳକୁ ଗ୍ରହଣ କରିବା ଉଚିତ। ଏହାଦ୍ୱାରା ଶାରୀରିକ, ମାନସିକ ସ୍ତରରେ ଥିବା ସମସ୍ତ ଦୋଷ ଦୂର ହୋଇଯାଇଥାଏ। ସର୍ବପ୍ରଥମେ ମାନସିକ ଓ ଆଧାତ୍ମିକ ଭାବରେ ନିଜକୁ ପବିତ୍ର କଲାପରେ ଭଗବାନଙ୍କୁ ନାମ ସ୍ମରଣ ଦ୍ୱାରା ବୋଲବମ୍ ଯାତ୍ରା ସଫଳ ହୋଇଥାଏ। ବିଶ୍ୱାସ ରହିଛି ଧର୍ମ-ଅର୍ଥ-କାମ-ମୋକ୍ଷ ସମ୍ବନ୍ଧିତ ସମସ୍ତ ଇଚ୍ଛା ତୁରନ୍ତ ପୂର୍ଣ୍ଣ ହୋଇଥାଏ।

ଯାଜପୁର ରୋଡ଼, ଯାଜପୁର, ଦୂରଭାଷ : ୯୯୩୮୫୩୬୦୭୬

# ମହିଳା ଅସୁରକ୍ଷିତ



**ସୌଭାଗ୍ୟ ରଞ୍ଜନ ମହାନ୍ତି(ରାଜା)**

ଗୋପାଳପୁର ବେଳା ଭୂମୀରେ ଛାତ୍ରୀଙ୍କୁ ଗଣଦୁଷ୍କର୍ମର ମାସେ ନପୁରୁଣୁ ଏବଂ ବହୁଚର୍ଚ୍ଚିତ ବାଲେଶ୍ୱର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଅଧାପକଙ୍କ ଯୌନ ନିର୍ଯ୍ୟାତନାର ଶିକାର ହୋଇ ବିଏଡ, ଦ୍ୱିତୀୟ ବର୍ଷର ଛାତ୍ରୀଙ୍କ ଆତ୍ମାହୁତି ଘଟଣାକୁ ସପ୍ତାହେ ପୁରିନଥିବାବେଳେ ପୁରୀ ଜିଲ୍ଲାର ବଳଙ୍ଗାରେ ଜଣେ ନାବାଳିକା ଛାତ୍ରୀ ଉପରେ ଦୁର୍ବୃତମାନେ କିରୋସିନ୍ ଢାଳି ଜାଳି ଦେବା ଘଟଣା ରାଜ୍ୟରେ ମହିଳା କେବଳ ଅସୁରକ୍ଷିତ ହୋଇପଡ଼ିଥିବା ସଂକେତ ପ୍ରଦାନ କରିନାହିଁ, ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟାସ୍ତ ହୋଇପଡ଼ିଥିବା ନେଇ ଅଙ୍ଗୁଳି ନିର୍ଦ୍ଦେଶ କରୁଛି ବୋଲି କୁହାଯାଇପାରିବ। ବଳଙ୍ଗା ପିଡିତା ଜଣକ ଏବେ ଦିଲ୍ଲୀ ଏମସ୍‌ରେ ମୃତ୍ୟୁ ସହ ସଂଗ୍ରାମ କରୁଥିବାବେଳେ ଘଟଣାକୁ ୪ଦିନ ବିତିଥିଲେ ମଧ ପୋଲିସ ଦୁର୍ବୃତମାନଙ୍କୁ ଠାବ କରିବାରେ ସମର୍ଥ ହୋଇନାହିଁ। ଯାହାକି ପୋଲିସର ଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଉଲ୍ଲେଖଯୋଗ୍ୟ ଯେ, ଫକୀରମୋହନ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ଅମାଠିହୁତି ଘଟଣାରେ ରାଜ୍ୟ ସରକାରଙ୍କ ତ୍ୱରିତ ପଦକ୍ଷେପ ପରେ ଏବେ ଛାତ୍ରୀ ଏବଂ ମହିଳାଙ୍କୁ ଯୌନ ନିର୍ଯ୍ୟାତନା ତାଲିକା ବଢ଼ିବାରେ ଲାଗିଛି। ଯାହାକୁ କି ସରକାରଙ୍କ ତ୍ୱରିତ କାର୍ଯ୍ୟାନୁଷ୍ଠାନର ପ୍ରଭାବ ବୋଲି କୁହାଯାଇପାରେ। ଯୌନ ନିର୍ଯ୍ୟାତନାକାରୀଙ୍କ ଧମକରେ ମୁହାଁନଖୋଲି ନୀରବରେ ଥିବା ଛାତ୍ରୀମାନେ ମୁହଁ ଖୋଲିବାରେ ଲାଗିଛନ୍ତି। ଏହି ଘଟଣା କ୍ରମରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଜଣେ



ଛାତ୍ରୀ ଯେ କି ଜଣେ ଅଧାପକଙ୍କ ଦ୍ୱାରା ବାରମ୍ବାର ଦୁଷ୍କର୍ମର ଶିକାର ହୋଇଥିଲେ, ତାଙ୍କ ଅଭିଯୋଗ ପରେ ପୋଲିସ ସମ୍ପୃକ୍ତ ଅଧାପକଙ୍କୁ ଗିରଫ କରି ଜେଲ ପଠାଇ ଦେଇଛି। ଦୁଇ ମାସ ତଳେ ଜଣେ ଛାତ୍ରୀଙ୍କୁ ମୃଦୁ ପାନୀୟରେ ନିଶା ଦେଇ ଦୁଷ୍କର୍ମ କରିଥିବା ଅଭିଯୋଗରେ ନିକଟରେ ଛାତ୍ର କଂଗ୍ରେସ ସଭାପତିଙ୍କୁ ପୋଲିସ ଗିରଫ କରିଛି। ସେହିପରି ଜଣେ ଯୁବତୀଙ୍କୁ ଯୌନ ନିର୍ଯ୍ୟାତନା ଦେବା ଅଭିଯୋଗରେ ପୋଲିସ ଅନୁଗୁଳ ଜିଲ୍ଲା ବିଜେପି ସଭାପତିଙ୍କୁ ଗିରଫ କରି ଜେଲକୁ ପଠାଇ ଦେଇଛି। କେବଳ ଏତକି ନୁହେଁ ବାଲେଶ୍ୱରର ଏକ ଉଚ୍ଚ ବିଦ୍ୟାଳୟରେ ଜଣେ ନବମ ଶ୍ରେଣୀ ଛାତ୍ରୀଙ୍କୁ ଯୌନ ନିର୍ଯ୍ୟାତନା ଦେବା ଅଭିଯୋଗରେ ପୋଲିସ ସ୍କୁଲର ଗଣିତ ଓ ଇଂରାଜୀ ଶିକ୍ଷକଙ୍କୁ ଗିରଫ କରିଛି। କହିବା ବାହୁଲ୍ୟ ଯେ, ମାଲକାନଗିରିରୁ ଆରମ୍ଭ କରି ବାଲେଶ୍ୱର ଏବ ରାଉରକେଲା ଠାରୁ ଆରମ୍ଭ କରି ଉପକୂଳବର୍ତ୍ତୀ ଜିଲ୍ଲାଗୁଡିକ ପର୍ଯ୍ୟନ୍ତ ରାଜ୍ୟରେ ଛାତ୍ରୀ ଓ ମହିଳାଙ୍କୁ ଯୌନ ନିର୍ଯ୍ୟାତନା, ଦୁଷ୍କର୍ମ, ପ୍ରତାରଣା, ହତ୍ୟା ଆଦି ଘଟଣାରେ ତାଲିକା ବଢ଼ିଚାଲିଛି। ଯେଉଁ ଘଟଣାଗୁଡିକ ଏବେ କେବଳ ଜାତୀୟ ଗଣମାଧମର ଚର୍ଚ୍ଚାର ବିଷୟ ହୋଇ ରହିନାହିଁ, ଓଡ଼ିଶା ଭଳି ଏକ ଶାନ୍ତିପ୍ରିୟ ରାଜ୍ୟ ପାଇଁ କଳଙ୍କିତ ଅଧାୟ ସୃଷ୍ଟି କରିଛି, କହିଲେ ଅତିରଞ୍ଜିତ ହେବ ନାହିଁ। କହିବା ବାହୁଲ୍ୟ ଯେ, ମହିଳା ଓ ଛାତ୍ରୀଙ୍କ ସୁରକ୍ଷା ପାଇଁ ୨୦୧୩ର ମହିଳା ନିର୍ଯ୍ୟାତନା ନିବାରଣ ଆଇନ(ପୋଶ) ରହିଛି। ଯେଉଁ ଆଇନରେ ଉଭୟ ଜେଲ, ଜୋରିମାନା ଠାରୁ ଆରମ୍ଭ କରି ମୃତ୍ୟୁଦଣ୍ଡ ବ୍ୟବସ୍ଥା ରହିଛି। ଶିକ୍ଷାନୁଷ୍ଠାନରେ ଛାତ୍ରୀ ଯୌନ ନିର୍ଯ୍ୟାତନା ରୋକିବା ପାଇଁ ଆଭ୍ୟନ୍ତରୀଣ ଅଭିଯୋଗ କମିଟି (ଆଇସିସି) ରହିଛି। ମାତ୍ର ଆଇନ ଓ ବ୍ୟବସ୍ଥାର ଯଥାର୍ଥ କାର୍ଯ୍ୟକାରିତା ଅଭାବରୁ ମହିଳା ବିରୋଧି ହିଂସା, ନିର୍ଯ୍ୟାତନା ଘଟଣାମାନ ବଢ଼ିବାରେ ଲାଗିଛି। ଉଲ୍ଲେଖଯେଗ୍ୟ। ଯେ, ବାଲେଶ୍ୱର ଘଟଣା ପରେ ରାଜ୍ୟ ସରକାର ଉଚ୍ଚ ଶିକ୍ଷାନୁଷ୍ଠାନରେ ମହିଳା ଓ ଛାତ୍ରୀଙ୍କ ପାଇଁ 'ଶକ୍ତଶ୍ରୀ' ନାମକ ଏକ ନୂତନ ଯୋଜନା ଘୋଷଣା କରିଛନ୍ତି। କିନ୍ତୁ ଏହା ନିସନ୍ଦେହ ଯେ, ଏହାର କାର୍ଯ୍ୟକାରିତା ଓ ସଫଳତା ଶିକ୍ଷାନୁଷ୍ଠାନ ପୋଲିସ ଓ ପ୍ରଶମନ ଉପରେ ନିର୍ଭର କରେ। ଶିକ୍ଷାନୁଷ୍ଠାନ, ପୋଲିସ ଓ ପ୍ରଶାସନ ଉପରେ ନିର୍ଭର କରେ। ଶିକ୍ଷାନୁଷ୍ଠାନ, ପୋଲିସ ଓ ପ୍ରଶାସନର ତ୍ୱରିତ କାର୍ଯ୍ୟାନୁଷ୍ଠାନ ମହିଳା ବିରୋଧି ଅପରାଧକୁ ନିୟନ୍ତ୍ରଣ କରିପାରିବ, ଏ ଆଶା ରହିଛି। କିନ୍ତୁ ପୋଲିସ ଓ ପ୍ରଶାସନର ନିଷ୍କ୍ରୀୟତା ହିଁ ଅପରାଧକୁ ପରୋକ୍ଷରେ ବୃଦ୍ଧି ପାଇବାରେ ସହାୟକ ହୋଇଛି। ଶିକ୍ଷାନୁଷ୍ଠାନ, ପୋଲିସ ଓ ପ୍ରଶାସନ ଯଦି ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥାନ୍ତେ, ତେବେ ସୌମ୍ୟଶ୍ରୀଙ୍କ ଜୀବନ ନିଶ୍ଚିତ ଭାବେ ବଞ୍ଚିଯାଇଥାନ୍ତା। ଅନ୍ୟପକ୍ଷରେ ଗତ ବର୍ଷକ ମଧରେ ରାଜ୍ୟରେ କେବଳ ମହିଳା ବିରୋଧି ହିଂସା ନୁହେଁ, ଚୋରୀ, ଡକାୟତି, ହତ୍ୟା, ଦୁଷ୍କର୍ମ ଆଦି ଘଟଣାମାନ ବଢ଼ିଚାଲିଛି। ତେବେ ଅପରାଧ କେବଳ ପୋଲିସର ତ୍ୱରିତ କାର୍ଯ୍ୟନୁଷ୍ଠାନ ଅଭାବରୁ ବଢ଼ିଚାଲିଛି। ଅନେକ କ୍ଷେତ୍ରରେ ପୋଲିସ ରକ୍ଷକ ବଦଳରେ ଭକ୍ଷକ ହେବା ଅଭିଯୋଗ ହେଉଛି। ଯାହାର ପରିଣତି ଅପରାଧିଙ୍କୁ ସହାୟତା କରୁଛି। ପୋଲିସ ପ୍ରଶାସନରେ ସଂସ୍କାର, ତାଲିସ, ଏବଂ ଆଇନ ଯଥାର୍ଥ କାର୍ଯ୍ୟକାରିତା ମହିଳା ବିରୋଧି ହିଂସାକୁ ରୋକିବା ସହ ଆଇନ ଶୃଙ୍ଖଳା, ପରିସ୍ଥିତିରେ ଉନ୍ନତି ଆଣିବ, ଏଥିରେ ସନ୍ଦେହ ନାହିଁ।

ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩, ଶିଶୁପାଳଗଡ଼, -୭୫୧୦୦୨
ମୋବାଇଲ ନଂ-୭୯୭୮୬୬୬୪୦୩

## କଂଗ୍ରେସକୁ ବଡ଼ ଝଟକା

# ୧ ୯ ୯ କୋଟି ଆୟ ଉପରେ ଟ୍ୟାକ୍ସ

ନୂଆଦିଲ୍ଲୀ,୨୨।୭ଃ ମୁଖ୍ୟ ବିରୋଧି ଦଳ କଂଗ୍ରେସକୁ ଟ୍ୟାକ୍ସ ବିବାଦରେ ଲାଗିଛି ଜୋରଦାର ଝଟକା। ଇନକମ୍ ଟ୍ୟାକ୍ସ ଅପିଲ ଟ୍ରିବ୍ୟୁନାଲ ୧୯୯ କୋଟି ଟଙ୍କା ଆୟ ଉପରେ କଂଗ୍ରେସର ଅପିଲ ଖାଜର କରିଛନ୍ତି। ଏହା ସହ ଟ୍ରିବ୍ୟୁନାଲ କହିଛନ୍ତି, କଂଗ୍ରେସକୁ

### ଆବେଦନ ଖାରଜ କଲେ ଟ୍ରିବ୍ୟୁନାଲ

ଆର୍ଥିକ ବର୍ଷ ୨୦୧୭-୧୮ ଓ ଆସେସମେଣ୍ଟ ଇୟର ୨୦୧୮-୧୯ ରୁ ପଡି ରହିଥିବା ୧୯୯ କୋଟି ଟଙ୍କାର ଆୟ ଉପରେ ଟ୍ୟାକ୍ସ ଡିମାଣ୍ଡରେ କୌଣସି ଆଶ୍ୱସ୍ଥି ମିଳିବନି। ଆୟକର ଆବେଦନ ଟ୍ରିବ୍ୟୁନାଲ (ଆଇଟିଏଟି) ଆୟକର ରିଟର୍ଣ୍ଣରୁ ଦାଖଲ କରିବା ଓ ନଗଦ ଦାନ ସୀମାର ଉଲଂଘନ କାରଣରୁ ପାର୍ଟିର ରିହାତି ଆବେଦନକୁ ଖାରଜ କରିଦେଇଛନ୍ତି। ଟ୍ରିବ୍ୟୁନାଲ ନିଜ ରାୟରେ କହିଛନ୍ତି, କରଦାତାଙ୍କ ଦ୍ୱାରା ୦୨.୦୨.୨୦୧୯ ରେ ଦାଖଲ



କରାଯାଇଥିବା ରିଟର୍ଣ୍ଣ, ତାଙ୍କୁ ବିବାଦୀୟ ରିହାତି ପାଇଁ ଯୋଗ୍ୟ ବୋଲି କୁହୁନି, କାରଣ ନିର୍ଦ୍ଧାରିତ ସମୟ ଭିତରେ ଏହି ଦାବି କରାଯାଇ ନାହିଁ। ଉଲ୍ଲେଖନୀୟ ଯେ, କଂଗ୍ରେସ ୨ ଫେବୃଆରୀ ୨୦୨୯ ରେ ନିଜର ଆୟକର ରିଟର୍ଣ୍ଣ ଦାଖଲ କରିଥିଲା, ଯାହାକି ୩୧ ଡିସେମ୍ବର ୨୦୧୮ରେ ନିର୍ଦ୍ଧାରିତ ସମୟଠାରୁ କିଛି ବିଳମ୍ବ ଥିଲା। ଏହି ରିଟର୍ଣ୍ଣରେ କଂଗ୍ରେସ ପକ୍ଷରୁ ଶୂନ୍ୟ ଆୟ ଘୋଷିତ କରାଯାଇଥିଲା ଓ ସେଥିରେ ୧୯୯.୧୫ କୋଟି ଟଙ୍କା ଆୟ ଉପରେ କର ରିହାତି ନେଇ ଦାବି କରାଯାଇଥିଲା, କିନ୍ତୁ ସେପ୍ଟେମ୍ବର ୨୦୧୯ ରେ କର ନିର୍ଦ୍ଧାରଣ ଅଧିକାରୀଙ୍କୁ ଯାଞ୍ଚ ବେଳେ ଜଣାପଡିଥିଲା ଯେ, ପାର୍ଟି ୧୪.୪୯ଲକ୍ଷ ଟଙ୍କା ନଗଦ ଦାନ ସ୍ୱିକାର କରିଥିଲା, ଯେଉଁଥିରେ ଦାନ ଆଇନ ଅନୁସାରେ ପ୍ରତି ଦାନକାରୀ ୨ ହଜାର ଟଙ୍କାରୁ ଅଧିକ ଦାନ କରିଥିଲେ। ୨ ହଜାର ଟଙ୍କାରୁ ଅଧିକ ଦାନ ନିୟମ ଅନୁସାରେ, ଚେକ୍ କିମ୍ବା ବ୍ୟାଙ୍କ ହସ୍ତାନ୍ତରଣ ମାଧ୍ୟମରେ ଦିଆଯାଏ। ସେ ଅନୁସାରେ, ପୁରା ରାଶି ଉପରେ କର ଲଗାଯାଇଛି। ଯେତେବେଳେ କଂଗ୍ରେସ ରିହାତି ମାଗିଥିଲା,ଆୟକର ବିଭାଗ ୨୦୨୧ ରେ ତା'ର ଦାବିକୁ ଅସ୍ୱୀକାର କରିଥିଲା। ମାର୍ଚ୍ଚ ୨୦୨୩ ରେ ଆୟକର କମିଶନ ଏହି ରାୟକୁ ଜାରି ରଖିଥିଲେ। ଏହାପରେ କଂଗ୍ରେସ ରାୟକୁ ବିରୋଧ କରି ଗତ ବର୍ଷ ଟ୍ରିବ୍ୟୁନାଲରେ ଅପିଲ କରିଥିଲା। ଏବେ ସେଠାରୁ ମଧ ନିରାଶ ହୋଇଛି କଂଗ୍ରେସ।

# ଅବତରଣ ପରେ ବିମାନ ଇଞ୍ଜିନରେ ଲାଗିଲା ନିଆଁ



ନୂଆଦିଲ୍ଲୀ,୨୨।୭ଃ ଅହମ୍ମଦାବାଦ ବିମାନ ଦୁର୍ଘଟଣା ଦୁଃଖ ମନରୁ ଲିଭି ନଥିବା ବେଳେ ଆଉ ଏକ ଅଘଟଣ। ଦିଲ୍ଲୀର ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦରରେ ଅବତରଣ କରିବା ମାତ୍ରେ ଏୟାର ଇଣ୍ଡିଆର ବିମାନ ବିମାନରେ ଲାଗିଲା ନିଆଁ। ବିମାନବନ୍ଦର କର୍ତ୍ତୃପକ୍ଷଙ୍କ ଦ୍ୱାରା ଜାରି ଏକ ବିବୃତ୍ତି ଅନୁଯାୟୀ, ହଂକଂରୁ ଦିଲ୍ଲୀ ଆସୁଥିବା ଏୟାର ଇଣ୍ଡିଆ (AI 315) ବିମାନର ପଛ ପଟେ ଥିବା ତ ଛୋଟ ଇଞ୍ଜିନ(Auxiliary power unit) ବା APU ରେ ନିଆଁ ଲାଗିଯାଇଥିଲା। ଏହି ଘଟଣା

### ହଂକଂରୁ ଦିଲ୍ଲୀ ଆସୁଥିଲା ଏୟାର ଇଣ୍ଡିଆ ବିମାନ

ସେତେବେଳେ ଘଟିଥିଲା ଯେତେବେଳେ ବିମାନ ଦିଲ୍ଲୀ ବିମାନ ବନ୍ଦରରେ ସୁରକ୍ଷିତ ଲ୍ୟାଣ୍ଡ ପରେ ଯାତ୍ରୀ ସେଥିରୁ ବାହାରୁଥିଲେ। ଦୁର୍ଘଟଣା ପରେ ବି ବିମାନର ସବୁ ଯାତ୍ରୀ ଓ ଚାଳକ ଦଳ ସୁରକ୍ଷିତ ଅଛନ୍ତି। APU ରେ ଏକ ଛୋଟ ଇଞ୍ଜିନ ରହିଥାଏ, ଯାହାକି ବିମାନକୁ ଠିକ୍ ହେବା ବେଳେ ବିଜୁଳି ସପ୍ଲାଇ ଓ ଏୟାର କଣ୍ଡିସନିଂ ଭଳି କାମ କରିଥାଏ। ଏହା ଉଡାଣ ବେଳେ ମୁଖ୍ୟ ଇଞ୍ଜିନ ଭଳି କାମ କରେନି। କିନ୍ତୁ ବିମାନ ତିଆରି ଓ ଠିଆ କରିବାର ସମୟରେ ଜରୁରୀ ହୋଇଥାଏ। ଏୟାର ଇଣ୍ଡିଆ କହିଛି, ନିଆଁ ଲାଗିବା ପରେ ବିମାନରେ କିଛି କ୍ଷତି ହୋଇଛି। ତେବେ ଚାଳକ ଦଳ ଓ ଯାତ୍ରୀଙ୍କର କ୍ଷତି ହୋଇନି। ସେମାନେ ସୁରକ୍ଷିତ ଭାବେ ବାହାରକୁ ଆସି ସାରିଥିଲେ। ଅଧିକ ଅନୁସନ୍ଧାନ ପାଇଁ ବିମାନରୁ ରୋକି ଦିଆଯାଇଛି ଏବଂ ନିୟାମକଙ୍କୁ ସୂଚନା ଦିଆଯାଇଛି।'

## ଏଫ୍‌ଏମ୍ ବିଶ୍ୱ ବିଦ୍ୟାଳୟ ଛାତ୍ରୀ ଆତ୍ମାହୁତି ଘଟଣା

# ଲଜ୍ଜାଜନକ କହିଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀଃ ବାଲେଶ୍ୱର ଫକିରମୋହନ ବିଶ୍ୱ ବିଦ୍ୟାଳୟ ଛାତ୍ରୀ ଆତ୍ମାହୁତି ଘଟଣାରେ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି ସୁପ୍ରିମକୋର୍ଟ। ଘଟଣା ଅତ୍ୟନ୍ତ ଲଜ୍ଜାଜନକ ବୋଲି କୋର୍ଟ କହିଛନ୍ତି। ଏଥିସହିତ ଗ୍ରାମାଞ୍ଚଳରେ ସ୍କୁଲ ଝିଅମାନଙ୍କୁ, ଗୃହିଣୀ ଏବଂ ପିଲାମାନଙ୍କୁ ସଶକ୍ତ କରିବା ପାଇ କ'ଣସବୁ ପଦକ୍ଷେପ ନିଆଯାଇପାରିବ କୋର୍ଟ ସେ ନେଇ ପରାମର୍ଶ ଲୋଡ଼ିଛନ୍ତି।

ମଙ୍ଗଳବାର ସୁପ୍ରିମକୋର୍ଟ ମହିଳା ଓକିଲ ସଂଘର ଓକିଲ ଏହି ଘଟଣା ସମ୍ପର୍କରେ ସୁପ୍ରିମକୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଘଟଣା ବିଷୟରେ ଅବଗତ ହେବା ପରେ ବିଚାରପତି ସୂର୍ଯ୍ୟକାନ୍ତ ଏବଂ ଜୟମାଲ୍ୟ ବାଗଚୀଙ୍କ ଖଣ୍ଡପୀଠ ଏହାକୁ ନିନ୍ଦା କରିଥିଲେ। ଖଣ୍ଡପୀଠ କହିଥିଲେ "ଆମେ ଲଜ୍ଜିତ ଏବଂ ଦୁର୍ଭାଗ୍ୟଜନକ ଯେ ଏହି ଘଟଣାଗୁଡ଼ିକ ଏବେ ବି ଘଟୁଛି। ଏହା ପ୍ରତିଦ୍ୱନ୍ଦ୍ୱୀମୂଳକ ମାମଲା ନୁହେଁ। ଆମକୁ କେନ୍ଦ୍ର ଏବଂ ସମସ୍ତ ପକ୍ଷଙ୍କଠାରୁ ପରାମର୍ଶ ଆବଶ୍ୟକ।" କୋର୍ଟ ଆହୁରି କହିଛନ୍ତି "ସ୍କୁଲ ଝିଅ, ଗୃହିଣୀ, ଗ୍ରାମାଞ୍ଚଳର ପିଲାମାନଙ୍କୁ, ଯେଉଁମାନେ ସବୁଠାରୁ ଦୁର୍ବଳ ଏବଂ ନିଜ ପାଇଁ ସ୍ୱର ଉଠାଇ ପାରୁ ନାହାନ୍ତି, ସେମାନଙ୍କୁ ସଶକ୍ତ କରିବା ପାଇଁ କ'ଣ ଠୋସ୍ ପଦକ୍ଷେପ ନିଆଯାଇପାରିବ ସେ ବିଷୟରେ ଆମକୁ ସମସ୍ତଙ୍କ ଠାରୁ ପରାମର୍ଶ ଆବଶ୍ୟକ।



ଆମର ନିର୍ଦ୍ଦେଶାବଳୀର କିଛି ପ୍ରଭାବ ଏବଂ ଦୃଶ୍ୟମାନ ଛାପ ରହିବା ଉଚିତ।"

ମହିଳା, ଶିଶୁ ଏବଂ ଟ୍ରାନ୍ସପର୍ସନଙ୍କ ପାଇଁ ଏକ ସୁରକ୍ଷିତ ପରିବେଶ ଗଢ଼ିବାକୁ ସମଗ୍ର ଭାରତରେ ଏକ ମାର୍ଗଦର୍ଶିକା ଜାରି କରିବାକୁ ହୋଇଥିବା ଏକ ଆବେଦନର ଖଣ୍ଡପୀଠ ଶୁଣାଣି କରିଥିଲେ। ଶୁଣାଣି ସମୟରେ, ବରିଷ୍ଠ ଓକିଲ ମହାଲକ୍ଷ୍ମୀ ପାୱାନି କହିଥିଲେ ଯେ ଦୁର୍ଭାଗ୍ୟର କଥା ଯେ କିଛି ପରିବର୍ତ୍ତନ ହେବା ପାଇଁ ଆଜି ଏକ ବିପର୍ଯ୍ୟୟର ଆବଶ୍ୟକତା ପଡୁଛି। ଓଡ଼ିଶା ଆତ୍ମଦାହ ମାମଲାରେ, ପାୱାନି କହିଥିଲେ ଯେ ପୀଡିତା ହେଲ୍ପଲାଇନ୍‌କୁ ଫୋନ୍ କରିଥିଲେ କିନ୍ତୁ ତାଙ୍କୁ କୌଣସି ସାହାଯ୍ୟ ଦିଆଯାଇ ନଥିଲା ଏବଂ ସରକାରଙ୍କୁ ଚିଠି ମଧ ପଠାଯାଇଥିଲା। ଯେହେତୁ ବ୍ୟବସ୍ଥା ଘଟଣାକୁ କର୍ଣ୍ଣପାତ କଲା ନାହିଁ, ତେଣୁ ଏହାକୁ ସାଂସ୍ଥାଗତ ହତ୍ୟା ବୋଲି କହିଛନ୍ତି ବରିଷ୍ଠ ଓକିଲ ପାୱାନି। ସେ ଆହୁରି କହିଛନ୍ତି ଯେ ଆଇନ ଏବଂ ଉପଲବ୍ଧ ପ୍ରକ୍ରିୟା ବିଷୟରେ କୌଣସି ସଚେତନତା ନାହିଁ। ଲୋକମାନେ ଅନଲାଇନ୍ ଅଭିଯୋଗ ପ୍ରକ୍ରିୟା ବିଷୟରେ ସଚେତନ ନ ଥିଲେ ସେମାନେ ଏକପ୍ରକାର ଅକ୍ଷମ ହୋଇଯାଉଛନ୍ତି।

ଏନେଇ ଅତିରିକ୍ତ ସଲିସିଟର ଜେନେରାଲ ବିକ୍ରମଜିତ ବାନାର୍ଜୀ ଏନେଇ କୋର୍ଟକୁ କହିଥିଲେ ଯେ ଯୌନ ଅପରାଧୀଙ୍କ ଏକ ଜାତୀୟ ଡାଟାବେସ୍ ସୃଷ୍ଟି କରାଯାଇଛି। ତଥାପି, ପାୱାନି କୋଲକାତା ଗଣଦୁଷ୍କର୍ମ ମାମଲାର ଉଦାହରଣ ଦେଇଥିଲେ। ଯେଉଁଥିରେ ଜଣେ ୨୪ ବର୍ଷୀୟ ଆଇନ ଛାତ୍ରୀଙ୍କୁ ପୂର୍ବତନ ଛାତ୍ର ମନୋଜିତ ମିଶ୍ର ଏବଂ ଅନ୍ୟ ଦୁଇଜଣ ଯୌନ ନିର୍ଯାତନା ଦେଇଥିବା ଅଭିଯୋଗ ହୋଇଛି। ସେ କହିଛନ୍ତି ଯେ ଅଭିଯୁକ୍ତ ମିଶ୍ରଙ୍କ ବିରୋଧରେ ଅନ୍ୟ ୧୧ଟି ଅଭିଯୋଗ ଅଛି। ସଂସ୍ଥାଗତ ବିଫଳତାକୁ ଜୋର ଦେଇ ପୱାନ କହିଥିଲେ ଯେ ଯେତେବେଳେ ହଇରାଣର ଶିକାର ହେଉଥିବା ମହିଳାମାନେ ପୋଲିସ ସାହାଯ୍ୟ ପାଇବା ପରିବର୍ତ୍ତେ ହେଲ୍ପଲାଇନ୍‌କୁ କଲ୍ କରନ୍ତି, ସେତେବେଳେ ସେମାନଙ୍କୁ ନୈତିକ ପୁଲିସ ଭାଷଣ ଶୁଣିବାକୁ ମିଳିଥାଏ। ଏଠାରେ ସାଂସ୍ଥାଗତ ବିଫଳତା ଅଛି ବୋଲି ସେ ତର୍କ ରଖିଥିଲେ।

## ଭାରତ, ଚୀନ୍‌କୁ ଟ୍ରମ୍ପଙ୍କ ଘନିଷ୍ଠ ଦେଲେ ଚେତାବନୀ

# ରୁଷ ସହ ସମ୍ପର୍କ ରଖିଲେ ବରବାଦ୍ କରିଦେବୁ

ନୂଆଦିଲ୍ଲୀ,୨୨।୭ଃ ଭାରତ, ଚୀନ୍ ଏବଂ ବ୍ରାଜିଲକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଘନିଷ୍ଠ ସହଯୋଗୀ ଲିଣ୍ଡସେ ଗ୍ରାହାମଙ୍କ ଚେତାବନୀ। ରୁଷ ସହିତ ବାଣିଜ୍ୟିକ ସମ୍ପର୍କ ବଜାୟ ରଖିବା ନେଇ ସେ ଏହି ସବୁ ଦେଶଙ୍କୁ ଚେତାବନୀ ଦେଇଛନ୍ତି। ଆମେରିକୀୟ ସିନେଟର ଲାଇଭ୍ ଟିଭିରେ କହିଛନ୍ତି, ଯଦି ଏହି ତିନୋଟି ଦେଶ ରୁଷରୁ ତେଲ କିଣିବା ବନ୍ଦ ନ କରନ୍ତି, ତେବେ ସେମାନଙ୍କୁ ଆହୁରି ଅଧିକ ଶୁଳ୍କ ଦେବାକୁ ପଡିବ। ସେ କହିଛନ୍ତି, ଯଦି ଏହି ପରିସ୍ଥିତି ଜାରି ରହେ, ତେବେ ଏହି ତିନୋଟି ଦେଶର ଅର୍ଥନୀତି ଭୁଶୁଡ଼ି ପଡ଼ିବ। ଫକ୍ସ ନ୍ୟୁଜକୁ ଦେଇଥିବା ଏକ ସାକ୍ଷାତକାରରେ ଲିଣ୍ଡସେ ଗ୍ରାହାମ ଦାବି କରିଛନ୍ତି ଯେ ଟ୍ରମ୍ପ ପ୍ରଶାସନ ତୈଳ ଆମଦାନୀ ଉପରେ ୧୦୦ ପ୍ରତିଶତ ଶୁଳ୍କ ଲଗାଇବାକୁ ଯୋଜନା କରୁଛି। ସେ କହିଛନ୍ତି ଯେ ଭାରତ, ଚୀନ୍ ଏବଂ ବ୍ରାଜିଲ ରୁଷରୁ ୮୦ ପ୍ରତିଶତ ଅଶୋଧିତ ତୈଳ ରପ୍ତାନି କରନ୍ତି। ଆମେରିକୀୟ ସିନେଟର ଗ୍ରାହାମ ଲିଣ୍ଡସେ



କହିଛନ୍ତି, 'ଟ୍ରମ୍ପ୍ ଚୀନ୍, ଭାରତ ଏବଂ ବ୍ରାଜିଲ୍ ଉପରେ ଶୁଳ୍କ ଲଗାଇବାକୁ ଯାଉଛନ୍ତି, ଯେଉଁମାନେ ରୁଷରୁ ତେଲ କିଣୁଛନ୍ତି। ଯଦି ଆପଣ ଏହି ଯୁଦ୍ଧ ଜାରି ରଖିବା ପାଇଁ ଶସ୍ତା ତେଲ କିଣୁଛନ୍ତି, ତେବେ ଆମେ ଆପଣଙ୍କୁ ନଷ୍ଟ କରିଦେବୁ। ଆମେ ଆପଣଙ୍କ ଅର୍ଥନୀତିକୁ ଧ୍ୱଂସ କରିଦେବୁ। ଆପଣ (ଭାରତ, ଚୀନ୍ ଏବଂ ବ୍ରାଜିଲ୍) ଯାହା କରୁଛନ୍ତି ତାହା ବ୍ଲଡ ମନି ଏବଂ ପୁଟିନ୍ ଯେପର୍ଯ୍ୟନ୍ତ କେହି ତାଙ୍କୁ ଅଟକାଇ ନାହାନ୍ତି ସେପର୍ଯ୍ୟନ୍ତ ସେ ବନ୍ଦ କରିବେ ନାହିଁ।' ଭାରତ, ଚୀନ୍ ଏବଂ ବ୍ରାଜିଲକୁ ଚେତାବନୀ ଦେଇ ସେ କହିଥିଲେ, ତୁମେ ବଡ଼ ଭୁଲ କରିଛ। ଏବେ ତୁମର ଅର୍ଥନୀତି ଭୁଶୁଡ଼ି ପଡ଼ିବ। ଆମେ ୟୁକ୍ରେନକୁ ଅସ୍ତ୍ର ପଠାଉଛୁ ଯାହା ଦ୍ୱାରା ୟୁକ୍ରେନ ପାଖରେ ପୁଟିନଙ୍କ ସହିତ ଲଢ଼ିବା ପାଇଁ ଅସ୍ତ୍ର ରହିବ। ପୁଟିନ ତାଙ୍କ ଅଧୀନରେ ନ ଥିବା ଦେଶଗୁଡ଼ିକୁ ଦଖଲ କରିବାକୁ ଚାହୁଁଛନ୍ତି। ୯୦ ଦଶକରେ, ୟୁକ୍ରେନ ୧୭୦୦ ପରମାଣୁ ଅସ୍ତ୍ର ଛାଡି ଦେଇଥିଲା ଏହି ପ୍ରତିଶ୍ରୁତି ସହିତ ଯେ ରୁଷ ଏହାର ସାର୍ବଭୌମତ୍ୱକୁ ସମ୍ମାନ କରିବ, କିନ୍ତୁ ପୁଟିନ ସେହି ପ୍ରତିଶ୍ରୁତି ଭାଙ୍ଗିଥିଲେ।" ଭାରତ ସବୁବେଳେ କହିଆସିଛି ଯେ ସେ ନିଜ ନାଗରିକଙ୍କ ମୌଳିକ ଆବଶ୍ୟକତାକୁ ଧ୍ୟାନରେ ରଖି ରୁଷରୁ ତେଲ କିଣିବା ବିଷୟରେ ନିଷ୍ପତ୍ତି ନେବ। ନିକଟରେ ମହାସଚିବ ମାର୍କ ରୁଟ୍ ଭାରତ, ଚୀନ୍ ଏବଂ ବ୍ରାଜିଲକୁ ଚେତାବନୀ ଦେଇଛନ୍ତି ଯଦି ସେମାନେ ରୁଷ ସହିତ ବାଣିଜ୍ୟ ଜାରି ରଖନ୍ତି ତେବେ ସେମାନଙ୍କ ଉପରେ କଟକଣା ଲଗାଯିବ।

# ବ୍ରିଟେନ ଗସ୍ତରେ ଗଲେ ମୋଦୀ, ଉଠିବ ବିଜୟ ମାଲ୍ୟା

**ନୂଆଦିଲ୍ଲୀ, ୨୨।୭:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଚାରି ଦିନିଆ ବିଦେଶ ଗସ୍ତରେ ଯାଇଛନ୍ତି। ପ୍ରଧାନମନ୍ତ୍ରୀ ୨୩ ରୁ ୨୪ ଜୁଲାଇ ପର୍ଯ୍ୟନ୍ତ ଦୁଇ ଦିନିଆ ଯୁକ୍ତରାଜ୍ୟ (ୟୁକେ) ଗସ୍ତ କରିବେ, ଏହା ପରେ ସେ ୨୫ ରୁ ୨୬ ଜୁଲାଇ ପର୍ଯ୍ୟନ୍ତ ମାଳଦ୍ୱୀପ ଗସ୍ତ କରିବେ। ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଏ ସମ୍ପର୍କରେ ଏକ ବିସ୍ତୃତ ବିବୃତ୍ତି ଜାରି କରିଛି। ଏହି ଗସ୍ତ ଅବସରରେ ମୋଦୀ ବ୍ରିଟେନର ରାଜା ଚାର୍ଲସ ୩ୟ, ପ୍ରଧାନମନ୍ତ୍ରୀ କୀର ଷ୍ଟାରମରଙ୍କୁ ସାକ୍ଷାତ କରିବେ। ସେହିପରି ଏହି ଗସ୍ତବେଳେ ମୋଦୀ ବିଜୟ ମାଲ୍ୟା, ନିରବ ମୋଦୀ ଆଦି ପଳାତକଙ୍କ ପ୍ରତ୍ୟାର୍ପଣ, ଖଲିସ୍ଥାନ ପ୍ରସଙ୍ଗ ଉପରେ ବି ଆଲୋଚନାକରିବାର ସମ୍ଭାବନା ରହିଛି। ଏହି ଗସ୍ତ ଅବସରରେ ମୋଦୀ ବ୍ରିଟେନର ରାଜା ଚାର୍ଲସ ୩ୟ, ପ୍ରଧାନମନ୍ତ୍ରୀ କୀର ଷ୍ଟାରମରଙ୍କୁ ସାକ୍ଷାତ କରିବେ। ସେହିପରି ଏହି ଗସ୍ତବେଳେ ମୋଦୀ ବିଜୟ ମାଲ୍ୟା, ନିରବ



ମୋଦୀ ଆଦି ପଳାତକଙ୍କ ପ୍ରତ୍ୟାର୍ପଣ, ଖଲିସ୍ଥାନ ପ୍ରସଙ୍ଗ ଉପରେ ବି ଆଲୋଚନାକରିବାର ସମ୍ଭାବନା ରହିଛି। ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ କହିଛି ଯେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ସରକାରୀ ୟୁକେ ଗସ୍ତ ପ୍ରଧାନମନ୍ତ୍ରୀ ଷ୍ଟାରମରଙ୍କ ନିମନ୍ତ୍ରଣରେ ହେଉଛି। ଏହା ପ୍ରଧାନମନ୍ତ୍ରୀଙ୍କ ଚତୁର୍ଥ ୟୁକେ ଗସ୍ତ ହେବ। ବୈଦେଶିକ ସଚିବ ବିକ୍ରମ ମିଶ୍ରି କହିଛନ୍ତି ଯେ ଏହି ଗସ୍ତ ନିଶ୍ଚିତ ଭାବରେ ଏକ ସଂକ୍ଷିପ୍ତ ଗସ୍ତ, କିନ୍ତୁ ଏହା ଉଭୟ ନେତାଙ୍କୁ ଦ୍ୱିପାକ୍ଷିକ ସମ୍ପର୍କର ବ୍ୟାପକ ଦିଗଗୁଡ଼ିକର ସମୀକ୍ଷା କରିବା, ଏହାକୁ ଆହୁରି ମଜବୁତ କରିବା ପାଇଁ ପଦକ୍ଷେପ ଆଲୋଚନା କରିବା ଏବଂ ଆଞ୍ଚଳିକ ଏବଂ ବିଶ୍ୱସ୍ତରୀୟ ଗୁରୁତ୍ୱର ପ୍ରସଙ୍ଗଗୁଡ଼ିକ ଉପରେ ବିଚାର କରିବାର ସୁଯୋଗ ଦେବ। ବୈଦେଶିକ ସଚିବ କହିଛନ୍ତି ଯେ ପ୍ରଧାନମନ୍ତ୍ରୀଙ୍କ ମାଳଦ୍ୱୀପ ଗସ୍ତ ୨୫ ଏବଂ ୨୬ ଜୁଲାଇରେ ହେବ। ମାଳଦ୍ୱୀପ ରାଷ୍ଟ୍ରପତି ମହମ୍ମଦ ମୁଇଜୁଙ୍କ ନିମନ୍ତ୍ରଣରେ ସେ ଏହି ଗସ୍ତରେ ଯିବେ। ମାଳଦ୍ୱୀପ ସହ ଭାରତର ସଂପର୍କ ଧୀରେ ଧୀରେ ସୁଧୁରୁଥିବାରୁ ଏହି ଗସ୍ତ ସେଥିରେ ସକାରାତ୍ମକ ପ୍ରଭାବ ପକାଇବ।

# ସଡ଼କ ଦୁର୍ଘଟଣାରେ ୫ମୃତ, ୪ ଆହତ



ରାଜସ୍ଥାନ, ୨୨।୭: ରାଜସ୍ଥାନରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଯାହା ଛାତିକୁ ଥରାଇ ଦେଇଛି। ଏହି ଦୁର୍ଘଟଣାରେ ୫ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୪ଜଣ ଆହତ ହୋଇଛନ୍ତି। ସୂଚନା ପାଇବା ମାତ୍ରେ ଘଟଣାସ୍ଥଳରେ ତୁରନ୍ତ ପୋଲିସ ପହଞ୍ଚି ଚିକିତ୍ସା ପାଇଁ ଆହତଙ୍କୁ ହସ୍ପିଟାଲରେ ଭର୍ତ୍ତି କରିଛି। ସୂଚନାନୁଯାୟୀ, ଦୁଇଟି କାର୍ ମୁହାଁମୁହିଁ ଧକ୍କା ହେବାରୁ ଦୁର୍ଘଟଣା ଘଟିଥିଲା। ଗାଡ଼ି ଧକ୍କା ଏତେ ଭୟଙ୍କର ଥିଲା ଯେ, ଦୁଇଟି କାର୍ ଗୁରୁତର ଭାବେ କ୍ଷତିଗ୍ରସ୍ତ ହୋଇଥିଲା। ଫଳରେ ଜରେ କିମ୍ବା ଦୁଇ ଜଣ କାର୍ ଗ୍ଲାସ୍ ଦେଇ ରାସ୍ତାରେ ପଡିଥିଲେ। ଘଟଣାସ୍ଥଳରେ ୫ଜଣଙ୍କରମୃତ୍ୟୁ ହୋଇଥିବାବେଳେ ୪ଜଣ ଆହତ ହୋଇଥିଲେ। ଏପରି ଅଘଟଣ ବିକାନେରର ଶିଖୱାଲ ଅଞ୍ଚଳରେ ଘଟିଥିଲା। ସୋମବାର ବିଳମ୍ବିତ ରାତିରେ ଏପରି ଅଘଟଣର ଦୃଶ୍ୟ ଦେଖିବାକୁ ମିଳିଥିଲା। ଅନ୍ୟପଟେ ପୋଲିସ ମୃତକଙ୍କ ପରିଚୟ ସ୍ପଷ୍ଟ କରିଛି। ମୃତକ ମନୋଜ ଜାଖର, କରଣ, ସୁରେନ୍ଦ୍ର କୁମାର, ଦିନେଶ ଏବଂ ମଦନ ସରନ ବୋଲି ପୋଲିସ ଚିହ୍ନଟ କରିଛି। ପୋଲିସ ମୃତଦେହଗୁଡ଼ିକୁ ଜିଲ୍ଲା ହସ୍ପିଟାଲର ପୋଷ୍ଟମର୍ଟମ ରୁମରେ ରଖିଛି। ଦୁର୍ଘଟଣାରେ ଆହତମାନଙ୍କୁ ହସ୍ପିଟାଲରେ ଚିକିତ୍ସା କରାଯାଉଛି।

# ରାଷ୍ଟ୍ରପତିଙ୍କୁ ଭେଟିଲେ ହରିବଂଶ ନାରାୟଣ ସିଂ

## ମିଳିବ କି ବଡ଼ ଦାୟିତ୍ୱ ?



ନୂଆଦିଲ୍ଲୀ, ୨।୭ଃ ରାଜ୍ୟସଭା ଉପାଧକ୍ଷ ହରିବଂଶ ନାରାୟଣ ମଙ୍ଗଳବାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଭେଟିଛନ୍ତି। ଜଗଦୀପ ଧନଖର ଉପରାଷ୍ଟ୍ରପତି ପଦରୁ ଇସ୍ତଫା ଦେବାର ୨୪ ଘଣ୍ଟା ମଧ୍ୟରେ ରାଷ୍ଟ୍ରପତିଙ୍କ ସହ ତାଙ୍କର ସାକ୍ଷାତକୁ ଅନେକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ବିବେଚନା କରାଯାଉଛି। ନିୟମ ଅନୁଯାୟୀ, ରାଜ୍ୟସଭା ସଭାପତି (ଉପରାଷ୍ଟ୍ରପତି) ପଦ ଖାଲି ହେବା ପରେ ହରିବଂଶ ନାରାୟଣ କାର୍ଯ୍ୟକାରୀ ସଭାପତି ଦାୟିତ୍ୱ ଗ୍ରହଣ କରିଛନ୍ତି। ଏପରି ପରିସ୍ଥିତିରେ ତାଙ୍କୁ ଉପରାଷ୍ଟ୍ରପତି କରିବା ନେଇ କଳ୍ପନାଜଳ୍ପନା ମଧ ତୀବ୍ର ହୋଇଛି। ଜଗଦୀପ ଧନଖରଙ୍କ ଇସ୍ତଫା ପରେ, ପରବର୍ତ୍ତୀ ଉପରାଷ୍ଟ୍ରପତି ଚେହେରା ଉପରେ କଳ୍ପନାଜଳ୍ପନା ଆରମ୍ଭ ହୋଇଛି। ହରିବଂଶ ନାରାୟଣଙ୍କୁ ଏବେ ଏହି ଦୌଡ଼ରେ ଆଗୁଆ ବୋଲି ବିବେଚନା କରାଯାଉଛି। ଆଗକୁ ବିହାର ନିର୍ବାଚନ ଥିବାରୁ ବିହାରରୁ ହରିବଂଶଙ୍କୁ ଉପରାଷ୍ଟ୍ରପତି କଲେ ବିଜେପି ଓ ଜେଡିୟୁକୁ ଫାଇଦା ମିଳିବ ବୋଲି ଅଂକକଷା ହେଉଛି। ଗତକାଲି ଉପରାଷ୍ଟ୍ରପତି ଜଗଦୀପ ଧନଖର ଅଚାନକ ନିଜ ପଦରୁ ଇସ୍ତଫା ଦେଇଥିଲେ। ଏଥିପାଇଁ ସେ ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇଥିଲେ। ସଂସଦର ଅଧିବେଶନ ଚାଲିଥିବା ସମୟରେ ହିଁ ଉପରାଷ୍ଟ୍ରପତି ଇସ୍ତଫା ଦେଇଛନ୍ତି। ଏଣୁ ପରବର୍ତ୍ତି ଉପରାଷ୍ଟ୍ରପତି ଚୟନ ଲାଗି ନିର୍ବାଚନ ହେବା ପର୍ଯ୍ୟନ୍ତ ହରିବଂଶ ନାରାୟଣ ସିଂ ଗୃହରେ ସଭାପତିତ୍ୱ କରିବେ। ନୂଆ ଉପରାଷ୍ଟ୍ରପତି ସଂପୂର୍ଣ୍ଣ ୫ ବର୍ଷ କାର୍ଯ୍ୟକାଳ ପାଇଁ ଚୟନ କରାଯିବ। ସ୍ୱାଧୀନ ଭାରତ ଇତିହାସରେ ପ୍ରଥମ ଥର ପାଇଁ କୌଣସି ଉପରାଷ୍ଟ୍ରପତି ନିଜ କାର୍ଯ୍ୟକାଳ ପୂରଣ ହେବା ପୂର୍ବରୁ ଇସ୍ତଫା ଦେଇଛନ୍ତି।

# ଧନଖଡ଼ଙ୍କ ଇସ୍ତଫା ପରେ କାହିଁକି ଚର୍ଚ୍ଚାରେ ବିହାର ମୁଖ୍ୟମନ୍ତ୍ରୀ?

ନୂଆଦିଲ୍ଲୀ,୨୨/୦୭ଃ ଉପରାଷ୍ଟ୍ରପତି ପଦରୁ ଜଗଦୀପ ଧନଖଡ଼ଙ୍କ ଇସ୍ତଫା ପରେ ଦେଶରେ ରାଜନୀତି ସମ୍ପୂର୍ଣ୍ଣ ବଦଳି ଯାଇଛି। ଧନଖଡ଼ଙ୍କ ଇସ୍ତଫାକୁ ନେଇ ସବୁଠି ଆଲୋଚନା ହେଉଛି। ଗୋଟିଏ ପଟେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମଙ୍ଗଳବାର ଧନଖଡ଼ଙ୍କ ଇସ୍ତଫା ଗ୍ରହଣ କରିଥିବା ବେଳେ ଅନ୍ୟପଟେ ଗୃହ ମନ୍ତ୍ରଣାଳୟ ମଧ ଏ ନେଇ ଏକ ବିଜ୍ଞପ୍ତି ଜାରି କରିଛି। ଇସ୍ତଫା ମଧ୍ୟରେ ବିହାର ମୁଖ୍ୟମନ୍ତ୍ରୀ ନୀତିଶ କୁମାର ମଧ ହଠାତ୍ ଚର୍ଚ୍ଚାକୁ ଆସିଛନ୍ତି। ଦିଲ୍ଲୀରେ ଉପରାଷ୍ଟ୍ରପତିଙ୍କ ଇସ୍ତଫା କିନ୍ତୁ ଏହାଠାରୁ ଅଧିକ ହଇଚଇ ସୃଷ୍ଟି କରିଛି ବିହାରରେ। ଏଠାରେ ମୁଖ୍ୟ ବିରୋଧୀ ଦଳ ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି) ମଙ୍ଗଳବାର ଦାବି କରିଛି ଯେ ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ଙ୍କ ଇସ୍ତଫା ଭାରତୀୟ ଜନତା ପାର୍ଟି ଦ୍ୱାରା ରଚିତ ଏକ ଷଡ଼ଯନ୍ତ୍ର, ଯାହାର ଲକ୍ଷ୍ୟ ବିହାରରେ ବିଧାନସଭା ନିର୍ବାଚନ ପୂର୍ବରୁ ମୁଖ୍ୟମନ୍ତ୍ରୀ ନୀତିଶ କୁମାରଙ୍କୁ ହଟାଇବା। ତଥାପି, ରାଜ୍ୟରେ ସବୁଠାରୁ ଅଧିକ ସମୟ ଧରି ମୁଖ୍ୟମନ୍ତ୍ରୀ ରହିବାର ରେକର୍ଡ ରଖିଥିବା ନୀତିଶ କୁମାରଙ୍କ ନିକଟତମ ସହଯୋଗୀ ମନ୍ତ୍ରୀ ଶ୍ରବଣ କୁମାର ଏପରି କୌଣସି ଦାବିକୁ ଅସ୍ୱୀକାର କରିଛନ୍ତି। ସେ କହିଛନ୍ତି ଯେ ଅକ୍ଟୋବର-ନଭେମ୍ବରରେ ହେବାକୁ ଥିବା ବିଧାନସଭା ନିର୍ବାଚନ ପାଇଁ ନୀତିଶଙ୍କୁ ଏନ୍‌ଡିଏର ଚେହେରା ଘୋଷଣା କରାଯାଇଛି। ଉପରାଷ୍ଟ୍ରପତି ପଦ ପାଇଁ ନୀତିଶ କୁମାରଙ୍କ ନାଁକୁ ଉଲ୍ଲେଖ କରି ବିହାର ବିଧାନସଭାରେ ଆରଜେଡିର ମୁଖ୍ୟ ସଚେତକ ଅଖତାରୁଲ ଇସଲାମ



ଶାହିନ ଦାବି କରିଛନ୍ତି, "ଦୀର୍ଘ ସମୟ ଧରି ବିଜେପି ନୀତିଶଙ୍କୁ ହଟାଇବା ପାଇଁ ଚେଷ୍ଟା କରୁଛି, ଯାହାଫଳରେ କି ସେ ଏଠାରେ ନିଜର ମୁଖ୍ୟମନ୍ତ୍ରୀ କରିପାରିବ। ବିହାରରେ ବିଧାନସଭା ନିର୍ବାଚନ ପୂର୍ବରୁ ସେମାନେ ହତାଶ ହୋଇଯାଇଛନ୍ତି, ଯେଉଁଥିରେ ଏନ୍‌ଡିଏର ପରାଜୟ ନିଶ୍ଚିତ।" ଆରଜେଡି ନେତା ଶାହିନ ନ୍ୟୁଜ ଏଜେନ୍ସି ପିଟିଆଇ ସହିତ ଏକ ଭିଡିଓ ସାକ୍ଷାତକାରରେ ଦାବି କରିଛନ୍ତି, "ବହୁତ ଦିନ ଧରି ନୀତୀଶଙ୍କୁ ହଟାଇବା ସପକ୍ଷରେ ଅନେକ ବରିଷ୍ଠ ବିଜେପି ନେତା କହିଆସୁଛନ୍ତି। ପୂର୍ବତନ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ କୁମାର ଚୌବେ ଥରେ ନୀତୀଶଙ୍କୁ ଉପପ୍ରଧାନମନ୍ତ୍ରୀ କରିବା ପାଇଁ ମଧ ପରାମର୍ଶ ଦେଇଥିଲେ। ତେଣୁ, ଧନଖଡ଼ଙ୍କ ଇସ୍ତଫା ବିଜେପିର ଏକ ଷଡ଼ଯନ୍ତ୍ର ବୋଲି ଭାବିବା ଭୁଲ ହେବ ନାହିଁ, ଯାହାର ଲକ୍ଷ୍ୟ ହେଉଛି ନୀତୀଶ କୁମାରଙ୍କୁ ଉପରାଷ୍ଟ୍ରପତି ଭଳି ରାଜନୈତିକ ଭାବରେ ଗୁରୁତ୍ୱପୂର୍ଣ୍ଣ ପଦବୀ ଦେଇ ମୁଖ୍ୟମନ୍ତ୍ରୀ ଆସନରୁ ହଟାଇବା।" ସେହିପରି ପୂର୍ବତନ ଉପମୁଖ୍ୟମନ୍ତ୍ରୀ ଏବଂ ଦିବଂଗତ ନେତା ସୁଶୀଲ କୁମାର ମୋଦି ଥରେ ଦାବି କରିଥିଲେ ଯେ ନୀତୀଶ କୁମାର ଉପରାଷ୍ଟ୍ରପତି ପଦବୀ ପାଇଁ ଲବି କରୁଥିଲେ ଏବଂ ଯେତେବେଳେ ଲୋକସଭାରେ ସଂଖ୍ୟାଗରିଷ୍ଠତା ଥିବା ବିଜେପି, ଜନତା ଦଳ ୟୁନାଇଟେଡ୍ ଅଧକ୍ଷଙ୍କୁ ଏହି ପଦବୀ ଦେବାକୁ ମନା କରିଦେଇଥିଲେ, ସେତେବେଳେ ସେ ଏନଡିଏ ଛାଡ଼ି ଦେଇଥିଲେ।ନୀତିଶ ୨୦୨୨ ରେ ବିଜେପି ସହିତ ସମ୍ପର୍କ ଭାଙ୍ଗି ଦେଇଥିଲେ ଏବଂ ଜେଡିୟୁକୁ ଭାଙ୍ଗିବା ପାଇଁ ଷଡ଼ଯନ୍ତ୍ର କରୁଥିବାର ଅଭିଯୋଗ କରିଥିଲେ, କିନ୍ତୁ ଗତ ବର୍ଷ ଲୋକସଭା ନିର୍ବାଚନର କିଛି ସମୟ ପୂର୍ବରୁ, ସେ ତାଙ୍କର ମନ ପରିବର୍ତ୍ତନ କରିଥିଲେ ଏବଂ ଏନ୍‌ଡିଏ ସହିତ ପୁଣି ଏକ ମେଣ୍ଟ ଗଠନ କରିଥିଲେ। ନିର୍ବାଚନ ପରେ ଜେଡିୟୁର ପ୍ରଦର୍ଶନ ଭଲ ଥିଲା ଏବଂ ଦଳ ଏନ୍‌ଡିଏରେ ଏକ ଗୁରୁତ୍ୱପୂର୍ଣ୍ଣ ସହଯୋଗୀ ହୋଇଗଲା କାରଣ କେନ୍ଦ୍ରରେ କ୍ଷମତାରେ ରହିବା ପାଇଁ ବିଜେପିକୁ ସେତେବେଳେ ଜେଡିୟୁର ସମର୍ଥନ ଆବଶ୍ୟକ ଥିଲା।

ଏହାରି ଭିତରେ ଜନତା ଦଳ ୟୁନାଇଟେଡ୍ (ଜେଡିୟୁ)ର ବରିଷ୍ଠ ନେତା ଶ୍ରବଣ କୁମାର ଆରଜେଡି ନେତାଙ୍କ ଦାବି ଉପରେ ଅସନ୍ତୋଷ ପ୍ରକାଶ କରିଛନ୍ତି। ସେ କହିଛନ୍ତି, "ନୀତୀଶ ବିହାର ଛାଡ଼ିବାର ପ୍ରଶ୍ନ ଉଠୁନାହିଁ। ସେ ଏଠାରେ ରହିବେ, ଏବଂ ବିଧାନସଭା ନିର୍ବାଚନରେ ଏନଡିଏକୁ ଏକ ବଡ଼ ବିଜୟ ଦେବେ। ସେ ବିହାରର ଲୋକଙ୍କ ସେବା କରି ଆଉ ଏକ କାର୍ଯ୍ୟକାଳ ମଧ ପୂରଣ କରିବେ।" ଏହା ପୂର୍ବରୁ, ଉପରାଷ୍ଟ୍ରପତି ଧନଖଡ଼ ସୋମବାର ସନ୍ଧ୍ୟାରେ ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ତାଙ୍କ ପଦରୁ ଇସ୍ତଫା ଦେଇ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଦେଇଥିଲେ। ସେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ନିକଟକୁ ଇସ୍ତଫାପତ୍ର ପଠାଇ କହିଥିଲେ ଯେ ସେ ତୁରନ୍ତ ପ୍ରଭାବରୁ ପଦ ଛାଡ଼ି ଦେଉଛନ୍ତି। ତଥାପି, ହଠାତ୍ ଇସ୍ତଫା ଦେବା ନେଇ ବିରୋଧୀ ଦଳରେ ଅନେକ ଚର୍ଚ୍ଚା ଆଲୋଚନା ଲାଗି ରହିଛି।

## ଜନସଂଖ୍ୟା ବୃଦ୍ଧି ପାଇଁ ପୁଟିନଙ୍କ ନୂଆ ଯୋଜନା

# ସ୍କୁଲ, କଲେଜ ଛାତ୍ରୀ ଗର୍ଭବତୀ ହେଲେ ଲକ୍ଷେ ଟଙ୍କା ପୁରସ୍କାର

ମସ୍କୋ, ୨୨।୭ଃ ରୁଷିଆରେ ଜନସଂଖ୍ୟା ହ୍ରାସ ଚିନ୍ତାର କାରଣ ପାଲଟିଛି। ଗର୍ଭବତୀ ହେଲେ ସ୍କୁଲ କଲେଜ ଛାତ୍ରୀମାନେ ୧ ଲକ୍ଷ ଟଙ୍କା ପାଇବେ ବୋଲି ରାଷ୍ଟ୍ରପତି ଭ୍ଲାଡିମିର ପୁଟିନଙ୍କ ସରକାର ଘୋଷଣା କରିଛନ୍ତି। ସନ୍ତାନ ଜନ୍ମ କରିବା ପାଇଁ ଯୁବତୀମାନଙ୍କୁ ନଗଦ ବୋନସ୍ ମିଳୁଛି। ଦେଶରେ କ୍ରମାଗତ ହ୍ରାସ ପାଉଥିବା ଜନ୍ମହାର, ୟୁକ୍ରେନ ଯୁଦ୍ଧରେ ହଜାର ହଜାର ଯୁବକଙ୍କ ମୃତ୍ୟୁ ଏବଂ ଦ୍ରୁତ ଗତିରେ ବଢ଼ୁଥିବା ପ୍ରବାସ ଏହି ସଙ୍କଟକୁ ଆହୁରି ଗମ୍ଭୀର କରୁଛି। ଜନସଂଖ୍ୟାର ହ୍ରାସ ଗତିକୁ ରୋକିବା ପାଇଁ, ଋଷିଆ ସରକାର ନେଇଥିବା ପଦକ୍ଷେପକୁ ନେଇ ସାରା ବିଶ୍ୱରେ ଆଲୋଚନା ହେଉଛି। ଏବେ ରୁଷିଆର କିଛି ଅଞ୍ଚଳରେ, ସ୍କୁଲ ଏବଂ କଲେଜ ଛାତ୍ରୀମାନେ ଗର୍ଭବତୀ ହେଲେ ସେମାନଙ୍କୁ ସିଧାସଳଖ ନଗଦ ବୋନସ୍ ଦିଆଯାଉଛି। କେମେରୋଭୋ, କାରେଲିଆ, ଟୋମସ୍କ ଭଳି ଅଞ୍ଚଳରେ, ଯଦି ଜଣେ ଛାତ୍ରୀ ଅତି କମରେ ୨୨ ସପ୍ତାହର ଗର୍ଭବତୀ ଏବଂ ସରକାରୀ ପ୍ରସୂତି କ୍ଲିନିକରେ ପଞ୍ଜିକୃତ ହୋଇଛନ୍ତି, ତେବେ ତାଙ୍କୁ ୧ ଲକ୍ଷ ଟଙ୍କା (୧୦୦,୦୦୦ ରୁବେଲ୍) ର ଏକକାଳୀନ ନଗଦ ପ୍ରୋତ୍ସାହନ ଦିଆଯାଉଛି। ସରକାର ଉଦ୍ଦେଶ୍ୟ ସ୍ପଷ୍ଟ କରିଛନ୍ତି। ମହିଳାମାନେ ଯେତେ ଶୀଘ୍ର ସନ୍ତାନ ଜନ୍ମ ଦେବେ, ସେତେ ଭଲ ବୋଲି ସରକାର ଚିନ୍ତା କରୁଛନ୍ତି। ମସ୍କୋ ଟାଇମ୍ସ ଏବଂ ଫର୍ଚ୍ୟୁନ୍ ରିପୋର୍ଟ ଅନୁସାରେ ୨୦୨୪ର ପ୍ରଥମାର୍ଦ୍ଧରେ ରୁଷିଆରେ କେବଳ୫.୯୯ ଲକ୍ଷ ଶିଶୁ ଜନ୍ମ ହୋଇଥିଲେ, ଯାହା ଗତ ୨୫ ବର୍ଷ ମଧ୍ୟରେ ସବୁଠାରୁ କମ୍ ସଂଖ୍ୟକ। ପ୍ରଥମ ଥର ପାଇଁ ମାସିକ ଜନ୍ମହାର ୧ ଲକ୍ଷ ତଳକୁ ଖସିଯାଇଛି, ଯାହା ଦେଶର ଭବିଷ୍ୟତ ପାଇଁ ଏକ ଚେତାବନୀ। ଏହି କାରଣରୁ ସ୍କୁଲ-କଲେଜ ଛାତ୍ରୀମାନଙ୍କୁ ମଧ ଏହି ଯୋଜନାରେ ସାମିଲ କରାଯାଇଛି। ରୁଷିଆ ସରକାର ପୂର୍ବରୁ ଅନେକ ପ୍ରକାରର ଯୋଜନା ଚଳାଉଛି। ମାତୃତ୍ୱ ପୁଞ୍ଜି କାର୍ଯ୍ୟକ୍ରମରେ ଦ୍ୱିତୀୟ ଏବଂ ତୃତୀୟ ସନ୍ତାନ ପାଇଁ ଲକ୍ଷାଧିକ ଟଙ୍କା ସହାୟତା। ଗୃହ ସବସିଡି ଏବଂ ମାଗଣା ଜମି। ମାସିକ ଶିଶୁ ଭତ୍ତା ଏବଂ ୩ ବର୍ଷର ପ୍ରସୂତି ଛୁଟି। ଟିକସ ରିହାତି ଏବଂ ସାମାଜିକ ସମ୍ମାନ ମଧ ପ୍ରଦାନ କରାଯାଉଛି।

# ଚିନ୍ତା ବଢ଼ାଉଛି ଓଲ୍ଡ ଟ୍ରାଫୋର୍ଡ ପିଚ୍

ମାଞ୍ଚେଷ୍ଟର୍, ୨୧/୭: ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଆଣ୍ଡରସନ୍-ତେନ୍ଦୁଲକର ଶୃଙ୍ଖଳାରେ ଘରୋଇ ଇଂଲଣ୍ଡ ୨-୧ରେ ଆଗୁଆ ହେବା ପରେ ବୁଧବାରଠାରୁ ସ୍ଥାନୀୟ ଓଲ୍ଡ ଟ୍ରାଫୋର୍ଡ ଷ୍ଟାଡିୟମ୍‌ରେ ଖେଳାଯିବାକୁ ଥିବା ଚତୁର୍ଥ ଟେଷ୍ଟର ଗୁରୁତ୍ୱ ଭ୍ରମଣକାରୀ ଭାରତୀୟ କ୍ରିକେଟ୍ ଦଳ ପାଇଁ ପୂର୍ବାପେକ୍ଷା ଢେର ବଢ଼ିଛି। ଶୃଙ୍ଖଳା ବଞ୍ଚାଇବା ଲାଗି ଏହି ଟେଷ୍ଟକୁ ଜିତିବା କିମ୍ବା ଅମୀମାଂସିତ ରଖିବା ଗିଲ୍ ବାହିନୀ ପାଇଁ ଏକାନ୍ତ ଅପରିହାର୍ଯ୍ୟ ହୋଇଯାଇଛି। କର ବା ମର ସ୍ଥିତିରେ ଥିବା ଟିମ୍ ଇଣ୍ଡିଆ ପାଇଁ ନୀତୀଶ କୁମାର ରେଡ୍ଡୀ, ଆକାଶ ଦୀପ ଏବଂ ଅର୍ଶଦୀପ ସିଂହଙ୍କ ଭଳି ଖେଳାଳି ଆହତ ହେବା ମୁଣ୍ଡ ବ୍ୟଥାର କାରଣ ହୋଇଛି। ନୀତୀଶ ପୂରା ଶୃଙ୍ଖଳାରୁ ଏବଂ ଅର୍ଶଦୀପ ଚତୁର୍ଥ ଟେଷ୍ଟରୁ ବାଦ୍ ପଡ଼ିବା ଦଳ ପାଇଁ ଦୁଇଟି ବଡ଼ ଝଟ୍‌କା ହୋଇଛି। ପୁଣି ଆକାଶ ଦୀପଙ୍କୁ ନେଇ ସଂଶୟ ଜାରି ରହିଥିବାରୁ ଦଳର ବୋଲିଂ ବାହିନୀ ପୂର୍ବାପେକ୍ଷା ଦୁର୍ବଳ ହେବାର ଆଶଙ୍କା ଘନୀଭୂତ ହୋଇଛି। ଅର୍ଶଦୀପ ଗୋଟିଏ ହେଲେ ବି ମ୍ୟାଚ୍ ଖେଳି ନଥିଲେ ମଧ ଆକାଶ ଦୀପ ଫିଟ୍ ନଥିଲେ ସେ ହିଁ ତାଙ୍କ ସ୍ଥାନ ନେବା ଏକ ପ୍ରକାର ନିଶ୍ଚିତ ଥିଲା। ତେବେ ଏହି ବିକଳ୍ପ ଏବେ ଭାରତ ହାତରୁ ଖସି ଯାଇଛି।

ଲର୍ଡସ ଟେଷ୍ଟରେ ନୀତୀଶ ଲଡ଼ୁଆ ଖେଳ ଖେଳିଥିଲେ। ଏଣୁ ମାଞ୍ଚେଷ୍ଟର୍‌ରେ ତାଙ୍କ ସ୍ଥାନ କିଏ ନେବ? ସେ ଚିନ୍ତା ଦଳୀୟ ପରିଚାଳକଙ୍କୁ ଘାରିଛି। ତା' ସହିତ ଉପଅଧିନାୟକ ଋଷଭ ପନ୍ତ ଏହି ମ୍ୟାଚ୍‌ରେ ୱିକେଟ୍ ରକ୍ଷଣ କରିବା ନେଇ ବି ଦ୍ୱନ୍ଦ୍ୱ ରହିଛି। ପନ୍ତ ଯଦି ୱିକେଟ୍ ରକ୍ଷଣ ନକରନ୍ତି, ତାହେଲେ ତାଙ୍କ ସହ ସଂରକ୍ଷିତ ୱିକେଟ୍ ରକ୍ଷକ ଧ୍ରୁବ ଜୁରେଲଙ୍କୁ ଖେଳାଇବାକୁ ଗିଲ୍ ଓ ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀର ଏକପ୍ରକାର ବାଧ ହେବେ। ଭାରତୀୟ ଦଳ ଆଘାତ ଜନିତ ସମସ୍ୟାରେ ଜର୍ଜରିତ ଥିଲା ବେଳେ ମାଞ୍ଚେଷ୍ଟର୍ ପିଚ୍ ଆଉ ଏକ ବଡ଼ ଅଡୁଆ ଭାବେ ଉଭା ହୋଇଛି। ସୂଚନା ଅନୁସାରେ ଓଲ୍ଡ ଟ୍ରାଫୋର୍ଡରେ ଭାରତୀୟ କ୍ରିକେଟ୍ ଦଳକୁ ସବୁଜ ପିଚ୍ ଅପେକ୍ଷା କରି ରହିଛି। ଗତ କିଛି ଦିନ ଧରି ମାଞ୍ଚେଷ୍ଟର୍‌ରେ ବର୍ଷା ଲାଗି ରହିଥିବାରୁ ଓଲ୍ଡ ଟ୍ରାଫୋର୍ଡ ଷ୍ଟାଡିୟମ୍‌ର ଆଉଟ୍ ଫିଲ୍ଡ ମଧ ଓଦାଳିଆ ରହିଛି। ସୋମବାର ଠିକ୍‌ଠାକ୍ ଖରା ହେବା ଅବଶ୍ୟ ଏହି କ୍ଷେତ୍ରରେ ଏକ ଉତ୍ସାହଜନ ଖବର ହୋଇଛି। ମଙ୍ଗଳବାର ଯଦି ବର୍ଷା ଫେରେ ତାହେଲେ ସେଠାରେ ବ୍ୟାଟିଂ କରିବା ଅନଭିଜ୍ଞ ଭାରତୀୟ ଦଳ ପାଇଁ ନିଶ୍ଚିତ ଭାବେ କାଠିକର ପାଠ ହେବ। ଏହି ଷ୍ଟାଡିୟମ୍‌ର ପୂର୍ବ ରେକର୍ଡ ମଧ ଭାରତ ବିପକ୍ଷରେ ରହିଛି। ଭାରତ ଏଠାରେ ୯ ଟେଷ୍ଟ ଖେଳି ୪ଟି ହାରିଥିଲା ବେଳେ ୫ଟିକୁ ଅମୀମାଂସିତ ରଖିଛି। ଗତ ସପ୍ତାହରେ ଲର୍ଡସ ଟେଷ୍ଟକୁ ମାତ୍ର ୨୨ ରନ୍‌ରେ ହାରିଥିବା ଭାରତ ଅବଶ୍ୟ ଏହି ମ୍ୟାଚ୍ ପୂର୍ବରୁ ୮ ଦିନର ବିଶ୍ରାମ ପାଇଛି। ଏଣୁ ପାଗ, ପରିବେଶ ଅନୁସାରେ ଦଳ ପ୍ରସ୍ତୁତି କରିପାରିଥିବ ବୋଲି ପ୍ରଶଂସକ ଆଶା ରଖିଛନ୍ତି।

**୪ ଦିନ ୫୦% ବର୍ଷା ଆଶଙ୍କା**

ମାଞ୍ଚେଷ୍ଟରର ପାଣିପାଗ କାର୍ଯ୍ୟାଳୟ ଦେଇଥିବା ସୂଚନା ଅନୁସାରେ ଓଲ୍ଡ ଟ୍ରାଫୋର୍ଡ ଟେଷ୍ଟର ପାଞ୍ଚ ଦିନ ଭିତରୁ ଅନ୍ୟୂନ ୪ଦିନ ୫୦% ପ୍ରତିଶତରୁ ଅଧିକ ବର୍ଷା ହେବା ସମ୍ଭାବନା ରହିଛି। ପୂର୍ବାନୁମାନ ଅନୁସାରେ ପ୍ରଥମ ଦିନ ଆକାଶ ସଂପୂର୍ଣ୍ଣ ମେଘାଛନ୍ନ ରହିବ। ଦ୍ୱିତୀୟ ଅଧିବେଶନରେ ବର୍ଷା ଆଶଙ୍କା ଅଧିକ। ତାପମାତ୍ର ୧୪ରୁ ୧୯ ଡିଗ୍ରି ମଧ୍ୟରେ ଏବଂ ବର୍ଷା ହେବାର ସମ୍ଭାବନା ୫୯% ରହିବ। ଯାହା ଭାରତୀୟ ଖେଳାଳିଙ୍କ ପାଇଁ ଖେଳିବା କଷ୍ଟକର କରିଦେବ। ଦ୍ୱିତୀୟ ଦିନ ମଧ ଅନୁରୂପ ଭାବେ ଆକାଶରେ କଳା ବାଦଲ ଦେଖିବାକୁ ମିଳିବ। ବିଶେଷ କରି ଖେଳ ଆରମ୍ଭର ପ୍ରଥମ ଘଣ୍ଟାକ ଭିତରେ ଝିପି ଝିପି ବର୍ଷା ହୋଇପାରେ। ତାପମାତ୍ର ୧୩ରୁ ୨୦ ଡିଗ୍ରି ଭିତରେ ରହିବ, ଦ୍ୱିତୀୟ ଦିନରେ ବର୍ଷା ସମ୍ଭାବନା ହେଉଛି ୫୫%। ତୃତୀୟ ଦିନରେ କିନ୍ତୁ ପାଗ ତୁଳନାତ୍ମକ ଭାବେ ଭଲ ରହିବ। ତାପମାତ୍ରା ୧୩ ରୁ ୨୧ ଡିଗ୍ରି ଭିତରେ ରହିବ। ବର୍ଷା ହେବା ସମ୍ଭାବନା କେବଳ ୨୮%। ଚତୁର୍ଥ ଦିନରେ କିନ୍ତୁ ବର୍ଷା ଫେରିବାର ଯଥେଷ୍ଟ ଆଶଙ୍କା ରହିଛି। ଏହି ଦିନ ବର୍ଷା ସମ୍ଭାବନା ହେଉଛି ୫୮%। ସେହିଭଳି ପଞ୍ଚମ ତଥା ଶେଷ ଦିନରେ ଖରା-ଛାଇ ଲୁଚକାଳି ଖେଳିବେ। ବର୍ଷା ସମ୍ଭାବନା ହେଉଛି ୫୮%।

**ଜାଡ଼େଜା କିମ୍ବା ୱାସିଂଟନଙ୍କ ବଦଳରେ କୁଲଦୀପ**

ଓଲ୍ଡ ଟ୍ରାଫୋର୍ଡରେ ଜୀବନ୍ତ ପିଚ୍ ସହ ମାଞ୍ଚେଷ୍ଟର୍ ପାଗ ଭଲ ରହୁନଥିବାରୁ ଆଣ୍ଡରସନ୍-ତେନ୍ଦୁଲକର ଶୃଙ୍ଖଳାରେ ଭାରତ ପ୍ରଥମ ଥର ପାଇଁ ବାମହାତୀ କଚଟି ସ୍ପିନର କୁଲଦୀପ ଯାଦବଙ୍କୁ ଏଠାରେ ଖେଳାଇପାରେ। ଏହା ହେଲେ କୁଲଦୀପ ଦୁଇ ଅଲରାଉଣ୍ଡର୍ ରବୀନ୍ଦ୍ର ଜାଡ଼େଜା ଓ ୱାସିଂଟନ୍ ସୁନ୍ଦରଙ୍କ ମଧ୍ୟରୁ ଜଣକ ସ୍ଥାନ ନେଇ ପାରନ୍ତି ବୋଲି ଇଂଲଣ୍ଡର ପୂର୍ବତନ ଦ୍ରୁତ ବୋଲର ଷ୍ଟିଭ୍ ହାର୍ମିସନ୍ ପୂର୍ବାନୁମାନ ଲଗାଇଛନ୍ତି। ସେ କହିଛନ୍ତି, ଓଲ୍ଡ ଟ୍ରାଫୋର୍ଡ ପିଚ୍ କୁଲଦୀପଙ୍କୁ ତାଙ୍କ ମନ ମୁତାବକ ବାଉନ୍ସ ପ୍ରଦାନ କରି ନପାରେ, ହେଲେ ତାଙ୍କୁ ସ୍ପିନ୍ ମିଳିବ। ଏଠାରେ ଖେଳାଯାଇଥିବା ଗତ ତିନିଟି ଟେଷ୍ଟ ପଞ୍ଚମ ଦିନ ପର୍ଯ୍ୟନ୍ତ ଲମ୍ବିତ ହୋଇଥିବାରୁ, କୁଲଦୀପ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇ ପାରନ୍ତି। କୁଲଦୀପ ଏକ ଭଲ ବିକଳ୍ପ ହୋଇପାରିବେ। ତେବେ ଜାଡ଼େଜା କିମ୍ବା ୱାସିଂଟନଙ୍କୁ ବାଦ୍ ଦେବା ଭାରତ ପାଇଁ ସେତେଟା ସହଜ ହେବନି।

**କମ୍ବୋଜ କରିପାରନ୍ତି ପଦାର୍ପଣ**

ଅର୍ଶଦୀପ ସିଂହ ବାଦ୍ ପଡ଼ିବା ପରେ ହରିୟାଣା ଦ୍ରୁତ ବୋଲର ଅଂଶୁଲ କମ୍ବୋଜଙ୍କ ପାଇଁ ଏହା ସୁବର୍ଣ୍ଣ ସୁଯୋଗ ଭାବେ ଉଭା ହୋଇଛି। ମାଞ୍ଚେଷ୍ଟର୍‌ରେ ସେ ଟେଷ୍ଟ ଜୀବନ ଆରମ୍ଭ କରିବାର ସମ୍ଭାବନା ବଢ଼ି ବଢ଼ି ଚାଲିଛି। ୨୪ବର୍ଷୀୟ କମ୍ବୋଜ ରବିବାର ମାଞ୍ଚେଷ୍ଟର୍ ୟୁନାଇଟେଡ୍ ଫୁଟବଲ୍ ଦଳର ଖେଳପଡ଼ିଆ ପରିଦର୍ଶନରେ ଯାଇଥିବା ଭାରତୀୟ ଦଳ ସହ ସାମିଲ ଥିଲେ। ସେ ମଧ ସୋମବାର ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀର ଏବଂ ବୋଲିଂ ପ୍ରଶିକ୍ଷକ ମର୍ଣ୍ଣି ମର୍କେଲଙ୍କ ତତ୍ତ୍ୱାବଧାନରେ ଢେର ସମୟ ଅଭ୍ୟାସ କରୁଥିବା ଦେଖିବାକୁ ମିଳିଥିଲା। କମ୍ବୋଜଙ୍କ ସହ ଅଭିଜ୍ଞ ଯଶପ୍ରୀତ୍ ବୁମ୍‌ରା, ମହମ୍ମଦ ସିରାଜ ଏବଂ ପ୍ରସିଦ୍ଧ କ୍ରିଷ୍ଣା ମଧ ଅଭ୍ୟାସ କରିଥିଲେ। ଆକାଶ ଦୀପ ମଧ ଅଭ୍ୟାସ ଅଧିବେଶନରୁ ଦୂରେଇ ରହିଥିଲେ। ଅନ୍ୟପକ୍ଷରେ ଆଣ୍ଠୁରେ ଗୁରୁତର ଆଘାତ ଲାଗିଥିବା ଅଲରାଉଣ୍ଡର୍ ଖୁବ୍‌ଶୀଘ୍ର ସ୍ୱଦେଶ ଫେରି ଆସିବେ ବୋଲି ବିସିସିଆଇ ସୂଚନା ଦେଇଛି।



## ସର୍ଫରାଜ ୧୭ କେଜି ଓଜନ କମାଇଲେ



ନୂଆଦିଲ୍ଲୀ, ୨୨।୭: ଭାରତୀୟ କ୍ରିକେଟର୍ ସର୍ଫରାଜ୍ ଖାନ୍ ୧୭ କିଲୋଗ୍ରାମ ଓଜନ୍ କମାଇ ସ୍ଲିମ୍ ଟ୍ରିମ୍ ହୋଇଯାଇଛନ୍ତି। ତାଙ୍କର ଏହି ପରିବର୍ତ୍ତନ କେବଳ କ୍ରିକେଟ୍‌ପ୍ରେମୀ ନୁହନ୍ତି, ସାଥୀ ଖେଳାଳିଙ୍କୁ ମଧ ଅନୁପ୍ରେରିତ କରିଛି। ଘରୋଇ କ୍ରିକେଟ୍‌ରେ ଚମତ୍କାର ପ୍ରଦର୍ଶନ କରିଆସୁଥିବା ସର୍ଫରାଜଙ୍କୁ ଇଂଲଣ୍ଡ ଗସ୍ତ ଲାଗି ବିଚାରକୁ ନିଆଯାଇ ନଥିଲା। ଏହି ନିଷ୍ପତ୍ତି ପଛରେ ତାଙ୍କ ମୋଟାପଣ ପ୍ରମୁଖ କାରଣ ଥିଲା ବୋଲି ଅନୁମାନ କରାଯାଉଛି। ଏଣୁ ସର୍ଫରାଜ ଏବେ ନିଜ ଖେଳ ସହ ଫିଟନେସ୍ ଉପରେ ଅଧିକ ଧ୍ୟାନ ଦେଉଛନ୍ତି। ନିୟମିତ ବ୍ୟାୟାମ କରିବା ସହ ଖାଦ୍ୟପେୟରେ ନିୟନ୍ତ୍ରଣ ଆଣି ଦୁଇ ମାସ ଭିତରେ ମୋଟାରୁ ପତଳା ହୋଇଯାଇଛନ୍ତି। ତାଙ୍କ ନୂଆ ରୂପ ପଦାକୁ ଆସିବା ପରେ ପ୍ରଶଂସକମାନେ ମୁମ୍ବାଇ କ୍ରିକେଟର୍ ପୃଥ୍ୱୀ ସ'ଙ୍କୁ ଏଥିରୁ କିଛି ଶିକ୍ଷା ଲାଭ କରିବାକୁ ଆହ୍ୱାନ କରିଛନ୍ତି। ଏକଦା ଭାରତୀୟ କ୍ରିକେଟ୍‌ର ଭବିଷ୍ୟତ ଭାବେ ପରିଗଣିତ ହେଉଥିବା ସ' ନିଜ ଖରାପ ବ୍ୟବହାର ଏବଂ ପୃଥୁଳକାୟ ଶରୀର ପାଇଁ ବହୁବର୍ଷ ହେବ ଅନ୍ତର୍ଜାତୀୟ କ୍ରିକେଟ୍ ଖେଳି ନାହାନ୍ତି। ଏପରିକି ମୁମ୍ବାଇ ରଣଜୀ ଦଳରେ ମଧ ତାଙ୍କୁ ସ୍ଥାନ ମିଳିନି।

## ପରାଜୟ ସହ 'ଏ' ହକି ଦଳର ୟୁରୋପ ଗସ୍ତ ଶେଷ

ନୂଆଦିଲ୍ଲୀ, ୨୨।୭: ଭାରତୀୟ ପୁରୁଷ 'ଏ' ହକି ଦଳ ପରାଜୟ ସହ ୟୁରୋପ ଗସ୍ତ ଶେଷ କରିଛି। ସୋମବାର ଶେଷ ମ୍ୟାଚ୍‌ରେ ଏହି ଦଳ ୨-୮ ଗୋଲ୍‌ରେ ନେଦରଲାଣ୍ଡ୍‌ସଠୁ ହାରିଯାଇଛି। ଭାରତ ପକ୍ଷରୁ ରାଜିନ୍ଦର ସିଂହ ଓ ସେଲଭାମ କାର୍ତ୍ତି ଗୋଟିଏ ଲେଖାଏଁ ଗୋଲ୍ କରିଥିଲେ। ଏହା ପୂର୍ବରୁ ନେଦରଲାଣ୍ଡ୍‌ସଠୁ ମଧ ଭାରତ ୦-୩ରେ ହାରିଥିଲା। ଏହି ଗସ୍ତରେ ଭାରତ ୫ ୟୁରୋପୀୟ ଦଳ ସହ ୮ ମ୍ୟାଚ୍ ଖେଳି ୩ ବିଜୟ ପାଇଛି। ଏଥିରେ ବିଶ୍ୱର ଏକ ନମ୍ବର ନେଦରଲାଣ୍ଡସ ଓ ୩ ନମ୍ବର ବେଲ୍‌ଜିୟମ୍ ଦଳ ସହ ଖେଳି ଅଭିଜ୍ଞତା ହାସଲ କରିଛି ଭାରତ। "ଏହି ଗସ୍ତରେ ଆମେ ବିଜୟଠୁ ଅଧିକ ପରାଜୟ ବରଣ କରିଛୁ। ଫଳାଫଳ ନୁହେଁ ଆମେ ଏଠାରେ ଅନେକ କିଛି ଶିଖିବାକୁ ପାଇଛୁ" ବୋଲି ପ୍ରଶିକ୍ଷକ

# ୨୦୩୧ ପର୍ଯ୍ୟନ୍ତ ଇଂଲଣ୍ଡରେ ଡବ୍ଲ୍ୟୁଟିସି ଫାଇନାଲ୍

ଦୁବାଇ, ୨୨।୭: ବିସିସିଆଇର ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ (ଡବ୍ଲ୍ୟୁଟିସି) ଫାଇନାଲ୍ ଆୟୋଜନ ଆଶା ଆଶାରେ ରହିଯାଇଛି। ଏହି ସମ୍ମାନଜନକ ଟେଷ୍ଟ ପ୍ରତିଯୋଗିତାର ଆସନ୍ତା ତିନିଟି ଫାଇନାଲ୍ ଇଂଲଣ୍ଡରେ ହେବ। ଅର୍ଥାତ୍ ୨୦୩୧ ମସିହା ପର୍ଯ୍ୟନ୍ତ ଡବ୍ଲ୍ୟୁଟିସି ଫାଇନାଲ୍ ଇଂଲଣ୍ଡରେ ହିଁ ରହିବ ବୋଲି ଆଇସିସି ସୋମବାର ସ୍ପଷ୍ଟ କରି ଦେଇଛି। ସିଙ୍ଗାପୁରଠାରେ ଆୟୋଜନ ଆଇସିସିର ବାର୍ଷିକ ସାଧାରଣ ବୈଠକରେ ୨୦୨୭, ୨୦୨୯ ଓ ୨୦୩୧ ଡବ୍ଲ୍ୟୁଟିସି ଫାଇନାଲ୍ ଇଂଲଣ୍ଡରେ କରିବାକୁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆଯିବା ପରେ ଭାରତୀୟ ଟେଷ୍ଟ କ୍ରିକେଟ୍‌ପ୍ରେମୀ ନିରାଶ ହୋଇଛନ୍ତି। ସୂଚନାଯୋଗ୍ୟ, ୨୦୧୯ ମସିହାରୁ ଡବ୍ଲ୍ୟୁଟିସି ଆରମ୍ଭ ହେବା ପରଠାରୁ ଇଂଲଣ୍ଡ ହିଁ ଏହାର ଫାଇନାଲ୍ ଆୟୋଜିତ କରି ଆସୁଛି। ଏଣୁ ୨୦୨୫-୨୭ ଚକ୍ରର ଫାଇନାଲ୍ ଇଂଲଣ୍ଡ ବାହାରେ ଆୟୋଜିତ ହେବ ବୋଲି ଅନୁମାନ କରାଯାଉଥିଲା। ତେବେ ଏଭଳି କୌଣସି ଯୋଜନା ନାହିଁ ବୋଲି କହିଛି ଆଇସିସି। ପୂର୍ବରୁ ଡବ୍ଲ୍ୟୁଟିସି ଫାଇନାଲ୍ ଆୟୋଜନ କରିବାକୁ ବିସିସିଆଇ ଆଗ୍ରହ ପ୍ରକାଶ କରିଥିଲା। ଅନ୍ୟଏକ ଗୁରୁତ୍ୱପୂର୍ଣ୍ଣ ଘଟଣାକ୍ରମେ ଆଫଗାନିସ୍ତାନ ମହିଳା କ୍ରିକେଟ୍ ଦଳକୁ ଭାରତରେ ଚଳିତବର୍ଷ ହେବାକୁ ଥିବା ଦିନିକିଆ ଏବଂ ଇଂଲଣ୍ଡରେ ଆସନ୍ତାବର୍ଷ ଜୁନ୍ ମାସରେ ଖେଳାଯିବାକୁ ଥିବା ଟ୍ୱେଣ୍ଟି-୨୦ ବିଶ୍ୱକପ୍‌ରେ ଖେଳିବାର ଅନୁମତି ମିଳିଛି।

## ୨୩ ବର୍ଷ ପରେ ଭାରତରେ ଚେସ୍ ବିଶ୍ୱକପ୍

ନୂଆଦିଲ୍ଲୀ, ୨୨।୭: ୨୩ ବର୍ଷ ପରେ ଭାରତ ଫିଡେ ଚେସ୍ ବିଶ୍ୱ କପ୍ ଆୟୋଜନ କରିବ। ଚଳିତ ବର୍ଷ ଅକ୍ଟୋବର ୩୦ରୁ ନଭେମ୍ବର ୨୭ ପର୍ଯ୍ୟନ୍ତ ଆୟୋଜିତ ହେବାକୁଥିବା ଏହି ଚେସ୍ ପ୍ରତିଯୋଗିତାର ସହର ନାଁ ଘୋଷଣା ଆଗାମୀ ଦିନରେ ହେବ ବୋଲି ବିଶ୍ୱ ଚେସ୍ ମହାସଂଘ ସୋମବାର କହିଛି। ଭାରତ ଶେଷ ଥର ଲାଗି ୨୦୦୨ରେ ଏହି ପ୍ରତିଯୋଗିତା ଆୟୋଜନ କରିଥିଲା। ହାଇଦ୍ରାବାଦରେ ହୋଇଥିବା ଏହି ସଂସ୍କରଣରେ ଭାରତର ବିଶ୍ୱନାଥନ ଆନନ୍ଦ ବିଜେତା ଟ୍ରଫି କରାୟତ୍ତ କରିଥିଲେ। ଆଗାମୀ ସଂସ୍କରଣରେ ୨୦୬ ଖେଳାଳି ବିଜେତା ମୁକୁଟ ସହ ୨୦୨୬ ଫିଡେ କ୍ୟାଣ୍ଡିଡେଟ୍‌ସ ପ୍ରତିଯୋଗିତା ଯୋଗ୍ୟତା ଅର୍ଜନ ଲାଗି ଲଢ଼େଇ କରିବେ। ନକ୍‌ଆଉଟ୍ ଫର୍ମାଟ୍‌ରେ ଏହି ପ୍ରତିଯୋଗିତା ଖେଳାଯିବ। ପ୍ରଥମ ରାଉଣ୍ଡରେ ମାନ୍ୟତାର ଶୀର୍ଷ ୫୦ରେ ଥିବା ଖେଳାଳିଙ୍କୁ ବାଇ ମିଳିବ। ୫୧ରୁ ୨୦୬ ମାନ୍ୟତାପ୍ରାପ୍ତ ଖେଳାଳି ପ୍ରଥମ ରାଉଣ୍ଡରେ ଖେଳିବେ। ୨୦୨୫ ବିଶ୍ୱକପ୍‌ର ଶୀର୍ଷ ୩ ଖେଳାଳି ସିଧାସଳଖ ୨୦୨୬ ଫିଡେ କ୍ୟାଣ୍ଡିଡେଟ୍‌ସ ଲାଗି ଯୋଗ୍ୟତା ଅର୍ଜନ କରିବେ। ଭାରତ ନିକଟରେ ଚେସ୍‌ର ବଡ଼ ପ୍ରତିଯୋଗିତା ୨୦୨୨ ଚେସ୍ ଅଲିମ୍ପିଆଡ୍, ଟାଟା ଷ୍ଟିଲ ଚେସ୍ ଇଣ୍ଡିଆ, ୨୦୨୪ ବିଶ୍ୱ କନିଷ୍ଠ ୨୦ ବର୍ଷରୁ କମ୍ ପ୍ରତିଯୋଗିତା ଏବଂ ଚଳିତ ବର୍ଷ ଏପ୍ରିଲ୍‌ରେ ଫିଡେ ମହିଳା ଗ୍ରାଣ୍ଡ ପ୍ରିକ୍ସର ପଞ୍ଚମ ଲେଗ୍ ସଫଳତାର ସହ ଆୟୋଜନ କରିଥିଲା।

## ୩ ଜୋନ୍‌ର କ୍ୱାର୍ଟର ଫାଇନାଲ ସୂଚୀ ଚୂଡ଼ାନ୍ତ

**ସାହାଣୀ କପ୍**

କଟକ, ୨୨।୭: ରାଜ୍ୟର ୪ଟି ଜୋନ୍‌ରେ ଚାଲିଥିବା '୬୪ତମ ସାହାଣୀ କପ୍ ଫୁଟବଲ୍ ପ୍ରତିଯୋଗିତା'ରେ ୩ ଜୋନ୍‌ର କ୍ୱାର୍ଟରଫାଇନାଲ୍ ଚୂଡ଼ାନ୍ତ ହୋଇଛି। କେନ୍ଦ୍ରାପଡ଼ା ଜୋନ୍‌ରେ କଟକ-ଝାରସୁଗୁଡ଼ା, ବ୍ରହ୍ମପୁର ଜୋନ୍‌ରେ ଭୁବନେଶ୍ୱର-କୋରାପୁଟ, କେନ୍ଦୁଝର ଜୋନ୍‌ରେ ସୁନ୍ଦରଗଡ଼-ଆର୍‌ଏସ୍‌ପି ପରସ୍ପରକୁ ବୁଧବାର କ୍ୱାର୍ଟର୍‌ଫାଇନାଲରେ ଭେଟିବେ। ବୌଦ୍ଧ ଜୋନ୍‌ର ଲିଗ୍ ପର୍ଯ୍ୟାୟ ସରିବା ପରେ କ୍ୱାର୍ଟରଫାଇନାଲ କାର୍ଯ୍ୟସୂଚୀ ପ୍ରକାଶ ପାଇବ। ସୋମବାର ଶେଷ ଲିଗ୍ ମ୍ୟାଚ୍‌ରେ ଖୋର୍ଦ୍ଧା, କଟକ, କୋରାପୁଟ, ମୟୂରଭଞ୍ଜ ଏକତରଫା ବିଜୟୀ ହୋଇଛନ୍ତି। କେନ୍ଦ୍ରାପଡ଼ା ଜୋନ୍‌ରେ ଖୋର୍ଦ୍ଧା ୫-୦ ଗୋଲ୍‌ରେ ପୁରୀକୁ ଏବଂ କଟକ ୬-୦ଗୋଲ୍‌ରେ ପାରାଦୀପ ପୋର୍ଟ ଟ୍ରଷ୍ଟକୁ ପରାସ୍ତ କରିଛି। କେନ୍ଦୁଝର ଜୋନ୍‌ରେ ସୁନ୍ଦରଗଡ଼ ୧-୦ଗୋଲ୍‌ରେ ବାଲେଶ୍ୱରକୁ ହରାଇଥିଲା ବେଳେ ଢେଙ୍କାନାଳ-ସୁବର୍ଣ୍ଣପୁର ମ୍ୟାଚ୍ ୦-୦ରେ ଅମୀମାଂସିତ ରହିଥିଲା। ବ୍ରହ୍ମପୁର ଜୋନ୍‌ରେ କୋରାପୁଟ ୪-୦ଗୋଲ୍‌ରେ ରାୟଗଡ଼ାକୁ ଓ ମୟୂରଭଞ୍ଜ ୫-୦ଗୋଲ୍‌ରେ ମାଲକାନାଗିରିକୁ ପରାସ୍ତ କରିଛି।

# ଏସ୍ ଆର୍ ଚେସ୍‌ରେ ଶ୍ରଦ୍ଧା ସ୍ମରଣିକା ବିଜୟିନୀ

**ଭୁବନେଶ୍ୱର, ୨୨।୭ (ସଂଚାର ବ୍ୟୁରୋ):** ଅନ୍ତର୍ଜାତୀୟ ଚେସ୍ ଦିବସ ଅବସରରେ ଏସ୍‌ଆର୍ ଚେସ୍ ସେଣ୍ଟର୍ ପକ୍ଷରୁ ଡି ୱେଟବିୱିର୍ବ ଆନୁକୂଲ୍ୟରେ ରବିବାର ଏସ୍‌ଆର୍ ନିଖିଳ ଓଡ଼ିଶା ଓପନ୍ ସ୍କୁଲ୍ ର୍‌ୟାପିଡ୍ ଚେସ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। କଟକ ତ୍ରିଶୁଳିଆ ସେରିମୋନିୟମ୍ ମଣ୍ଡପରେ ଅନୁଷ୍ଠିତ ଏହି ଦିନିକିଆ ପ୍ରତିଯୋଗିତାରେ ୧୭ ଜିଲ୍ଲାରୁ ୩୦ ଜଣ ରେଟେଡ୍ ଖେଳାଳିଙ୍କ ସହ ମୋଟ ୧୮୭ ଜଣ ଭାଗ ନେଇ ରେକର୍ଡ କରିଛନ୍ତି। ଶ୍ରଦ୍ଧା ସ୍ମରଣିକା ନନ୍ଦ ଓ ଓମ୍ ସ୍ୱରୂପ ପାଢ଼ୀ ସମାନ ୬.୫ ପଏଣ୍ଟ୍ ସହ ପ୍ରଥମ ଦୁଇ ସ୍ଥାନ ଦଖଲ କରିଛନ୍ତି। ସାୟାଂଶ ଦାସ, ଆୟଶା ମହାନ୍ତି, ଅଦ୍ୱିକ ଆଦିତ୍ୟ ସ୍ୱାଇଁ, ସତ୍ୟମ ସ୍ୱରୂପ ସାହୁ, ଲଳିତ ରଂଜନ ସାହୁ (ପ୍ରତ୍ୟେକ ୬ ପଏଣ୍ଟ), ରୋହିତ ମଲ୍ଲିକ, ଶିବାଦିତ୍ୟ ଦାସ, ଦେବାଂଶ ନାୟକ, ଏମ୍ ନାୟକ, ଜିତେଶ ସାମଲ, ରେୟାଂଶ ସାମଲ, ଈଶାନି ଦାଶ, ଆରୁଷ ମିଶ୍ର (ପ୍ରତ୍ୟେକ ୫.୫ ପଏଣ୍ଟ୍) ଯଥାକ୍ରମେ ତୃତୀୟରୁ ୧୫ତମ ସ୍ଥାନରେ ରହି ପୁରସ୍କୃତ ହୋଇଥିଲେ। ବିଭିନ୍ନ ବୟସ ବର୍ଗରେ ମିର୍ଜା ସିହାବନ ବେଗ୍, ଅର୍ଣ୍ଣବୀ ପଣ୍ଡା, ରେୟାଂଶ ମଲ୍ଲିକ, ସାନ୍‌ଭୀ ହୁଡ଼ା, ସ୍ନେହସ୍ମିତା ଦାସ, ଅବିନିତ୍ ସାହୁ, ବେଦବିତ୍ ଭରଦ୍ୱାଜ, ଶିଭାଂଶଜିତ୍ ସାସମଲ, ରିଦ୍ଧିମା ପ୍ରଧାନ, ରୁଦ୍ର ପ୍ରତାପ ମିଶ୍ର, ତନ୍‌ଭୀ ମିଶ୍ର ଶ୍ରେଷ୍ଠ ବିବେଚିତ ହୋଇଛନ୍ତି। ଏସ୍‌ଆର୍ ଚେସ୍ କେନ୍ଦ୍ରର ସଭାପତି ଶୁଭାଶିଷ




ପଟ୍ଟନାୟକ ସଂଯୋଜନାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ଅର୍ଥନୀତିଜ୍ଞ ସିଏ ରାଜାନାରାୟଣ ତ୍ରିପାଠୀ ଏବଂ ରାଜ୍ୟ ଚେସ୍ ସଂଘ ଆବାହକ କମିଟି ଅଧକ୍ଷ ଅସିତ ମୁଖାର୍ଜୀ ଏହାକୁ ଶୁଭାରମ୍ଭ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ରାଜ୍ୟର ପ୍ରଥମ ଗ୍ରାଣ୍ଡମାଷ୍ଟର୍ ଦେବାଶିଷ ଦାସ ମୋଟ ୬୫ ହଜାର ଟଙ୍କାର ପୁରସ୍କାର ରାଶି ପ୍ରଦାନ କରିଥିଲେ। ବିଶିଷ୍ଟ ବ୍ୟବସାୟୀ ସିଦ୍ଧାର୍ଥ ଦାସ, କଟକ ଜିଲ୍ଲା ଚେସ୍ ସଂଘର ମାର୍ଗଦର୍ଶକ ହେମନ୍ତ କୁମାର ନାୟକ, ବଲାଙ୍ଗୀର ଜିଲ୍ଲା ଚେସ୍ ସଂଘ ସମ୍ପାଦକ ପ୍ରିୟବ୍ରତ ପଣ୍ଡା, ଆୟୋଜକ ଡି ୱେଟବିୱିର୍ବର ପ୍ରତିଷ୍ଠାତା ଆୟଫିୟା ଖାନ୍ ଓ ଅଧକ୍ଷ ନବୀନ କୁମାର ବର୍ମା ଅତିଥି ଭାବେ ଯୋଗ ଦେଇଥିଲେ। ଚେସ୍ ଗୁରୁ ତଥା ନିଖିଳ ଓଡ଼ିଶା ଚେସ୍ ସଂଘର ସଭାପତି ସତ୍ୟରଂଜନ ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମ୍ପନ୍ନ ଏହି ଦିନିକିଆ ପ୍ରତିଯୋଗିତାକୁ ଅନ୍ତର୍ଜାତୀୟ ଆର୍ବିଟର ଭବେଶ ମହାନ୍ତି, ଡେପୁଟି ଆର୍ବିଟର ସୂରଜ ମହାରଣା, ସତ୍ୟଜିତ ପଟ୍ଟନାୟକ, ଅବିନାଶ ଦାସ, ଅନିମେଷ ରାୟ, ପ୍ରଣତି ସେନ୍, ନିରୁପମା ପୃଷ୍ଟି, ରୀତିକା ସାହୁ ପରିଚାଳନା କରିଥିଲେ।

**ଫିଡ଼େ ମହିଳା ବିଶ୍ୱକପ୍**

## ହାରିକାଙ୍କୁ ହରାଇ ସେମିରେ ଦିବ୍ୟା

ବାଟୁମି, ୨୨।୭: ଚଳିତ ଫିଡେ ମହିଳା ଚେସ୍ ବିଶ୍ୱକପ୍‌ରେ ଭାରତ ଚମତ୍କାର ପ୍ରଦର୍ଶନ ଜାରି ରଖିଛି। କ୍ୱାର୍ଟରଫାଇନାଲ୍‌ରେ ୪ ଜଣ ଭାରତୀୟ ପ୍ରତିଦ୍ୱନ୍ଦ୍ୱିତା କରୁଥିଲା ବେଳେ ରବିବାର ଅଭିଜ୍ଞ ଗ୍ରାଣ୍ଡମାଷ୍ଟର କୋନେରୁ ହମ୍ପି ସେମିଫାଇନାଲ୍‌ର ସ୍ଥାନ ନିଶ୍ଚିତ କରିଥିଲେ। ଦୁଇ ଭାରତୀୟ ଗ୍ରାଣ୍ଡମାଷ୍ଟର ଦିବ୍ୟା ଦେଶମୁଖ ଓ ଦ୍ରୋଣାବଳି ହାରିକା ମଧ୍ୟରେ ଖେଳାଯାଇଥିବା କ୍ୱାର୍ଟରଫାଇନାଲ୍‌ର ଦୁଇ ରାଉଣ୍ଡ ଅମୀମାଂସିତ ରହିବାରୁ ମ୍ୟାଚ୍ ଟାଇବ୍ରେକର୍‌କୁ ଯାଇଥିଲା। ଏଥିରେ ହାରିକାଙ୍କୁ ପଛରେ ପକାଇ ଏହି ପ୍ରତିଯୋଗିତାରେ ପଦାର୍ପଣ କରିଥିବା ଦିବ୍ୟା ସେମିଫାଇନାଲ୍ ସ୍ଥାନ ନିଶ୍ଚିତ କରିଛନ୍ତି। ସେମିଫାଇନାଲ୍‌ରେ ଏହି ଦୁଇ ଭାରତୀୟଙ୍କ ମୁକାବିଲା ଚୀନ୍ ଖେଳାଳିଙ୍କ ସହ ହେବ। ଲେଇ ଟିଙ୍ଗଜିଙ୍କୁ ହମ୍ପି ଏବଂ ତାନ୍ ଝୋଙ୍ଗୟିଙ୍କୁ ଦିବ୍ୟା ଭେଟିବେ। ପୂର୍ବତନ ବିଶ୍ୱବିଜୟିନୀ ଝୋଙ୍ଗୟି କ୍ୱାର୍ଟରଫାଇନାଲ୍‌ରେ ଭାରତର ଆର୍ ବୈଶାଳିଙ୍କୁ ପରାସ୍ତ କରିଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଦୁର୍ନୀତି ବିରୁଦ୍ଧରେ...

ତାଙ୍କୁ ଦୋଷୀ ସାବ୍ୟସ୍ତ କରି ଦଣ୍ଡ ବିଧାନ କରିଛନ୍ତି ।

ଦୁର୍ନୀତି ବିରୁଦ୍ଧରେ ଶୂନ୍ୟସହନଶୀଳତା ନୀତି ଅବଲମ୍ବନ ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଆସିଛନ୍ତି। କୌଣସି ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କୁ ଛଡା ଯିବନାହିଁ ବୋଲି ମୁଖ୍ୟମନ୍ତ୍ରୀ ଅନେକ ସମୟରେ କହି ଆସିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଦୁର୍ନୀତି ନିବାରଣ ବିଭାଗ ପକ୍ଷରୁ କଡା ଆଭିମୁଖ୍ୟ ଗ୍ରହଣ କରାଯାଇ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଉଚ୍ଚ ପଦସ୍ଥ ଅଧିକାରୀ ଓ କର୍ମଚାରୀଙ୍କ ଉପରେ ଦୁର୍ନୀତି ଅଭିଯୋଗରେ ଚଢଉ କରାଯାଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉଛି।

## ପ୍ରଶାସନିକ ସ୍ତରରେ...

କରାଯାଇଛି। ସେ ଇଡକୋର ପରିଚାଳନା ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱରେ ରହିବେ। ଶ୍ରମ କମିଶନର ଇନ୍ଦ୍ରମଣୀ ତ୍ରିପାଠୀ ଫ୍ୟାକ୍ଟ୍ରି ଓ ବଏଲର୍ସ ଇନସ୍ପେକ୍ଟର ଭାବେ ଅତିରିକ୍ତ ଦାୟିତ୍ୱରେ ରହିବେ। ଯୋଜନା ଓ ସଂଯୋଜନା ବିଭାଗର ଅତିରିକ୍ତ ସଚିବ ମନିଷ ଅଗ୍ରଓ୍ୱାଲଙ୍କୁ ଅତିରିକ୍ତ ଏସଆରସି ଭାବେ ବଦଳି କରାଯାଇଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଅତିରିକ୍ତ ସଚିବ ସଂଗ୍ରାମ କେଶରୀ ମହାପାତ୍ର ଦକ୍ଷିଣାଞ୍ଚଳ ଆରଡିସି ଭାବେ ନିଯୁକ୍ତି ପାଇଥିବା ବେଳେ ବିଜୟ କୁମାର ଦାସ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଅତିରିକ୍ତ ସଚିବ ଭାବେ ନିଯୁକ୍ତି ପାଇଛନ୍ତି। ଜଙ୍ଗଲ ଓ ପରିବେଶ ବିଭାଗର ଅତିରିକ୍ତ ସଚିବ ଦେବେନ କୁମାର ପ୍ରଧାନଙ୍କୁ ରାଜ୍ୟ ପାନୀୟ ନିଗମର ପରିଚାଳନା ନିର୍ଦ୍ଦେଶକ ଭାବେ ଅବସ୍ଥାପିତ କରାଯାଇଛି।

ଗଜପତି ଜିଲ୍ଲାପାଳ ବିଜୟ କୁମାର ଦାଶଙ୍କୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଅତିରିକ୍ତ ସଚିବ ଭାବେ ବଦଳି କରାଯାଇଥିବା ବେଳେ କେନ୍ଦ୍ରାପଡା ଜିଲ୍ଲାପାଳ ସ୍ମୃତି ରଂଜନ ପ୍ରଧାନଙ୍କୁ ଜଙ୍ଗଲ ଓ ପରିବେଶ ବିଭାଗର ଅତିରିକ୍ତ ସଚିବ ଭାବେ, ଉଚ୍ଚଶିକ୍ଷା ନିର୍ଦ୍ଦେଶ ରଘୁରାମ ଆର. ଆୟାରଙ୍କୁ କେନ୍ଦ୍ରାପଡା ଜିଲ୍ଲାପାଳ ଭାବେ ବଦଳି କରାଯାଇଛି। ସାଧାରଣ ପ୍ରଶାସନ ବିଭାଗର ଓଏସଡି ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କୁ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ନିର୍ଦ୍ଦେଶକ ଭାବେ ବଦଳି କରାଯାଇଛି। ପଞ୍ଚାୟତିରାଜ ବିଭାଗର ଅତିରିକ୍ତ ସଚିବ ଚକ୍ରବର୍ତ୍ତୀ ସିଂ ରାଠୋରଙ୍କୁ ଓରମାସର ସିଇଓ ଭାବେ ଅବସ୍ଥାପିତ କରାଯାଇଛି। ଯୋଜନା ଓ ସଂଯୋଜନା ବିଭାଗର ଅତିରିକ୍ତ ସଚିବ ଡକ୍ଟର ୟେଦୁଲା ବିଜୟଙ୍କୁ କ୍ରିଡା ନିର୍ଦ୍ଦେଶ ଭାବେ, ଏସଏସଇପିଡି ବିଭାଗର ନିର୍ଦ୍ଦେଶକ ନିୟତୀ ପଟ୍ଟନାୟକଙ୍କୁ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶ ଭାବେ, ପଞ୍ଚାୟତିରାଜ ନିର୍ଦ୍ଦେଶକ ମହେଶ୍ୱର ସ୍ୱାଇଁଙ୍କୁ ନବରଙ୍ଗପୁର ଜିଲ୍ଲାପାଳ ଭାବେ, ରାୟଗଡା ଜିଲ୍ଲାପାଳ ପାରୁଲ ପଟାଓ୍ୱାରୀଙ୍କୁ ଏସଏସଇପିଡି ନିର୍ଦ୍ଦେଶକ ଭାବେ ଓ ଝାରସୁଗୁଡା ଜିଲ୍ଲାପାଳ ସୁନିଲ ନର୍ଭାଣେଙ୍କୁ ଶିଳ୍ପ ନିର୍ଦ୍ଦେଶକ ଭାବେ ବଦଳି କରାଯାଇଛି।

ଅମ୍ରିତ ଋତୁରାଜ ଖୋର୍ଦ୍ଧା ଜିଲ୍ଲାପାଳ ଭାବେ ନିଯୁକ୍ତ। କନ୍ଧମାଳ ଜିଲ୍ଲାପାଳ ଥିଲେ ଅମ୍ରିତ ଋତୁରାଜ। ଦିବ୍ୟଜ୍ୟୋତି ପରିଡ଼ା ହେଲେ ପୁରୀ ଜିଲ୍ଲାପାଳ। ଗଞ୍ଜାମ ଜିଲ୍ଲାପାଳ ଥିଲେ ୨୦୧୬ ବ୍ୟାଚ୍ର ଦିବ୍ୟଜ୍ୟୋତି ପରିଡ଼ା। ସୋମେଶ କୁମାର ଉପାଧ୍ୟାୟ ହେଲେ ମାଲକାନଗିରି ଜିଲ୍ଲାପାଳ। ଶୁଭଙ୍କର ମହାପାତ୍ର ସୁନ୍ଦରଗଡ଼ ଜିଲ୍ଲାପାଳ ଭାବେ ନିଯୁକ୍ତ। ଆଶିଷ ଈଶ୍ୱର ପାଟିଲ୍ ଢେଙ୍କାନାଳ ଜିଲ୍ଲାପାଳ। କୀର୍ତ୍ତି ଭାସନ ଭି- ଗଞ୍ଜାମ ଜିଲ୍ଲାପାଳ। ମନୋଜ ସତ୍ୟବାନ ମହାଜନ କୋରାପୁଟ୍ ଜିଲ୍ଲାପାଳ। ବେଦଭୂଷଣ କନ୍ଧମାଳ ଜିଲ୍ଲାପାଳ। କୁଲକର୍ଣ୍ଣି ଆଶୁତୋଷ ସି ରାୟଗଡ଼ା ଜିଲ୍ଲାପାଳ। ମଧୁସ୍ମିତା- ଗଜପତି ଜିଲ୍ଲାପାଳ। ଚୌହାନ କୁନାଲ୍ ମୋତିରାମ- ଝାରସୁଗୁଡ଼ା ଜିଲ୍ଲାପାଳ। ବିଭୂତି ଭୂଷଣ ନାୟକ ବୌଦ୍ଧ ଜିଲ୍ଲାପାଳ ଭାବେ ଅବସ୍ଥାପିତ ହୋଇଛନ୍ତି। ସେହିଭଳି ପୁଣି ଥରେ ଜଣେ ଆଇଏଏସ ଅଫିସରଙ୍କୁ ଅବକାରୀ କମିଶନର ଭାବେ ନିଯୁକ୍ତି ଦିଆଯାଇଛି। ଯାଜପୁର ଜିଲ୍ଲାପାଳ ପି.ଅନ୍ୱେଶା ରେଡ୍ଡୀଙ୍କୁ ଅବକାରୀ କମିଶନର ଭାବେ ବଦଳି କରାଯାଇଛି।

## କ୍ରାଇମବ୍ରାଞ୍ଚକୁ...

କାର୍ଯ୍ୟାଳୟରେ ଭାରପ୍ରାପ୍ତ ଅଧକ୍ଷ ଫିରୋଜ ପାଢ଼ୀଙ୍କ ସହ କଥା ହୋଇ ଘଟଣାର ବିଭିନ୍ନ ଦିଗ ସମ୍ପର୍କରେ ପଚାରି ବୁଝିଥିଲେ। ଏହି ସମୟରେ ଆଇସିସି ରିପୋର୍ଟରେ ସାଂଘାତିକ ଖୁଲାସା ହୋଇଛି। ଯାହା ପୀଡ଼ିତାଙ୍କୁ ନ୍ୟାୟ ଦେବା ବଦଳରେ ଦାୟୀ କରାଯାଇଛି । ରିପୋର୍ଟରେ ସମୀର ସାହୁଙ୍କୁ କ୍ଲିନଚିଟ ଦିଆଯାଇଛି। ପୀଡିତା କରିଥିବା ଅଭିଯୋଗରେ କୌଣସି ସତ୍ୟତା ନାହିଁ ବୋଲି ଆଇସିସି କହିଛି। ଏହି ରିପୋର୍ଟକୁ ଦେଖିଲେ ଜଣାପଡୁଛି, ପୂରା କଲେଜ ଗୋଟିଏ ପଟେ ଅନ୍ୟପଟେ ଏକା ହୋଇ ଯାଇଥିଲେ ଛାତ୍ରୀ। ଫେବର ମାଗିବା କଥା ନେଇ ପୀଡିତା ଛାତ୍ରୀ ଅଭିଯୋଗ କରିଥିଲେ। ଯାହା ପରେ ଆଇସିସି କମିଟି ଗଠନ କରାଯାଇ ତଦନ୍ତ କରିଥିଲା।

## ଆକାଂକ୍ଷୀ ବ୍ଲକ...

ହେଉଛି — କେନ୍ଦୁଝର ଜିଲ୍ଲାର ଚମ୍ପୁଆ, ଝୁମ୍ପୁରା, କେନ୍ଦୁଝର ସଦର, ପାଟଣା ଓ ତେଲକୋଇ ଏବଂ ମୟୂରଭଞ୍ଜ ଜିଲ୍ଲାର ବହଳଦା, ବିଜାତଳା, ଜାମଡ଼ା, କୁସୁମୀ, ରାଇରଙ୍ଗପୁର ଓ ତିରିଙ୍ଗି। ନୀତି ଆୟୋଗ ପକ୍ଷରୁ ଏ ସମ୍ପର୍କିତ ବିଜ୍ଞପ୍ତି ଆଜି ପ୍ରକାଶ ପାଇଛି। ଆକାଂକ୍ଷୀ ବ୍ଲକ କାର୍ଯ୍ୟକ୍ରମରେ କେନ୍ଦ୍ର ଓ ରାଜ୍ୟ ଯୋଜନା ଗୁଡ଼ିକ ସମ୍ମିଳିତ ଭାବେ କାର୍ଯ୍ୟକାରୀ କରାଯାଇ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିକାଶ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରାଯାଉଛି। ସାମାଜିକ ଓ ଅର୍ଥନୈତିକ କ୍ଷେତ୍ରର ବିଭିନ୍ନ ସୂଚକାଙ୍କରେ ବ୍ଲକମାନଙ୍କ ମଧ୍ୟରେ ରାଙ୍କିଙ୍ଗ କରାଯାଇ ବିକାଶ ପାଇଁ ପ୍ରତିଯୋଗୀତାମୂଳକ ପରିବେଶ ସୃଷ୍ଟି କରାଯାଉଛି। ଏହାଦ୍ୱାରା ଏହି ଅଞ୍ଚଳ ଗୁଡ଼ିକରେ ବିକାଶ ତ୍ୱରାନ୍ୱିତ ହୋଇପାରୁଛି।

## ଖୁଦ୍ କେଲିଏ...

ତାଙ୍କ ବିରୋଧରେ ଏଯାଏଁ କାହିଁକି କାର୍ଯ୍ୟାନୁଷ୍ଠାନ ହୋଇନି। ସେହିଭଳି ଯଦି ସାଂସଦ ମୁନ୍ନା ଖାଁ ଏହାକୁ ବିରୋଧ କରିବାରେ ନବୀନ ନିବାସର ସହମତି ନଥିଲା ତେବେ ତାଙ୍କ ବିରୋଧରେ ମଧ ଦଳ କାହିଁକି ଆକ୍ସନ ନେଇନି। ଏଦୁଇଟି ପ୍ରଶ୍ନ କିଛି ଦିନ ଧରି ଦଳର ନେତା ଓ କର୍ମୀଙ୍କୁ ଆନ୍ଦୋଳିତ କରୁଥିବା ବେଳେ ଏବେ ଇକ୍ୱେସନକୁ ବୁଝିବାକୁ ଆଉ କିଛି ବାକି ନାହିଁ। ତେଣୁ ବିଜେପି ନେତାମାନେ ଗୋଟିଏ କଥା ବୁଝିଗଲେଣି ଯେ, ନବୀନ ପଟ୍ଟନାୟକ ନିଜ ସୁରକ୍ଷା ପାଇଁ କେନ୍ଦ୍ର ନିକଟରେ ଏକ ପ୍ରକାର ସରେଣ୍ଡର କରିଯାଇଛନ୍ତି।

ଏଥିରେ ବିଜେଡିର କିଛି ତଥାକଥିତ ନ୍ୟସ୍ତସ୍ୱାର୍ଥ ବରିଷ୍ଠ ନେତାମାନେ ହିଁ ମଧ୍ୟସ୍ଥି ସାଜିଛନ୍ତି। କାରଣ ସେମାନେ ନିଜ ସୁରକ୍ଷା ଚାହୁଁଛନ୍ତି। ଏମିତିକି ଉପରାଷ୍ଟ୍ରପତି ପଦ ପାଇଁ ହେବାକୁ ଥିବା ନିର୍ବାଚନରେ ବିଜେଡି ସମର୍ଥନ ଦେବ ବୋଲି ମଧ ଏକ ପ୍ରକାର ନିଶ୍ଚିତ ହୋଇସାରିଛି। କେବଳ ସୁପ୍ରିମୋଙ୍କ ବିଧିବଦ୍ଧ ଘୋଷଣାକୁ ଅପେକ୍ଷା। ବିଜେଡି ନେତାଙ୍କ ଭିତରେ ଚାଲିଥିବା ଆଲୋଚନା ଅନୁଯାୟୀ ନବୀନ ପଟ୍ଟନାୟକ ଚାହୁଁନାହାଁନ୍ତି କେନ୍ଦ୍ର ସରକାର ତାଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନେଉ କିମ୍ବା ତାଙ୍କ ଧଳା ପାଇଜାମାରେ କୌଣସି କାଳିମା ଲାଗୁ। ଯେଉଁଥିପାଇଁ ସେ କେନ୍ଦ୍ରକୁ ସବୁ ପ୍ରସଙ୍ଗରେ ସମର୍ଥନ ଦେଇ ଗେଲ୍ହାପୁଅ ହୋଇ ରହିବାକୁ ଚାହୁଁଛନ୍ତି।

ଆଉ ସେପଟେ କର୍ମୀଙ୍କୁ ବିଜେପି ବିରୋଧରେ ଲଢେଇ କରିବାକୁ ରାସ୍ତାକୁ ଛାଡିଦେଇଛନ୍ତି। କର୍ମୀମାନେ ନେତାଙ୍କ ସମ୍ମାନ ରକ୍ଷା କରିବାକୁ ଲହୁ ଲୁହ ଦେଇ ରାସ୍ତାରେ ଲଢେଇ କରୁଛନ୍ତି ଆଉ ନବୀନ ନିବାସରୁ ବାହାରୁ ନାହାଁନ୍ତି ନେତା। କେବଳ ଏକ୍ସରେ ରାଜନୀତି କରୁଛନ୍ତି ଟ୍ୱିଟ ମାଷ୍ଟର। ନବୀନଙ୍କ ରାଜନୈତିକ ସଚିବ ମଧ ମୁମ୍ବାଇରେ ବସି ଟ୍ୱିଟ କରିଚାଲିଛନ୍ତି। ରାଜନୀତିର ର-ଅକ୍ଷର ବିବର୍ଜିତ ବ୍ୟକ୍ତି ନବୀନଙ୍କ ଭଳି ଜଣେ ପୋଖତ ନେତାଙ୍କ ରାଜନୈତିକ ସଚିବ ସାଜିଛନ୍ତି। ସାଧାରଣ ଲୋକଙ୍କ ପାଇଁ କେବେ ରାସ୍ତାକୁ ଓହ୍ଲାଇ ନଥିବା ବ୍ୟକ୍ତି ସରକାରଙ୍କ ଶେଷ ଗୁଳି ପର୍ଯ୍ୟନ୍ତ ଲଢେଇ କରିବାକୁ ଆହ୍ୱାନ ଦେଉଛନ୍ତି। ହେଲେ ସେ ନିଜେ ରାସ୍ତାକୁ ଓହ୍ଲାଉ ନାହାଁନ୍ତି। ଏଭଳି ରାଜନୈତିକ ସଚିବଙ୍କୁ ନେଇ ମଧ ବିଜେଡି ଭିତରେ ଅସନ୍ତୋଷ ନିଆଁ ଭଳି ବ୍ୟାପିବାରେ ଲାଗିଛି।

# ମା'କୁ ପିଟି ପିଟି ଜୀବନରୁ ମାରିଦେଲା ପୁଅ

**ପଟ୍ଟାମୁଣ୍ଡାଇ,୨୨।୭ (ସଂଚାର ବ୍ୟୁରୋ):** ନର ରାକ୍ଷସ ପାଲଟିଗଲା ପୁଅ। ମା'ର ମମତାକୁ ଭୁଲି ନେଇଗଲା ଜନ୍ମଦାତ୍ରୀର ଜୀବନ । ୧୦ ମାସ ୧୦ ଦିନ ଗର୍ଭ ଯନ୍ତ୍ରଣା ସହି ଯେଉଁ ପୁଅକୁ ଜନ୍ମ କରିଥିଲା, ନିଜେ ନଖାଇ ଏଡୁଟିଏରୁ ଏଡୁଟିଏ କଲା । ପୁଅକୁ ଭଲ ମଣିଷ କରିବାକୁ କେତେ ଓଷା ବାର କରିଥିଲା ମା । ଆଜି ସେଇ ପୁଅ ସାଜିଲା ସୈତାନ । ମା'କୁ ପିଟି ପିଟି ହତ୍ୟା କରିଛି ଜନ୍ମକଲା ପୁଅ। କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇରେ ଦେଖିବାକୁ ମିଳିଛି ଏଭଳି ଅଭାବନୀୟ ଘଟଣା । ପୁଅର ମାଡ଼ରେ ମା' ର ମୃତ୍ୟୁ ହୋଇଛି । ମଦ ପିଇବାର ନିଶା ଏମିତି ପାଗଳ କଲା ଯେ ନିଶାସକ୍ତ ଅବସ୍ଥାରେ ବନିଗଲା ମା'ର ହତ୍ୟାକାରୀ। ତେବେ ପଟ୍ଟାମୁଣ୍ଡାଇ ବ୍ଲକ ଔପଦା ପଂଚାୟତ ବିଶୁନୁପୁରୁ ଗାଁ ରେ ଘଟିଛି ଏହି ଘଟଣା। ଗତକାଲି ବିଳମ୍ବିତ ରାତିରେ ପୁଅ ମନୋଜ ମଳିକ ମଦ ପିଇ ନିଜ ସ୍ତ୍ରୀ କୁ ମାରୁଥିବା ସମୟରେ ମା ଶାନ୍ତିଲତା ମଳିକ ପ୍ରତିବାଦ କରିଥିଲେ। ନିଶାସକ୍ତ ଅବସ୍ଥାରେ ପୁଅ ନିଜ ମା'କୁ ବି ଛାଡ଼ିଲାନି। ମା'କୁ ମାଡ଼ ମାରିବା ସହିତ କାନ୍ଥରେ ଜୋରରେ ଧକ୍କା ଦେଇଥିଲା। ଫଳରେ ଘଟଣା ସ୍ଥଳରେ ମା' ଶାନ୍ତିଲତାର ମୃତ୍ୟୁ ହୋଇଥିଲା। ଏହି କାଣ୍ଡ କରିବା ପରେ ଅଭିଯୁକ୍ତ ପୁଅ ଖସି ପଳାଇବାକୁ ଉଦ୍ୟମ କରୁଥିବା ବେଳେ ଗ୍ରାମବାସୀ ମାନେ ମନୋଜକୁ କାବୁ କରି ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନାକୁ ଖବର ଦେଇଥିଲେ । ଗ୍ରାମାଞ୍ଚଳ ଥାନା ଅଧିକାରୀ ଘଟଣା ସ୍ଥଳରେ ପହଞ୍ଚି ଅଭିଯୁକ୍ତ ମନୋଜକୁ ଥାନାରେ ଅଟକ ରଖି ତଦନ୍ତ ଚଳାଇଛନ୍ତି ।

## ଚଢ଼ାଉ ବେଳେ ମିଳିଲା ମଦ ସହ ୨ ବନ୍ଧୁକ

**ଦିଗପହଣ୍ଡି,୨୨।୭ (ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲା ଦିଗପହଣ୍ଡି ଅବକାରୀ ବିଭାଗ ଓ ପୋଲିସ ପକ୍ଷରୁ ମଙ୍ଗଳବାର ଭୋରରେ ମହୁଡା ଗ୍ରାମ ନିକଟସ୍ଥ ଦୁର୍ଗମ କେରାଣ୍ଡିମାଳ ଜଙ୍ଗଲ ସଂଲଗ୍ନ ଲୁଣ୍ଡୁରିଗୁଡା ଗ୍ରାମରେ ଅତର୍କିତ ଚଢାଉ କରାଯାଇ ଅବକାରୀ ଧରପଗଡ କରିଥିଲେ । ଗ୍ରାମର ସୁରେନ୍ଦ୍ର ମଲ୍ଲିକଙ୍କ ନିକଟରୁ ୪୦ ଲିଟର ଅପମିଶ୍ରିତ ଦେଶୀ ରନ୍ଧାମଦ ଏବଂ ବନ୍ୟଜନ୍ତୁ ଶିକାର ନିମନ୍ତେ ସେ ବ୍ୟବହାର କରୁଥିବା ୨ଟି ଦେଶୀ ବନ୍ଧୁକ ଜବତ କରିଥିବା ଜଣାପଡିଛି। ଦୀର୍ଘଦିନ ଧରି ଉକ୍ତ ପାହାଡିଆ ଜଙ୍ଗଲରେ ଅଭିଯୁକ୍ତ ସୁରେନ୍ଦ୍ର ଅପମିଶ୍ରିତ ମଦ ପ୍ରସ୍ତୁତ କରି ତାଙ୍କ ସହଯୋଗୀଙ୍କ ଜରିଆରେ ବିଭିନ୍ନ ଗ୍ରାମକୁ ବେଆଇନ ଭାବେ ମଦ ଚୋରା ଚାଲାଣ କରି ଆସୁଥିବା ନେଇ ଅବକାରୀ ବିଭାଗକୁ ବିଶେଷ ସୂତ୍ରରୁ ଖବର ମିଳିଥିଲା । ପ୍ରାପ୍ତ ସୂଚନାକୁ ଭିତ୍ତିକରି ମଙ୍ଗଳବାର ଭୋରରୁ ଏହି ଅବକାରୀ ଓ ପୋଲିସ ପକ୍ଷରୁ ମିଳିତ ଭାବେ କେରାଣ୍ଡିମାଳ ଜଙ୍ଗଲ ସଂଲଗ୍ନ ଲୁଣ୍ଡୁରିଗୁଡା ଗ୍ରାମରେ ପ୍ରଥମେ ଚଢାଉ କରାଯାଇଥିଲା ।



# ସାହି ରାସ୍ତା ପାଲଟିଛି ଗାଈ ଗୁହାଳ

**ବ୍ରହ୍ମପୁର,୨୨।୭ (ସଂଚାର ବ୍ୟୁରୋ):** ସଂକୀର୍ଣ୍ଣ ରାସ୍ତାରେ ଗାଈଗୋରୁଙ୍କ ଉପସ୍ଥିତି ଏବେ ସମସ୍ୟା ପାଲଟିଛି। ସ୍ଥାନୀୟ ୧୩ ନମ୍ବର ୱାର୍ଡ ଅନ୍ତର୍ଗତ ଶାସ୍ତ୍ରୀ ନଗର ଅଂଚଳର ୫ମ ଲେନର ଏହି ଦୃଶ୍ୟ। ସାହି ରାସ୍ତାକୁ ଗାଈଗୋରୁ କବଜା କରି ରଖିଛନ୍ତି। ଏକ ମୁହାଁ ରାସ୍ତା ହୋଇଥିବାରୁ ଲୋକଙ୍କ ଯାତାୟାତରେ ଉପୁଜୁଛି। ସେହିପରି ଏହି ଅଂଚଳରେ ଏକ ଅସ୍ୱଚ୍ଛ ପରିବେଶ ସୃଷ୍ଟି ହୋଇଛି। ଖୋଦ କର୍ପୋରେଟରଙ୍କ ସାହିରେ ଏଭଳି ଅବସ୍ଥାକୁ ନେଇ ଅସନ୍ତୋଷ ବଢୁଛି।

ଦିନ ରାତି ରାସ୍ତାଟି ଗୋରୁ ପଲଙ୍କ କବଜାରେ ରହୁଛି। ଏହି ଅଞ୍ଚଳରେ କିଛି ବ୍ୟକ୍ତି ଗାଈ ପାଳନ କରୁଛନ୍ତି। ହେଲେ ଗୋରୁଙ୍କ ପାଇଁ ସ୍ୱତନ୍ତ୍ର ଗୁହାଳ ବ୍ୟବସ୍ଥା କରିବା ବଦଳେ ରାସ୍ତା ଉପରେ ଗୋରୁପଲଙ୍କ ଦେଖାରେଖା ଚାଲିଛି। ସଂକୀର୍ଣ୍ଣ ରାସ୍ତାରେ ଗୋରୁ ପଲଙ୍କ ଉପସ୍ଥିତି କାରଣରୁ ସାହିବାସିନ୍ଦା ନିର୍ବିଘ୍ନରେ ଚଳାଚଳ କରି ପାରୁ ନାହାନ୍ତି। ଅନେକ ସମୟରେ ଗୋବର ଗଦାରେ ପଡି ବାଇକ ଦୁର୍ଘଟଣାଗ୍ରସ୍ତ ହେଉଛି। ଗୋବରରେ ସମଗ୍ର ସାହିରେ ପୂତିଗନ୍ଧମୟ ପରିବେଶ ସୃଷ୍ଟି ହୋଇଛି। ରାସ୍ତାରେ ଗଲାବେଳେ ଗୋବରରେ ଗୋଡ ଖସି ବୟସ୍କ ଏବଂ ଛୋଟ ପିଲାମାନେ ବିଶେଷ ଭାବେ ରାତିରେ ଗଲାବେଳେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପୂତିଗନ୍ଧମୟ ପରିବେଶ ପାଇଁ ସାହି ବାସିନ୍ଦା ହନ୍ତସନ୍ତ ହେଲେଣି। ଫଳରେ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଛି।

ରଙ୍ଗୁଣିବନ୍ଧ ଅଞ୍ଚଳର କିଛି ବ୍ୟକ୍ତି ଏହି ସାହିକୁ ଗୁହାଳରେ ପରିଣତ କରିଥିବା ନେଇ ସାହିବାସିନ୍ଦା ବାରମ୍ବାର ପୌରପାଳିକା ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଗୁହାରି କରିଛନ୍ତି। ହେଲେ କୌଣସି ପଦକ୍ଷେପ ନିଆଯାଇନି। ବାରମ୍ବାର ଅଭିଯୋଗ ପରେ ବି କେହି ଏଥିପ୍ରତି ଧ୍ୟାନ ଦେଉ ନାହାଁନ୍ତି ବୋଲି ନିଜର ଅସହାୟତା ପ୍ରକାଶ କରିଛନ୍ତି ସ୍ଥାନୀୟ କର୍ପୋରେଟର। କଥା ସେତିକିରେ ସରିନି, ପୌରପାଳିକା ପରିଷଦ ବୈଠକରେ ବାରମ୍ବାର ଅଭିଯୋଗ ଉପସ୍ଥାପନ କରାଯାଇଛି। ହେଲେ କେହି ଶୁଣୁ ନାହାଁନ୍ତି ବୋଲି ପୂର୍ବତନ କର୍ପୋରେଟର ଦଣ୍ଡପାଣି ନାୟକ କହିଛନ୍ତି। ଏ ପ୍ରତି କର୍ତ୍ତୃପକ୍ଷ ଆବଶ୍ୟକୀୟ ପଦକ୍ଷେପ ନେବାକୁ ସେ ନିବେଦନ କରିଛନ୍ତି।



## ବଙ୍ଗୋପସାଗରରେ ଲଘୁଚାପ

# ଓଡ଼ିଶାରେ ବର୍ଷା ସମ୍ଭାବନା

**ଭୁବନେଶ୍ୱର,୨୨।୭ (ସଂଚାର ବ୍ୟୁରୋ):** ଉତ୍ତର ପଶ୍ଚିମ ବଙ୍ଗୋପସାଗରରେ ଲଘୁଚାପ ସୃଷ୍ଟି ହେବା କାରଣରୁ ଓଡ଼ିଶାରେ ବୁଧବାର ରାତିରୁ ବର୍ଷା ହେବାର ସମ୍ଭାବନା ଥିବା ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ପରିବେଶ ଓ ଜଳବାୟୁ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ଗୁରୁବାର ରାତି କିମ୍ବା ଶୁକ୍ରବାର ସକାଳେ ଏହା ଅଧିକ ଘନୀଭୂତ ହୋଇ ଉତ୍ତର ପଶ୍ଚିମ ଆଡ଼କୁ ଗତି କରି ଝାଡଖଣ୍ଡ ଓ ଉତ୍ତର ଛତିଶଗଡ଼ ମୁହାଁ ହେବାର ସମ୍ଭାବନା ଥିବା ସିଇସି ପକ୍ଷରୁ କୁହାଯାଇଛି। ଏହାର ପ୍ରଭାବରେ ଗୁରୁବାର ରାତିରୁ ଜୁଲାଇ ୨୬ ତାରିଖ ଅପରାହ୍ଣ ପର୍ଯ୍ୟନ୍ତ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଅଧିକ ମାତ୍ରାରେ ବର୍ଷା ହେବାର ସମ୍ଭାବନା ରହିଛି।

ଜୁଲାଇ ୨୪ ଏବଂ ୨୫ ତାରିଖରେ ଅନୁଗୁଳ, ବଲାଙ୍ଗୀର, ବାଲେଶ୍ୱର, ବୌଦ୍ଧ, କଟକ, ଢେଙ୍କାନାଳ, ଜଗତସିଂହପୁର, ଯାଜପୁର, କଳାହାଣ୍ଡି, କନ୍ଧମାଳ, କେନ୍ଦୁଝର, କେନ୍ଦ୍ରପଡ଼ା, ଖୋର୍ଦ୍ଧା, ମୟୂରଭଞ୍ଜ, ନୟାଗଡ଼ ଏବଂ ସୁବର୍ଣ୍ଣପୁର ଜିଲ୍ଲାଗୁଡ଼ିକରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ସେହିପରି ଜୁଲାଇ ୨୫ ଏବଂ ୨୬ ତାରିଖରେ ବରଗଡ଼, ବୌଦ୍ଧ, ଦେବଗଡ଼, ଝାରସୁଗୁଡ଼ା, ସମ୍ବଲପୁର ଏବଂ ସୁନ୍ଦରଗଡ଼ ଜିଲ୍ଲାରେ ଅଧିକ ମାତ୍ରାରେ ବର୍ଷା ହେବାର ସମ୍ଭାବନା ରହିଛି। ରାଜ୍ୟର ଅନ୍ୟ ଜିଲ୍ଲାଗୁଡ଼ିକରେ ଏହି ସମୟ ମଧ୍ୟରେ ମଧ୍ୟମରୁ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି ବୋଲି ସିଇସି ପକ୍ଷରୁ କୁହାଯାଇଛି।

# ବିଜେପି ଯୁବମୋର୍ଚ୍ଚା ତରଫରୁ ବିକ୍ଷୋଭ ପ୍ରଦର୍ଶନ



**ବୋରିଗୁମ୍ମା, ୨୨।୭ (ସଂଚାର ବ୍ୟୁରୋ):** ଯୁବତୀଙ୍କୁ ଦୁଷ୍କର୍ମ ଅଭିଯୋଗରେ ଯୁବ କଂଗ୍ରେସ ନେତା ଗିରଫ ପ୍ରସଙ୍ଗରେ କଂଗ୍ରେସକୁ କାଉଣ୍ଟର କରିଛି ବିଜେପି। ରାହୁଲ ଗାନ୍ଧୀ ଓ ଭକ୍ତ ଦାଶଙ୍କ କୁଶ ପୁତ୍ତଳିକା ଦାହ କଲେ ବିଜେପି କର୍ମୀ। ଭକ୍ତ ଦାସ ସଭାପତି ପଦରୁ ଇସ୍ତଫା ଦେବେ କି? ରାଜ୍ୟ କଂଗ୍ରେସ ମହିଳା ନେତ୍ରୀ ମିନାକ୍ଷୀ ବାହିନୀପତି ଏବଂ ବିଧାୟିକା ସୋଫିଆ ମେଡମ ପିଡିତାଙ୍କ ଘରଲୋକଙ୍କୁ ଭେଟିବେ କି? ତାପରେ ଏ ପ୍ରସଙ୍ଗରେ ପ୍ରେସମିଟ କରିବେ କି ବୋଲି ପ୍ରଶ୍ନ କଲା ବଜେପି? ଏହି ଘଟଣା ପରେ ବିଜେପି ଯୁବ ମୋର୍ଚ୍ଚା ଜିଲ୍ଲା ସାଧାରଣ ସମ୍ପାଦକ ସରୋଜ କୁମାର ପାଣିଗ୍ରାହୀଙ୍କ ପକ୍ଷରୁ ବୋରିଗୁମ୍ମା ସ୍ଥିତ ଟ୍ରାଫିକ ଛକ ଠାରେ ବିଜେପି ଯୁବମୋର୍ଚ୍ଚା ତରଫରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇ ଭକ୍ତ ଦାଶଙ୍କ ଇସ୍ତଫା ଦାବି କରାଯାଇଛି। ରାଜ୍ୟ ଛାତ୍ର କଂଗ୍ରେସ ସଭାପତି ଦ୍ୱାରା ଏକ ଭଉଣୀଙ୍କ ପ୍ରତି ହୋଇଥିବା ଦୁଷ୍କର୍ମର ପ୍ରତିବାଦ କରାଯାଇଥିଲା। ରାଜ୍ୟ ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଦାସ ଏବଂ ରାହୁଲ ଗାନ୍ଧୀ ଙ୍କ କୁଶ ପୁତ୍ତଳିକା ଦାହ କରିଲା ବିଜେପି ଯୁବ ମୋର୍ଚ୍ଚା ରାଜ୍ୟ କଂଗ୍ରେସ ମହିଳା ସୋଭାନେତ୍ରୀ ମିନାକ୍ଷୀ ବାହିନୀପତି ଏବଂ ବାରବାଟି ବିଧାୟିକା ସୋଫିଆ ମେଡାମ ପିଡିତାଙ୍କ ଘର ଲୋକଙ୍କ ସହ୍ ମିଶିବେ କି? ଭୁବନେଶ୍ୱରରେ ଏହି ପ୍ରସଙ୍ଗକୁ ନେଇ ପ୍ରେସମିଟ କରିବେ କି ପ୍ରଶ୍ନ କରିଲା ବିଜେପି। ବୋରିଗୁମ୍ମାର ମଣ୍ଡଳ ସଭାପତି ବିଘ୍ନେସ୍ୱର ସଢ଼ଙ୍ଗୀ , ସୁବିମଲ ଭଞ୍ଜ,ଚକ୍ରଧର ଗାଦବା ,ପୂର୍ବତନ ମଣ୍ଡଳ ସଭାପତି ରାଜ ସିଂ,ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଶ୍ରୀନିଭାଷ ରାଓ, ଭାସ୍କର ଭଞ୍ଜ,ଗୌରୀଶଙ୍କର ଦାଶ, ସମେତ ବିଜେପିର ବହୁ କର୍ମୀ ଯୋଗ ଦେଉଥିଲେ।

# ଦେବୀନଦୀକୁ ଡେଇଁ ଛାତ୍ର ନିଖୋଜ



**ନାଉଗାଁ,୨୨।୭ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ନାଉଗାଁ ଥାନା ଅନ୍ତର୍ଗତ ନାଉଗାଁ ଗ୍ରାମର ଜଣେ ଯୁବକ ଦେବୀନଦୀକୁ ଡେଇଁ ନିଖୋଜ ଥିବା ଜଣାଯାଇଛି। ଘଟଣାସ୍ଥଳରେ ପ୍ରଥମେ ଅଗ୍ନିଶମ ବାହିନୀ ଓ ପରେ ଓଡ୍ରାଫ ଟିମ୍‌ଙ୍କ ଦ୍ୱାରା ଖୋଜାଖୋଜି ଜାରି ରହିଥିଲେ ମଧ୍ୟ ନିଖୋଜ ଯୁବକଙ୍କୁ ଠାବ କରାଯାଇପାରି ନାହିଁ। ନିଖୋଜ ଯୁବକ ଜଣକ ହେଲେ ଉକ୍ତ ଗ୍ରାମର ଦେବାଶିଷ ପରିଡାଙ୍କ ପୁତ୍ର ଆଶୁତୋଷ(୨୨)। ଆଶୁତୋଷ ମଙ୍ଗଳବାର ମଧ୍ୟାହ୍ନରେ ଏକ ସ୍କୁଟିରେ ଗାରୋଇ ଦେବୀନଦୀ ପଠାକୁ ଯାଇଥିଲେ। ସେଠାରେ ସ୍କୁଟି ରଖି ନଦୀରେ ନିର୍ମାଣ ହୋଇଥିବା ବୁରୁଜ ଉପରକୁ ଯାଇଥିଲେ। ସେଠାରେ ପାଣିକୁ ଡେଇଁ ପଡ଼ିଥିବା ସ୍ଥାନୀୟ ଲୋକ କହିଛନ୍ତି। ନଦୀରେ ଗଭୀର ପାଣି ଥିବା ଯୋଗୁଁ ଯୁବକ ଜଣଙ୍କୁ ଖୋଜିବାରେ ବ୍ୟାଘାତ ଉପୁଜୁଛି। କେଉଁ ପରିସ୍ଥିତିରେ ସେ ନଦୀକୁ ଡେଇଁଲେ ତାହାର କାରଣ ଏପର୍ଯ୍ୟନ୍ତ ଜଣାପଡ଼ିନାହିଁ। କିନ୍ତୁ ଆଶୁତୋଷ ଏହି ବ୍ଲକର କଣିପଡ଼ାସ୍ଥିତ ପଲିଟେକନିକର କଲେଜର ଛାତ୍ର ଥିଲେ।

# ସୂର୍ଯ୍ୟଭାନୁ ପାଠାଗାରର ନୂତନ ପରିଚାଳନା କମିଟି ଗଠନ

**ବୋରିଗୁମ୍ମା,୨୨।୭ (ସଂଚାର ବ୍ୟୁରୋ):** କୋରାପୁଟ ଜିଲ୍ଲା ବୋରିଗୁମ୍ମାର ସର୍ବପୁରାତନ କ୍ଲବ୍ ଭାବେ ସୁର୍ଯ୍ୟଭାନୁ ପାଠାଗାର ଅନ୍ୟତମ । ଏହି କ୍ଲବ୍ ଟି ଧୂମଧାମ୍‌ରେ ଶାରଦୀୟ ଦୁର୍ଗାପୂଜା ଉତ୍ସବ ଆୟୋଜନ କରିବାରେ ପରିଚିତ । ସୁର୍ଯ୍ୟଭାନୁ ପାଠାଗାରର ବରିଷ୍ଠ ସଦସ୍ୟ ପି.ଗଣପତି ରାଓ, ସୁଭାଷ ନାୟକ, ଗୁପ୍ତ ଗନ୍ତାୟତ,ଅଶୋକ ଗନ୍ତାୟତ,ସୁରେଶ ରାଉତ, ପି.ଜଗଦେଶ୍ୱର୍



ରାଓ ପ୍ରମୁଖଙ୍କ ସହମତିରେ କମିଟି ଗଠନ କରାଯାଇଥିଲା। ଉପସ୍ଥିତ ଗ୍ରାମବାସୀଙ୍କ ସମର୍ଥନରେ ବିଜୟ ନାରାୟଣ ସାହୁଙ୍କୁ ସଭାପତି, ଉପସଭାପତି ଭାବେ କେ.କେଶବ ରାଓ, ସମ୍ପାଦକ କେ ଅନିଲ କୁମାର, ସହ ସଂପାଦକ ନିଖିଲ ନାୟକ, କୋଷାଦକ୍ଷ ସୁଜିତ୍ ଦାସଙ୍କୁ ଚୟନ କରାଯାଇଥିଲା । ଆଗକୁ ଏହି ପାଠାଗାର କିପରି ନୂତନ ରୂପରେଖ ପାଇବ ସେ ନେଇ ପ୍ରୟାସ ଜାରି ରହିବ ବୋଲି ନୂତନ ସଭାପତି ବିଜୟ ନାରାୟଣ ସାହୁ ପ୍ରତିକ୍ରିୟା ଦେଇଥିଲେ ।

## ନୟାଗଡ଼ରେ ପାଠକୀୟ ଚର୍ଚ୍ଚା

# ଉପନ୍ୟାସ 'ସେଇ ଝିଅ ଶିବାନୀ'

**ନୟାଗଡ଼,୨୨।୭ (ସଂଚାର ବ୍ୟୁରୋ):** ସାହିତ୍ୟ ହେଉଛି ସମାଜର ଦର୍ପଣ। ପ୍ରଗତିଶୀଳ ସମାଜଧର୍ମୀ ସାହିତ୍ୟ ହିଁ ସମାଜିକ ସ୍ରୋତରେ ମୋଡ ପରିବର୍ତ୍ତନ କରି ଦେଇପାରେ । କମ୍ରେଡ ବିଶ୍ୱନାଥ ମହାପାତ୍ରଙ୍କ ରଚିତ ଉପନ୍ୟାସ ଗୁଡିକ ସାଧାରଣ ମଣିଷର ଭାବକୁ ନେଇ ପରିପୁଷ୍ଟ । 'ସେଇ ଝିଅ ଶିବାନୀ' ଉପନ୍ୟାସ ନାରୀ ସଶକ୍ତିକରଣ, ଶୋଷଣବାଦୀ ସମାଜ ବ୍ୟବସ୍ଥାର ବିଭତ୍ସ ବିରୂପ, ସମ୍ବେଦନଶୀଳ ନାରୀ ମନର କଥା ଓ ଗାଥା, ତତସହିତ କାଳକ୍ରମେ ହଜି ଯାଉଥିବା ଶବ୍ଦମାନଙ୍କୁ ପ୍ରୟୋଗ କରି ପାଠକୀୟ ଉତ୍କଣ୍ଠାର ସୁପରିବାହି ମସଲାରେ ଭରପୂର ବୋଲି ମତବ୍ୟକ୍ତ କରିଥିଲେ ବିଧାୟକ ତଥା ସାହିତ୍ୟିକ ଡ. ଅରୁଣ କୁମାର ସାହୁ । ସମୀକ୍ଷକ ଭାବରେ ନୟାଗଡ଼ ପଞ୍ଚାୟତ ସମିତି ସଭାକକ୍ଷରେ ଆୟୋଜିତ ସାରସ୍ୱତ ସମାରୋହରେ ଯୋଗ ଦେଇ ନୟାଗଡ଼ ବିଧାୟକ ଡ. ସାହୁ ଭାବବିହ୍ୱଳ ହୋଇ ମତ ରଖିଥିଲେ ।




ବରିଷ୍ଠ ସାମ୍ବାଦିକ ପ୍ରମୋଦ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ନାଟ୍ୟ ଭୁଷଣ ଡ. ବିଜୟ କୁମାର ଚୌଧୁରୀ ବିଶ୍ୱନାଥ ମହାପାତ୍ରଙ୍କ ସାହିତ୍ୟର ନାନାବିଧ ବିଭବ ଉପରେ ଆଲୋକପାତ କରି ଓଡ଼ିଆ ସାହିତ୍ୟ ଜଗତକୁ ଏହା କିଭଳି ଋଦ୍ଧିମନ୍ତ କରୁଛି ବୋଲି କହିଥିଲେ। ପ୍ରଖ୍ୟାତ ନାଟ୍ୟକାର ପ୍ରଫେସର ରାମଚନ୍ଦ୍ର ମିଶ୍ର ପୁସ୍ତକଟିର ପାଠକୀୟ ଉତ୍କଣ୍ଠା ଉପରେ ଭାବପୂର୍ଣ୍ଣ ଟିପ୍ପଣୀ ଦେଇ ଶ୍ରୀ ମହାପାତ୍ରଙ୍କର ଏହା ସଫଳ ସୃଷ୍ଟି ବୋଲି ମତବ୍ୟକ୍ତ କରିଥିଲେ। ଆକାଶବାଣୀର ଉଦଘୋଷକ ଜଗନ୍ନାଥ ମଲ୍ଲିକ ଅତିଥି ଭାବେ ଯୋଗ ଦେଇ ଲେଖକ କିଭଳି ଭାବରେ ପୁରୀ କଲେଜରେ ପଢିଲା ବେଳେ ଛାତ୍ର ନେତା ଭାବରେ ତାଙ୍କୁ ପ୍ରଭାବିତ କରିଥିଲେ ତାହାର ଚିତ୍ର ଟେକି ଧରିଥିଲେ। ପୁସ୍ତକର ପ୍ରକାଶକ ଶରତ ଚନ୍ଦ୍ର ବେହେରା ପ୍ରଥମେ ସ୍ୱାଗତ ଅଭିଭାଷଣ ପ୍ରଦାନ କଲା ପରେ ସାହିତ୍ୟିକ ପ୍ରିୟମ୍ବଦା ଦାଶ, ଡ. କୈଳାସ ଚନ୍ଦ୍ର ବାଣ୍ଟ, ନାରାୟଣ ଶୁକ୍ଳା, ସନ୍ତୋଷ କୁମାର ସାହୁ, ନବକିଶୋର ସାମନ୍ତରାୟ, ଲେଖକ ପରିଷଦ ସମ୍ପାଦକ ଏସ୍ ଏ ଖାଲିକ୍ ପ୍ରମୁଖ ପାଠକୀୟ ଚର୍ଚ୍ଚାରେ ଭାଗ ନେଇଥିଲେ। ସାହିତ୍ୟ କୃତି ପାଇଁ ଅନୁଷ୍ଠାନ ପକ୍ଷରୁ ବିଶିଷ୍ଟ କବି ଓ ସାହିତ୍ୟିକ ଅଧ୍ୟାପକ ନବକିଶୋର ସାମନ୍ତରାୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଲେଖକଙ୍କର ଚର୍ଚ୍ଚିତ ଉପନ୍ୟାସ 'ଯୁଗାନ୍ତକାରୀ ଜାରା' ପଞ୍ଚମ ସଂସ୍କରଣ ଲୋକାର୍ପିତ ହୋଇଥିଲା ।

# ଦୋକାନ ଚାଳିଆକୁ ଜାଳି ଦେଲେ ଦୁର୍ବୃତ୍ତ

**ନାଉଗାଁ,୨୨।୭ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ନାଉଗାଁ ଥାନା ଅନ୍ତର୍ଗତ ଗଙ୍ଗଦାହାଟ ନିକଟସ୍ଥ ତେଲସରା-କୋକିଡିହ ରାସ୍ତା ପାର୍ଶ୍ୱରେ ଥିବା ୨ଟି ଚାଳିଆ ଦୋକାନକୁ ଦୁର୍ବୃତ୍ତମାନେ ସୋମବାର ବିଳମ୍ବିତ ରାତିରେ ଜାଳି ଦେଇଥିବା ଥାନାରେ ଲିଖିତ ଅଭିଯୋଗ ହୋଇଛି। ଉକ୍ତ ଚାଳିଆ ୨ଟି ହେଲା ଚରଣ ବେହେରାଙ୍କ କଂସେଇଖାନା ଓ ପପୁ ମଲିକଙ୍କ କୁକୁଡା ବିକ୍ରୟ କେନ୍ଦ୍ର। ଚାଳିଆ ଜାଳି ଦେବା ସମ୍ପର୍କରେ ପପୁ ମଲ୍ଲିକ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତିକରି ତଦନ୍ତ ଜାରି ରହିଥିବା ଥାନାଧିକାରୀ ପ୍ରଦୀପ୍ତ କାନୁନଗୋ ପ୍ରକାଶ କରିଛନ୍ତି।

# ଅବକାରୀ ବିଭାଗର ଚଢ଼ାଉ, ମଦ ସହ ୪ ଗିରଫ



**କଳିଙ୍ଗନଗର, ୨୨।୭ (ସଂଚାର ବ୍ୟୁରୋ):** ଯାଜପୁର ରୋଡ଼ ଅବକାରୀ ବିଭାଗ ତରଫରୁ ଆଜି ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୧୪୬ ଲିଟର ଚୋରା ମଦ, ଦୁଇଟି ବାଇକ ଜବତ କରିବା ସହ ଚାରି ଜଣ ଚୋରା ମଦ ବେପାରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି, ଖବର ମତେ ଅବକାରୀ ବିଭାଗ ର ଏକ ଟିମ ଧୂଳିଗଡ଼ ପଞ୍ଚାୟତ ର ମାନପୁର ଗାଁ ରେ ଚୋରା ମଦ ଦୀର୍ଘ ବର୍ଷ ହେବ ବିକୁଥିବା ରଘୁନାଥ ରଣା ଙ୍କୁ ଗିରଫ କରିବା ସହ ସୋଲବନ୍ଧୀ ର ସୁଶାନ୍ତ ରାଉତ ଙ୍କୁ ଗିରଫ କରିଥିଲେ, ତାପରେ ଟୋଲକାନି ରାସ୍ତାରେ ଧୂଳିଗଡ଼ ର ଶ୍ରୀକାନ୍ତ ନାୟକ ଓ ମୁଣ୍ଡମାଳର ବିକି ଦାସଙ୍କୁ ଗିରଫ କରିଥିଲେ,ଏହି ଚୋରା ମଦ ବେପାରୀ ଙ୍କ ଠାରୁ ଦୁଇଟି ବାଇକ ମଧ୍ୟ ଜବତ କରିଥିଲେ, କେସ ନମ୍ବର ୯୦/୯୧/୭୦/୨୦୨୫ରେ ଅଭିଯୁକ୍ତ ଚୋରା ମଦ ବେପାରୀ ଙ୍କୁ କୋର୍ଟ ଚାଲାଣ କରିଥିବା ସୂଚନା ମିଳିଛି, ଏହି ଚଢ଼ାଉ ରେ ଅବକାରୀ ବିଭାଗ ର ଓ.ଆଇ.ସି ବିଭୂପ୍ରସାଦ ସାହୁ, ଏ.ଏସ.ଆଇ ରଶ୍ମିରେଖା ଜେନା, କନେଷ୍ଟବଳ ମାଳତୀ ମାଝୀ ଓ ଚଗଲା ମଲ୍ଲିକ ଓ ଅନ୍ୟ ଏକ ଟିମ ରେ ଆଇ. ଆଇ. ସି ନାରାୟଣ ବେହେରା,ଓ. ଆଇ. ସି. ସୁରେନ୍ଦ୍ର ପଣ୍ଡା,ଏ ଏସ ଆଇ ରଞ୍ଜନ ପାତ୍ର ଓ କନେଷ୍ଟ ବଳ ଗଣେଷ ଦଣ୍ଡପାଟ ପ୍ରମୁଖ ସାମିଲ ଥିଲେ, ଗ୍ରାମାଞ୍ଚଳ ରେ ଏପରି ଚୋରା ମଦ ବେପାରୀ ଙ୍କ ଉପରେ ଚଢ଼ାଉ ପରେ ଅବକାରୀ ବିଭାଗ ର ଏପରି କାର୍ଯ୍ୟକୁ ସାଧାରଣ ରେ ପ୍ରଂଶସା କରାଯାଇଛି।

# ବିଡିଓଙ୍କୁ ସିଆରପି, ଏମବିକେ, ବ୍ୟାଙ୍କ ମିତ୍ରଙ୍କ ଦାବିପତ୍ର



**ନାଉଗାଁ,୨୨।୭ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକରେ ଗ୍ରାମ ପଞ୍ଚାୟତ ସ୍ତରୀୟ ସଂଘରେ କାର୍ଯ୍ୟରତ କମ୍ୟୁନିଟି ସପୋର୍ଟିଂ କର୍ମଚାରୀ ମଙ୍ଗଳବାର ବିଡିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବି ମୁତାବକ ଆମ୍ଭେମାନେ ପ୍ରୋଜେକ୍ଟ ଆରମ୍ଭ ଦିନ ଠାରୁ ସରକାରଙ୍କ ନିୟମ ମୁତାବକ ସମସ୍ତ କାର୍ଯ୍ୟ କରିଆସୁଅଛୁ। କାର୍ଯ୍ୟ ପାଇଁ ସରକାର ମାସକୁ ଆମକୁ କିଛି ଅର୍ଥ ମଧ୍ୟ ପ୍ରଦାନ କରିଥାନ୍ତି। କିନ୍ତୁ ସରକାରଙ୍କ ତରଫରୁ ମାର୍ଚ୍ଚ ୨୯ରେ (ପତ୍ର ସଂଖ୍ୟା-୨୬୭୦) ଅନୁସାରେ କାର୍ଯ୍ୟଦକ୍ଷତା ପ୍ରୋତ୍ସାହନ ନେବା ପାଇଁ ଚିଠିରେ ଉଲ୍ଲେଖ କରାଯାଇଛି। ଯାହାକୁ ଆମ୍ଭ ସଂଘ ବିରୋଧ କରୁଅଛି। ସରକାରଙ୍କ ଘୋଷିତ କାର୍ଯ୍ୟଦକ୍ଷତା ପ୍ରୋତ୍ସାହନକୁ ଆମ୍ଭେ ବର୍ଜନ କରିବା ସହିତ ପୂର୍ବପରି କାର୍ଯ୍ୟ ଜାରି ରଖିବୁ ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି।

ଏହି ଦାବିପତ୍ରରେ ବ୍ଲକର ୧୬ଟି ପଞ୍ଚାୟତରେ କାର୍ଯ୍ୟରତ ଏମବିକେ, ସିଆରପି, ବ୍ୟାଙ୍କ ମିତ୍ର ଆଦିଙ୍କ ସ୍ୱାକ୍ଷର ରହିଛି। ଉକ୍ତ ଦାବିପତ୍ରକୁ ବିଜୟଲକ୍ଷ୍ମୀ ମହାନ୍ତି, ରିତାରାଣୀ ମହାନ୍ତି, ପ୍ରତିମା ବେହେରା, ପ୍ରିୟଦର୍ଶିନୀ ଦାସ ଆଦି ବିଡିଓ ନିରଞ୍ଜନ ପରିଡ଼ାଙ୍କୁ ପ୍ରଦାନ କରିଛନ୍ତି।

# ରିଜର୍ଭର ଉନ୍ନୟନ କାର୍ଯ୍ୟ କରି ଚର୍ଚ୍ଚାରେ ବିଜୟ



**ନୟାଗଡ଼,୨୨।୭ (ସଂଚାର ବ୍ୟୁରୋ):** ନୟାଗଡ ଜିଲ୍ଲା ସଦର ମହକୁମାରେ ଥିବା ପୁଲିସ ରିଜର୍ଭର ଭିତ୍ତିଭୂମି ସୁଦୃଢ଼ କରିବା ସହ ସରସ ସୁନ୍ଦର କରି ଗଢ଼ି ତୋଳିବା ପାଇଁ ଆଗେଇ ଆସିଛନ୍ତି ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଏସ ସୁଶ୍ରୀ। ଆରକ୍ଷୀ ଅଧିକ୍ଷକଙ୍କ ଏସ ସୁଶ୍ରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରିଜର୍ଭ ଆରକ୍ଷୀ ନିରୀକ୍ଷକ ବିଜୟ ମୁଦୁଲି ପୁଲିସ୍ କର୍ମଚାରୀ ଓ ସେମାନଙ୍କ ପରିବାରକୁ ସେବା ଯୋଗାଇବା ଓ ମନୋରଞ୍ଜନ ପାଇଁ ନିଆରା ପଦକ୍ଷେପ ନେଇଥିବା ଦେଖିବାକୁ ମିଳିଛି। ଶ୍ରୀଯୁକ୍ତ ମୁଦୁଲି ଏକ ବର୍ଷ ମଧ୍ୟରେ ପିଟିଏସ-ଡିଆରଡିଏ ପୂର୍ତ୍ତ ବିଭାଗ ମୁଖ୍ୟ ରାସ୍ତା ଠାରୁ ବିଭାଗୀୟ କାର୍ଯ୍ୟାଳୟ ପର୍ଯ୍ୟନ୍ତ ରାସ୍ତାର ଦୃଢ଼ୀକରଣ କରିବା ସହ ବିଭାଗୀୟ ଯାନବାହାନ ସଫା କରିବା ପାଇଁ ଏକ ସର୍ଭିସ୍ ପଏଣ୍ଟ କରିଛନ୍ତି। ତତ୍ ସହିତ ଜିଲ୍ଲା ପୁଲିସ ବିଶ୍ରାମ ଗୃହକୁ ପକ୍କା ରାସ୍ତା, ପୁଲିସ ଗ୍ରାଉଣ୍ଡ ପରିସରରେ ଫ୍ଲାଗ ପୋଷ୍ଟ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରି ବିଭାଗୀୟ କର୍ମଚାରୀଙ୍କ ପ୍ରସଂଶାର ପାତ୍ର ହୋଇଛନ୍ତି।

ସେତିକିରେ ସରିନାହିଁ ବିଜୟଙ୍କ ବିଜୟ ଧ୍ୱନୀ। ପୁଲିସ ଗ୍ରାଉଣ୍ଡରେ ସହିଦ ମାନଙ୍କ ଉଦ୍ଦେଶ୍ୟରେ ଏକ ସହିଦ୍ ସ୍ତମ୍ଭ ନିର୍ମାଣ କରାଯିବା ସହ ଜିଲ୍ଲା ସଦର ମହକୁମାରରେ କାର୍ଯ୍ୟରତ ବିଭାଗୀୟ କର୍ମଚାରୀଙ୍କ ପିଲାମାନଙ୍କ ମନୋରଞ୍ଜନ, ଖେଳ କୁଦ କରିବା ପାଇଁ ଏକ ମିନି ପାର୍କ ନିର୍ମାଣ କରିବାରେ ସକ୍ଷମ ହୋଇପାରିଛନ୍ତି। ଏକ ବର୍ଷରେ ମଧ୍ୟ ବିଭାଗୀୟ କାର୍ଯ୍ୟ ତୁଲାଇବା ସହ ଏତେ ଗୁଡ଼ିଏ କାମ କର୍ମଚାରୀ ମାନଙ୍କ ପ୍ରସଂଶା ପାଲଟିଛନ୍ତି ରିଜର୍ଭ ପୁଲିସର ଆରକ୍ଷୀ ନିରୀକ୍ଷକ ବିଜୟ ମୁଦୁଲି।

# ଛାତ୍ରୀଙ୍କୁ ଅସଦାଚାରଣ ଅଭିଯୋଗରେ ଯୁବକ ଗିରଫ

**ବ୍ରହ୍ମପୁର, ୨୨।୭ (ସଂଚାର ବ୍ୟୁରୋ):** ସ୍କୁଲରୁ ଫେରୁଥିବା ଜଣେ ୧୪ ବର୍ଷୀୟା ଛାତ୍ରୀଙ୍କୁ ଅସଦାଚାରଣ କରିଥିବା ଅଭିଯୋଗରେ ବୈଦ୍ୟନାଥପୁର ପୋଲିସ ଯୁବକଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣଙ୍କ କେ. ନୂଆଗାଁ ଥାନା ଅନ୍ତର୍ଗତ ସହଦେବ ଟିକରପଢା ଗ୍ରାମର ସୁଶାନ୍ତ ମହାରଣା(୨୪)। ପୁଲିସ ତାଙ୍କୁ ମାମଲା ନଂ ୩୭୨/୨୫ ରେ ମଙ୍ଗଳବାର କୋର୍ଟ ଚାଲାଣ କରିଥିବା ବ୍ରହ୍ମପୁର ଏସପି ଡା. ସର୍‌ବଣା ବିବେକ ଏମ. ସୂଚନା ଦେଇଛନ୍ତି। ଘଟଣାରୁ ପ୍ରକାଶ ଜନୈକା ପିଡ଼ିତା ଛାତ୍ରୀ ସ୍କୁଲରୁ ଫେରୁଥିବା ବେଳେ ବିଚ ରାସ୍ତାରେ ଅଭିଯୁକ୍ତ ସୁଶାନ୍ତ ତାଙ୍କୁ ଚକଲେଟ ଦେବାକୁ କହି ଟଣା ଓଟରା କରିବା ସହ ଦୁର୍ବ୍ୟବହାର କରିଥିଲେ। ସର୍ବ ସାଧାରଣରେ ଛାତ୍ରୀଙ୍କ ମର୍ଯ୍ୟାଦା ହାନି ହୋଇଥିବା ନେଇ ତାଙ୍କ ବାପା ଅଭିଯୋଗ କରିଥିଲେ। ପ୍ରକାଶ ଥାଉ କି ଗତ ମାର୍ଚ୍ଚ ମାସରେ ସୁଶାନ୍ତ ମହାରଣା ଉକ୍ତ ନାବାଳିକା ଛାତ୍ରୀଙ୍କୁ ଅପହରଣ କରି ବଳାତ୍କାର କରିଥିବା ନେଇ ବୈଦ୍ୟନାଥପୁର ଥାନାରେ ଅଭିଯୋଗ ହୋଇଥିଲା।



# ସଚେତନ ଅବସ୍ଥାରେ ଅତ୍ୟାଧୁନିକ ନ୍ୟୁରୋସର୍ଜରୀ କଲେ ସମ୍ ନ୍ୟୁରୋସର୍ଜନ

**ଭୁବନେଶ୍ୱର,୨୨।୭ (ସଂଚାର ବ୍ୟୁରୋ):** ପୂର୍ବ ଭାରତରେ ପ୍ରଥମ ଥର ପାଇଁ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ ହସ୍ପିଟାଲର ଡାକ୍ତରୀ ଟିମ୍ ସଫଳତାର ସହ ଏକ ଅତ୍ୟାଧୁନିକ ତଥା ଜଟିଳ ନ୍ୟୁରୋସର୍ଜରୀ ସମ୍ପାଦିତ କରିଛନ୍ତି।

## ପୂର୍ବ ଭାରତରେ ପ୍ରଥମ

ରୋଗୀକୁ ସଚେତନ ଅବସ୍ଥାରେ ରଖି କର୍ଟିକାଲ୍ ଓ ସବ୍‌କର୍ଟିକାଲ୍ ବ୍ରେନ୍ ମ୍ୟାପିଂ ପଦ୍ଧତିରେ ମସ୍ତିଷ୍କର ଜଟିଳ ସ୍ଥାନରେ ଥିବା ବ୍ରେନ୍ ଟ୍ୟୁମରକୁ ଚିହ୍ନଟ କରି ଅସ୍ତ୍ରୋପଚାର କରିବାରେ ଏହି ନ୍ୟୁରୋସର୍ଜନ ସଫଳ ହୋଇଛନ୍ତି।

ମଙ୍ଗଳବାର ସମ୍ ହସ୍ପିଟାଲ୍‌ରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଏହି ଅସ୍ତ୍ରୋପଚାର ସମ୍ପର୍କରେ ସୂଚନା ଦେଇ ନ୍ୟୁରୋସର୍ଜରୀ ବିଭାଗର ଆସୋସିଏଟ ପ୍ରଫେସର ଡାକ୍ତର ଶ୍ରୀକାନ୍ତ କୁମାର ସ୍ୱାଇଁ କହିଛନ୍ତି ଯେ ଜଣେ ୩୭ ବର୍ଷୀୟ ଯୁବକଙ୍କର ମସ୍ତିଷ୍କର ସ୍ପିଚ୍ ଓ ମୋଟର କଂଟ୍ରୋଲ୍ ଅଞ୍ଚଳରେ ଟ୍ୟୁମର ଚିହ୍ନଟ ହୋଇଥିବା ବେଳେ ସେ ସଚେତନ ଥିବା ଅବସ୍ଥାରେ ତାଙ୍କ ଶରୀରରେ ଏହି ଜଟିଳ ଅସ୍ତ୍ରୋପଚାର କରାଯାଇଛି। ଡାକ୍ତର ସ୍ୱାଇଁଙ୍କ ନେତୃତ୍ୱରେ ହସ୍ପିଟାଲ୍‌ର ବିଭିନ୍ନ ବିଭାଗର ଡାକ୍ତର ଏବଂ ଅନ୍ୟ ସଦସ୍ୟମାନେ ମିଳିତ ଭାବେ ଏହି ଜଟିଳ ଅସ୍ତ୍ରୋପଚାରକୁ ସଫଳ କରିବାରେ ସକ୍ଷମ ହୋଇଛନ୍ତି। ଏହି ଟିମ୍‌ରେ ନ୍ୟୁରୋଲଜି ବିଭାଗର ଆସୋସିଏଟ ପ୍ରଫେସର (ଡାକ୍ତର) ଶ୍ରୀମନ୍ତ ପଟ୍ଟନାୟକ ଏବଂ ନ୍ୟୁରୋ ଆନେସ୍‌ଥେସିଷ୍ଟ ଡାକ୍ତର ଦେବୀ ପ୍ରସାଦ ମହାପାତ୍ର ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇଥିଲେ। ଅସ୍ତ୍ରୋପଚାର ପରେ ରୋଗୀ ଜଣକ ଧୀରେ ଧୀରେ ସୁସ୍ଥ ହେବାରେ ଲାଗିଛନ୍ତି ବୋଲି ସେ କହିଛନ୍ତି।




ସାମ୍ବାଦିକ ସମ୍ମିଳନୀରେ ବିଶିଷ୍ଟ ନ୍ୟୁରୋସର୍ଜନ ତଥା ଶିକ୍ଷା ଓ ଅନୁସନ୍ଧାନ (ସୋଆ)ର ପ୍ରମୁଖ ଉପଦେଷ୍ଟା (ସ୍ୱାସ୍ଥ୍ୟ ବିଜ୍ଞାନ) ପ୍ରଫେସର (ଡାକ୍ତର) ଅଶୋକ କୁମାର ମହାପାତ୍ର ଏହି ସଫଳ ଅସ୍ତ୍ରୋପଚାରକୁ ନେଇ ଖୁସି ବ୍ୟକ୍ତ କରିବା ସହ ଏହା ଓଡ଼ିଶା ପାଇଁ ଏକ ଗର୍ବର କଥା ବୋଲି କହିଥିଲେ।

# ଖାଦ୍ୟର ମାନ ଓ ସ୍ୱଚ୍ଛତା ଯାଞ୍ଚ

- ହୋଟେଲ ସିଲ୍, ୩୫ ହଜାର ଜରିମାନା ଆଦାୟ

**ବୋରିଗୁମ୍ମା/କୋଟପାଡ଼, ୨୨।୭ (ସଂଚାର ବ୍ୟୁରୋ):** ବର୍ଷା ଦିନକୁ ଦୃଷ୍ଟିରେ ରଖି କୋଟପାଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦ ତରଫରୁ ଖାଦ୍ୟର ମାନ ଓ ସ୍ୱଚ୍ଛତା ନେଇ ସହରର ବିଭିନ୍ନ ହୋଟେଲରେ ଯାଞ୍ଚ କରାଯାଉଛି। ସହରରେ ବାସି ଖାଦ୍ୟ ସହ ସ୍ୱଚ୍ଛତାକୁ ନେଇ ପ୍ରଶାସନ ନିକଟରେ ବାରମ୍ବାର ଅଭିଯୋଗ ପରେ ମ୍ୟୁନିସ୍‌ପାଲଟିର ଏନ୍‌ଫୋର୍ସମେଣ୍ଟ ଟିମ ପକ୍ଷରୁ ସହରର କିଛି ନାମିଦାମୀ ହୋଟେଲରେ ଚଢ଼ାଉ କରି ମୋଟା ଅଙ୍କର ଜରିମନା ଆଦାୟ କରାଯାଇଛି। ଖାଦ୍ୟର ମାନ ଓ ସ୍ୱଚ୍ଛତା ଯାଞ୍ଚ ପାଇଁ ଚଢଉ କରାଯାଇଥିବା ବେଳେ ହୋଟେଲ ମାନଙ୍କରୁ ୩୫ ହଜାର ଟଙ୍କା ଜରିମାନା କରାଯାଇଛି। ଆଗକୁ ପୁଣି ନିମ୍ନମାନର ଖାଦ୍ୟ ସହ ସ୍ୱଚ୍ଛତା ଉପରେ ଧ୍ୟାନ ନଦେଲେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୌର ପରିଷଦର ନିର୍ବାହୀ ଅଧିକାରୀ କମଳେଶ ମାହନ୍ତ ସୂଚନା ଦେଇଛନ୍ତି। କୋଟପାଡ଼ ସହରରେ ପ୍ରଥମ ଥର ଏପରି ଚଢାଉ ହୋଇଥିବାରୁ ବୁଦ୍ଧିଜୀବି ମହଲରେ ଭୁରି ଭୁରି ପ୍ରଶଂସା କରାଯାଉଥିବା ଦେଖିବାକୁ ମିଳୁଛି।


## AFFIDAVIT

I, PUJA PADHY, aged about 30 years, D/o: Balakrushna Panigrahy,W/o: Sri Prabeen. Kumar Dash, resident of Laxminrusingha Street-3rd Lane, Po: Panigrahipentho, Berhampur, PS: Bada Bazar, Dist: Ganjam, Odisha PIN-760006, Aadhaar Id No. 3658-9755-0945; do hereby solemnly affirm and state on oath as follows:

1.That I am the deponent of this affidavit.

2. That I was married to one Ajit Panigrahy, S/o: Lingaraj Panigrahi of Bananai, Po: Nadakharida, PS: Kabisurjyanagar, Dist: Ganjam and out of our wed lock a son named Piyush Panigrahy born to us on 24.09.2014.

3. That due to disturbance and dispute in between me and said Ajit Panigrahy I had taken shelter of the Hon'ble Judge, Family Court, Ganjam at Berhampur for decree of divorce vide C.P. No. 332/2022 and the said proceeding was decreed in my favour by the Hon'ble Court on dtd. 22.11.2023 and have passed the order of divorce.

4. That accordingly since after my divorce I married to one Prabeen Kumar Dash, S/o: Kasinath Dash of Laxmi Nrusingha Street-3rd Lane, Berhampur, Dist: Ganjam for the 2nd time on 15.02.2025 and have duly registered our marriage with the Marriage Officer, Berhampur-I, Ganjam and have issued with the Marriage Certificate bearing No.250611500017 dtd, 15.02.2025.

5. That my son Piyush Panigrahy is prosecuting his study in 6th class at Maa Saraswati Sishu Vidya Mandir, Sivananda Nagar, Berhampur, wherein the school register his name has been mentioned as PIYUSH PANIGRAHY, S/o: Ajit Panigrahy, but now as I have married to Prabeen Kumar Dash, so I intend to change the surname of the child (Piyush Panigrahy) as PIYUSH DASH.

6. That henceforth my son Piyush Panigrahy shall be known by the name of PIYUSH DASH for all purposes.

7. Hence I swear this affidavit is need to be produced before the Competent Authority for providing the above information for needful purpose.

That the facts stated above are true to the best of my knowledge information and belief.

# ଆସନ୍ତା ରକ୍ଷାବନ୍ଧନରେ ମିଳିବ 'ସୁଭଦ୍ରା'ର ତୃତୀୟ କିସ୍ତି

- କଲେଜ ପଢୁଆ ଛାତ୍ରଛାତ୍ରୀ କରିବେ ସର୍ଭେ
- ସୁଭଦ୍ରା ସହାୟତା ଅର୍ଥର ଉପଯୋଗ ବିଷୟରେ ପଚାରିବେ ପ୍ରଶ୍ନ




**ଭୁବନେଶ୍ୱର,୨୨।୭ (ସଂଚାର ବ୍ୟୁରୋ):** ସୁଭଦ୍ରା ଆଜି ଓଡ଼ିଶାର କୋଣେ ଅନୁକୋଣରେ ପହଞ୍ଚି ମା ଓ ଭଉଣୀମାନଙ୍କର ଆର୍ଥିକ ଆବଶ୍ୟକତାକୁ ପୂରଣ କରୁଛି ଏବଂ ସେମାନଙ୍କ ଇଛା ତଥା ସ୍ୱପ୍ନକୁ ନୂଆ ରୂପ ପ୍ରଦାନ କରୁଛି। ରାଜ୍ୟର ମହିଳାମାନଙ୍କ ଆର୍ଥିକ ସଶକ୍ତିକରଣ ସୁଭଦ୍ରା ଯୋଜନା ଆରମ୍ଭର ମୂଳ ଲକ୍ଷ୍ୟ। ସୁଭଦ୍ରା ସହାୟତା ଓଡ଼ିଶାର ମା ଭଉଣୀମାନଙ୍କ ଜୀବନରେ କ'ଣ ପରିବର୍ତ୍ତନ ଆଣିଛି ଓ ଆଉ କଣ କଲେ ସୁଭଦ୍ରା କାର୍ଯ୍ୟଶୈଳୀରେ ପରିବର୍ତ୍ତନ ଆଣିହେବ -ଏପରି ପ୍ରଶ୍ନଗୁଡିକୁର ଉତ୍ତର ପାଇବା ପାଇଁ ମହିଳା ଏବଂ ଶିଶୁ ବିକାଶ ବିଭାଗ, ଉଚ୍ଚଶିକ୍ଷା ବିଭାଗ ଏବଂ ଆଇଆଇଏମ ସମ୍ବଲପୁରର ସହଭାଗୀତାରେ ସୁଭଦ୍ରା ସମୀକ୍ଷା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା ସୁଭଦ୍ରା ସମୀକ୍ଷା କାର୍ଯ୍ୟକ୍ରମର ଶୁଭାରମ୍ଭ ଅବସରରେ ମତ ପ୍ରକାଶ କରିଛନ୍ତି। ଆଜି ଭୁବନେଶ୍ୱରସ୍ଥିତ ୟୁନିଟ ୯ ବାଳକ ଉଚ୍ଚ ବିଦ୍ୟାଳୟ ପରିସରରେ ଥିବା ଶୁକବିହାର ଶନିବିହାର ଅଙ୍ଗନବାଡି କେନ୍ଦ୍ରରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡାଙ୍କ କରକମଳରେ ସୁଭଦ୍ରା ସମୀକ୍ଷା କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ସମାଜସେବୀ ଶ୍ରୀ ଜଗନ୍ନାଥ ପ୍ରଧାନ, ମହିଳା ଶିଶୁ ବିକାଶ ବିଭାଗ ନିର୍ଦ୍ଦେଶିକା ମୋନିଷା ବାନାର୍ଜୀ ଓ ଅନ୍ୟ ବରିଷ୍ଠ ଅଧିକାରୀବୃନ୍ଦ ଉପସ୍ଥିତ ଥିଲେ। ସୁଭଦ୍ରା ସମୀକ୍ଷା କାର୍ଯ୍ୟକ୍ରମରେ କଲେଜ ପଢୁଆ ଛାତ୍ରଛାତ୍ରୀମାନେ ଆଗାମୀ ୨ ସପ୍ତାହବ୍ୟାପୀ ସାରା ରାଜ୍ୟର ଅଙ୍ଗନବାଡି କେନ୍ଦ୍ରଗୁଡିକରେ ସାକ୍ଷାତକାର କାର୍ଯ୍ୟକ୍ରମ ମାଧ୍ୟମରେ ହିତାଧିକାରୀମାନଙ୍କୁ ସୁଭଦ୍ରା କାର୍ଯ୍ୟକ୍ରମ ସମ୍ବନ୍ଧୀୟ ବିଭିନ୍ନ ପ୍ରଶ୍ନ ପଚାରି ଆବଶ୍ୟକ ତଥ୍ୟ ସୁନିଶ୍ଚିତ କରିବେ। ସୁଭଦ୍ରା ସହାୟତାର ଉପଯୋଗ ଓ ସୁଭଦ୍ରା କାର୍ଯ୍ୟକ୍ରମର ପ୍ରଭାବ ବିଷୟରେ ସେମାନେ ତଥ୍ୟ ସଂଗ୍ରହ କରିବେ। ଏହି କାର୍ଯ୍ୟକ୍ରମରେ ପର୍ଯ୍ୟାୟକ୍ରମେ ୨୨, ୦୦୦ ମହିଳା ହିତାଧିକାରୀଙ୍କୁ ନେଇ ସୁଭଦ୍ରା ସମୀକ୍ଷା କାର୍ଯ୍ୟକ୍ରମର ବ୍ୟବସ୍ଥା କରାଯାଇଛି। ଏହି ଗ୍ରୁପରେ ବିଭିନ୍ନ ସାମାଜିକ ବର୍ଗ ଏବଂ ବୟସ ଭିତ୍ତିରେ ହିତାଧିକାରୀଙ୍କୁ ନିଆଯାଇଛି। ହିତାଧିକାରୀଙ୍କ ଇଛା ଓ ଆକାଂକ୍ଷାକୁ ବୁଝିବା ସହ ସୁଭଦ୍ରା ସହାୟତାର ଯଥାର୍ଥ ଉପଯୋଗ ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ। ସର୍ବେକ୍ଷଣ ତଥ୍ୟ ଆଧାରରେ ଆଗାମୀ ସୁଭଦ୍ରା କାର୍ଯ୍ୟକ୍ରମର କାର୍ଯ୍ୟାନ୍ୱୟନ କରାଯିବ।

ଏହି ସର୍ବେକ୍ଷଣ କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ ବିଭାଗ ଅଧିକାରୀ ତଥା ତାଲିମପ୍ରାପ୍ତ କର୍ମକର୍ତ୍ତାମାନେ ଛାତ୍ରଛାତ୍ରୀମାନଙ୍କୁ ସହଯୋଗ କରିବେ। ଆଇଆଇଏମ, ସମ୍ବଲପୁର ସହଯୋଗରେ ମହିଳା ଓ ଶିଶୁ ବିକାଶ ବିଭାଗ ଏହି ସମୀକ୍ଷାର ତଥ୍ୟକୁ ବିଶ୍ଳେଷଣ କରି ସମ୍ପୂର୍ଣ୍ଣ ରିପୋର୍ଟ ପ୍ରସ୍ତୁତ କରିବେ।

- ୩୬ତମ ଡ୍ୟାସ୍‌ବୋର୍ଡ ସମୀକ୍ଷା

# ସହରାଞ୍ଚଳ ଭିତ୍ତିଭୂମି ସୁଦୃଢ଼ ଉପରେ ଗୁରୁତ୍ୱ



**ଭୁବନେଶ୍ୱର,୨୨।୭ (ସଂଚାର ବ୍ୟୁରୋ):** ଉଷା ପାଢ଼ୀ, ପ୍ରମୁଖ ଶାସନ ସଚିବ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ବିଭାଗର ୩୬ତମ ଡ୍ୟାସ୍ ବୋର୍ଡ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ବିଭାଗର କନ୍‌ଫରେନ୍ସ ହଲ୍ ପରିସରରେ ଅନୁଷ୍ଠିତ ବୈଠକରେ ସହରାଞ୍ଚଳ ଭିତ୍ତିଭୂମି ବିକାଶ ନେଇ ଆରମ୍ଭ କରାଯାଇଥିବା କାର୍ଯ୍ୟଗୁଡ଼ିକର ସମୀକ୍ଷା କରାଯାଇଥିଲା। ବିଶେଷ କରି ୧୧୫ରେ ସ୍ୱାୟତ୍ତ ଶାସନ ସଂସ୍ଥାରେ ଓଡ଼ିଶା ସହରାଞ୍ଚଳ ଭିତ୍ତିଭୂମି ଉନ୍ନୟନ ପାଣ୍ଠି ଅଧୀନରେ ଚାଲିଥିବା ଷ୍ଟ୍ରିଟ୍ ଲାଇଟିଂ କାର୍ଯ୍ୟର ସମୀକ୍ଷା କରାଯାଇଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ କାର୍ଯ୍ୟ ସାରିବା ନିମନ୍ତେ ନିୟମିତ ବ୍ୟବଧାନରେ ସମୀକ୍ଷା, ଆବଶ୍ୟକ ସହଯୋଗ ଯୋଗାଇଦେବା ଉପରେ ଗୁରୁତ୍ୱାରୋପ କରିଥିଲେ ଶ୍ରୀମତୀ ପାଢ଼ୀ। ଭିତ୍ତିଭୂମି ଉନ୍ନୟନ କାର୍ଯ୍ୟ ସହରାଞ୍ଚଳରେ ବସବାସ କରୁଥିବା ଲୋକଙ୍କ ଜୀବନଧାରଣମାନରେ ଉନ୍ନତି ଆଣିବାରେ ସହାୟକ ହେବ ଏହା ସହିତ ନିରନ୍ତର ସହରାଞ୍ଚଳ ବିକାଶ ଦିଗରେ ଅଗ୍ରସର ହୋଇପାରିବା ବୋଲି ସେ କହିଥିଲେ। ଏହା ସହିତ ତୃଣମୂଳସ୍ତରରୁ ଆସୁଥିବା ବିଭିନ୍ନ ମତାମତ ସମ୍ପର୍କରେ ମଧ୍ୟ ବୈଠକରେ ଆଲୋଚନା ହୋଇଥିଲା। ଏହି ବୈଠକରେ ବିଭାଗର ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ମାଲକାନଗିରିରେ ନାବାଳିକାଙ୍କୁ ଗଣଦୁଷ୍କର୍ମ: ୪ ଅଭିଯୁକ୍ତ ଗିରଫ



**ମାଲକାନଗିରି,୨୨।୭(ସଂଚାର ବ୍ୟୁରୋ):** ମାଲକାନଗିରି ଜିଲାରେ ଜଣେ ନାବାଳିକାଙ୍କୁ ଗଣଦୁଷ୍କର୍ମ ଅଭିଯୋଗରେ ପୋଲିସ ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନଙ୍କ ମଧ୍ୟରେ ଜଣେ ଟ୍ରକ ଡ୍ରାଇଭର ସହ ଆଉ ୩ ଜଣ ଅଛନ୍ତି। ଏହି ଘଟଣା ମାଲକାନଗିରି ସଦର ଥାନା ଅଧୀନ ଅଞ୍ଚଳରେ ଘଟିଥିବା ଜଣାପଡ଼ିଛି। ପୋଲିସ ସୂଚନା ଅନୁଯାୟୀ, ନାବାଳିକା ଜଣେ ରବିବାର ସନ୍ଧ୍ୟାରେ ସାଙ୍ଗର ଜନ୍ମଦିନ ଉତ୍ସବରେ ଯୋଗ ଦେବାକୁ ଯାଇଥିଲେ। କିନ୍ତୁ ସେ ରାତିରେ ଘରକୁ ଫେରି ନଥିଲେ। ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରୁଥିବା ବେଳେ ବିଜାଘାଟି ନିକଟ ମାଲକାନଗିରି-ଜୟପୁର ରାସ୍ତାରେ କିଛି ସ୍ଥାନୀୟ ଲୋକ ତାଙ୍କୁ ଏକ ଟ୍ରକ ଡ୍ରାଇଭର ସହ ସନ୍ଦେହଜନକ ଅବସ୍ଥାରେ ଦେଖିଥିଲେ। ସେମାନେ ତୁରନ୍ତ ମାଲକାନଗିରି ଆଦର୍ଶ ଥାନା ପୋଲିସକୁ ଖବର ଦେଇଥିଲେ। ପୋଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ନାବାଳିକାଙ୍କୁ ଉଦ୍ଧାର କରି ଶକ୍ତି ସଦନ ନାମକ ଏକ ଆଶ୍ରୟସ୍ଥଳୀକୁ ପଠାଇଥିଲା। ପୀଡ଼ିତାଙ୍କ ମାଆଙ୍କ ଅଭିଯୋଗ ଆଧାରରେ ପୋଲିସ ଭାରତୀୟ ଦଣ୍ଡବିଧାନ (ଆଇପିସି) ଏବଂ ପିଓସିଏସଓ ଆଇନର ସମ୍ପୃକ୍ତ ଧାରାରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏହି ଘଟଣାରେ ସମ୍ପୃକ୍ତ ଟ୍ରକ ଡ୍ରାଇଭର ଓ ଅନ୍ୟ ୩ ଜଣଙ୍କୁ ଗିରଫ କରାଯାଇଛି।

## ପୁରୀରେ ବସ୍‌ଷ୍ଟାଣ୍ଡ ନିକଟରେ ତିନି ଭଉଣୀଙ୍କୁ ଅସଦାଚରଣ

- ଦୁଇ ଅଭିଯୁକ୍ତଙ୍କୁ ଧରି ପୋଲିସରେ ଦେଲେ ପରିବାର ଲୋକେ

**ପୁରୀ,୨୨।୭(ସଂଚାର ବ୍ୟୁରୋ):** ପୁରୀ ସଦର ଥାନା ଅଧୀନ କଣ୍ଡାପୁର ଅଞ୍ଚଳରେ ଥିବା ଏକ ବସ୍‌ଷ୍ଟାଣ୍ଡ ନିକଟରେ ସୋମବାର ସନ୍ଧ୍ୟାରେ ଛଅ ଜଣ ମଦ୍ୟପାୟୀ ଯୁବକ ତିନି ଭଉଣୀଙ୍କୁ ଉତ୍ତ୍ୟକ୍ତ କରିଥିବା ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ତିନି ଭଉଣୀ ସେମାନଙ୍କ ଘରୁ ପ୍ରାୟ ୨.୫ କିଲୋମିଟର ଦୂରରେ ଥିବା ଏକ ମନ୍ଦିରକୁ ଦର୍ଶନ ପାଇଁ ଯାଇଥିଲେ। ଫେରୁଥିବା ସମୟରେ ବସ୍‌ଷ୍ଟାଣ୍ଡ ନିକଟରେ ମଦ ପିଉଥିବା ଛଅ ଜଣ ଯୁବକ ଅନ୍ଧାରର ସୁଯୋଗ ନେଇ ସେମାନଙ୍କ ସହ ଅସଭ୍ୟ ବ୍ୟବହାର କରିଥିଲେ। ଅଭିଯୁକ୍ତମାନେ ଅଶ୍ଳୀଳ ମନ୍ତବ୍ୟ ଦେବା ସହ ଜଣେ ମହିଳାଙ୍କ ଓଢ଼ଣୀ ଟାଣିଥିଲେ ଏବଂ ସେମାନଙ୍କ ମୋବାଇଲ ଫୋନ୍ ଛଡ଼ାଇ ନେଇଥିଲେ। ଏହା ସହ, ଅଭିଯୁକ୍ତମାନେ ମହିଳାମାନଙ୍କ ପାଖରେ ଥିବା ଏକ ପର୍ସ, ଯେଉଁଥିରେ ନଗଦ ଟଙ୍କା ଥିଲା, ମଧ୍ୟ ଚୋରି କରିଥିବା ଅଭିଯୋଗ ହୋଇଛି। ମହିଳାମାନେ ନିଜ ପରିବାର ଲୋକଙ୍କୁ ଫୋନ୍ ମାଧ୍ୟମରେ ଘଟଣା ସମ୍ପର୍କରେ ଜଣାଇଥିଲେ। ପରିବାର ଲୋକେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲେ, କିନ୍ତୁ ସେତେବେଳକୁ ଛଅ ଜଣ ଅଭିଯୁକ୍ତ ପଳାଇ ସାରିଥିଲେ। ତେବେ, କିଛି ସମୟ ପରେ ଦୁଇ ଜଣ ଅଭିଯୁକ୍ତ ପୁନର୍ବାର ଘଟଣାସ୍ଥଳକୁ ଫେରିଥିଲେ, ଯାହାଙ୍କୁ ପରିବାର ଲୋକେ ଧରି ପୁରୀ ସଦର ଥାନା ପୋଲିସକୁ ହସ୍ତାନ୍ତର କରିଥିଲେ।

## ଯୁବତୀଙ୍କୁ ଗଣଦୁଷ୍କର୍ମ ମାମଲା: ଜଣେ ଅଭିଯୁକ୍ତ ଗିରଫ




**ଜଗତସିଂହପୁର,୨୨।୭ (ସଂଚାର ବ୍ୟୁରୋ):** ଜଗତସିଂହପୁରରେ ଯୁବତୀଙ୍କୁ ଗଣଦୁଷ୍କର୍ମ ମାମଲାରେ ଜଣେ ଅଭିଯୁକ୍ତ ଗିରଫ । ଅନ୍ୟ ଜଣକୁ ଖୋଜୁଛି ପୋଲିସ । ବିଭିନ୍ନ ସ୍ଥାନରେ ତନାଘନା ତଦନ୍ତ ଚଳାଇଛି। ପୀଡ଼ିତାଙ୍କ ବାନ୍ଧବୀଙ୍କୁ ଅଟକ ରଖି ପୋଲିସ ପଚରାଉଚରା କରୁଛି । ଗୋଟିଏ ମୋବାଇଲ ଫୋନ୍ ମଧ୍ୟ ଜବତ ହୋଇଛି । ଘଟଣାର ତଦନ୍ତ ପାଇଁ ସଦର ଥାନା ପୋଲିସ ୩ଟି ସ୍ୱତନ୍ତ୍ର ଟିମ୍ ଗଠନ କରିଛି । ୨୪ ଘଣ୍ଟା ମଧ୍ୟରେ ଯଦି ଆସାମୀ ଗିରଫ ନହୁଏ ଜଗତସିଂହପୁର ଏସପି ଅଫିସ ଘେରାଉ କରିବ ବୋଲି ବିଜୁ ଜନତା ଦଳ ଚେତାବନୀ ଦେଇଛି । ଜଗତସିଂହପୁର ଜିଲ୍ଲା ସଦର ଥାନା ଚାନ୍ଦଗଡ଼ ଅଞ୍ଚଳରେ ଗଣଦୁଷ୍କର୍ମ ନେଇ ଅଭିଯୋଗ ହୋଇଛି । ଅଭିଯୋଗ ଅନୁଯାୟୀ, ସୋମବାର ରାତିରେ ବାର୍ଥ ଡେ ଉତ୍ସବରେ ଯୋଗଦେଇ ନିଜ ବାନ୍ଧବୀଙ୍କ ସହ ଯୁବତୀ ଫେରୁଥିବା ବେଳେ ଅଧବାଟରେ ଦୁଇଜଣ ଦୁର୍ବୃତ୍ତ ଆସି ତାଙ୍କ ପାଟିକୁ ବନ୍ଦ କରି ନିଛାଟିଆ ଜାଗାକୁ ଉଠାଇ ନେଇ ଦୁଷ୍କର୍ମ କରିଥିଲେ । ପୀଡ଼ିତା ସେଠାରୁ ଖସି ଆସି ଘରେ ପହଞ୍ଚିଥିଲେ । ସେ ଘରେ ବେହୋସ ହୋଇଯାଇଥିଲେ ।

## ନିଲାମ ହେବ ରାଜ୍ୟର ଆଉ ୨୨ ଖଣି



**ଭୁବନେଶ୍ୱର,୨୨।୭ (ସଂଚାର ବ୍ୟୁରୋ):** ଓଡ଼ିଶାରେ ଖଣିଜ ସମ୍ପଦର ବିକାଶ ଓ ରାଜ୍ୟର ଅର୍ଥନୀତିକୁ ମଜବୁତ କରିବା ଲାଗି ରାଜ୍ୟ ସରକାର ବଡ଼ ପଦକ୍ଷେପ ନେଉଛନ୍ତି। ରାଜ୍ୟ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା ଘୋଷଣା କରିଛନ୍ତି ଯେ, ଖୁବଶୀଘ୍ର ରାଜ୍ୟରେ ଆଉ ୨୨ଟି ଖଣି ନିଲାମ କରାଯିବ। ଏହି ନିଲାମ ପ୍ରକ୍ରିୟା ଶେଷ ପର୍ଯ୍ୟାୟରେ ପହଞ୍ଚିଛି ଏବଂ ଏହା ରାଜ୍ୟର ରାଜସ୍ୱ ବୃଦ୍ଧି ସହିତ ନିଯୁକ୍ତି ସୁଯୋଗ ସୃଷ୍ଟିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇବ ବୋଲି ମନ୍ତ୍ରୀ କହିଛନ୍ତି। ମନ୍ତ୍ରୀ ଜେନା କହିଛନ୍ତି, "ଗତ ଏକ ବର୍ଷ ମଧ୍ୟରେ ଆମେ ୮ଟି ଖଣିର ସଫଳ ଅକ୍ସନ କରି ସାରିଛୁ। ପୂର୍ବତନ ସରକାର ଦୀର୍ଘ ଦିନ ଧରି ଖଣି ଅକ୍ସନ କରୁନଥିଲେ, ଯାହା ରାଜ୍ୟର ଅର୍ଥନୈତିକ ବିକାଶକୁ ବାଧାପ୍ରାପ୍ତ କରିଥିଲା। ଆମେ ଏହି ଦିଗରେ ଦ୍ରୁତ ପଦକ୍ଷେପ ନେଉଛୁ।"

### ତ୍ୱରାନ୍ୱିତ ହେବ ନିଯୁକ୍ତି ପ୍ରକ୍ରିୟା

ଏହି ଖଣି ନିଲାମ ଦ୍ୱାରା ରାଜ୍ୟରେ ଶିଳ୍ପ ସ୍ଥାପନ ତ୍ୱରାନ୍ୱିତ ହେବ ଏବଂ ବଡ଼ ପରିମାଣରେ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ମନ୍ତ୍ରୀ ଆହୁରି ମଧ୍ୟ କହିଛନ୍ତି, "ଖଣି ନିଲାମ ମାଧ୍ୟମରେ ରାଜ୍ୟର ରାଜସ୍ୱ ବୃଦ୍ଧି ପାଇବ, ଯାହା ବିକାଶମୂଳକ କାର୍ଯ୍ୟ ପାଇଁ ବ୍ୟବହୃତ ହେବ। ଏହା ସହିତ ଶିଳ୍ପ ଆସିଲେ ସ୍ଥାନୀୟ ଯୁବକ-ଯୁବତୀଙ୍କ ପାଇଁ ନିଯୁକ୍ତି ପ୍ରକ୍ରିୟା ମଧ୍ୟ ତ୍ୱରାନ୍ୱିତ ହେବ।" ଓଡ଼ିଶାର ଖଣିଜ ସମ୍ପଦ ଦେଶରେ ଅନ୍ୟତମ ସମୃଦ୍ଧ ଭାବେ ପରିଚିତ। ଏହି ୨୨ଟି ଖଣି ନିଲାମ ହେବା ଦ୍ୱାରା ରାଜ୍ୟରେ ଖଣିଜ ଉତ୍ପାଦନ ବୃଦ୍ଧି ପାଇବ ଏବଂ ଅର୍ଥନୈତିକ ଗତିଶୀଳତା ଆସିବ। ତେବେ, ଏହି ନିଲାମ ପ୍ରକ୍ରିୟା ସ୍ୱଚ୍ଛ ଏବଂ ନିୟମାନୁସାରେ ହେବ ବୋଲି ମନ୍ତ୍ରୀ ସ୍ପଷ୍ଟ କରିଛନ୍ତି।

### ୧୧୫ ପ୍ଲଟ୍ ସମେତ ଘରୁ ମିଳିଥିଲା ପୁଳାପୁଳା ସୁନା

## ବନ୍ଧାହେଲେ କୋଟିପତି ଡିଏଫ୍‌ଓ ନିତ୍ୟାନନ୍ଦ



**ଭୁବନେଶ୍ୱର,୨୨।୭(ସଂଚାର ବ୍ୟୁରୋ):** କେନ୍ଦୁଝର କେନ୍ଦୁପତ୍ର ଡିଭିଜନ ଡିଏଫ୍‌ଓ ନିତ୍ୟାନନ୍ଦ ନାୟକ ଶେଷରେ ଗିରଫ ହୋଇଛନ୍ତି। ଗିରଫ ପରେ ତାଙ୍କୁ କେନ୍ଦୁଝର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ହାଜର କରାଯାଇଛି। ୩ ଦିନ ହେବ ନିତ୍ୟାନନ୍ଦଙ୍କ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଥିଲା ଭିଜିଲାନ୍ସ ଟିମ। ୮ ଲକ୍ଷ ୫୦ ହଜାର ଟଙ୍କା ସହ ସରକାରୀ କ୍ୱାର୍ଟର୍ସରୁ ମିଳିଛି ଗୋଟିଏ ବନ୍ଧୁକ ମିଳିଥିଲା। ତାଙ୍କ କ୍ୱାର୍ଟର୍ସରୁ ଜବତ ୧୦ ଲକ୍ଷରୁ ଅଧିକ ଟଙ୍କା ଜବତ ହୋଇଥିଲା। ସୂଚନାଯୋଗ୍ୟ, କେନ୍ଦୁଝର ଜିଲା କେନ୍ଦୁପତ୍ର ଡିଭିଜନର ବନଖଣ୍ଡ ଅଧିକାରୀ (ଡିଏଫ୍‌ଓ) ନିତ୍ୟାନନ୍ଦ ନାୟକଙ୍କ ଘରେ ଭିଜିଲାନ୍ସ ଯେତେ ଯାଞ୍ଚ କରୁଥିଲା ସେତେ ସମ୍ପତ୍ତି ଠାବ ହେଉଥିଲା। ଚଢ଼ାଉବେଳେ ତାଙ୍କର ବହୁ ସମ୍ପତ୍ତି ଠାବ ହୋଇଛି। ଏପରିକି ସମ୍ପତ୍ତି ତାଲିକାରେ ନିତ୍ୟାନନ୍ଦ ଜମି କିଣା ତଥ୍ୟ ଲୁଚାଇଥିଲେ ବୋଲି ଜଣାପଡ଼ିଛି। ନିତ୍ୟାନନ୍ଦଙ୍କୁ ଭିଜିଲାନ୍ସ ଟିମ୍ କେନ୍ଦୁଝରସ୍ଥିତ ଫରେଷ୍ଟ କଲୋନୀରେ ଥିବା ସରକାରୀ ବାସଭବନରେ ଯାଞ୍ଚ କରିଥିଲା। କ୍ୱାର୍ଟରରୁ ୮.୫ ଲକ୍ଷ ଟଙ୍କା ଠାବ ହୋଇଛି। ଫଳରେ ମୋଟ ଜବତ ଟଙ୍କାର ପରିମାଣ ୧୦ ଲକ୍ଷରେ ପହଞ୍ଚିଥିଲା। ନିତ୍ୟାନନ୍ଦ ଓ ତାଙ୍କ ପରିବାର ସଦସ୍ୟଙ୍କ ନାଁରେ ୯ଟି ବ୍ୟାଙ୍କ ଆକାଉଣ୍ଟ ଥିବା ଜଣାପଡ଼ିଥିବାବେଳେ ଏସବୁଥିରେ ୫୦ଲକ୍ଷ ଟଙ୍କା ଜମା ରହିଛି। ଏଥିସହ ତାଙ୍କ ପାଖରୁ ଆହୁରି ଜମି ଦସ୍ତାବିଜ୍, ବ୍ୟାଙ୍କ ପାସବୁକ୍ ଓ ଜୀବନବୀମା ଜମା ଦସ୍ତାବିଜ୍ ଆଦି ଠାବ ହୋଇଥିବାବେଳେ ଏସବୁ ସମ୍ପର୍କରେ ଭିଜିଲାନ୍ସ ଟିମ୍ ଅଧିକ ଯାଞ୍ଚ ଚଳାଇଛି।

## ମିଳିବ ପିଏମ କିଷାନର ଦଶମ କିସ୍ତି



**ଭୁବନେଶ୍ୱର,୨୨।୭(ସଂଚାର ବ୍ୟୁରୋ):** ଚାରି ମାସ ପୂରଣ ହେବାକୁ ଯାଉଛି, କିନ୍ତୁ ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନାର ୨୦ତମ କିସ୍ତି ବିଷୟରେ ଏପର୍ଯ୍ୟନ୍ତ କୌଣସି ଖବର ନାହିଁ । ୨୦ ଜୁନ୍‌ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିହାର ଗସ୍ତରେ ଯାଇଥିବା ବେଳେ, ଆଶା ସୃଷ୍ଟି ହୋଇଥିଲା ଯେ, ୨୦୦୦ ଟଙ୍କା ଚାଷୀଙ୍କ ଆକାଉଣ୍ଟରେ ଆସିବ। ତା'ପରେ ୧୮ ଜୁଲାଇରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ମୋତିହାରୀ ଗସ୍ତ ଆଶା ସୃଷ୍ଟି କରିଥିଲା, କିନ୍ତୁ ପୁଣି ନିରାଶା ଦେଖା ଦେଇଦେଲା । ଜୁଲାଇ ଶେଷ ହେବାକୁ ଯାଉଛି, କିନ୍ତୁ ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ଯୋଜନାର ୨୦ତମ କିସ୍ତି ପାଇଁ ଚାଷୀଙ୍କ ଅପେକ୍ଷା ଶେଷ ହେଉନାହିଁ ।

ଏବେ ଆଶା କରାଯାଉଛି ଯେ, ୨ ଅଗଷ୍ଟରେ ସରକାରଙ୍କ ପକ୍ଷରୁ କିଛି ଭଲ ଖବର ଆସିପାରେ। ଯଦିଓ ଏପର୍ଯ୍ୟନ୍ତ କୌଣସି ସରକାରୀ ସୂଚନା ନାହିଁ । କିନ୍ତୁ ଯେଉଁ ସମୀକରଣଗୁଡ଼ିକ ଗଠନ ହେଉଛି ତାହାକୁ ଦେଖିଲେ, ଏହି ତାରିଖରୁ ନେଇ ଆଶା ସୃଷ୍ଟି ହୋଇଛି । ୨୬ ଜୁଲାଇ ସୁଦ୍ଧା ଚାଷୀଙ୍କ ଆକାଉଣ୍ଟକୁ ୨୦୦୦ଟଙ୍କାର କିସ୍ତି ଆସିବା କଷ୍ଟକର କାରଣ ପ୍ରଧାନମନ୍ତ୍ରୀ ଦେଶରେ ରହିବେ ନାହିଁ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୨୩ ରୁ ୨୬ ଜୁଲାଇ ପର୍ଯ୍ୟନ୍ତ ବ୍ରିଟେନ ଏବଂ ମାଳଦ୍ୱୀପ ଗସ୍ତରେ ଯାଉଛନ୍ତି । ପ୍ରଧାନମନ୍ତ୍ରୀ ୨୩ ଏବଂ ୨୪ ଜୁଲାଇ ଦୁଇ ଦିନିଆ ୟୁକେର ସରକାରୀ ଗସ୍ତରେ ଯିବେ। ସେ ବ୍ରିଟିଶ ପ୍ରଧାନମନ୍ତ୍ରୀଙ୍କ ନିମନ୍ତ୍ରଣରେ ଯାଉଛନ୍ତି ।

# ନାବାଳିକା ହକି ଖେଳାଳିଙ୍କୁ ଗଣଦୁଷ୍କର୍ମ

## ପ୍ରଶିକ୍ଷକ ଓ ସହଯୋଗୀ ନାମରେ ଅଭିଯୋଗ, ୩ ଗିରଫ



**ଯାଜପୁର,୨୨।୭ (ସଂଚାର ବ୍ୟୁରୋ):** ନାବାଳିକା ନିୟମିତ ଷ୍ଟାଡିୟମ ଆସୁଥିଲେ ହକି ଶିଖିବା ଲାଗି। ଖେଳ ଶିଖାଇବା ପାଇଁ ଷ୍ଟାଡିୟମରେ ନିଯୁକ୍ତ ହୋଇଛନ୍ତି ପ୍ରଶିକ୍ଷକ । ଏବେ ପୂର୍ବତନ ହକି ପ୍ରଶିକ୍ଷକ ଓ ସହଯୋଗୀମାନଙ୍କ ବିରୋଧରେ ଆସିଛି ଗଣଦୁଷ୍କର୍ମ ଅଭିଯୋଗ । ଗତ ୩ ତାରିଖରେ ହୋଇଛି ଘଟଣା । ଧମକ ପାଇ ଡରି ଯାଇଥିଲେ ନାବାଳିକା । ଏଫ୍‌ଏମ୍ ଛାତ୍ରୀ ଆତ୍ମାହୁତି ଘଟଣା ପରେ ସାହସ ଜୁଟାଇ ଥାନାରେ ଅଭିଯୋଗ କରିଛନ୍ତି। ଯାଜପୁର ଟାଉନ ଥାନାରେ ହୋଇଛି ଅଭିଯୋଗ । ପୁଲିସ ପ୍ରାରମ୍ଭିକ ତଦନ୍ତ କରି ୪ ଜଣଙ୍କୁ ଅଟକ ରଖି ପଚରାଉଚୁରା କରୁଛି । ଯାଜପୁର ଜିଲ୍ଲାର ଏହି ଘଟଣା ପୁଣି ଥରେ ଗୁରୁ-ଛାତ୍ରୀ ସମ୍ପର୍କରେ କଳଙ୍କ ଲଗାଇଛି । ଅଭିଯୋଗରୁ ପ୍ରକାଶ, ଯାଜପୁର ଥାନା ଅଞ୍ଚଳର ସଂପୃକ୍ତ ନାବାଳିକା ହକି ପ୍ରଶିକ୍ଷଣ ନେବା ପାଇଁ ପ୍ରାୟ ୨ବର୍ଷ ହେବ ହକି ଷ୍ଟାଡିୟମକୁ ଯାଉଥିଲେ। ଗତ ୩ ତାରିଖ ଦିନ ସନ୍ଧ୍ୟା ପ୍ରାୟ ୭ଟାରେ ନାବାଳିକା ହକି ପ୍ରଶିକ୍ଷଣ କେନ୍ଦ୍ରରୁ ଘରକୁ ଫେରୁଥିଲେ । ଏହି ସମୟରେ ସାର୍ଥକ ମହାନ୍ତି (ପୂର୍ବରୁ ଏଠାରେ କାର୍ଯ୍ୟ କରୁଥିବା ହକି ପ୍ରଶିକ୍ଷକ) ତାଙ୍କୁ ଫୋନ୍ କରି ତୋ ପାଇଁ ଉପହାର ଅଛି ବୋଲି କହିଥିଲେ। ଏ ସଂପର୍କରେ ନାବାଳିକାଜଣକ ତାଙ୍କ ଗ୍ରାଉଣ୍ଡ କୋଚ୍‌ଙ୍କୁ ଫୋନ୍ କରି ଜଣାଇବାରୁ ସେ ସାର୍ଥକ ସହ ଯିବା ପାଇଁ ନାବାଳିକାଙ୍କୁ କହିଥିଲେ । ମାତ୍ର ବିଳମ୍ବ ହୋଇଯାଉଥିବାରୁ ନାବାଳିକା ଯିବାକୁ ମନା କରି ସେଠାରେ ଛିଡ଼ା ହୋଇ ତାଙ୍କର କିଛି ସାଙ୍ଗଙ୍କ ସହ କଥା ହେଉଥିଲେ। ଏହି ସମୟରେ ତାଙ୍କୁ ସାର୍ଥକ ଓ ବର୍ତ୍ତମାନର ହକି କୋଚ୍ ସନ୍ଦୀପ ସ୍ୱାଇଁ ଦେଖିଥିଲେ । ସେଠାରୁ ନାବାଳିକାଜଣଙ୍କ ସାଇକେଲ୍ ନେଇ ଆସୁଥିବା ବେଳେ କିଛି ଦୂର ଆଗରେ ତାଙ୍କୁ ସାର୍ଥକ ଅଟକାଇ ବାଧ୍ୟ କରି ନିକଟରେ ଥିବା ସାଙ୍ଗ ଘରେ ସାଇକେଲକୁ ରଖାଇଥିଲେ। ନାବାଳିକାଜଣଙ୍କ ସେମାନଙ୍କ ସହ ଯିବାକୁ ମନା କରିବାରୁ ସାର୍ଥକ, ସନ୍ଦୀପ ଓ ତାଙ୍କ ସହଯୋଗୀ ସାଗର ନାୟକ ଜୋର୍ ଜବରଦସ୍ତ ତାଙ୍କୁ ବାଇକ୍‌ରେ ବନ୍ଧ ରାସ୍ତା ଦେଇ ସହରରେ ଥିବା ଏକ ଲଜ୍‌କୁ ନେଇ ଯାଇଥିଲେ । ସେଠାରେ ତାଙ୍କୁ ସାର୍ଥକ ଓ ସାଗର ଗଣଦୁଷ୍କର୍ମ କରିଥିଲେ । ନାବାଳିକା ଜଣକ ଚିତ୍କାର କରିବାରୁ ଲଜ୍‌ର ଜଣେ କର୍ମଚାରୀ ଏହା ଶୁଣି କବାଟ ଖୋଲିବା ପାଇଁ ଡାକିଥିଲେ। ନାବାଳିକାଙ୍କ ହାତ ଛିଟ୍‌କିଣୀକୁ ପାଇନଥିବାରୁ ସେ କବାଟ ଖୋଲିପାରିନଥିଲେ। କିଛି ସମୟ ପରେ ସହଯୋଗୀ ସାଗର କବାଟ ଖୋଲିଥିଲା। ପରେ ନାବାଳିକାଙ୍କୁ ସେମାନେ ଆଣି ପୁଣି ଷ୍ଟେଟ ବ୍ୟାଙ୍କ ପାଖରେ ଛାଡ଼ି ଦେଇ, କାହାକୁ କିଛି କହିଲେ ତୋତେ ମାରିଦେବୁ ବୋଲି ଧମକ ଦେଇଥିଲେ ବୋଲି ନାବାଳିକା ଅଭିଯୋଗରେ ଦର୍ଶାଇଛନ୍ତି ।

# ପୃଥ୍ୱୀରାଜ ହରିଚନ୍ଦନଙ୍କୁ ଭେଟିଲେ ଦିଲ୍ଲୀପ ରାୟ



**ଭୁବନେଶ୍ୱର,୨୨।୭ (ସଂଚାର ବ୍ୟୁରୋ):** ବରିଷ୍ଠ ବିଜେପି ନେତା ତଥା ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଦିଲୀପ ରାୟଙ୍କ ବିରୋଧରେ ମିଥ୍ୟା ସତ୍ୟପାଠ ମାମଲାରେ କୋର୍ଟରେ ଶୁଣାଣି ହେବା ପୂର୍ବରୁ ସେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ଭେଟିଛନ୍ତି।

ସୂଚନା ଅନୁସାରେ, ସେ ସକାଳେ ଭୁବନେଶ୍ୱରସ୍ଥିତ ତାଙ୍କ ସରକାରୀ ବାସଭବନରେ ମନ୍ତ୍ରୀଙ୍କୁ ଭେଟିଥିଲେ। ଯାହାକୁ ନେଇ ରାଜନୈତିକ ମହଲରେ ବିଭିନ୍ନ କଳ୍ପନାଜଳ୍ପନା ସୃଷ୍ଟି ହୋଇଛି।

ତେବେ ଆଇନ ମନ୍ତ୍ରୀଙ୍କ ବାସଭବନରେ ହାଇ-ପ୍ରୋଫାଇଲ ବୈଠକ ଦିଲୀପ ରାୟଙ୍କ ଭବିଷ୍ୟତ ରାଜନୈତିକ ଯୋଜନା ଏବଂ ରାଜ୍ୟରେ ବିଜେପିର ବ୍ୟାପକ ରଣନୀତି ସମ୍ପର୍କରେ ବିଭିନ୍ନ ପ୍ରକାରର କଳ୍ପନାଜଳ୍ପନା ସୃଷ୍ଟି କରିଛି। ତେବେ ଗତକାଲିର ଘଟଣା ପାଇଁ ଦିଲୀପ ଓ ପୃଥ୍ୱୀରାଜଙ୍କ ଭେଟଘାଟକୁ ନେଇ ରାଜନୀତି ସରଗରମ ହୋଇପଡ଼ିଛି। କାରଣ ଯାହା ଘଟିଲା ତାହା କେବେ କେଉଁଠି ହୋଇ ନ ଥିଲା। ଖୋଦ ରାଜ୍ୟପାଳ ହରିବାବୁ କମ୍ଭମପତି ମଧ୍ୟ ମନ୍ତ୍ରୀ ପୃଥ୍ୱୀରାଜଙ୍କ ସରକାରୀ ବାସଭବନକୁ ଆସିଥିଲେ। ଏହା ରାଜ୍ୟପାଳଙ୍କ ପ୍ରୋଟକଲରେ ନ ଥିଲେ ମଧ୍ୟ ଜଣେ ମନ୍ତ୍ରୀଙ୍କ ଘରକୁ ତାଙ୍କ ଗସ୍ତକୁ ନେଇ ଅନେକ ସନ୍ଦେହ ଦୃଷ୍ଟିରେ ଦେଖୁଛନ୍ତି।

ତେବେ ବୈଠକ ପରେ ଦିଲୀପ ରାୟ ସ୍ପଷ୍ଟ କରିଥିଲେ ଯେ ବୈଠକ ସମୟରେ ଆଲୋଚନାର କୌଣସି ରାଜନୈତିକ ଅର୍ଥ ନାହିଁ। ଗ୍ଲାସ୍ ବ୍ରିଜ, ଝୁଲା ସେତୁ ଏବଂ ଦୀର୍ଘ ଦିନ ଧରି ପଡ଼ି ରହିଥିବା ରିଙ୍ଗ ରୋଡ୍ ନିର୍ମାଣ ସମେତ ନାଗରିକ ପ୍ରକଳ୍ପ ସମ୍ପର୍କରେ ଆଲୋଚନା ହୋଇଥିଲା। ଆଉ ମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି ଯେ ଚଳିତ ବର୍ଷ ଦୁର୍ଗା ପୂଜା ପୂର୍ବରୁ ସେତୁର କାମ ଆରମ୍ଭ ହେବ।

ସେ ଆହୁରି ମଧ୍ୟ କହିଥିଲେ ଯେ ସେ ଦୁଇ ମାସ ପୂର୍ବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଏକ ସାକ୍ଷାତକାର ସମୟରେ ଏହି ପ୍ରସଙ୍ଗଗୁଡ଼ିକ ଉଠାଇଥିଲେ ଏବଂ ପୁନର୍ବାର କହିଥିଲେ ଯେ ରାଉରକେଲା ଅଞ୍ଚଳର ଭିତ୍ତିଭୂମି ଉପରେ ଧ୍ୟାନ ଦେବା ଆବଶ୍ୟକ।

## ରାଜଧାନୀରେ ଯୁବତୀଙ୍କୁ ଅସଦାଚରଣ

**ଭୁବନେଶ୍ୱର,୨୨।୭ (ସଂଚାର ବ୍ୟୁରୋ):** ଏଜି ଛକରେ ଥିବା ମନ୍ତ୍ରୀ ଓ ଆଇଏଏସଙ୍କ କ୍ୱାଟର ସମ୍ମୁଖରେ ଜଣେ ଯୁବତୀଙ୍କୁ ଅସଦ ଆଚରଣ । ଯୁବତୀ ଜଣଙ୍କ ପାଟି କରିବାରୁ ଗାଡ଼ିରେ ଆସୁଥିବା ଲୋକଙ୍କ ଦ୍ୱାରା ଉଦ୍ଧାର। ନିଶାଖୋର ଅବସ୍ଥାରେ ଯୁବକ କୁ ଲୋକେ କଲେ ଆୟତ । ମୋବାଇଲ ଛଡାଇବା ସହ ବଳାତ୍କାର କରିବାକୁ ପାଚେରୀ କଣ ଅନ୍ଧାରକୁ ଟାଣି ନେଇଥିଲା ନିଶାଖୋର ଯୁବକ । ଘଟଣା ସ୍ଥଳରେ କମିଶନରେଟ ପୋଲିସ ପହଞ୍ଚି ଉଭୟ ମଦ୍ୟପ ଓ ଯୁବତୀଙ୍କୁ କ୍ୟାପିଟାଲ ଥାନାରେ ଚାଲିଛି ପଚରା ଉଚରା ।




ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର






# ସୁନା ପୁଣି ଲକ୍ଷେ ଉପରେ

ଭୁବନେଶ୍ୱର, ୨୨।୭(ସଂଚାର ବ୍ୟୁରୋ): ପୁଣି ଥରେ ସୁନା ମୂଲ୍ୟ ୧ ଲକ୍ଷ ଟଙ୍କା ସ୍ତର ଅତିକ୍ରମ କରିଛି। ୨୪ କ୍ୟାରେଟ୍ ସୁନା ଦାମ୍ ସୋମବାର ୧୧୦ ଟଙ୍କା ବଢ଼ି ୧,୦୦,୧୫୦ ଟଙ୍କା ହୋଇଛି। ୨୨ କ୍ୟାରେଟ୍ ସୁନା ଦାମ୍ ୧୦୦ ଟଙ୍କା ବୃଦ୍ଧି ପାଇ ୯୧,୮୦୦ ଟଙ୍କା ହୋଇଛି। ଚଳିତ ମାସ ୧୭ ପରଠାରୁ ଲଗାତାର ଭାବେ ଭୁବନେଶ୍ୱରରେ ସୁନା ଦର ବଢ଼ୁଛି। ଏହି ପାଞ୍ଚ ଦିନରେ ୨୨ କ୍ୟାରେଟ୍ ସୁନା ୮୦୦ ଟଙ୍କା ବଢ଼ିଛି। ରୁପା କେଜି ଦାମ୍ ୧,୨୬,୦୦୦ ଟଙ୍କା ରହିଛି।

# ରାଜ୍ୟରେ ୬ ନୂଆ ବୟନ ପାର୍କ

## କମ୍ପାନି ସିଧା ଆସି କାରଖାନା କରିବେ

## ୨୫ରେ 'ଓଡ଼ିଶା ଟେକ୍ସ ୨୦୨୫'

ଭୁବନେଶ୍ୱର, ୨୨।୭(ସଂଚାର ବ୍ୟୁରୋ): ରାଜ୍ୟ ସରକାର ଛଅଟି ନୂଆ ବୟନ, ପୋଷାକ ଓ ୱ୍ୟାରେବଲ୍ ପାର୍କ ବିକାଶ କରୁଛନ୍ତି। ଏହି ପାର୍କଗୁଡ଼ିକରେ ଅତ୍ୟାଧୁନିକ ସୁବିଧାସୁଯୋଗ ରହିବ। ବୟନ କ୍ଷେତ୍ରର କମ୍ପାନିଗୁଡ଼ିକ ସିଧାସଳଖ ଆସି ସେହି ପାର୍କଗୁଡ଼ିକରେ ନିଜ କାରଖାନା ବସାଇପାରିବେ। ଚଳିତ ମାସ ୨୫ରେ ଭୁବନେଶ୍ୱରରେ ଅନୁଷ୍ଠିତ ହେବାକୁ ଥିବା 'ଓଡ଼ିଶା ଟିଇଏକ୍ସ ୨୦୨୫'ରେ ଏହି ପାର୍କଗୁଡ଼ିକୁ ଉଦ୍‌ଘାଟନ କରାଯିବ। ୨୦୩୦ ସୁଦ୍ଧା ଓଡ଼ିଶାକୁ ଭାରତର ବୟନ ରାଜଧାନୀରେ ପରିଣତ କରିବା ଲକ୍ଷ୍ୟ ରଖି ରାଜ୍ୟ ସରକାର ଏହି କ୍ଷେତ୍ରର ନିବେଶକମାନଙ୍କୁ ପୁଞ୍ଜିନିବେଶ କରିବାକୁ ଆହ୍ୱାନ ଦେଇଛନ୍ତି। ସେହି ମର୍ମରେ ଓଡ଼ିଶା ଟେକ୍ସ ୨୦୨୫ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ତାହାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ଘାଟନ କରିବେ। ବୟନ କ୍ଷେତ୍ରର ଚର୍ଚ୍ଚିତ କମ୍ପାନି, ବିଶ୍ୱସ୍ତରୀୟ ବ୍ରାଣ୍ଡ୍, ପୋଷାକ ନିର୍ମାତା, ପେସାଦାର ଓ ଷ୍ଟାର୍ଟଅପ୍‌ଗୁଡ଼ିକ ଏଥିରେ ସାମିଲ ହେବେ। ରାଜ୍ୟରେ ପୋଷାକ, ଟେକ୍ନିକାଲ ଟେକ୍ସଟାଇଲ୍, ଜୋତା, ଆସେସୋରିଜ୍ ଓ ଲଗେଜ୍ ଉତ୍ପାଦନ ଲାଗି ରହିଥିବା ନିବେଶ ସମ୍ଭାବନାଗୁଡ଼ିକୁ ସେମାନେ ଅନ୍ୱେଷଣ କରିବେ। ଏହି ଅବସରରେ କେତେକ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷର ହେବ ଓ ନୂଆ ନିବେଶ ମଧ ଘୋଷଣା କରାଯିବ। ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ହେମନ୍ତ ଶର୍ମା କହିଛନ୍ତି ଯେ ଏହି କାର୍ଯ୍ୟକ୍ରମ ଓଡ଼ିଶାକୁ ଅଗ୍ରଣୀ ବୟନ କମ୍ପାନିଗୁଡ଼ିକୁ ଆଣିବ ଏବଂ ଯୁବବର୍ଗଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ପ୍ରଗତିଶୀଳ ନୀତି, ବିଶ୍ୱସ୍ତରୀୟ ଭିତ୍ତିଭୂମି ଓ କୁଶଳୀ ଶ୍ରମଶକ୍ତି ଜରିଆରେ ବୟନ ଶିଳ୍ପ ପାଇଁ ଆମେ ଏକ ଦୃଢ଼ ବ୍ୟବସ୍ଥା ଗଠନ କରିଛୁ। ତାହା ଶିଳ୍ପ ଅଭିବୃଦ୍ଧିକୁ ବଢ଼ାଇବା, ମହିଳା ସଶକ୍ତୀକରଣ ଓ ଗ୍ରାମୀଣ ରୂପାନ୍ତରଣରେ ସହାୟକ ହେବ ବୋଲି ସେ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ତ୍ରିପୁରା, ବେଙ୍ଗାଲୁରୁ, ସୁରଟ, ପଞ୍ଜାବ, ପଶ୍ଚିମବଙ୍ଗ ଓ ଏନ୍‌ସିଆର୍ ଭଳି ଅଞ୍ଚଳରୁ ୩୦୦ରୁ ଅଧିକ ପ୍ରତିନିଧି ଅଂଶଗ୍ରହଣ କରିବା କାର୍ଯ୍ୟକ୍ରମ ରହିଛି। ଶିଳ୍ପ ସଂଘ ଫିକି ତରଫରୁ ବିଭିନ୍ନ ଶିଳ୍ପ ସଂଘ ସହ ଆଲୋଚନା କରାଯାଉଛି।

## ରକ୍ଷାବନ୍ଧନ ପୂର୍ବରୁ କେନ୍ଦ୍ରୀୟ କର୍ମଚାରୀଙ୍କୁ ମିଳିପାରେ ଉପହାର

# ବଢ଼ିପାରେ ମହଙ୍ଗା ଭତ୍ତା

ନୂଆଦିଲ୍ଲୀ: ରକ୍ଷାବନ୍ଧନ ପୂର୍ବରୁ କେନ୍ଦ୍ର ସରକାର କେନ୍ଦ୍ରୀୟ କର୍ମଚାରୀମାନଙ୍କୁ ଏକ ବଡ଼ ଉପହାର ଦେଇପାରନ୍ତି। ସରକାର ସପ୍ତମ ବେତନ କମିସନ ଅନୁଯାୟୀ ଡିଏ ବୃଦ୍ଧି ଘୋଷଣା କରିପାରନ୍ତି। ସରକାର ଜୁଲାଇ ୨୦୨୫ ରେ କର୍ମଚାରୀମାନଙ୍କୁ ୩-୪ପ୍ରତିଶତ ମହଙ୍ଗା ଭତ୍ତା ଦେଇପାରନ୍ତି। ପୂର୍ବରୁ ମାର୍ଚ୍ଚ ମାସରେ ଡିଏ ୨ପ୍ରତିଶତ ବୃଦ୍ଧି କରାଯାଇଥିଲା, ଯାହା ପରେ ଏହା ୫୩ ପ୍ରତିଶତରୁ ୫୫ ପ୍ରତିଶତକୁ ବୃଦ୍ଧି ପାଇଥିଲା। ମୁଦ୍ରାସ୍ଫୀତିକୁ ଆଖି ଆଗରେ ରଖି, ସରକାର କେନ୍ଦ୍ର ସରକାରୀ କର୍ମଚାରୀମାନଙ୍କୁ ବର୍ଷକୁ ଦୁଇଥର ମହଙ୍ଗା ଭତ୍ତା ଦିଅନ୍ତି। ପ୍ରଥମଟି ଜାନୁଆରି ୧ ରୁ ଏବଂ ଦ୍ୱିତୀୟଟି ଜୁଲାଇ ୧ ରୁ କାର୍ଯ୍ୟକାରୀ ହୁଏ। ମାର୍ଚ୍ଚରେ ଘୋଷଣା ହୋଇଥିବା ଭତ୍ତା ଜାନୁଆରି ୧ ରୁ ଲାଗୁ ହେବ ବୋଲି ବିବେଚନା କରାଯାଇଥାଏ। ବର୍ତ୍ତମାନ ଘୋଷଣା ହେବାକୁ ଥିବା ଭତ୍ତା ୧ ଜୁଲାଇ ୨୦୨୫ରୁ କାର୍ଯ୍ୟକାରୀ ହେବ ବୋଲି ବିବେଚନା କରାଯାଉଛି। କେନ୍ଦ୍ର କର୍ମଚାରୀମାନଙ୍କୁ ସରକାର ଡିଏ ଏବଂ ପେନସନଭୋଗୀଙ୍କୁ ଡିଆର ପ୍ରଦାନ କରିଥାନ୍ତି। ଅଖିଳ ଭାରତୀୟ ଔଦ୍ୟୋଗିକ ଶ୍ରମିକଙ୍କ ପାଇଁ ଉଦ୍ଦିଷ୍ଟ ଉପଭୋକ୍ତା ମୂଲ୍ୟ ସୂଚକାଙ୍କ (ଏଆଇସିପିଆଇ-ଆଇଡବ୍ଲୁ ) ର ତଥ୍ୟ ଆଧାରରେ ଡିଏ ଗଣନା କରାଯାଇଥାଏ। ଦେଶର ୮୮ ଟି ଶିଳ୍ପ କେନ୍ଦ୍ରର ୩୧୭ ଟି ବଜାରରେ ପ୍ରଚଳିତ ଖୁଚୁରା ମୂଲ୍ୟ ଆଧାରରେ ଏଆଇସିପିଆଇ-ଆଇଡବ୍ଲୁ ସୂଚକାଙ୍କ ପ୍ରକାଶିତ ହୋଇଥାଏ। ଏହା ସହିତ ସରକାର ଡିଏ ସଂଶୋଧନ କରିବା ପୂର୍ବରୁ ଗତ ଛଅ ମାସର ତଥ୍ୟକୁ ମଧ ଦେଖିଥାନ୍ତି।

## ଆଜିର ସୁନା ଦର



ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧, ୦୧.୨୯୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୯୨ ,୮୫୦ ଟଙ୍କା ଛୁଇଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧, ୦୧,୨୯୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ୯୨ ହଜାର ୮୫୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧,୦୧,୨୯୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୯୨ ହଜାର ୮୫୦ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧, ୦୧,୪୪୦ ଟଙ୍କା ଓ ୨୨ କ୍ୟାରେଟ୍ ୯୩,୦୦୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୦୧,୨୯୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୯୨ ହଜାର ୮୫୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ର ୧, ୦୧,୨୯୦ ଓ ୯୨ ହଜାର ୮୫୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧, ୨୮ ,୦୦୦ ଟଙ୍କା ହୋଇଛି।

# 'କ୍ୱିକ୍ ରିକ୍ୟାପ୍' ଲଞ୍ଚ କରିବ ହ୍ୱାଟସଆପ୍

ନୂଆଦିଲ୍ଲୀ, ୨୨।୭: ହ୍ୱାଟସଆପ୍ ୟୁଜର୍ସଙ୍କ ପାଇଁ ପାଇଁ ଖୁସି ଖବର । ଖୁବଶୀଘ୍ର ୟୁଜର୍ସଙ୍କ ପାଇଁ ଆସୁଛି ନୂଆ ଫିଚର । କମ୍ପାନି ଏଥର ଏକ ଏଆଇ ପାଓ୍ୱାର ଫିଚର 'କ୍ୱିକ୍ ରିକ୍ୟାପ୍' ପରୀକ୍ଷଣ କରୁଛି, ଯାହା ଆପଣଙ୍କ ଚାଟ୍ ଅଭିଜ୍ଞତାକୁ ଆହୁରି ଉନ୍ନତ କରିବ। ଏହି ନୂତନ ଫିଚର୍ ସେମାନଙ୍କ ପାଇଁ ବିଶେଷ ସହାୟକ ହେବ ଯେଉଁମାନେ ନିଜର ଦୈନନ୍ଦିନ କାର୍ଯ୍ୟରେ ବ୍ୟସ୍ତ ଅଛନ୍ତି ଏବଂ ଲମ୍ବା ଚାଟ୍ ସ୍କ୍ରୋଲ୍ କରିବାକୁ ସମୟ ପାଆନ୍ତି ନାହିଁ। କ୍ୱିକ୍ ରିକ୍ୟାପ୍ ଫିଚର୍ ସାହାଯ୍ୟରେ, ୟୁଜରମାନେ ମାତ୍ର କିଛି ସେକେଣ୍ଡ ମଧରେ ସେମାନଙ୍କର ପେଣ୍ଡିଂ ଥିବା ମେସେଜଗୁଡ଼ିକର ସଂକ୍ଷିପ୍ତ ସାରାଂଶ ପାଇପାରିବେ। ଅର୍ଥାତ୍, ଯଦି ଏକ ଚାଟ୍‌ରେ ଶହ ଶହ ମେସେଜ୍ ଆସିଛି, ତେବେ ବର୍ତ୍ତମାନ ଆଉ ପ୍ରତ୍ୟେକ ମେସେଜ ପଢ଼ିବାର ଆବଶ୍ୟକତା ରହିବ ନାହିଁ - ହ୍ୱାଟ୍ସଆପ୍ ନିଜେ ଆପଣଙ୍କୁ ସେହି ଚାଟ୍‌ର ମୁଖ୍ୟ ସାରାଂଶ କହିବ। ତେବେ ହ୍ୱାଟସଆପ୍ କହିଛି ଯେ ଏହି ଫିଚରଟି ମେଟା ପ୍ରାଇଭେଟ୍ ପ୍ରୋସେସିଂ ପ୍ରଯୁକ୍ତିବିଦ୍ୟା ଉପରେ ଆଧାରିତ। ଏହାର ଅର୍ଥ ହେଉଛି ଆପଣଙ୍କର ଚାଟ୍ ସମ୍ପୂର୍ଣ୍ଣ ବ୍ୟକ୍ତିଗତ ଏବଂ ଏଣ୍ଡ-ଟୁ-ଏଣ୍ଡ ଏନକ୍ରିପ୍ଟେଡ୍ ରହିବ। ମେଟା କିମ୍ବା ହ୍ୱାଟସଆପକୁ ଆପଣଙ୍କ ଡାଟା ରିଡେବଲ ଫର୍ମ ଭାବରେ ମିଳିବନାହିଁ। କ୍ୱିକ୍ ରିକ୍ୟାପ୍ ଫିଚରଟି ବର୍ତ୍ତମାନ ଡେଭଲପମେଣ୍ଟ ପର୍ଯ୍ୟାୟରେ ଅଛି ଏବଂ ଏହାକୁ ଆଣ୍ଡ୍ରଏଡ୍ ବିଟା ସଂସ୍କରଣ ୨.୨୫.୨୧.୧୨ରେ ଦେଖାଯାଇଛି। ଏହାକୁ ଖୁବଶୀଘ୍ର ବିଟା ୟୁଜରଙ୍କ ପାଇଁ ଆରମ୍ଭ କରାଯିବ। ଏହା ପରେ, ସମସ୍ତ ଆଣ୍ଡ୍ରଏଡ୍ ୟୁଜର ଅପଡେଟ୍ ମାଧ୍ୟମରେ ଏହି ଫିଚର ପାଇବା ଆରମ୍ଭ କରିବେ। ବର୍ତ୍ତମାନ, iOS ୟୁଜରଙ୍କ ପାଇଁ କୌଣସି ସମୟସୀମା ପ୍ରକାଶ କରାଯାଇ ନାହିଁ।




# ଭାରତରେ ୭୦,୦୦୦ କୋଟି ନିବେଶ କରିବ ନୟାରା ଏନର୍ଜି

ନୂଆଦିଲ୍ଲୀ,୨୨।୭: ରୋଜ୍‌ନେଫ୍ଟ ସମର୍ଥିତ ନୟାରା ଏନର୍ଜି ଭାରତରେ ଡାଉନ୍‌ଷ୍ଟ୍ରିମ୍ ପ୍ରକଳ୍ପଗୁଡ଼ିକରେ ୭୦,୦୦୦ କୋଟି ଟଙ୍କା ନିବେଶ ପାଇଁ ନିଜ ପ୍ରତିବଦ୍ଧତାକୁ ଦୋହରାଇଛି। ତେବେ ଗୁଜରାଟର ଭଡିନାର ତୈଳ ବିଶୋଧନାଗାର ଉପରେ ୟୁରୋପୀୟ ସଂଘ(ଇୟୁ) ର କଟକଣାକୁ ଅନୁଚିତ ବୋଲି ଏହା ଦର୍ଶାଇଛି। ଏହା ଭାରତ ପାଇଁ ହାନିକାରକ ବୋଲି ଏହା ପ୍ରକାଶ କରିଛି। ଇୟୁର କଟକଣାକୁ ନେଇ ଏହା ପ୍ରକାଶ କରିଛି ଯେ, ଏହା ଭାରତର ଶକ୍ତି ସୁରକ୍ଷା ପ୍ରତି ବିପଦ। ଏହାଦ୍ୱାରା ପେଟ୍ରୋଲିୟମ ଉତ୍ପାଦ ଯୋଗାଣ ବାଧାପ୍ରାପ୍ତ ହେବ। ଇୟୁର କଟକଣା ବେଆଇନ। ପ୍ରକାଶଯୋଗ୍ୟ, ୟୁରୋପୀୟ ସଂଘ(ଇୟୁ) ରୁଷ ବିରୋଧରେ ଏହାର ୧୮ତମ ପ୍ରତିବନ୍ଧ ଘୋଷଣା କରିଛି। ଏଥିରେ ଗୁଜରାଟର ଭଡିନାର ତୈଳ ବିଶୋଧନାଗାରକୁ ଟାର୍ଗେଟ୍ କରାଯାଇଛି। ଏହି ବିଶୋଧନାଗାର ନୟାରା ଏନର୍ଜି ଲିମିଟେଡ୍ ଦ୍ୱାରା ପରିଚାଳିତ ହେଉଛି, ଯେଉଁଥିରେ ରୁଷ ସରକାରଙ୍କ ନେତୃତ୍ୱାଧୀନ ତୈଳ କମ୍ପାନି ରୋଜ୍‌ନେଫ୍ଟର ୪୯.୧୩% ଅଂଶଧନ ଅଛି। ଇୟୁ ଏହି ପ୍ରତିବନ୍ଧ ପ୍ୟାକେଜ୍‌କୁ ରୁଷ ବିରୋଧରେ ଏଯାବତ୍ ସବୁଠାରୁ କଡ଼ା ପଦକ୍ଷେପ ବୋଲି ଦର୍ଶାଇଛି। ଏହି ପ୍ରତିବନ୍ଧର ଉଦ୍ଦେଶ୍ୟ ହେଉଛି ରୁଷର ତେଲ ରପ୍ତାନିରୁ ହେଉଥିବା ଆୟକୁ କମ୍ କରିବା ଏବଂ ୟୁକ୍ରେନ୍ ପାଇଁ ଏହାର ବିତ୍ତୀୟ ସମ୍ବଳକୁ ସୀମିତ କରିବା। ଏହି ବିଶୋଧନାଗାର ପ୍ରଥମେ ଏସାର ଅଏଲ୍ ଦ୍ୱାରା ବନାଯାଇଥିଲା ଏବଂ ଏବେ ଏଥିରେ ରୁଷର ସରକାରୀ ତୈଳ କମ୍ପାନି ରୋଜ୍‌ନେଫ୍ଟର ୪୯.୧୩% ଅଂଶଧନ ରହିଛି। ଭଡିନାର ବିଶୋଧନାଗାର ଭାରତର ଦ୍ୱିତୀୟ ବୃହତ୍ ବିଶୋଧନାଗାର ଏବଂ ଏହା ରୁଷ ଅଶୋଧିତ ତୈଳକୁ ବିଶୋଧିତ କରି ୟୁରୋପରେ ଡିଜେଲ ଏବଂ ଜେଟ୍ ଇନ୍ଧନ ଭଳି ଉତ୍ପାଦ ରପ୍ତାନି କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ଏଥିରୁ ରୁଷକୁ ପରୋକ୍ଷ ଭାବେ ରାଜସ୍ୱ ମିଳିଥାଏ। ଏହି ପଦକ୍ଷେପ ରୁଷର ତୈଳ ଆୟକୁ କମ୍ କରିବା ଏବଂ ଏହାର ଅବୈଧ ତୈଳ ପରିବହନ କରୁଥିବା ଜାହାଜଗୁଡ଼ିକ ଉପରେ ଅଙ୍କୁଶ ଲଗାଇବା ପାଇଁ ନିଆଯାଇଛି। ତେବେ ରୁଷ ତେଲ ଉପରେ ଏହି କଟକଣାକୁ ଭାରତ ପକ୍ଷରୁ କଡ଼ା ସମାଲୋଚନା କରାଯାଇଛି।




# ଲାଞ୍ଚ ମାମଲାରେ ନାଲ୍‌କୋର ପୂର୍ବତନ ସିଏମ୍‌ଡି ଦୋଷୀ

ନୂଆଦିଲ୍ଲୀ, ୨୨।୭: ଏକ ହାଇ ପ୍ରୋଫାଇଲ୍ ବେଆଇନ ଅର୍ଥ ଓ ଲାଞ୍ଚ କାରବାର ମାମଲାରେ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ନାଲ୍‌କୋର ପୂର୍ବତନ ସିଏମ୍‌ଡି ଅଭୟ କୁମାର ଶ୍ରୀବାସ୍ତବ, ତାଙ୍କ ପତ୍ନୀ ଚାନ୍ଦନୀ ଶ୍ରୀବାସ୍ତବ ଏବଂ ଭୂଷଣ ଲାଲ ବଜାଜ ଓ ତାଙ୍କ ପତ୍ନୀ ଅନୀତା ବଜାଜଙ୍କୁ ନୂଆଦିଲ୍ଲୀର ଏକ ସ୍ୱତନ୍ତ୍ର କୋର୍ଟ ଦୋଷୀ ସାବ୍ୟସ୍ତ କରିଛନ୍ତି। ୨୦୧୧ରେ ଏହି ଘଟଣା ଘଟିଥିଲା। ସିବିଆଇ ପକ୍ଷରୁ ଶ୍ରୀ ଶ୍ରୀବାସ୍ତବ ଓ ଅନ୍ୟମାନଙ୍କ ନାମରେ ରୁଜୁ କରାଯାଇଥିବା ଏକ ଏତଲା ଆଧାରରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ତଦନ୍ତ ଆରମ୍ଭ କରିଥିଲା। ଏକ କୋଇଲା ଟେଣ୍ଡର ପାଇଁ ଏହି ଲାଞ୍ଚ କାରବାର ହୋଇଥିଲା। ସେହି ଟଙ୍କାରେ ସୁନା ବାର୍ କିଣି ଏକ ବ୍ୟାଙ୍କ ଲକର୍‌ରେ ରଖାଯାଇଥିଲା।

# ଗିତମ୍ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବ




ହାଇଦ୍ରାବାଦ, ୨୧/୭: ଗିତମ୍ ଡିମ୍‌ଡ ଟୁ ବି ବିଶ୍ୱବିଦ୍ୟାଳୟର ୧୬ତମ ସମାବର୍ତ୍ତନ ସମାରୋହ ଏହାର ହାଇଦ୍ରାବାଦ କ୍ୟାମ୍ପସରେ ପାଳିତ ହୋଇଛି। ଇଞ୍ଜିନିୟରିଂ, ଫାର୍ମାସି, ସ୍ଥାପତ୍ୟ, ମ୍ୟାନେଜମେଣ୍ଟ, ହ୍ୟୁମାନିଟି, ଆଇନ, ବିଜ୍ଞାନ ଓ ପାରାମେଡିକାଲ୍ ସାଇନ୍ସେସ୍ କ୍ଷେତ୍ରରେ ୬୫୦୦ ଛାତ୍ରଛାତ୍ରୀଙ୍କୁ ଡିଗ୍ରି ପ୍ରଦାନ କରାଯାଇଛି। ୨୫୦ ପିଏଚ୍‌ଡି ଡିଗ୍ରି ମଧ୍ୟ ପ୍ରଦାନ କରାଯାଇଛି। ଇନ୍ଦୀରା ଗାନ୍ଧୀ ସେଣ୍ଟର ଫର୍ ଆଟମିକ୍ ରିସର୍ଚ୍ଚର ପୂର୍ବତନ ନିର୍ଦ୍ଦେଶକ ଡ. ବି ଭେଙ୍କଟରମଣ ଅନରାରି ଡକ୍ଟରେଟ୍ ଅଫ୍ ସାଇନ୍‌ସ, ଉଦ୍ୟୋଗୀ ଅରୁଣାଚଳମ ମୁରୁଗନାଥମ ଓ ଆର୍ ଭେଙ୍କଟେଶ୍ୱର ରାଓଙ୍କୁ ଅନରାରି ଡକ୍ଟରେଟ୍ ଅଫ୍ ଲେଟର୍ସ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ନାସ୍‌କମ୍‌ର ପୂର୍ବତନ ସଭାପତି ଡ. କିରଣ କାର୍ତ୍ତିକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଗିତମ୍‌ର ସଭାପତି ତଥା ବିଶାଖାପାଟଣା ସାଂସଦ ଏମ୍ ଶ୍ରୀଭାରତ ବିଶ୍ୱବିଦ୍ୟାଳୟର ଲକ୍ଷ୍ୟ ଉପରେ ଆଲୋକପାତ କରିଥିଲେ। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଏରୋଲ୍ ଡିସୁଜା, ହାଇଦ୍ରାବାଦ କ୍ୟାମ୍ପସର ପ୍ରୋ ଭାଇସ୍ ଚାନ୍‌ସେଲର୍ ପ୍ରଫେସର ଡି ଏସ୍ ରାଓ ଓ ରେଜିଷ୍ଟ୍ରାର୍ ଡକ୍ଟର ଡି ଗୁଣଶେଖରନ ଉପସ୍ଥିତ ଥିଲେ।

# ନୂଆ ଅବତାରରେ ଲଞ୍ଚ ହେବାକୁ ଯାଉଛି କାଇନେଟିକ ଡ଼ିଏକ୍ସ ସ୍କୁଟର

ନୂଆଦିଲ୍ଲୀ, ୨୨।୭: ୧୯୮୪ ମସିହାରେ କାଇନେଟିକ୍ ଇଞ୍ଜିନିୟରିଂ ଏବଂ ହୋଣ୍ଡା ଦ୍ୱାରା ମିଳିତ ଭାବରେ ଲଞ୍ଚ ହୋଇଥିବା କାଇନେଟିକ୍ ଡିଏକ୍ସ ସ୍କୁଟର ଏବେ ୪୦ ବର୍ଷ ପରେ ବୈଦ୍ୟୁତିକ ରୂପରେ ଫେରିବାକୁ ଯାଉଛି । ପ୍ରକୃତରେ, ଏହା ଭାରତର ପ୍ରଥମ ଟୁ-ଷ୍ଟ୍ରୋକ୍ ସ୍ୱୟଂଚାଳିତ ସ୍କୁଟର ଥିଲା ଏବଂ ସେତେବେଳେ ଏହା ବହୁତ ଲୋକପ୍ରିୟ ଥିଲା। ଏବେ ଫିରୋଡିଆ ଗ୍ରୁପ୍ ଏହାକୁ ଏକ ନୂତନ ବୈଦ୍ୟୁତିକ ଅବତାରରେ ବଜାରରେ ପୁଣି ଥରେ ଲଞ୍ଚ କରିବାକୁ ଯାଉଛି। କାଇନେଟିକ୍ ହୋଣ୍ଡା ଡିଏକ୍ସ ବଜାରରେ ସେହି ସମୟରେ ଲଞ୍ଚ ହୋଇଥିଲା ଯେତେବେଳେ ଭାରତର ଦୁଇ ଚକିଆ ଯାନ ସେଗମେଣ୍ଟ ଦ୍ରୁତ ପରିବର୍ତ୍ତନର ପର୍ଯ୍ୟାୟ ଦେଇ ଗତି କରୁଥିଲା। ସେହି ସମୟରେ ଭେସ୍ପା ଏବଂ ବଜାଜ ଭଳି ସ୍କୁଟରରେ ମାନୁଆଲ୍ ଗିଅର୍ ଚାମ୍ବର ବ୍ୟବହାର କରାଯାଉଥିଲା, କାଇନେଟିକ୍ ଡିଏକ୍ସ ସମ୍ପୂର୍ଣ୍ଣ ସ୍ୱୟଂଚାଳିତ ଟ୍ରାନ୍ସମିସନ୍ ସହିତ ଏକ ନୂତନ ଦିଗ ଦେଖାଇଥିଲା। ୯୮ସିସି ଇଞ୍ଜିନ୍, ୭.୭ ଏଚପି ପାୱାର ଏବଂ ୯.୮ ଏନଏମ ଟର୍କ ସହିତ, ଏହି ସ୍କୁଟର ଏକ ଉତ୍କୃଷ୍ଟ ଡ୍ରାଇଭିଂ ଅଭିଜ୍ଞତା ଦେଇଥିଲା। ଏହାର ସିଭିଟି ପ୍ରଯୁକ୍ତିବିଦ୍ୟା ସ୍କୁଟର ଚଲାଇବା ବହୁତ ସହଜ କରିଥିଲା। କେବଳ ଏତିକି ନୁହେଁ, ଏହି ସ୍କୁଟରରେ ସେଲ୍ଫ ଷ୍ଟାର୍ଟ ଏବଂ କିକ୍ ଷ୍ଟାର୍ଟ ବିକଳ୍ପ ଉଭୟ ଦିଆଯାଇଥିଲା, ଯାହା ସେତେବେଳର ଅନ୍ୟ ସ୍କୁଟରରେ ଉପଲବ୍ଧ ନଥିଲା। ଏହାର ଆଉ ଏକ ବିଶେଷ କଥା ହେଲା ଯେ ଏହାର ରକ୍ଷଣାବେକ୍ଷଣ ଖର୍ଚ୍ଚ ପ୍ରତି ମାସରେ କେବଳ ୨୧ ଟଙ୍କା ବୋଲି କୁହାଯାଇଥିଲା। ଏଥିରେ ସ୍ପେୟାର ପାର୍ଟସ୍ ଏବଂ ଲେବର ଚାର୍ଜ ଉଭୟ ଅନ୍ତର୍ଭୁକ୍ତ ଥିଲା।

## ଆଜିର ପେଟ୍ରୋଲ, ଡିଜେଲ୍ ଦର

ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧.୩୫ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨ . ୯୨ ପଇସା ରହିଛି। ଏପରିକି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ସ୍ଥିର ରହିଛି। ତେବେ ଭୁବନେଶ୍ୱରରେ ବଢ଼ିଛି ପେଟ୍ରୋଲ-ଡିଜେଲ ଦାମ୍। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୯୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୪୯ପଇସା ରହିଛି।



# ସବୁ ପଞ୍ଚାୟତରେ ପହଞ୍ଚିବ ଆର୍ଥିକ ଅନ୍ତର୍ଭୁକ୍ତୀକରଣ

ଭୁବନେଶ୍ୱର, ୨୨।୭(ଇମିସ): କେନ୍ଦ୍ର ସରକାର ଚଳିତ ମାସ ୧ରୁ ଆରମ୍ଭ କରିଥିବା ଜାତୀୟ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଓ ସାଚୁରେସନ୍ ଅଭିଯାନ ରାଜ୍ୟର ୬୨୧ଟି ପଞ୍ଚାୟତରେ ପହଞ୍ଚିଛି। ଆସନ୍ତା ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ତିନି ମାସିଆ ଅଭିଯାନ ରାଜ୍ୟର ସମସ୍ତ ୬୭୯୪ ପଞ୍ଚାୟତରେ ପହଞ୍ଚିବ ବୋଲି ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟି (ଏସ୍‌ଏଲ୍‌ବିସି), ଓଡ଼ିଶା ପକ୍ଷରୁ ସୂଚନା ଦିଆଯାଇଛି। ୟୁକୋ ବ୍ୟାଙ୍କ କାର୍ଯ୍ୟାଳୟରେ ପିଆଇବି ଓଡ଼ିଶା ସହଯୋଗରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଏହି ଅଭିଯାନ ସମ୍ପର୍କରେ ଏସ୍‌ଏଲ୍‌ବିସି ସଂଯୋଜକ ଗୌତମ ପାତ୍ର ସୂଚନା ଦେଇଥିଲେ। ଚଳିତ ମାସର ୨୧ ଦିନ ମଧରେ ଏହି ଅଭିଯାନରେ ରାଜ୍ୟରେ ୬୭୪୨ଜନ ଧନ ଖାତା ଖୋଲାଯାଇଛି। ୮୭୭୯ ଜଣ ବ୍ୟକ୍ତି ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନାରେ ଏବଂ ୧୦,୦୪୫ ଜଣ ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନାରେ ସାମିଲ ହୋଇଛନ୍ତି। ୨୯୩୮ ଜଣ ଅଟଳ ପେନ୍‌ସନ୍ ଯୋଜନାକୁ ସବ୍‌ସ୍କ୍ରାଇବ୍ କରିଛନ୍ତି। ୭୧୭୮ ଜନ ଧନ ଖାତାର ପୁନଃ କେୱାଇସି କରାଯାଇଛି। ଏହି ଅଭିଯାନରେ ନିଷ୍କ୍ରିୟ ରହିଥିବା ଜନ ଧନ ଖାତାଗୁଡ଼ିକୁ ପୁନଃ ଯାଞ୍ଚ କରି ସକ୍ରିୟ କରାଯାଉଛି। ଡିଜିଟାଲ୍ ଠକେଇ, ଦାବିଦାର ନଥିବା ଜମା ଏବଂ ଖାତାରେ ନୋମିନି ମାନୋନୀତ କରିବା ନେଇ ସଚେତନତା ସୃଷ୍ଟି କରାଯାଉଛି। ଚଳିତ ବର୍ଷ ଜୁନ୍ ୩୦ ସୁଦ୍ଧା ରାଜ୍ୟରେ ଜନ ଧନ ଖାତା ସଂଖ୍ୟା ୨.୩୧ କୋଟିରୁ ଅଧିକ ରହିଛି। ସେହିପରି ୨.୧୯ କୋଟି ସୁରକ୍ଷା ବୀମା ଯୋଜନା ଓ ୯୨.୩୨ ଲକ୍ଷ ଜୀବନ ଜ୍ୟୋତି ବୀମା ଯୋଜନା ଖାତା ରହିଛି। ଏହି ଅବସରରେ ପିଆଇବି ଭୁବନେଶ୍ୱରର ଅତିରିକ୍ତ ମହାନିର୍ଦ୍ଦେଶକ ଅଖିଳ କୁମାର ମିଶ୍ର, ୟୁକୋ ବ୍ୟାଙ୍କର ଡିଜିଏମ୍ ଭଗବତ ସିଂହ ଭାକୁନି, କଟକ ଜୋନାଲ୍ ମ୍ୟାନେଜର ବର୍ଷା ଓ ଏସ୍‌ଏଲ୍‌ବିସି ଓଡ଼ିଶାର ଏଜିଏମ୍ ଇନ୍‌ଚାର୍ଜ ଲିଙ୍ଗରାଜ ନାୟକ ଉପସ୍ଥିତ ଥିଲେ।




# ପରିବା ବେପାରୀଙ୍କୁ ୨୯ ଲକ୍ଷର ଜିଏସ୍‌ଟି ନୋଟିସ୍

ବେଙ୍ଗାଲୁରୁ, ୨୨।୭: କର୍ଣ୍ଣାଟକର ହାଭେରିରେ ଏକ ଛୋଟ ଦୋକାନରେ ପରିବା ବିକ୍ରି କରୁଥିବା ଶଙ୍କରଗୌଡ଼ ହାଦିମଣିଙ୍କୁ ୨୯ ଲକ୍ଷ ଟଙ୍କାର ଜିଏସ୍‌ଟି ନୋଟିସ୍ ମିଳିବା ପରେ ସେ ଚକିତ ହୋଇପଡ଼ିଛନ୍ତି। ଚାରି ବର୍ଷ ଧରି ସେ ପରିବା ବେପାର କରୁଛନ୍ତି। ଗ୍ରାହକମାନେ ୟୁପିଆଇ ଜରିଆରେ ପେମେଣ୍ଟ କରୁଛନ୍ତି। ଚାରି ବର୍ଷରେ ୧.୬୩ କୋଟି ଟଙ୍କାର କାରବାର କରିଥିବା ଦର୍ଶାଇ ହାଦିମଣିଙ୍କୁ ୨୯ ଲକ୍ଷ ଟଙ୍କାର ଜିଏସ୍‌ଟି ନୋଟିସ୍ ପଠାଯାଇଛି।

# 'ରିଲ୍‌ସ ଦେଖା ଛାଡ଼ି ଏଆଇ ଶିଖ, ନହେଲେ ପଛରେ ରହିଯିବ'

ନୂଆଦିଲ୍ଲୀ, ୨୨।୭: ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ଦୌଡ଼ରେ ଭାରତକୁ ଏକ ସମ୍ମାନଜନକ ସ୍ଥାନରେ ରଖିଥିବା ପର୍‌ପ୍ଲେକ୍ସିଟି ଏଆଇର ସିଇଓ ଅରବିନ୍ଦ ଶ୍ରୀନିବାସ ଯୁବପିଢ଼ିଙ୍କୁ ଏକ ଗୁରୁତ୍ୱପୂର୍ଣ୍ଣ ପରାମର୍ଶ ଦେଇଛନ୍ତି। ସୋସିଆଲ୍ ମିଡିଆରେ ରିଲ୍‌ସ ଦେଖିବା ଛାଡ଼ି ଏଆଇ ଶିଖିବାକୁ ସେ ସେମାନଙ୍କୁ କହିଛନ୍ତି। ଏଆଇ ନ ଶିଖିଲେ ପଛରେ ରହିଯିବା ଆଶଙ୍କା ଥିବା ସେ ଯୁବପିଢ଼ିଙ୍କୁ ମନେ ପକାଇ ଦେଇଛନ୍ତି। ୟୁଟ୍ୟୁବର୍ ମାଥ୍ୟୁ ବର୍ମ୍ୟାନଙ୍କ ସହ ଆଲୋଚନା ବେଳେ ସେ କହିଛନ୍ତି ଯେ ଯେଉଁମାନଙ୍କ ଏଆଇ ବ୍ୟବହାରରେ ପାରଙ୍ଗମ ସେମାନେ ଶୀଘ୍ର ଚାକିରି ପାଇବେ। ଯେଉଁମାନଙ୍କ ପାଖରେ ଏଆଇ ଦକ୍ଷତା ନଥିବ ସେମାନେ ଚାକିରି ପାଇବାରେ ସମସ୍ୟା ସାମ୍ନା କରିବେ ବୋଲି ସେ କହିଛନ୍ତି।

# ଦୁଃଖ ଦେଉଛି ଲାଞ୍ଜିଗଡ଼ ରୋଡ଼ ରେଲୱେ ଭୂତଳ ପୋଲ

## ଅସରାଏ ବର୍ଷାରେ ଜମୁଛି ପାଣି



**ଲାଞ୍ଜିଗଡ଼,୨୨।୭ (ସଂଚାର ବ୍ୟୁରୋ):** ଲୋକଙ୍କ ସୁବିଧା ଲାଗି ତିଆରି ହୋଇଛି ରେଲୱେ ଭୂତଳ ପୋଲ। ହେଲେ ଘଣ୍ଟାଏ ବର୍ଷା ହେଲେ ଜମୁଛି ଆଣ୍ଠୁଏ ଲେଖାଏଁ ପାଣି। କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ଲାଞ୍ଜିଗଡ଼ରୋଡ଼ ଠାରେ ରେଲୱେ ବିଭାଗର ଭୂତଳ ପୋଲ ଦେଇ ଏବେ ଯିବାଆସିବା କରିବାକୁ ଡରୁଛନ୍ତି ଲୋକେ। କାରଣ ଏହି ରାସ୍ତାରେ ପ୍ରତି ପାଦେ ପାଦେ ଅଛି ବିପଦ।

ଲାଞ୍ଜିଗଡ଼ରୋଡ଼ ରେଲୱେ ଷ୍ଟେସନ ରାସ୍ତା ଦେଇ ପ୍ରତିଦିନ ଶହଶହ ଲୋକ ଯିବାଆସିବା କରନ୍ତି। ଏହି ଭୂତଳ ପୋଲରେ ଅସରାଏ ବର୍ଷା ହେଲେ ଆଣ୍ଠୁଏ ପାଣି ଜମୁଛି। ଫଳରେ ଲୋକେ ଯାତାୟତ ପାଇଁ ହନ୍ତସନ୍ତ ହେଉଛନ୍ତି। ପୂର୍ବରୁ ଅଧିକାଂଶ ସମୟରେ ଟ୍ରେନ୍ ପାଇଁ ଗେଟ୍ ବନ୍ଦ ପଡିଯାଇଉଥିବାରୁ ସ୍ଥାନୀୟ ଲୋକଙ୍କ ଦାବି ଅନୁସାରେ ରେଲୱେ ପକ୍ଷରୁ ଭୂତଳ ବ୍ରିଜ୍ ତିଆରି କରାଗଲା। ହେଲେ ନିର୍ମାଣ ଢାଞ୍ଚା ଭୁଲ ଥିବାରୁ ଏବେ ଟିକିଏ ବର୍ଷା ହେଲେ ଆଣ୍ଠୁଏ ପାଣି ଜମି ରହୁଥିବା ଅଭିଯୋଗ ହେଉଛି।

ସମସ୍ୟା ଏତିକିରେ ସରିନି ବରଂ ପୋଲ ତଳେ ଶିଉଳି ଓ କାଦୁଅ ରହିଥିବା ଯୋଗୁଁ ଛୋଟବଡ ଦୁର୍ଘଟଣାରେ ଶିକାର ହେବା ଆଶଙ୍କା ଦେଖାଦେଉଛି। ତେବେ ଏଥିରେ ବର୍ଷାପାଣି ଯିବାପାଇଁ ଡ୍ରେନର ସୁବିଧା କରାଯାଇ ନାହିଁ। ଯାହା ଫଳରେ ସାମାନ୍ୟ ବର୍ଷାରେ ପାଣି ଜମି ରହୁଛି। ଉକ୍ତ ରାସ୍ତାରେ ୫ ଗୋଟି ପଞ୍ଚାୟତ ଅଞ୍ଚଳବାସୀ ଦୈନନ୍ଦିନ ୬ନମ୍ବର ରାଜ୍ୟ ରାଜପଥ ଦେଇ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁରକୁ ବିଭିନ୍ନ କାମରେ ଯିବା ଆସିବା କରୁଥିବା ବେଳେ ଏହି ରାସ୍ତା ଦେଇ ଛାତ୍ରଛାତ୍ରୀ ମାନେ ସ୍କୁଲ, କଲେଜ ଯାତାୟାତ କରିବା ପାଇଁ ବହୁ ସମସ୍ୟା ସୃଷ୍ଟି ହେଉଛି। ତେବେ ପୋଲ ତଳରେ ଥିବା ଜଳ ନିଷ୍କାସନ ବ୍ୟବସ୍ଥା କରି ଏହାର ସ୍ଥାୟୀ ମରାମତି କରାଯିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ମକରା ନଦୀରେ କୁମ୍ଭୀର ଆତଙ୍କ

## ଖୋଜୁଛି ବନ ବିଭାଗ ଓ ପୁଲିସ



**କଣାସ,୨୨।୭ (ସଂଚାର ବ୍ୟୁରୋ):** କଣାସ ବ୍ଲକରେ ପ୍ରବାହିତ ହେଉଥିବା ଦୟାନଦୀର ଶାଖା ନଦୀ ମକରା ନଦୀର ଅଡାଲ ଗ୍ରାମଠାରେ ଆଜି ଦିନ ଦୁଇଟା ସମୟରେ ନଦୀ ମଧରେ ଏକ କୁମ୍ଭୀର ଭାସୁଥିବା ୪ ଜଣ ଯୁବକ ଦେଖି ଫଟୋ ଉଠାଇ ସୋସିଆଲ ମିଡିଆରେ ଭାଇରାଲ କରିବା ସହିତ ବନ ବିଭାଗ ଏବଂ ଗଡ଼ିଶାଗୋଡା ପୁଲିସକୁ ଜଣାଇବାରେ ସେମାନେ ଘଟଣା ସ୍ଥଳରେ ପହଁଚି ଦୀର୍ଘ ଦୁଇ କିଲୋମିଟର ନଦୀ କୂଳେ କୂଳେ କୁମ୍ଭୀରର ସନ୍ଧାନରେ ବୁଲିଥିଲେ ମଧ କୁମ୍ଭୀରର କୌଣସି ସନ୍ଧାନ ପାଇନଥିଲେ। ଦୁଇ ପାର୍ଶ୍ୱ ନଦୀ ବନ୍ଧ ଓ ଅଡାଲ ସେତୁ ଉପରେ କୁମ୍ଭୀରକୁ ଦେଖିବା ପାଇଁ ଶହ ଶହ ଜନସାଧାରଣ ଦୀର୍ଘ ସମୟ ଧରି ଅପେକ୍ଷା କରି ରହିଥିଲେ ମଧ କୁମ୍ଭୀରକୁ ଦେଖିନଥିଲେ।

## ଜାତୀୟ ରାଜପଥରୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଯୁବକ ଉଦ୍ଧାର

**କେନ୍ଦ୍ରାପଡ଼ା,୨୨।୭ (ସଂଚାର ବ୍ୟୁରୋ):** ଚଣ୍ଡିଖୋଲ ପାରାଦୀପ ଜାତୀୟ ରାଜପଥର ଛଘରିଆ ଏବଂ ହଜାରି ଛକ ମଧରେ ଥିବା ଏକ ସ୍ଥାନରୁ ଜଣେ ବ୍ୟକ୍ତି ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ିଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ । ଏହା ଦେଖିବା ମାତ୍ରେ ସଙ୍ଗେ ସଙ୍ଗେ ସ୍ଥାନୀୟ ମାର୍ଶାଘାଇ ଥାନାକୁ ଖବର ଦେବା ପରେ ମାର୍ଶାଘାଇ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଗୁରୁତର ଯୁବକ ଜଣକୁ ଉଦ୍ଧାର କରି ପ୍ରଥମେ କେନ୍ଦ୍ରାପଡା ମେଡ଼ିକାଲକୁ ପଠାଇଥିଲେ। ଯୁବକ ଜଣଙ୍କର ବେକରେ ଗଭୀର ଆଘାତ ଲାଗିଥିବା ବେଳେ କୌଣସି ଦୁର୍ବୃତ୍ତ ଉକ୍ତ ଯୁବକ ଜଣଙ୍କୁ ଆକ୍ରମଣ କରିଥିବା ସନ୍ଦେହ କରାଯାଇଛି। ଗୁରୁତର ହୋଇଥିବା ଯୁବକଙ୍କ ଘର ଜଗତସିଂହପୁର ଜିଲ୍ଲା କୁଜଙ୍ଗ ଅଂଚଳର ୩୯ବର୍ଷୀୟ ସତ୍ୟଜିତ ଷଡ଼ଙ୍ଗୀ ବୋଲି ସୂଚନା ମିଳିଛି। ସତ୍ୟଜିତ କାହିଁକି ଏବଂ କେଉଁ ଆଡେ ଯାଇଥିଲେ, ଉକ୍ତ ସ୍ଥାନକୁ କିଭଳି ଆସିଲେ କିମ୍ବା ତାକୁ କିଏ ଆକ୍ରମଣ କିମ୍ବା ଦୁର୍ଘଟଣାର ଶିକାର ହୋଇଛନ୍ତି ତାହାର ତଦନ୍ତ ହେଲେ ସତ୍ୟାସତ୍ୟ ସାମ୍ନାକୁ ଆସିପାରିବ ବୋଲି ସ୍ଥାନୀୟ ଲୋକେ କହିଛନ୍ତି ।

## ଛାତ୍ର କଂଗ୍ରେସର ରାଜ୍ୟ ସଭାପତିଙ୍କ ବଳାତ୍କାର ଅଭିଯୋଗ ପରେ ଯୁବ ବିଜେପିର ପ୍ରତିବାଦ




**କେନ୍ଦ୍ରାପଡ଼ା,୨୨।୭ (ସଂଚାର ବ୍ୟୁରୋ):** ଛାତ୍ର କଂଗ୍ରେସର ସଭାପତି ଉଦିତ ପ୍ରଧାନ ବଳାତ୍କାର ମାମଲାରେ ଗିରଫ ହେବା ପରେ ଏହାକୁ ନେଇ କେନ୍ଦ୍ରାପଡା ଯୁବ ବେଜିପି ପକ୍ଷରୁ କୁଶପୁତ୍ତଳିକା ଦାହ କରାଯାଇଛି। ଏହି ପ୍ରତିବାଦ ସମୟରେ ଯୁବ ବିଜେପି ର ସଦସ୍ୟ ମାନେ କହିଛନ୍ତି କି କଂଗ୍ରେସ ଛାତ୍ର ସଭାପତି ଯଦି ଜଣେ ବଳାତ୍କାରୀ ତାହେଲେ ସେମାନେ ସାଧାରଣ ଜନତାଙ୍କୁ କଣ ନ୍ୟାୟ ଦେବେ । ଏହା ହିଁ କଂଗ୍ରେସ ର ପ୍ରକୃତ ଆଦର୍ଶ କୁ ବୁଝାଉଛି। ଯାହାକୁ ନେଇ ରାମ ମନ୍ଦିର ରୁ ବାହାରି ତିନିମୁହାଣୀ ଛକ ଠାରେ କଂଗ୍ରେସ ଛାତ୍ର ନେତାଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାପଡା ଜିଲ୍ଲା ଯୁବମୋର୍ଚ୍ଚା ଶୋଭନ ଆଚାର୍ଯ୍ୟ ,ସ୍ମୃତି ରଞ୍ଜନ ମଲ୍ଲ,ଶୈଳେନ୍ଦ୍ର ପାତ୍ର, ସଙ୍ଗମ ନାୟକ,ଚନ୍ଦନ ରାଉତରାୟ,ସ୍ୱାଧୀନ ମହାପାତ୍ର,ଅଭିଜିତ ବଳ,ଚିନ୍ମୟ ପ୍ରଧାନ, ବାବାଜୀ ଚରଣ ବେହେରା, ଅମିତାଭ ସୁଆର,ଗୁଳାନଗର ପଞ୍ଚାୟତ ସଭାପତି ବଟକୃଷ୍ଣ ମହାରଣା, ସାଧାରଣ ସମ୍ପାଦିକା ଝିଲି ଦାସ, ସଂଖ୍ୟାଲଘୁ ସେଲ ସଭ୍ୟ ସଲିମ ଖାନ, କେଶବ ମିଶ୍ର, ଆକାଶ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

## ଯୁବତୀଙ୍କୁ ବଳାତ୍କାର ଉଦ୍ୟମ: ଅଭିଯୁକ୍ତ ଯୁବକ ଗିରଫ



**ବ୍ରହ୍ମପୁର,୨୨।୭ (ସଂଚାର ବ୍ୟୁରୋ):** ଜନୈକା ଯୁବତୀଙ୍କୁ ବଳାତ୍କାର ଉଦ୍ୟମ କରିଥିବା ଅଭିଯୋଗରେ ବୈଦ୍ୟନାଥପୁର ପୁଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣଙ୍କ ହିଂଜିଳିକାଟୁର ଜୀବନ ମିଶ୍ର(୨୯)। ଉଭୟ ପିଡ଼ିତା ଓ ଅଭିଯୁକ୍ତଙ୍କ ଡାକ୍ତରୀ ମଇନା କରାଯାଇଥିଲା। ମାମଲା ନଂ ୩୭୦/୨୫ ରେ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଉଭୟଙ୍କ ମୋବାଇଲ , ପୋଷାକ ଜବତ ହୋଇଛି। ଉଭୟଙ୍କ ପୋଷାକ କେମିକାଲ ପରୀକ୍ଷା ପାଇଁ ଭୁବନେଶ୍ୱରର ରସଲଗୁଡ ଏସଏଫଏସଏଲକୁ ପଠାଯିବ ବୋଲି ପୋଲିସ କହିଛି। ଘଟଣାରୁ ପ୍ରକାଶ ଯେ, ଜୀବନ ମିଶ୍ର ଆୟୁଷ ଆସିଷ୍ଟାଣ୍ଟ ଭାବେ ରାଳବରେ କାମ କରନ୍ତି। ଅନ୍ୟପଟେ ଯୁବତୀ ଜଣଙ୍କ ସହ ଇନଷ୍ଟଗ୍ରାମରେ ଜୀବନଙ୍କ ସମ୍ପର୍କ ଗଡ଼ିଉଠିଥିଲା। ନିକଟରେ ଯୁବତୀ ଜଣଙ୍କୁ ଏକ ଘରୋଇ ଶିକ୍ଷାନୁଷ୍ଠାନରେ ଠିକା ସଂସ୍କୃତ ଶିକ୍ଷକ ଭାବେ ନିଯୁକ୍ତି ମିଳିଥିଲା। ସେ ହୋଷ୍ଟେଲରେ ରହିବା ପାଇଁ ତାଙ୍କ ବନ୍ଧୁ ଜୀବନ ମିଶ୍ରର ସହାୟତା ନେଇଥିଲେ। ଯୁବତୀଙ୍କୁ ସ୍କୁଟିରେ ଆଣି ଉଭୟ ବଡବଜାର ଯାଇଥିଲେ। ସେଠାରେ କିଛି ଘରକରଣା ସାମଗ୍ରୀ କ୍ରୟ କରିବା ପରେ ଯୁବତୀଙ୍କୁ ନେଇ ଜୀବନ ତାଙ୍କ ମାଉସୀ ଘରକୁ ଆସିଥିଲେ। ସେଠାରେ ସେ ତାଙ୍କୁ ବଳାତ୍କାର ଉଦ୍ୟମ କରିଥିଲେ। ପରେ ତାଙ୍କୁ ବିବାହ କରିବି କହି ପ୍ରତାରଣା କରିଥିଲେ ବୋଲି ଯୁବତୀ ଜଣକ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ତଦନ୍ତ କରି ଅଭିଯୁକ୍ତଙ୍କୁ କାବୁ କରିଥିବା କହିଛି।

## ବଜ୍ରପାତରେ ମହିଳା ଚାଷୀଙ୍କ ସମେତ ୨ମୃତ

**ବାରିପଦା,୨୨।୭ (ସଂଚାର ବ୍ୟୁରୋ):** ଆଜି ମଙ୍ଗଳବାର ଦିନ ଅପରାହ୍ନ ୨ ଟା ପାଖାପାଖି ସମୟରେ ପ୍ରବଳ ବର୍ଷା, ଘଡଘଡି ଓ ବିଜୁଳି ଯୋଗୁଁ ବାମନଘାଟୀ ଉପଖଣ୍ଡର ବିଭିନ୍ନ ସ୍ଥାନରେ ମହିଳା ସମେତ ଦୁଇଜଣ ଚାଷୀ ବିଲରେ ଟଳି ପଡିଥିଲେ । ସୂଚନାଯୋଗ୍ୟ ବହଳଦା ଥାନା ଅନ୍ତର୍ଗତ ଅଁଳାଯୋଡି ପଞ୍ଚାୟତର ନିୟୁତି ଗ୍ରାମର ମନୋଜ ମହାନ୍ତ(୪୨) ବିଲରେ କାମ କରୁଥିବାବେଳେ ହଠାତ ଚଡ଼କ ମାରିଥିଲା । ତାଙ୍କୁ ପରିବାର ଲୋକେ ଗୁରୁତର ଅବସ୍ଥାରେ ରାଇରଙ୍ଗପୁର ଡାକ୍ତରଖାନା ଆଣିଥିଲେ। ମାତ୍ର ଡାକ୍ତର ମୃତ ଘୋଷଣା କରିଥିଲେ । ଏ ବାବଦରେ ବହଳଦା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହିତ ପୋଲିସ ଶବ ବ୍ୟବଚ୍ଛେଦ କରାଇ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଛି ।

ସେହିଭଳି ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ସାନପାଖନା ଗ୍ରାମପଞ୍ଚାୟତ ବଡ଼ଗାଁ ଗ୍ରାମର ପଡ଼ାଗାଁ ରାଖାସାହି ବସ୍ତିର ଦିଲ୍ଲୀପ କୁମାର ମହାନ୍ତର ସ୍ତ୍ରୀ ରାକ୍ଷୀ ମହାନ୍ତ (୩୩) ନିଜ ଭଉଣୀ ଘରକୁ ଜମିରେ ଧାନ ରୋଇବା ପାଇଁ ଆସିଥିଲେ। ରାଇରଙ୍ଗପୁର ଟାଉନ ଥାନା ଅନ୍ତର୍ଗତ ଗଡିଗାଁ ପାଖ ରେଳ ଲାଇନ ପାଖରେ ଧାନ ରୋଇ କିଛି ସମୟ ଥକ୍କା ମେଣ୍ଟାଇବା ପାଇଁ ବିଲ ମୁଣ୍ଡରେ ବସିଥିବାବେଳେ ବିଜୁଳି ଚଡ଼କମାଡରେ ଟଳି ପଡ଼ିଥିଲେ । ରାକ୍ଷୀକୁ ତୁରନ୍ତ ରାଇରଙ୍ଗପୁର ହସ୍ପିଟାଲ ଅଣା ଯାଇଥିଲା। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ ।

# ଧର୍ମଗଡ ସହରରେ ବୁଲା କୁକୁରଙ୍କ ପ୍ରାଦୁର୍ଭାବ



**କଳାହାଣ୍ଡି,୨୨।୭ (ସଂଚାର ବ୍ୟୁରୋ):** ଧର୍ମଗଡ ସହରରେ କିଛି ମାସର ନିରବତା ପରେ ପୁଣି ବୁଲା କୁକୁରଙ୍କ ପ୍ରାଦୁର୍ଭାବ ଦେଖାଦେଇଛି। ସହରର ବ୍ଲକଛକ, କଚେରୀ ଛକ, ଆମ୍ବେଦକର ଛକ, ବସଷ୍ଟାଣ୍ଡ, ପାଣିଗ୍ରାହୀ ହୋଟେଲ ଛକ, ବଜାର ଛକ ଆଦି ଅଞ୍ଚଳରେ ବୁଲା କୁକୁର ଦଳ ଦଳ ହୋଇ ଚଲାବୁଲା କରୁଛନ୍ତି। ବିଭିନ୍ନ ସମୟରେ ରାସ୍ତା ଦେଇ ଯାଉଥିବା ଲୋକ, ଶିଶୁଙ୍କୁ ଆକ୍ରମଣ କରୁଥିବା ଦେଖିବାକୁ ମିଳୁଛି। ଏହାକୁ ନେଇ ସହରବାସୀଙ୍କ ମଧ୍ୟରେ ଗଭୀର ଅସନ୍ତୋଷ ଦେଖା ଦେଇଛି।

ବୁଲା କୁକୁରଙ୍କ ଜନ୍ମ ନିୟନ୍ତ୍ରଣ ପାଇଁ ସରକାର ୨୦୦୧ରୁ ପ୍ରାଣୀ ଜନ୍ମ ନିୟନ୍ତ୍ରଣ ଯୋଜନା କାର୍ଯ୍ୟକାରୀ କରିଛନ୍ତି କିନ୍ତୁ ଯୋଜନା ସରକାରୀ ବାବୁଙ୍କ ଫାଇଲରେ ବନ୍ଧା ହୋଇ ରହିଛି। କିଛି ଦିନ ତଳେ ଧର୍ମଗଡ ବ୍ଲକ ଅଞ୍ଚଳର ଜନୈକ ବ୍ୟକ୍ତି ବାଇକରେ ଆସୁଥିବା ବେଳେ ଗୋରୁବଜାର ଛକ ନିକଟରେ ବୁଲା କୁକୁର ଦଳ ଦୌଡି ଆସିବାରୁ ଦୁର୍ଘଟଣାଗ୍ରସ୍ତ ହୋଇଥିଲ। ବୁଲା କୁକୁର ଦଳ ସକାଳୁ ଓ ସନ୍ଧ୍ୟା ପରେ ସହରର ବିଭିନ୍ନ ରାସ୍ତା ଉପରକୁ ହଠାତ ଦୌଡି ଆସୁଥିବାରୁ ଲୋକେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏକାକୀ ଯାତାୟାତ କରିବାକୁ ଭୟ କରୁଥିବା ଦେଖାଯାଇଛି ବୁଲା କୁକୁର ଜଳଖିଆ ଦୋକାନ, ଚା' ଦୋକାନ ଆଦି ସ୍ଥାନରେ ଦଳଦଳ ହୋଇ ଜମା ହେଉଥିବାରୁ ଲୋକେ ଏଭଳି ଦୋକାନକୁ ଯିବାକୁ ଭୟ କରୁଛନ୍ତି। ପ୍ରତ୍ୟେକ ଦିନ କୁକୁର କାମୁଡା ଘଟଣା ସହରର ବିଭିନ୍ନ ଅଞ୍ଚଳରେ ଘଟୁଛି। ତଥାପି ବିଭାଗୀୟ କର୍ତ୍ତୃପକ୍ଷଙ୍କ ନିରବତା ସାଧାରଣରେ ବିସ୍ମୟ ସୃଷ୍ଟି କରିଛି।

### ଏକୁଟିଆ ପାଇଲେ ଝୁଣିଦେବେ

କିଛି ମାସ ଧରି ବୁଲା କୁକୁର କୁଆଡେ ଉଭାନ ହୋଇଯାଇଥିଲ। କିଛି ଦିନ ହେଲା ପୁଣି ସେମାନଙ୍କର ଆବିର୍ଭାବ ଚିନ୍ତାର କାରଣ ପାଲଟିଛି। କୁକୁରଙ୍କ ପ୍ରାଦୁର୍ଭାବ ନେଇ ଶିଶୁ ସହ ବୟସ୍କ ଚାଲିଯିବା କଷ୍ଟକର ହୋଇ ପଡ଼ିଛି। ସକାଳ ଓ ସନ୍ଧ୍ୟା ସମୟରେ ଛାତ୍ରଛାତ୍ରୀ ଚାଲି ଚାଲି ଟ୍ୟୁସନ କିମ୍ବା କୋଚିଂ ଯିବା ଏକ ପ୍ରକାର ବନ୍ଦ ହୋଇ ଗଲାଣି। ବିଭାଗୀୟ କର୍ତ୍ତୃପକ୍ଷ ତୁରନ୍ତ ବୁଲା କୁକୁରଙ୍କ ପ୍ରାଦୁର୍ଭାବ ରୋକିବା ନେଇ କଠୋର ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି।

# ସାମୁହିକ ବାତଜ୍ୱର ଔଷଧ ସେବନ ସଚେତନତା କର୍ମଶାଳା



**ବାଲିଆପାଳ,୨୨।୭ (ସଂଚାର ବ୍ୟୁରୋ):** ସାମୁହିକ ବାତଜ୍ୱର ଔଷଧ ସେବନ ସଚେତନତା କର୍ମଶାଳା ଆଜି ବାଲିଆପାଳ ବ୍ଲକ ଅନ୍ତର୍ଗତ ଲକ୍ଷ୍ମୀପ୍ରିୟା ମହିଳା ମହାବିଦ୍ୟାଳୟ ଏବଂ ଲକ୍ଷ୍ମୀପ୍ରିୟା ମହିଳା ଉଚ୍ଚ ମାଧମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି ସଚେତନତା କର୍ମଶାଳାରେ ବିଦ୍ୟାଳୟର ଅଧକ୍ଷା ସୁଦିପ୍ତା ବିଶ୍ୱାଳ ଅଧକ୍ଷତା କରିଥିଲେ।

ବାତଜ୍ୱର ବା ଫାଇଲେରିଆ ରୋଗର କୀଟାଣୁ (ବ୍ରୋଜିଆ ମାଲାଇ) ବାଲିଆପାଳ ବ୍ଲକ ବେତଗଡ଼ିଆ ଗ୍ରାମ ପଞ୍ଚାୟତର ନାରାୟଣପୁର ଏବଂ ମଧୁପୁରା ପଞ୍ଚାୟତର ପଞ୍ଚୁରୁଖି ଗ୍ରାମରେ ଦେଖାଯାଇଛି। ଯାହାକି ଭାରତ ବର୍ଷର ଅନ୍ୟ କୌଣସି ସ୍ଥାନରେ ମାଇକ୍ରୋ ଫାଇଲେରିଆର ଏହି କୀଟାଣୁ ଦେଖାଯାନ୍ତି ନାହିଁ। ସେଥିପାଇଁ କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶରେ ରାଜ୍ୟ ସରକାରଙ୍କ ସହଯୋଗରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଏବଂ ବାଲିଆପାଳ ବ୍ଲକ ସ୍ୱାସ୍ଥ୍ୟ ବିଭାଗର ମିଳିତ ପ୍ରଚେଷ୍ଟାରେ ବାଲିଆପାଳ ବ୍ଲକର ସମସ୍ତ ୨୮ଟି ପଞ୍ଚାୟତର ସମସ୍ତ ଦୁଇ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କ ମାନଙ୍କୁ ଆସନ୍ତା ଅଗଷ୍ଟ ମାସ ୧୦ତାରିଖରୁ ୧୯ତାରିଖ ପର୍ଯ୍ୟନ୍ତ ବାତଜ୍ୱର ବା ଫାଇଲେରିଆ ରୋଗର ଔଷଧ ସେବନ କରିବା ପାଇଁ ଜନସାଧାରଣଙ୍କୁ ସଚେତନ କରାଯାଉଅଛି।ଏହି ପରିପ୍ରେକ୍ଷୀରେ ଆଜି ବାଲିଆପାଳ ବ୍ଲକର ଏକମାତ୍ର ମହିଳା ମହାବିଦ୍ୟାଳୟ ଓ ମହିଳା ଉଚ୍ଚ ମାଧମିକ ବିଦ୍ୟାଳୟରେ ଏକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏହି କର୍ମଶାଳାରେ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସୁପରଭାଇଜର ରମାନାଥ କର ଏବଂ ସୋସିଆଲ ମୋବିଲାଇଜର ପ୍ରତାପ କୁମାର ପାତ୍ର ଯୋଗଦେଇ ରୋଗର ଭୟାବହତା, ରୋଗର ଲକ୍ଷଣ, ରୋଗ ବ୍ୟାପିବାର ମାଧମ ଏବଂ ଏହି ରୋଗକୁ ରୋକିବାର ଉପାୟ ସମ୍ପର୍କରେ ଉପସ୍ଥିତ ୩୦୦ଶହରୁ ଉର୍ଦ୍ଧ୍ୱ ଛାତ୍ରୀ ତଥା ଅଧାପକ, ଅଧାପିକା ଏବଂ କର୍ମଚାରୀ ମାନଙ୍କୁ ସଚେତନ କରାଇଥିଲେ। କାର୍ମଶାଳା ପ୍ରାରମ୍ଭରେ ଅଧାପକ ରମେଶ ଚନ୍ଦ୍ର ପଣ୍ଡା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। କର୍ମଶାଳା ଶେଷରେ ଅଧାପକ ରାଜେନ୍ଦ୍ର କୁମାର ବାରିକ ଧନ୍ୟବାଦ ଦେଇଥିଲେ।




## ତୀବ୍ର ବିରୋଧ ସତ୍ତ୍ୱେ ସରିଲା ଓଏମ୍‌ସି ଜନଶୁଣାଣି

**କଳିଙ୍ଗନଗର,୨୨।୭ (ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲା ସୁକିନ୍ଦା ତହସିଲ ଅନ୍ତର୍ଗତ କାଳିଆ ପାଣି କମ୍ୟୁନିଟି ସେଣ୍ଟର ପଡିଆରେ ଓଏମ୍‌ସିର ଖଣି ସମ୍ପ୍ରସାରଣ ପାଇଁ ଜନ ଶୁଣାଣି ଅନୁଷ୍ଠିତ ହୋଇଥିଲା। ସୁକିନ୍ଦା ଖଣି ଅଞ୍ଚଳର ସୁକରଙ୍ଗୀ, ସାରୁଆ ବିଲ, କମାର୍ଦ୍ଧା, ଓସ୍ତପାଳ ଓ ତଳଙ୍ଗୀ ଗ୍ରାମର ପ୍ରାୟ ୩୮୨.୭୦୯ ହେକ୍ଟର ଜମି ଓଏମ୍‌ସି ଅଧିଗ୍ରହଣ କରି ଉତ୍ପାଦନ କ୍ଷମତାକୁ ବୃଦ୍ଧି କରିବା ପାଇଁ ଜନ ଶୁଣାଣୀ ହୋଇଥିବା ବେଳେ ସ୍ଥାନୀୟ ଗ୍ରାମବାସୀମାନେ ଘୋର ବିରୋଧ କରିଥିବା ଦେଖିବାକୁ ମିଳିଥିଲା।

ପୂର୍ବ ପରି ସ୍ଥାନୀୟ ଲୋକେ ଆଉ ଜମି ଛାଡ଼ିବା ପାଇଁ ରାଜି ହେଉ ନ ଥିବା ଦେଖିବାକୁ ମିଳିଥିଲା। ସ୍ଥାନୀୟ ଲୋକମାନେ କହିବା କଥା ଖଣି ହେଲେ ଗ୍ରାମବାସୀଙ୍କର ବହୁତ କ୍ଷତି ହେଉଛି। ମୁଖ୍ୟତଃ ସ୍ୱାସ୍ଥ୍ୟଗତ ସମସ୍ୟା, ଭୁତଳ ଜଳ ପ୍ରଦୂଷିତ ଯୋଗୁ କିଡନି, ଯକ୍ଷ୍ମା ରୋଗରେ ବହୁତ ଲୋକଙ୍କ ଜୀବନ ଗଲାଣି। ବିଶୁଦ୍ଧ ପାଣି ମୁନ୍ଦେ ମିଳୁନାହିଁ। ଚାଷ ଜମିରେ ଖଣିର ପାଣି ମାଡି ଯାଇ ଫସଲହାନୀ ହେଉଛି। ଖଣିର ଡମ୍ପରୁ ମାଟି ଜମିରେ ଚରି ଯାଉଛି। ଚାଷୀ ମୁଣ୍ଡରେ ହାତ ଦେଇ ବର୍ଷକ ର ଚାଷ ଉଜୁଡି ଯିବାରୁ କାନ୍ଦୁଛି। ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ନାହିଁ, ସମସ୍ୟା ଭିତରେ ଏସବୁ ଗ୍ରାମବାସୀ ଧନ୍ଦୀ ହେଉଛନ୍ତି। ଆଦିବାସୀଙ୍କର ସମସ୍ତ ଜମି ଓଏମ୍‌ସି ନେଇ ଯିବାରୁ ପଟ୍ଟା ଖଣ୍ଡେ ଭବିଷ୍ୟତ ପାଇଁ ରହୁନାହିଁ। ତେଣୁ ଏ ସମ୍ପ୍ରସାରଣକୁ ବନ୍ଦ କରିବା ପାଇଁ ଲୋକମାନେ ହୋ ହାଲ୍ଲା କରିଥିବା ଦେଖିବାକୁ ମିଳିଥିଲା।

## ଶଙ୍କର ମହାଦେବଙ୍କ ନିକଟରେ ଜଳଲାଗି କଲେ ପ୍ରବାସୀ ଓଡ଼ିଆ

**କେନ୍ଦ୍ରାପଡ଼ା,୨୨।୭ (ସଂଚାର ବ୍ୟୁରୋ):** ଶ୍ରାବଣ ମାସର ଦ୍ୱିତୀୟ ସୋମବାରରେ ମହାଦେବଙ୍କ ନିକଟରେ ଲକ୍ଷାଧିକ ଭକ୍ତ ସମାଗମ ହୋଇ ଜଳଲାଗି କରିଛନ୍ତି । ମହାରାଷ୍ଟ୍ର ପୁନେ ସହରର ବସବାସ କରୁଥିବା ପ୍ରବାସୀ ଓଡ଼ିଆ ମାନେ ନିଜ ରାଜ୍ୟକୁ ନଆସି ମଧ ସେଠାରେ ଆଜି ଓଡ଼ିଆ ବୋଲ୍‌ବମ୍ ଭକ୍ତମାନେ ଏକାଠି ହୋଇ ଲମ୍ବା ଧାଡ଼ିରେ ପାଖାପାଖି ତିରିଶ କିଲୋମିଟର ଯାତ୍ରା କରିଛନ୍ତି । ପୁନେ ସହରର ଥିବା ଆଳନ୍ଦି ମନ୍ଦିର ନିକଟରୁ ପ୍ରଥମେ କଳସ ବୁଡ଼ାଇ ପୂଜାର୍ଚ୍ଚନା କରିବା ପରେ ପିପିରି ସୌଦାଗରକୁ ଯାତ୍ରା କରିଥିଲେ ସେଠାରେ ଶଙ୍କର ମହାଦେବଙ୍କୁ ଜଳଲାଗି କରିଥିଲେ। ଏହି କାଉଡ଼ି ଯାତ୍ରାରେ କେନ୍ଦ୍ରାପଡା ଜିଲ୍ଲାର ବିଭିନ୍ନ ପ୍ରାନ୍ତରେ ଥିବା ପ୍ରବାସୀ ଓଡ଼ିଆ ମାନେ ସାମିଲ ହୋଇଥିଲେ।



# 'ସହାୟକ' ତରଫରୁ ରିଲିଫ୍ ବଣ୍ଟନ



**ବାଲେଶ୍ୱର,୨୨।୭ (ସଂଚାର ବ୍ୟୁରୋ):** 'ସହାୟକ' ବାଲେଶ୍ୱର ପକ୍ଷରୁତା ମଙ୍ଗଳବାର ଦିନ ବାଲିଆପାଳ ବ୍ଲକର ଜାମକୁଣ୍ଡା ପଞ୍ଚାୟତ ଅନ୍ତର୍ଗତ ଲକ୍‌ପାଳ ଗ୍ରାମରେ ରିଲିଫ ବଣ୍ଟନ କାର୍ଯ୍ୟ ହୋଇଯାଇଅଛି। ରାଜ୍ୟ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଙ୍ଘ, ବାଲେଶ୍ୱର କାର୍ଯ୍ୟାଳୟରେ 'ସହାୟକ'ର ସଭାପତି ଡ. କ୍ଷିତୀଶ୍ୱର ଦାଶ, ବରିଷ୍ଠ ଉପଦେଷ୍ଟାଇଂ. ବନମାଳୀ ନାୟକ, ନିରଞ୍ଜନ ପରିଡ଼ା, କୁମୁଦ ରଞ୍ଜନ ଗିରି, ସୁରେନ୍ଦ୍ର ନାୟକ, ଗଙ୍ଗାଧର ପୃଷ୍ଟି, ରବିନାରାୟଣ ଭୋଳ ପ୍ରମୁଖ ରିଲିଫ ବଣ୍ଟନ କାର୍ଯ୍ୟରେ ଯୋଗଦେଇଥିଲେ। ସଦସ୍ୟ ସଦସ୍ୟାମାନେ ରିଲିଫ୍ ସାମଗ୍ରୀ ଧରି ବାଲିଆପାଳ ବ୍ଲକର ଲକ୍‌ପାଳ ଗ୍ରାମ ଅଭିମୁଖେ ଯାତ୍ରା କରିଥିଲେ। ସେଠାରେ ଦଣ୍ଡିକା ହାଇସ୍କୁଲ୍‌ର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପଞ୍ଚାନନ ନାୟକଙ୍କ ସହ କାଳିଚରଣ ନାୟକ ଓ ସଞ୍ଜୟ ଦାସ 'ସହାୟକ'ର ସଦସ୍ୟ ସଦସ୍ୟାମାନଙ୍କୁ ଲକ୍ଷେଶ୍ୱର ମହାଦେବ ମନ୍ଦିର ନିକଟରେ ସ୍ୱାଗତ କରିଥିଲେ। ବନ୍ୟାରେ କ୍ଷତିଗ୍ରସ୍ତ ହୋଇଥିବା ଗ୍ରାମର ୨ଟି ୱାର୍ଡ଼ର ମୋଟ ୧୦୨ଟି ପରିବାର ମଧରେ ରିଲିଫ୍ ସାମଗ୍ରୀ ବଣ୍ଟନ କରାଯାଇଥିଲା।

### ପୁଲିସ ଧରୁଛି, ଯୋଗାଣ ବିଭାଗ ଛାଡୁଛି

## ରାଇସ ମିଲକୁ ଆସୁଛି ଛତିଶଗଡ଼ରୁ ବେଆଇନ ଧାନ ଓ ଚାଉଳ



**ବଲାଙ୍ଗିର,୨୨।୭ (ସଂଚାର ବ୍ୟୁରୋ):** ଗତକିଛି ଦିନ ହେଲା ଦେଓଗାଁ ପୁଲିସ ପେଟ୍ରୋଲିଂ କଲା ସମୟରେ ଛତିଶଗଡ଼ ଅଞ୍ଚଳରୁ ବେଆଇନ ଭାବରେ ବଲାଙ୍ଗିର ଜିଲ୍ଲାକୁ ଆସୁଥିବା ଚାଉଳ ଏବଂ ଧାନ ଗାଡିକୁ ଧରିବାରେ ସଫଳ ହୋଇଛି। ଯେହେତୁ ଚାଉଳ ଓ ଧାନ ଗାଡିକୁ ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ନେଇ ପାରିବ ନାହିଁ ତେଣୁ ସ୍ଥାନୀୟ ଯୋଗାଣ ବିଭାଗକୁ ତଦନ୍ତ ପାଇଁ ଲିଖିତି ଅନୁରୋଧ କରୁଛି। ଅନ୍ୟପଟେ ଯୋଗାଣ ବିଭାଗ ଏହାର ତଦନ୍ତ କରିବା ବାହାନାରେ ସ୍ଥାନୀୟ ମିଲରଙ୍କ ସହ ସଲାସୁତୁରା କରି ଗାଡି ଗୁଡିକ ଛାଡି ଦେଉଥିବା ଅଭିଯୋଗ ହେଉଛି।

ଯାହାରା ଜ୍ୱଳନ୍ତ ଉଦାହରଣ ଗତ ସପ୍ତାହରେ ୱିଲମାର ରାଇସ ଟ୍ରେଡିଙ୍ଗ ପ୍ରାଇଭେଟ ଲିମିଟେଡ, ୨୮ ବାଇଓପଲିସ ରୋଡ, ସିଙ୍ଗାପୁର ଲେଖାଥିବା ବସ୍ତା ଗୁଡିକରେ ଚାଉଳ ଭର୍ତ୍ତି ହୋଇ ଗୋଟିଏ ଟ୍ରକରେ ଛତିଶଗଡ଼ରୁ ବିଶାଖାପାଟଣା ପୋର୍ଟକୁ ଯାଉଥିବା ସିଜି ନମ୍ବର ଥିବା ଏକ ଟ୍ରକକୁ ଦେଓଁଗା ପୁଲିସ ସନ୍ଦେହରେ ଅଟକ ରଖିଥିଲା ଏବଂ ତଦନ୍ତ ପାଇଁ ଯୋଗାଣ ବିଭାଗକୁ ପୁଲିସ ସୂଚନା ଦେଇଥିଲା। କିନ୍ତୁ ଯୋଗାଣ ବିଭାଗ ତଦନ୍ତ କରି ସେହି ଗାଡିଟିକୁ କ୍ଲିନଚିଟ୍ ରିପୋର୍ଟ ଦେଇଥିଲା। ବାଧ ହୋଇ ଦେଓଗାଁ ପୁଲିସ ଉକ୍ତ ଚାଉଳ ଗାଡିଟିକୁ ଛାଡି ଦେଇଥିଲା। ପରେ ସେହି ଗାଡି ତୁଷୁରାର ଏକ ରାଇସ ମିଲରେ ଚାଉଳ ଅନଲୋଡ କରିବାର ଦେଖାଯାଇଥିଲା। ଯାହାକୁ ନେଇ ଯୋଗାଣ ବିଭାଗର ତଦନ୍ତରେ ଅନିୟମିତତା ହୋଇଥିବା ଏବଂ ଟ୍ରକ ଛାଡି ପୁଲିସ ବଦନାମ ହେଉଥିବା ଜଳଜଳ ଦେଖାଯାଉଛି।

ଏବେ ପୁଣିଥରେ ଛତିଶଗଡ଼ ନମ୍ବର ଥିବା ଧାନ ବୋଝେଇ ଦୁଇଟି ଟ୍ରକକୁ ଦେଓଗାଁ ପୁଲିସ ଅଟକ ରଖିଛି। ଏହି ଟ୍ରକ ଦୁଇଟିରେ ପ୍ରାୟ ୬୩୦ କ୍ୱିଣ୍ଟାଲ ରୁ ଅଧିକ ଧାନ ରହିଛି। ତେବେ ଏତେ ପରିମାଣର ଧାନ ବୋଝେଇ ଏହି ଧାନଗାଡି ଦୁଇଟି ଛତିଶଗଡ଼ ରୁ କଳାହାଣ୍ଡିକୁ ଯାଉଥିବା ଜଣାଯାଇଛି।

# ବନ୍ୟାଞ୍ଚଳରେ ଋଣଛାଡ ସହ ମାଗଣାରେ ବିହନ ଓ ସାର ଯୋଗାଇ ଦେବାକୁ କୃଷକ ନେତାଙ୍କ ଦାବି




**ରାଜନଗର,୨୨।୭ (ସଂଚାର ବ୍ୟୁରୋ):** ଚଳିତ ବନ୍ୟା ଯୋଗୁ ରାଜନଗରର ୭ଟି ପଞ୍ଚାଯତ ଓ ପଟାମୁଣ୍ଡାଇର ୧୪ ଟି ପଞ୍ଚାଯତ ବ୍ୟାପକ ଭାବେ କ୍ଷତିଗ୍ରସ୍ତ ହୋଇଛି। ବିପନ୍ନ ବନ୍ୟା ପାଣି ଘେରରେ ୧୦ ଦିନ ଧରି ଆତଙ୍କିତ ଓ ଜଳବନ୍ଦୀ ହୋଇଥିଲେ ମଧ ପ୍ରଶାସନ ରିଲିଫ ଦୂରର କଥା ସବୁସ୍ଥାନକୁ ଡଙ୍ଗା ବି ଯୋଗାଇବାରେ ବିଫଳ ହୋଇଛି। ଗୃହପାଳିତ ପଶୁଙ୍କ ପାଇଁ ଗୋଖାଦ୍ୟ ବିଳମ୍ବରେ ପ୍ରଶାସନ ପହଞ୍ଚାଇଥିଲେ ମଧ ତାହା ଗୋରୁଙ୍କ ପାଖରେ ପହଞ୍ଚିନି। ଏବେବି ତାହା ପଞ୍ଚାୟତ ଅଫିସରେ ପଡି ରହିଛି ।

ଚଳିତ ବନ୍ୟାରେ ସବୁଠୁ ବିଶେଷ ଭାବେ ଚାଷୀକୁଳ କ୍ଷତିଗ୍ରସ୍ତ ହୋଇଛି। ଧାନତଳି, ରୁଆ ହୋଇଥିବା ଧାନ ଓ ପନିପରିବା ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଯାଇଛି। ଚାଷୀଙ୍କୁ ତୁରନ୍ତ ବିହନ, ସାର, ଔଷଧ ମାଗଣାରେ ଯୋଗାଇ ଦେବା ସହ ଫସଲବୀମା ପ୍ରଦାନ ଓ କୃଷି ଋଣ ଛାଡ କରିବାକୁ ସାମ୍ବାଦିକ ସମ୍ମିଳନୀରେ କୃଷକ ନେତାମାନେ ଦାବି କରିଛନ୍ତି। ସରକାର ଚାଷୀଙ୍କ ଦାବି ପୂରଣ ନକଲେ କୃଷକ ଆନ୍ଦୋଳନ ଜୋରଦାର କରାଯିବ ବୋଲି ଚେତାବନୀ ଦେଇଛନ୍ତି।



## ସାଧବ ବୋହୂ

**ସ୍ୱାଗତିକା ସାହୁ**

ପହିଲି ବର୍ଷାର ବାରିପାତ ପରେ
ସାଧବ ବୋହୂର ଆନ
ନାଲି ନାଲି ତାର ରଙ୍ଗ ପସରାରେ
ଧରା ହୁଏ ଆୟୁଷ୍ମାନ ।

ଆଶା ସମୃଦ୍ଧିର ପ୍ରତୀକ ଅଟେ ତୁ
ଶୀତଳ ଧରା ପୃଷ୍ଠରେ
ତୋ ଦେହ ଢ଼ାଙ୍କିଛୁ ନାଲିର ଓଢ଼ଣୀ
ଚାଲୁ ବହଳ ଲାଜରେ।

ତୋର ଚିତ୍ରପଟ ଆଙ୍କି ହୋଇଯାଏ
ଦକ୍ଷ ବିନ୍ଧାଣୀର ହାତେ
ବର୍ଣ୍ଣନା ହୁଏନି ତୋର ସୁନ୍ଦରତା
ହାର ମାନିଯାଏ ସତେ।

କେଉଁ ଶବ୍ଦରେ ଉପମା ଦେବି ମୁଁ
ଲୁପ୍ତ ହୁଏ ମୋର ଆତ୍ମା
ଗୋଟିଏ ଚାଉଳ ରୂପରେ ଗଢ଼ାତୁ
ଐଶ୍ୱର୍ଯ୍ୟ ଲୌକିକ ସତ୍ତା ।

ଅନାଦି କାଳରୁ ତୋର ରଙ୍ଗ ଛିଟା
ବୋଳିଛି ପ୍ରତି ମଣିଷ
ମନ ଆତ୍ମାର ତୁ ମିଠା ସମ୍ମୋହନ
ହୃଦ ତନ୍ତ୍ରୀର କି ଶୋଷ ।

ସାତ୍ୱିକ ପ୍ରେମର ନିର୍ଲିପ୍ତ ଅନ୍ତର
ରୋମାଞ୍ଚିତ ରଙ୍ଗ ତନୁ
ସବୁଜ ଘାସର ଉଛୁଳା ପଥରେ
ରାଜହଂସି ଟିଏ ବନୁ ।

ଲାବଣ୍ୟ ସୁନ୍ଦରୀ ସ୍ୱର୍ଗ ଅପସରୀ
ସୌନ୍ଦର୍ଯ୍ୟର ଗନ୍ତାଘର
ସିନ୍ଦୂର ଶୋଭିତ କମୋଳ ଶ୍ରୀ ଅଙ୍ଗ
ଅପୂର୍ବ ରୂପ ତୋହର ।

ସାଧବ ବୋହୂ ଲୋ ସାଧବ ବୋହୂ
ଦୂର୍ବାଦଳ ଶିଖେ ରହି
ମେଦିନୀ ବକ୍ଷରେ ପ୍ରକୃତି ଅଙ୍କରେ
ଫୁଲ ଠୁ କୋମୋଳ ତୁହି ।

ପୀରତି ଖସଡ଼ା ପଥ ଅସଜଡା
ଧିରେ ଧିରେ ଚାଲୁ ଥାଉ
ପ୍ରକୃତି କୋଳର ଅନନ୍ୟ ସୃଷ୍ଟି ଯେ
ଟିକି ଜୀବ କି ବୋଲାଉ ।

ମନ ପୁରି ଉଠେ ଦେଖିଦେଲେ ତୋତେ
ମନଲୋଭା ସୌନ୍ଦର୍ଯ୍ୟରେ
ବରଷା ଆସିଲେ ମୁହଁ ତୋ ଦେଖାଉ
ଲୁଚି ବସୁ କି ଲାଜରେ।

ବୁକୁରେ ଖେଳାଉ ନବ ଉନ୍ମାଦନା
ରଙ୍ଗ ରଙ୍ଗୀନ ର ଛଳେ
ସୃଷ୍ଟି ସର୍ଜନା ର ମଧୁର ପ୍ଲାବନ
ମାଧୂର୍ଯ୍ୟ ବର୍ଣ୍ଣରେ ଭାଳେ ।

**ଉମରକୋଟ, ନବରଙ୍ଗପୁର**



## ହେ ଶିକ୍ଷକ

**ସାଗର କୁମାର ପରିଡ଼ା**

ହେ ଶିକ୍ଷକ ତୁମେ ପଥ ପଦର୍ଶକ
ଆମରି ଜାତିର ଗର୍ବ,
ତୁମେ ହିଁ ଗଢୁଛ ସୁନ୍ଦର ସମାଜ
ତୁମ ପରି କିଏ ହେବ ।।
ଅଜ୍ଞାନ ତିମିର ହଟାଇଣ ମନୁ
ଜ୍ଞାନର ଜ୍ୟୋତି ଜଳାଅ,
କେତେ ନୂଆ ନୂଆ କଥାକୁ ଜଣାଇ
ଆମରି ମନକୁ ମୋହ ।।
ଆଗକୁ ଯିବାକୁ ଦେଖାଉଛ ବାଟ
ଜ୍ଞାନ ରାଜ୍ୟ ବୃଦ୍ଧିକରି,
ଦେଶର ସେବାକୁ ଦେଇଛ ପ୍ରାଧାନ୍ୟ
ନିଜ କାମ ପଛେ ଛାଡି।।
ଶ୍ରେଣୀରେ ଅନେକ କାହାଣୀକୁ କୁହ
ମନରେ ଉତ୍ସାହ ଭରି
ଅଙ୍କା ବଙ୍କା ଏହି ଜୀବନ ପଥରେ
ନ ଯିବାକୁ କେବେ ହାରି ।।
ତୁମ ଦିବ୍ୟସ୍ପର୍ଶ ପାଇଛି ଯେ ଶିଷ୍ୟ
ହୋଇଛି ଭଲ ମଣିଷ,
ଜୀବନରେ କେତେ ଭଲ କାମ କରି
ଲଭିଛି ଅନେକ ଯଶ ।।
ବିଦ୍ୟାଳୟ ରୂପି ବିଦ୍ୟା ମନ୍ଦିରରେ
ଗଢ଼ ଜାତି ଭବିଷ୍ୟତ,
ଭୁଲିବୁନି କେବେ ତୁମରି ଦାନକୁ
ତୁମେ ହିଁ ଆମ ନମସ୍ୟ ।।

**ରାଇଘର, ନବରଙ୍ଗପୁର**





## ଧାରା ଶ୍ରାବଣ

**କବି ଭାରତୀ ବାସନ୍ତୀ ଲତା ଜେନା**

ଋତୁ ଚକ୍ରେ ଶ୍ରାବଣୀ ଯେ ଆସଇ ମହୀରେ
କଳା ବାଦଲ ଘୋଟଇ ଆକାଶ ବୁକୁରେ ,
ଧାରା ଶିରାବଣ ମାସ ଝିପି ଝିପି ବର୍ଷା
ନଈ ନାଳ ଭରି ଯାଏ ମେଣ୍ଟି ଯାଏ ତୃଷା ।୧।
ସବୁଜିମା ଭରି ଯାଏ ପୃଥିବୀ ବକ୍ଷରେ
ନବ ପଲ୍ଲବିତ ହୁନ୍ତି ପାଦପ ରାଜିରେ,
ମଉଳିବା ବୃକ୍ଷ ଲତା ହସି ଉଠୁ ଥାଏ
ନିଦାଘର ରୌଦ୍ର ତାପ ଅପସରିଯାଏ ।୨।

କେଦାରେ କେଦାରେ ପାଣି ଭର ପୂର ହୁଏ
କୃଷକ ଭାଇର ମନ ଆନନ୍ଦେ ନାଚୁ ଥାଏ,
ରୁଆ ପୋତା ବେଉଷଣ ତା' ବକ୍ଷରେ କରେ
ମଇ ଦିଏ ଗୀତ ଗାଏ ଖୁସି ଓଠେ ଝରେ ।୩।

ବାଡ଼ି ବଗିଚାରେ ଭରି ଯାଏ ଫୁଲ ଫଳ
ସାଧବ ବହୂ ହୁଅନ୍ତି ଗାଲିଚାରେ ମେଳ,
ବୃନ୍ଦା ବୃନ୍ଦା ଜଳ ରାଶି ବୃକ୍ଷ ଲତା ପରେ
ମୁକ୍ତା ପରି ଦିଶୁ ଥାଏ ସୂର୍ଯ୍ୟଙ୍କ ରଶ୍ମିରେ ।୪।

ଶୀତଳ ସମୀର ଦେହେ ଛୁଇଁ ଛୁଇଁ ଯାଏ
ଆଶ୍ୱସ୍ତିରେ ପ୍ରାଣୀ ମନ ଆନନ୍ଦିତ ହୁଏ,
ସୁରୁଜ ଉତ୍ତାପ କମେ ବରଷା ଋତୁରେ
ଘଡଘଡି ବିଜୁଳିରେ ମେଦିନୀ କମ୍ପେରେ ।୫।

ନଈ ବଢ଼ି ହୋଇ ଥାଏ ବିଲେ ବାଲି ଚର
ଫସଲ ନଷ୍ଟ ହୁଅଇ କୃଷକ କାନ୍ଦେରେ,
ବନେ ମୟୂର ନାଚନ୍ତି ଥେଇ ଥେଇ ହୋଇ
ବେଙ୍ଗୁଲିର ରଡି ଶୁଣି ମେଘ ଆସେ ଧାଇଁ ।୬।

ଭିଜିଭିଜି ବରଷାରେ ପିଲାଏ ନାଚନ୍ତି
ସ୍ମୃତି ରହେ ବଡ଼ ହେଲେ ଭୁଲି ନ ପାରନ୍ତି,
ଗଣେଶ ଚତୁର୍ଥୀ ଜନ୍ମାଷ୍ଟମୀ ଆସି ଥାଏ
ଉଷା ବ୍ରତ ଉତ୍ସବରେ ମନ ଭରି ଯାଏ ।୭।

ବରଷା ବିହୁନେ ସୃଷ୍ଟି ନାଶର କାରଣ
ବରଷା ବହୁଳେ ସୃଷ୍ଟି ଧ୍ୱଂସରମରଣ,
ବରଷା କାଳ ଅଟଇ ସେ ମଙ୍ଗଳକାରୀ
ପ୍ରାଣୀ ଜଗତକୁ ସୁଖ ଦେଇ ଥାଏ ଭରି ।୮।

**ଗାନ୍ଧୀନଗର ନବରଙ୍ଗପୁର**





## ପୁନେଇଁ ରାତି

**ଡ଼ଃ ତାନଶ୍ରୀ ପାଣିଗ୍ରାହୀ**

ମନ ଆକାଶରେ ଗୋପନରେ ଆସ
ତୁମେ ମୋ ପୁନେଇଁ ରାତି
ଫଗୁରେ ଫଗୁରେ ଖେଳଇ ଫଗୁଣ
ମନ୍ଦ ମଳୟ ପ୍ରୀତି...
ଛୁଇଁ ଛୁଇଁ ଯାଏ ଜୋଛନା ତୁମର
ମୁକୁଳା କବରୀ ତଳେ
ଆଣିଥାଅ ତୁମେ ମୋ ପ୍ରିୟ ସନ୍ଦେଶ
ମନ ସଦା ତାଙ୍କୁ ଝୁରେ...
ପ୍ରଣୟ କାମନା କରେ ଆନ ମନା
ନିଦ ମୋର ଯାଏ ହଜି
ପ୍ରିୟଙ୍କ ପରଶ ପାଏ ମୁଁ ସପନେ
ପ୍ରୀତିରେ ଯାଏ ମୁଁ ହଜି...
ତୁମ ମଧୁମୟ ସ୍ନିଗ୍ଧ ପରଶ
ପ୍ରତୀକ୍ଷାର ନୀରବତା
ସ୍ମୃତି ସବୁ ଏଠି ତାରା ସାଜି ଥାନ୍ତି
କୁହନ୍ତି ମୋ ସାଥୀ କଥା...
ତୁମ ଆଗମନ ଛନ୍ଦେ ଗାଏ ମୁଁ
ପ୍ରେମ ପ୍ରଣୟର ଗୀତି
ମୋ ମନ ବୀଣାରେ ଗୁଞ୍ଜନ ତୋଳ
ତୁମେ ମୋ ପୁନେଇଁ ରାତି ।।

**ଆଚାର୍ଯ୍ୟା, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର**
**ବାଲିଆ,ବାଲେଶ୍ୱର**
**ମୋ: ୯୩୩୭୩୦୪୨୯୫**







## ଆତ୍ମହତ୍ୟା

**ଡ଼ଃ ନାରାୟଣ ଚନ୍ଦ୍ର ସେନାପତି**

ମଣିଷ ଯେବେ ହୋଇଯାଏ ନିଃସଙ୍ଗ
ବୁଡୁଥାଏ କିଂକର୍ତ୍ତବ୍ୟବିମୁଢ଼ ସାଗରରେ
ପାଏନା ଥଳକୁଳ
ସବୁ ଆଶା ହୁଏ ବିଫଳ
ଶେଷରେ ନିଜ ଜୀବନକୁ ଶେଷ କରିଦିଏ
କ୍ରୋଧରେ ରାଗରେ ଅଭିମାନରେ
କେବଳ ନିଜର ଦୁଷ୍ଟ ହାତରେ।

ପ୍ରାଚୀନ କି ଅତ୍ୟାଧୁନିକ ଏ ଶବ୍ଦ
ମୋ ମନ ମୋ ଭାବନା କଳି ପାରେନା
ଏହାକୁ ଯେ ଭଲ ପାଏ ସେ ଯେ କ୍ଷଣିକ ପାଗଳ ନୁହଁ
ଏ କଥା ସମାଜ କଦାପି ଅସ୍ୱୀକାର କରି ପାରେନା
ଦ୍ୱାପର ର ଦ୍ରୌପଦୀ କ'ଣ ଜାଣି ନଥିଲେ ଏ ଶବ୍ଦ
ତ୍ରେତୟା ର ଜାନକୀ କ'ଣ ବୁଝି ନ ଥିଲେ ଯା ଭେଦ
ସବୁ ଜାଣି ଶୁଣି ସାଜିଥିଲେ ସ୍ଥିତପ୍ରଜ୍ଞା
ସେଥିପାଇଁ ତ ସେମାନେ ପୂଜନୀୟା
ଏ କଥା ବିଦ୍ୱାନ ଶ୍ରେଷ୍ଠ ବି କାଟି ପାରେନା।

ମନରେ ଖେଦ ଆସେ ତା ଉପରେ
ଯିଏ ସୃଷ୍ଟି କରିଛି ଏ ଶବ୍ଦ
ଏହାର ଉପାୟକୁ ଯେ ବି କରିଛି ଉତ୍ପନ୍ନ
ତାକୁ ଧିକ୍କାର କରେ ପ୍ରେମ ବର୍ଣ୍ଣବୋଧ
ମାୟା ବନ୍ଧନକୁ ଯେ କାଟି ପାରେ
ସ୍ରଷ୍ଟା ଙ୍କ ସୃଷ୍ଟି କୁ ଯେ ହେୟ କରେ
ସେ ତ ସବୁଠୁ ବଡ ନିର୍ବୋଧ
ମାଆ ଗାଆଁ ଜନ୍ମଭୂମି ତା ଉପରେ କେତେ ଯେ ଆଶା ବାନ୍ଧିଛି
ସବୁ ଭାଙ୍ଗିଦିଏ ଆତ୍ମହତ୍ୟା
କରି ବିକାଶର ପଥ ଅବରୋଧ।

ଜମ୍ବରା, କେନ୍ଦୁଝର







## ନାରୀର ବିଳାପ

**ଡ଼ଃ ଅନୁପମା ବିଶ୍ୱାଳ**

ଅବଳା ଦୁର୍ବଳା ମୋର ପରିଚୟ
ଦେଇଛି ସୁସ୍ଥ ସମାଜ
ବିନା ଦୋଷେ ଅବା ବଳି ପଡୁଅଛି
ସବୁଠାରେ ମୁହଁ ଆଜ।
ପୁରୁଷ ନଜରେ ହୀନ ଠାରୁ ହୀନ
କାହାକୁ କହିବି କୁହ
ଗୁମୁରି ଗୁମୁରି କାନ୍ଦେ ଏକାନ୍ତରେ
ସାଥୀ ଏକା ମୋର ଲୁହ।
ରୂପ ଯଉବନ ବିଧାତାଙ୍କ ଦାନ
ନୁହେଁ ମୋ ପାଇଁ ଆଶିଷ
ଅମୃତ ବୋଲି ମୁଁ ସାଉଁଟୁଛି ଯାହା
ସେଇ ତ ହୁଅଇ ବିଷ।
ସେନେହ ସମ୍ମାନ ଶିଷ୍ଟ ଆଚରଣ
ନାହିଁ ତା'ର ପ୍ରତିଦାନ
ବିପରୀତ ଫଳ ଦିଅନ୍ତି ସଭିଏଁ
କଠୋର ସର୍ପ ସମାନ।
ଶାଖା ପ୍ରଶାଖା ମୋ ଭାଙ୍ଗି ଯାଉଅଛି
ମନ ହେଉଛି ନିରାଶ
ସମ୍ପର୍କର ମୂଲ୍ୟ ହୋଇ ନିରର୍ଥକ
ଛଡାଇ ନେଉଛି ହସ।
ବଞ୍ଚି ଥାଉ ଥାଉ ମରି ଯାଉଛି ମୁଁ
ଶୁଭେ ଖାଲି ଅନ୍ତଃ ସ୍ୱର
ସାନ୍ତ୍ୱନା ଦେବାକୁ ଶ୍ମଶାନ ବନ୍ଧୁଏ
ଡାକନ୍ତି କରି ନିଜର।
ମୋ କଷଣ ଯଦି ସୁଖର କାରଣ
କରିବିନି କେବେ ଦୁଃଖ
ମୋ ଦୁଃଖକୁ ଦେଖି ହରଷରେ ତୁମେ
ଲଭ ଚିରନ୍ତନ ସୁଖ।

ସମ୍ବଲପୁର
ମୋବାଇଲ୍: ୭୯୭୮୫୬୮୩୨୨



## ବିଭୋର କବିତା

**ଜୟଶ୍ରୀ ପଟ୍ଟନାୟକ**

ମାଟି ଏବେ ବିଭୋର ନୂଆ ଫସଲରେ
ତୁ ବି ବିଭୋର
ଆଉ ମୁଁ ବି ବିଭୋର ସ୍ୱପ୍ନ ସାଉଁଟିବାରେ
ବାହାରେ ଶୁଭୁଛି ବର୍ଷାର ଗଜଲ
ମନରେ କଅଁଳେଇଚି ନୂଆ ସ୍ୱପ୍ନ
ଝରକା ସେ କଡ଼େ ଶ୍ୟାମଳ ପୃଥିବୀ
ପକ୍ଷୀ ଟିଏ ଭିଜି ଭିଜି ଉଡାଣ ଭରୁଥାଏ
ହସୁଥାଏ ଫିକ ଫିକ ନଦୀର ନୂଆ ଯୌବନ
ଝରଣା ଦେହରେ ଲକ୍ଷେ ଫଗୁଣ
ଅଙ୍କୁରେଇଛି ଗଛ ଟିଏ ବୋଲି ହେବାକୁ ସବୁଜ ରଙ୍ଗ।

ତୁ ବି ବିଭୋର ସ୍ୱପ୍ନ ନିଶାରେ
ମୁଁ ବି ବିଭୋର ସେହି ଗୁଞ୍ଜନରେ
ଏବେ କଦମ୍ବର ଦେହରେ ଅଜଣା ପୁଲକ
ଆଷାଢ଼ୀ ଛୁଆଁରେ ତାର ନଇଁ ଯାଏ ଗଭା
ଶ୍ରାବଣ ସୀମା ଡେଇଁଚି ମାଟିର ସ୍ୱାଗତିକାରେ..।

ତୁ ବି ବିଭୋର ବରଷାର ରୁଣୁ ଝୁଣୁ ଶବ୍ଦ ରେ
ମୁଁ ବି ବିଭୋର ସେ ଶବ୍ଦକୁ ଆପଣେଇବାରେ
ଆ ବରଷାରେ ଭିଜି ଭିଜି ସାଉଁଟିନେବା ସ୍ୱପ୍ନ ସବୁକୁ
କାଲି ହୁଏତ ଋତୁ ଥିବ ହେଲେ ନଥିବା ଆମେ
ଆଜି ଦିନକ ମଜ୍ଜି ଯିବା ସ୍ୱପ୍ନ ଲୁଟିବାରେ
କାରଣ ତୁ ବି ବିଭୋର, ଆଉ ମୁଁ ବି ବିଭୋର
ସେ ସ୍ୱପ୍ନରେ ହଜିଯିବାରେ..।

**ଗଙ୍ଗନଗର, ଭୁବନେଶ୍ୱର**



## ଝରା ଶେଫାଳିର ମହକ

**ଡ଼ଃ. ଶୁଭେନ୍ଦୁ ମେହେର**

କଢ଼ି ଧରିଲା, ପ୍ରସ୍ଫୁଟିତ ହେଲା
ଭୂରୁ ଭୂରୁ ବାସ୍ନାରେ ବାସ୍ନାୟିତ ହେଲା
ଅବର୍ଣ୍ଣନୀୟ ଲାଳିମାର ଆଭା
ତା' ଭିତରୁ ବିଚ୍ଛୁରିତ ହେଲା ।

କୋମଳମତି ସେ' ନବଯୌବନା
ପାହାଡ଼ି କନ୍ୟା ସେ' ଛୁଟାଇ ବନ୍ୟା
ଉଙ୍ଗରି ଝରଣାର ସଙ୍ଗୀତ ମୂର୍ଚ୍ଛନା ।

ଅଫୁଟା ଫୁଟିଲା ବାସ ଚହଟିଲା
ଯୌବନ ସୀମାର ଶିଖର ଛୁଇଁଲା
ସୁନ୍ଦରତା ପଣେ ସଭିଙ୍କୁ ମୋହିଲା !!

ଜଗତର ତାରାଟିଏ
ଅନୁଭବର ଦୃଷ୍ଟାନ୍ତ ସିଏ,
ପଥରର ଅନୁକମ୍ପନ
ପ୍ରତିଭାର ଉଦ୍ଗିରଣ
ଯୌବନର କାମିନୀ କାଞ୍ଚନ !

ଆଧୁନିକତାର
ସମତାଳରେ ସେ'
ସାମିଲ ହେବ ବା' କେମିତି ?

ପାଶ୍ଚାତ୍ୟ ସଭ୍ୟତାର ସ୍ୱାଦ
ଚାଖିପାରିନି ସିନା,
ସଂସ୍କୃତି ଓ ସଭ୍ୟତାର
ସୁଦୀର୍ଘ ପାଚେରୀ ଭିତରେ
ନିଜକୁ ସେ' ଆବଦ୍ଧ ରଖିଛି !
ସୂର୍ଯ୍ୟାସ୍ତକୁ ପାଟ କରି
ଦେହରେ ପିନ୍ଧିଛି,
କେଶରେ ଯତନ କରି
ତାରାଙ୍କୁ ଖୋସିଛି !!

ପ୍ରତିଭାର ତାଜମହଲରେ
ନିନାଦିତ ପ୍ରତିଟି ପାଖୁଡ଼ାରୁ
କେମିତି ଛୁଟୁଛି ତା' ଜୀବନଗ୍ରନ୍ଥର
ଅପୂର୍ବ ଝଟକ ।
ଅସଭ୍ୟତାର ସେ' ଅନ୍ଧ ପୁଟୁଳି ଭିତରୁ
ବାହାରି ଆସ ଦେଖିବ,
ତା' କରୁଣ କାହାଣୀର ଝଲକ ।
ଅନୁଭବ କର ଥରେ
ଜାଣିପାରିବ
ସେ' ଝରା ଶେଫାଳିର ମହକ ।।।

ଯାଲୋଏ, ସୁବର୍ଣ୍ଣପୁର





## ମହା ପ୍ରଭୁ ଜଗନ୍ନାଥ

**ପୁଷ୍ପଲତା ମିଶ୍ର**

୯୩୩୮୨୯୪୬୫୭
ଓଡ଼ିଆ ଜାତି ର ମଉଡମଣି ହେ
ମହାପ୍ରଭୁ ଜଗନ୍ନାଥ,
ଶ୍ରୀ ମନ୍ଦିରେ ରହି ପତିତ ଜନ ଙ୍କୁ
ଦେଖାଇଛ ଗତି ପଥ।।୧ ।।
ରଥ ଯାତରା ରେ ଭାଇ ଭଗ୍ନୀ ସାଥେ
ବଜେଟ ହୋଇ ପୁଣ୍ୟ ରଥେ,
ଭକ୍ତ ଦୁଃଖ ବୁଝି ଖୁସି ବାଣ୍ଟୁଅଛ
ଲୁହ ରେ ଭିଜୁଛ କେତେ।।୨ ।
ଭାଇ ଭଉଣୀ ଙ୍କ ସମ୍ପର୍କ ଖଞ୍ଜିଛ
ବିଶ୍ୱ ଶିଖୁଛି ମମତା,
ମାଉସୀ ଘରର ଆଦର ସାଉଁଟି
ପଢୁଛ ସ୍ନେହ ର ଗୀତା ।।୩ ।।
ତୁମରି ଅବଢ଼ା ନିର୍ମାଲ୍ୟ କୁ ପାଇ
କେ ହୁଏ ସଙ୍ଗାତ ମିତ,
ତୁମକୁ ଦେଖିଲେ ଦୁଃଖ ଧୋଇ ଯାଏ
ଖୁସି ରେ ନାଚେ ଭକତ ।।୪ ।।
ମହା ଲକ୍ଷ୍ମୀ ପାଇଁ ସାଜିଲ ଭିକ୍ଷୁକ
ଭୁଲିଗଲ ସବୁ ଦୋଷ,
ତାଙ୍କୁ କଲ ପ୍ରୀତ ସାଜି ମହାପତି
ଭରିଲ ଅଧରେ ହସ ।।୫ ।।

**ଭୁବନେଶ୍ୱର**







# କାହା ସ୍ୱାର୍ଥରେ ହୋଇଛି ଫ୍ଲଡ ଫାଇଟର ?

## ଯନ୍ତ୍ରୀ ଜାଣିନାହାଁନ୍ତି, କେଇ ମୁଠା ବାଲି ପକାଇ ଚାଲିଛି କାମ

**ବିଞ୍ଝାରପୁର,୨୨।୭(ସଂଚାର ବ୍ୟୁରୋ):** ବନ୍ୟା ଜଳକୁ ଆୟୁଧ କରି ସରକାରୀ ରାଜସ୍ୱ ସ୍ୱାହା କରିବାର ମସୁଧା। ଜିଲ୍ଲା ରେ ବନ୍ୟା ର ନା ଗନ୍ଧ ନାହିଁ ଏମିତି କି ବିଞ୍ଝାରପୁର ବ୍ଲକ୍ ଅଞ୍ଚଳ ରେ ଖରସ୍ରୋତା ରେ ଅଚାନକ ପାଣି ଆସେ ଗୋଟିଏ ଦିନ ରେ ଛାଡିଯାଏ। ନଦୀ ବନ୍ଧ ଗୁଡିକ ଜଳସମ୍ପଦ ବିଭାଗ ଓ ପୂର୍ତ୍ତ ବିଭାଗ ଦ୍ୱାରା ଏତେ ଓସାର ଆଉ ଉଚ୍ଚା କରାଯାଇଅଛିଯେ ଯାହାକି ବିଞ୍ଝାରପୁର କୁ ବନ୍ୟା ର ଆଶଙ୍କା ବିଲକୁଲ ନାହିଁ ବୋଲି କହିଲେ କିଛି ଭୂଲ ହେବନି। ତଳିଆ ଅଞ୍ଚଳ କହିବାକୁ ଗଲେ ଜରି, ହଲଦୀଢିଅ, ବାଙ୍ଗରା, ଅଞ୍ଚଳ ରେ ଥିବା ଖରସ୍ରୋତା ର ଶାଖା କାଣି ନଦି ରେ ରେ ପାଣି ବଢିବାରୁ କିଛି ପରିବାର ଜଳ ବନ୍ଦୀ ରେ ରହିଥାଆନ୍ତି। ଯାହାଙ୍କ ଦୁର୍ଦ୍ଦଶା କହିଲେ ନସରେ। ନଦୀରେ ବନ୍ୟା ପାଣି ଆସିବା ର ଠିକ୍ ଏହି ମୌକା କୁ ଚାହିଁ ଥାଆନ୍ତି କିଛି ଠିକାଦାର୍, ରାଜନେତା ଆଉ ବିଭାଗୀୟ ଯନ୍ତ୍ରୀ। ଯାହାକି କେଇ ମୁଠା ବାଲି ବସ୍ତା ରେ ପୁରାଇ ବନ୍ଧ ରେ ପାକାଇ ସରକାରୀ ଦର ରେ ବସ୍ତା ଗୋଟି ହିସାବ ରେ ପଇସା ନେବା ସହ ବାଉଁଶ ଓ କାଠ ବଲ୍ଲା ପୋତି ଲକ୍ଷାଧିକ ଅର୍ଥ ଆତ୍ମସାତ କରିଥାଆନ୍ତି ଫ୍ଲଡ ଫାଇଟର ନମରେ। କିନ୍ତୁ ବନ୍ୟା ଗୋଟିଏ ପଟେ ଯାହାର ଚିହ୍ନ ବର୍ଣ୍ଣ ନଥିବା ବେଳେ ଏଠି ବନ୍ୟା ପାଇଁ ନଦୀ ବନ୍ଧ ରେ ବାଲି ବସ୍ତା ପକାଯାଇ ମୁକାବିଲା ହେଉଥିବା ଦେଖିବାକୁ ମିଳିଛି। ଏସଂପର୍କ ରେ ଜଳସମ୍ପଦ ବିଭାଗର ଯନ୍ତ୍ରୀ ଙ୍କୁ ପଚାରିଲା ବେଳେ ସେ ଜାଣି ନଥିବା କହୁଥିବା ବେଳେ କାହା ଅନୁମତି ରେ ଏହି କାର୍ଯ୍ୟ ଚାଲିଛି ଆଉ ଏହି କାର୍ଯ୍ୟ ପାଇଁ କେତେ ଅର୍ଥ ଖର୍ଚ୍ଚ କରିବ ତାହା ସମୟ କହିବ।



## ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଦୁର୍ବୃତ୍ତ କାର ପୋଡି ଦେଲେ

**କଣାସ,୨୨।୭(ସଂଚାର ବ୍ୟୁରୋ):** କଣାସ ଥାନା କଣାସ ଗ୍ରାମପଞ୍ଚାୟତ ଜଳିଆପଡ଼ା ଗ୍ରାମରେ ଗତକାଲି ମଧ୍ୟରାତ୍ରରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଦନାର୍ଦନ ମହାରଣାଙ୍କ କାର ଓଡ଼ି୦୯ଜେ୫୪୯୯କୁ କେହି ଦୁର୍ବୃତ୍ତ ପୋଡ଼ିଦେଇଥିବା ଶ୍ରୀ ମହାରଣା କଣାସ ଥାନା ରେ ଅଭିଯୋଗ କରିଛନ୍ତି, ଅଭିଯୋଗ ପାଇବା ପରେ କଣାସ ଥାନା ଭାରପ୍ରାପ୍ତ ଅଧିକାରୀ ଦେବୀ ପ୍ରସାଦ ଲେଙ୍କା କଣାସ ଥାନା କେସ ନମ୍ବର ୧୬୬/୨୫ରେ ମକଦ୍ଦମା କରି ତଦନ୍ତ ଚଳାଇଛନ୍ତି, ପ୍ରକାଶ ଥାଉକି କିଛି ଦିନ ହେଲା ଜଳିଆପଡା ଗ୍ରାମରେ ସରକାରୀ ଜମି ଜବରଦଖଲ କୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ବିବାଦ ଲାଗିରହିଛି, ପୁରୀରୁ ସାଇଣ୍ଟିଫିକ ଟିମ ଆସି ଘଟଣା ସ୍ଥଳରେ ପରୀକ୍ଷା ନିରୀକ୍ଷା କରି ଫେରିଯାଇଛନ୍ତି।

## ସରକାରୀ ଜମି ଜବରଦଖଲ କୁ ନେଇ ଜଳିଆପଡା ଗ୍ରାମରେ ତୀବ୍ର ଉତ୍ତେଜନା

**କଣାସ,୨୨।୭(ସଂଚାର ବ୍ୟୁରୋ):** କଣାସ ବ୍ଲକ୍ କଣାସ ଗ୍ରାମପଞ୍ଚାୟତ ଜଳିଆପଡ଼ା ଗ୍ରାମରେ ସରକାରୀ ଜମି ଜବରଦଖଲ କୁ ନେଇ ଗ୍ରାମବାସୀ ମାନେ ଦୁଇଗୋଷ୍ଠୀ ହୋଇ ଦୀର୍ଘ ଏକ ମାସ ହେଲା କଣାସ ତହସିଲଦାର ହିମାଂଶୁ ଶେଖର ଗିରି ଙ୍କ ନିକଟରେ ମାପ ଚୁପ କରି ସରକାରୀ ଜମି ବାହାର କରିବାପାଇଁ ଦୁଇଗୋଷ୍ଠୀ ପୃଥକ୍ ପୃଥକ୍ ଭାବେ ଲିଖିତ ଅଭିଯୋଗ କରିଛନ୍ତି, ଅଭିଯୋଗ ପାଇବାପରେ ତହସିଲଦାର ଶ୍ରୀ ଗିରି ଘଟଣା ସ୍ଥଳ କୁ ଯାଇ ତଦନ୍ତକରୀ ଫେରି ଆସିଥିଲେ ମଧ୍ୟ ମାପଚୁପ ନକରିବାରୁ ଗ୍ରାମରେ ତୀବ୍ର ଉତେଜନା ପ୍ରକାଶ ପାଇଛି।ଉତେଜନା କୁ କେନ୍ଦ୍ରକରି ଗୋଟିଏ ଗୋଷ୍ଠୀର କାର କୁ କେହି ପୋଡ଼ି ଦେଇଛନ୍ତି, ଜବରଦଖଲ ସଂପର୍କରେ ଦୁଇପକ୍ଷ କଣାସ ତହସିଲଦାର, ଉପ ଜିଲ୍ଲାପାଳ ପୁରୀ, ଜିଲ୍ଲା ପାଳ ପୁରୀଙ୍କୁ ଜଣାଇବା ସହିତ ଗୋଟିଏ ଗୋଷ୍ଠୀ ଉପ ଜିଲ୍ଲା ପାଳ ଓ ଜିଲ୍ଲା ପାଳଙ୍କୁ ସାକ୍ଷାତ କରିଥିବା ଜଣାପଡ଼ିଛି।

## ବାଇକ ଚୋରି ପାଇଁ ଆସିଥିଲେ, ନିର୍ଦ୍ଧୁମ ମାଡ଼ ଖାଇଲେ



**ଜଳେଶ୍ୱର,୨୨।୭(ସଂଚାର ବ୍ୟୁରୋ):** ବାଇକ ଚୋରି ପାଇଁ ଆସିଥିଲେ, ନିର୍ଦ୍ଧୁମ ମାଡ଼ ଖାଇଲେ। ବାଲେଶ୍ୱର ଜିଲ୍ଲା କମର୍ଦ୍ଦା ଥାନା ମହାଗବ ଗାଁରେ ବିଳମ୍ବିତ ରାତିରେ ୪ ଜଣ ବାଇକ ଚୋରଙ୍କୁ କାବୁ କରିଛନ୍ତି ଗାଁ ଲୋକ। ସେମାନେ ଚୋରଙ୍କୁ କାବୁ କରି ହାତଗୋଡ଼ ବାନ୍ଧି ରାତି ସାରା ମାଡ ପରେ ପୋଲିସ ଜିମା ଦେଇଥିଲେ। ଏଥିରେ ସମ୍ପୃକ୍ତ ଅନ୍ୟ ୬ଜଣ ଫେରାର ହୋଇଯାଇଛନ୍ତି । ସେମାନଙ୍କ ନିକଟରୁ ଗୋଟେ କାର ଜବତ କରାଯାଇଛି । ଅଭିଯୁକ୍ତମାନଙ୍କ ଘର ପଶ୍ଚିମବଙ୍ଗରେ ବୋଲି ଜଣାପଡିଛି ।

## ଦୁଇ ଯୁବକଙ୍କୁ ଛୁରା ମାଡ଼ ଘଟଣାରେ ୨ ଗିରଫ, ମଟର ସାଇକେଲ ଜବତ



**ଫୁଲବାଣୀ,୨୨।୭(ସଂଚାର ବ୍ୟୁରୋ):** ଖଜୁରୀପଡ଼ା ବ୍ଲକ ଅନ୍ତର୍ଗତ ଭେଟ ଖୋଲ ଘାଟି ପାଣ୍ଡୁଲି ସାହି ନିକଟରେ ଦୁଇ ଯୁବକଙ୍କୁ ଛୁରା ମାଡ଼ ହୋଇଥିବା ନେଇ ଖଜୁରୀପଡ଼ା ଥାନାରେ ହାରା ପ୍ରଧାନ ଅଭିଯୋଗ କରିଥିଲେ। ଏ ନେଇ ଥାନାରେ ୦୯/୨୫ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିଲା ଖଜୁରୀପଡ଼ା ପୋଲିସ।ଶନିବାର ଦିନ ଉକ୍ତ ଘଟଣାରେ ସଂପୃକ୍ତ ଥିବା ଦୁଇ ଜଣଙ୍କୁ ଅଭିଯୁକ୍ତଙ୍କୁ ବଲସକୁମ୍ପା ନିକଟରୁ ଉଠେଇ ଆଣି ଗିରଫ କରିଛି।ଗିରଫ ମାନେ ହେଲେ ନାନ୍ଦୁ ଭୋଇ(୩୫) ଏବଂ ବୁଟୁ ପ୍ରଧାନ(୨୫)।ଘଟଣାରେ ବ୍ୟବହୃତ ହୋଇଥିବା ମରଣାତ୍ମକ ଅସ୍ତ୍ର, ମୋବାଇଲ ଫୋନ ସହିତ ବାଇକ୍ ନଂ ଓଡ଼ି ୨୭ ଡି ୦୩୮୩ ଜବତ କରିଛି।ଏ ନେଇ ରବିବାର ଦିନ ଏସଡିପିଓ ପି. ପି. ସୁଭ୍ରଜିତ ବିଶ୍ୱାଳ ଖବରଦତା ସମ୍ମିଳନୀରେ ଖୁଲସା କରିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଥାନା ଅଧିକାରୀ ଚାପ ଧାରୀ ପ୍ରଧାନ, ସବିନିସ୍ପେକ୍ଟର ଦୀନବନ୍ଧୁ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରକାଶ ଯେ ଦାତ ପାଜୁ ହନୁମାନ ମନ୍ଦିର ପଛ ପଟେ ୧୩ ଜାନୁଆରୀ ୨୦୨୫ ସଞ୍ଜୟ ପ୍ରଧାନ, ରାଜା ମହାନନ୍ଦିଆ ବସିଥିବା ସମୟରେ ଅଜଣା ୩ବ୍ୟକ୍ତି ଆସି ସେମାନଙ୍କୁ ଛୁରା ମାଡ଼ କରିଥିଲେ। ସଞ୍ଜୟ ପ୍ରଧାନ ଏବଂ ରାଜା ମହାନନ୍ଦିଆ ଗୁରୁତର ଆହତ ହୋଇ ବ୍ରହ୍ମପୁର ମେଡିକାଲରେ ଚିକିତ୍ସିତ ହେଉଥିଲେ। ସେମାନଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଟିକେ ସୁଧୁରିବାରୁ ପୋଲିସ ତଦନ୍ତରେ ସହାୟକ ହୋଇଛି।ଦୁଇ ଅଭିଯୁକ୍ତ ଗିରଫ ହୋଇଥିବା ବେଳେ ଆଉ ଜଣେ ଫେରାର ଅଛି। ଖୁବ୍ ଶୀଘ୍ର ଆଉ ଜଣଙ୍କୁ ଗିରଫ କରାଯିବ ବୋଲି ଥାନା ଅଧିକାରୀ ଚାପ ଧାରୀ ପ୍ରଧାନ କହିଛନ୍ତି।

## ନାବାଳିକା ପୀଡିତା ପରିବାରକୁ ଭେଟିଲେ ବିଜେପି ପ୍ରତିନିଧି ଦଳ



**ଭବାନୀପାଟଣା,୨୨।୭(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ଆମପାଣି ପଞ୍ଚାୟତ ଅନ୍ତର୍ଗତ ବଣ ପାହାଡ଼ ଘେରା ଦୁର୍ଗମ କୁଟ୍ରୁ ଗ୍ରାମ ର ଜଣେ ନାବାଳିକା କୁ ଦୁଷ୍କର୍ମ ହୋଇଥିବା ନେଇ ଆମପାଣି ଥାନା ରେ ପିଡିତା ପକ୍ଷରୁ ଅଭିଯୋଗ ପରେ ପୋଲିସ ଅଭିଯୁକ୍ତ ଯୁବକ ନକୁଳ ବେହେରା କୁ ଗିରଫ କରି ଏହି ଘଟଣା ରେ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ତେବେ ଏହି ସମ୍ବେଦନଶୀଳ ଘଟଣା କୁ ରାଜ୍ୟ ସରକାର ଗୁରୁତ୍ୱ ଦେଇ ଧର୍ମଗଡ଼ ବିଧାୟକ ଙ୍କ ନିର୍ଦ୍ଦେଶ ରେ ଏକ ପ୍ରତିନିଧି ଦଳ ମଙ୍ଗଳବାର ଧର୍ମଗଡ଼ ବିଧାୟକ ଙ୍କ କୋକସରା ବ୍ଲକ ପ୍ରତିନିଧି ତ୍ରିନାଥ ଶବର ଙ୍କ ନେତୃତ୍ୱରେ ରେ କୁଟ୍ରୁ ଗ୍ରାମ ରେ ପହଞ୍ଚି ନାବାଳିକା ପୀଡ଼ିତା ପରିବାର ଙ୍କୁ ସାକ୍ଷାତ କରିବା ସହ ଏହି ଘଟଣା ରାଜ୍ୟ ସରକାର ପିଡିତା ପରିବାର ପ୍ରତି ସହାନୁଭୂତି ପ୍ରକାଶ କରିଛନ୍ତି ଓ ଦୋଷୀ ପ୍ରତି ତୁରନ୍ତ ପଦକ୍ଷେପ ନିଆଯାଇଛି ଅଭିଯୁକ୍ତ କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି ଓ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି ପ୍ରତିନିଧି ଦଳ ରେ ଆମପାଣି ମଣ୍ଡଳ ସଭାପତି ମଧୁବନ ପାତ୍ର, ମୋଟେରେ ମଣ୍ଡଳ ସଭାପତି ଧର୍ମବ୍ରତ ପଣ୍ଡା, କୋକସରା ମଣ୍ଡଳ ସଭାପତି ବସନ୍ତ ନାଗ, ଆମପାଣି ମଣ୍ଡଳ ସମ୍ପାଦକ ତୁଳାରାମ ନାଏକ, ଯୁବମୋର୍ଚ୍ଚା ସଭାପତି ତ୍ରିଲୋକ୍ୟ ବେଶ୍ରା, ବିଜେପି ଯୁବନେତା ଚକ୍ରଧର ବେଶ୍ରା ଓ ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ରହି ପରିବାର କୁ ସମବେଦନା ଓ ସାହସ ଦେଇଥିଲେ।ପରେ ପ୍ରତିନିଧି ଦଳ କୋକସରା ଗୋଷ୍ଠି ଉନ୍ନୟନ ଅଧିକାରୀ ଡ଼. ହିମାଞ୍ଚଳ ମାଝୀ ଙ୍କୁ ସାକ୍ଷାତ କରି ପିଡିତା ପରିବାର କୁ ସମସ୍ତ ପ୍ରକାର ସରକାରୀ ସହାୟତା ଯୋଗାଇଦେବାକୁ ଅନୁରୋଧ କରିଥିଲେ। ବିଡ଼ିଓ ମଧ୍ୟ ପିଡିତା ପରିବାର ପ୍ରତି ସମବେଦନା ଜଣାଇବା ସହ ସରକାରୀ ସ୍ତରରେ ସହାୟତା ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି।

## ଜଣେ ଶିକ୍ଷକଙ୍କ ଭରସାରେ ୫ ଶ୍ରେଣୀର ଛାତ୍ରଛାତ୍ରୀ

● ଅନଶନରେ ବସିବେ ଗ୍ରାମବାସୀ




**ବିଞ୍ଝାରପୁର,୨୨।୭(ସଂଚାର ବ୍ୟୁରୋ):** ଦିନକୁ ଦିନ ବିପର୍ଯ୍ୟସ୍ତ ହେବାକୁ ଲାଗିଲାଣି ଶିକ୍ଷା ବ୍ୟବସ୍ଥା। ୫ ଶ୍ରେଣୀରେ ୬୦ ପିଲାଙ୍କୁ ଜଣେ ଶିକ୍ଷକ। ଶୁଣିଲେନି ବିଭାଗୀୟ କତୃପକ୍ଷ। ଅନଶନରେ ବସିବେ ଗ୍ରାମବାସୀ। ଏଭଳି ଖବର ଆସିଛି ବରୀ ବ୍ଲକ ଶିକ୍ଷାଧିକାରୀଙ୍କ ଅଧୀନରେ ଥିବା ଅଙ୍ଗାଲୋ ପଞ୍ଚାୟତ କୂଳସାହି ଗ୍ରାମରୁ। ଗ୍ରାମରେ ଥିବା କୂଳସାହି ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୫ଟି ଶ୍ରେଣୀ ଥିବାବେଳେ ଏଠାରେ ୬୦ ଜଣ ଛାତ୍ରଛାତ୍ରୀଙ୍କ ପାଇଁ ଜଣେ ଶିକ୍ଷକ କାର୍ଯ୍ୟ କରୁଛନ୍ତି। ଏନେଇ ଗ୍ରାମ୍ୟ ଶିକ୍ଷା କମିଟି ଓ ଗ୍ରାମବାସୀ ଉଚ୍ଚ କତୃପକ୍ଷଙ୍କ ନିକଟରେ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ ବିଦ୍ୟାଳୟରେ କୌଣସି ଶିକ୍ଷକଙ୍କୁ ନିଯୁକ୍ତି କଲେନାହିଁ। ଯାହାକୁ ନେଇ ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଫଳ ସ୍ୱରୂପ ଆସନ୍ତା ୨୫ ତାରିଖ ଶୁକ୍ରବାର ଦିନଠାରୁ ବିଦ୍ୟାଳୟ ବନ୍ଦକରି ଫାଟକ ସମ୍ମୁଖରେ ଅନଶନରେ ବସିବେ ବୋଲି କମିଟିର ଅଧ୍ୟକ୍ଷା ସ୍ମୃତିରେଖା ମଲିକ, ସଭ୍ୟା ସସ୍ମିତା ରାଉତ, ରେଣୁବାଳା ବେହେରା, ତପନ ମଲିକ, ମହେଶ୍ୱର ସେଠୀ, ପର୍ଶୁରାମ ସାମଲ, ରିତାଞ୍ଜଳୀ ସାମଲ, ଚନ୍ଦ୍ରଶେଖର ସାମଲ, ବାସନ୍ତୀ ସାମଲ, ବସନ୍ତ ରାଉତଙ୍କ ସମେତ ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

## କୋରେଇ ବିଧାୟକଙ୍କ ଦ୍ୱାରା କୃଷି ସମବାୟ ସମିତିର ନୂତନ ଗୃହ ଭିତ୍ତିପ୍ରସ୍ତର ସ୍ଥାପନ



**ଯାଜପୁର ରୋଡ଼,୨୨।୭(ସଂଚାର ବ୍ୟୁରୋ):** କୋରେଇ ବ୍ଲକ ଅନ୍ତର୍ଗତ ଜହ୍ନା ଗ୍ରାମ ପଞ୍ଚାୟତରେ ଧାନ ମଣ୍ଡି କ୍ରୟ କେନ୍ଦ୍ର, ଜହ୍ନା କୃଷି ସମବାୟ ସମିତିର ନୂତନ ଗୃହ ନିର୍ମାଣ କାର୍ଯ୍ୟର ଶୁଭଶିଳାନ୍ୟାସ ସ୍ଥାନୀୟ ବିଧାୟକ ଶ୍ରୀ ଆକାଶ ଦାସନାୟକ'ଙ୍କ ଦ୍ୱାରା ସମାପନ ହୋଇଛି। କୃଷି କ୍ଷେତ୍ରର ବିକାଶ ପାଇଁ ପ୍ରତ୍ୟେକ ଅଞ୍ଚଳରେ କେନାଲ ଦ୍ୱାରା ଜଳସେଚନ ବ୍ୟବସ୍ଥା ଲାଗି ବିଜେପି ସରକାର କାର୍ଯ୍ୟ କରୁଛନ୍ତି ଓ କୃଷକ ମାନଙ୍କ ହିତ ପାଇଁ ସଦାସର୍ବଦା ବିଜେପି ତତପ୍ରର ରହିଥିବା ବେଳେ କୃଷକ ମାନଙ୍କ ଫସଲ କରିବା ପାଇଁ ସୁବିଧା ସୁଯୋଗ ଯୋଗାଇଦେବା ସହିତ ଧାନ ବିକ୍ରୟ କରିବା ପାଇଁ ଏହି କେନ୍ଦ୍ରଟି ଖୋଲା ଯାଉଥୁବା ନେଇ ବିଧାୟକ ଶ୍ରୀ ଦାସନାୟକ କହିଥିଲେ। କୋରେଇ ବିଜେପି'ର ସାଲିସ୍ ବିହିନ ନେତା ଶ୍ରୀ ପ୍ରୀତିରଞ୍ଜନ ସାହୁ'ଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜହ୍ନା ପଞ୍ଚାୟତର ସରପଞ୍ଚ ଶ୍ରୀମତୀ ସଂଯୁକ୍ତା ସାହୁ, ସମିତିସଭ୍ୟା ହେମଲତା ପାଢ଼ୀ, ମାମୁନି ମହାନ୍ତି, ମାନସ ମହାନ୍ତି, ଉଦୟ ପରିଡ଼ା, ଦିପ୍ତିମୟୀ କୁଅଁର, ବୁଲୁ କୁଅଁର, ସମବାୟ ସମିତିର ସଭାପତି ନିତ୍ୟାନନ୍ଦ ସାହୁ'ଙ୍କ ସମେତ ଶତାଧିକ ବିଜେପି କର୍ମୀ ମାନେ ଉପସ୍ଥିତ ରହିଥିଲେ। ଏହି ସମବାୟ ସମିତିର ଧାନ ମଣ୍ଡି କେନ୍ଦ୍ରଟି ଖୋଲା ଯାଇଥିବାରୁ ଜହ୍ନା ପଞ୍ଚାୟତର କୃଷକ ଭାଇ ମାନେ ବିଧାୟକ ଶ୍ରୀ ଆକାଶ ଦାସନାୟକ'ଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ।

## ଛାତ୍ର କଂଗେସ ସଭାପତିଙ୍କ ଦୁଷ୍କର୍ମ ପ୍ରତିବାଦରେ ବିଜେପି ଯୁବମୋର୍ଚ୍ଚା ପକ୍ଷରୁ କୁଶପୁତ୍ତଳିକା ଦାହ

**ନୀଳଗିରି,୨୨।୭(ସଂଚାର ବ୍ୟୁରୋ):** ଭାରତୀୟ ଜନତା ଯୁବମୋର୍ଚ୍ଚା ନୀଳଗିରି ତରଫରୁ କଂଗ୍ରେସର ବିରୋଧୀଦଳ ନେତା ରାହୁଲ ଗାନ୍ଧୀ, ରାଜ୍ୟ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସ ଓ ରାଜ୍ୟ ଛାତ୍ରକଂଗ୍ରେସ ସଭାପତି ଉଦିତ ପ୍ରଧାନଙ୍କ କୁଶପୁତ୍ତଳିକା ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଦାହ କରାଯାଇଅଛି।ରାଜ୍ୟ ଛାତ୍ରକଂଗ୍ରେସ ସଭାପତି ଉଦିତ ପ୍ରଧାନ ଜନୈକ ଯୁବତୀଙ୍କୁ ମୃଦୁପାନୀୟରେ ନିଶାଦେଇ ଦୁଷ୍କର୍ମ କରିବାପରେ ଯୁବତୀ ଜଣକ ଗତ ୧୮ତାରିଖରେ ପୋଲିସରେ ଅଭିଯୋଗ ପରେ ପୋଲିସ ଉଦିତଙ୍କୁ ଗିରଫ କରି ଜେଲହାଜତକୁ ପଠାଇଦେଇଛି। ଓଡ଼ିଶାରେ ବିଜେପି ନେତୃତ୍ୱାଧୀନ ରାଜ୍ୟସରକାର ମହିଳାଙ୍କୁ ସୁରକ୍ଷାଦେବାରେ ବିଫଳ ହୋଇଥିବା ବେଳେ ଓଡ଼ିଶାରେ ନାରୀନିର୍ଯ୍ୟାତନା ବୃଦ୍ଧି ପାଇଥିବାନେଇ ବାରମ୍ବାର ବିଜେପି ଉପରେ ଆକ୍ଷେପକରିବା କଂଗ୍ରେସ ମହିଳା ସୁରକ୍ଷାକୁ ନେଇ କୁମ୍ଭୀରକାନ୍ଦଣା କାନ୍ଦୁଥିବା ବେଳେ ନିଜଦଳର ରାଜ୍ୟ ଛାତ୍ର ସଭାପତି ଏପରି ଘୃଣ୍ୟକର୍ମ ପାଇଁ ଆଜି ରାଜ୍ୟକଂଗ୍ରେସ ସଭାପତି ଓ ବିରୋଧୀଦଳ ନେତା ରାହୁଲ ଗାନ୍ଧୀ ନିରବ କାହିଁକି ବୋଲି ଏହା କଂଗ୍ରେସର ଦୋମୁହାଁ ନୀତି ବୋଲି ଭାରତୀୟ ଜନତା ଯୁବମୋର୍ଚ୍ଚା ଅଭିଯୋଗ କରି ରାଜ୍ୟ କଂଗ୍ରେସ ସଭାପତି ଓ ରାହୁଲ ଗାନ୍ଧୀ ଏବଂ ଛାତ୍ରକଂଗ୍ରେସ ସଭାପତି ଉଦିତ ପ୍ରଧାନଙ୍କ କୁଶପୁତ୍ତଳିକା ଦାହ କରିବା ସହିତ ସେମାନଙ୍କ ଇସ୍ତଫା ଦାବି କରି ବିକ୍ଷୋଭ ପ୍ରଦର୍ଶନ କରଛି।ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଯୁବମୋର୍ଚ୍ଚା ଉପସଭାପତି ଦେବାଶିଷ ଆଚାର୍ଯ୍ୟ, ନୀଳଗିରି ନଗରସଭାପତି ସୂର୍ଯ୍ୟକାନ୍ତ ବିଶ୍ୱାଳ, ବିଜେପି ଜିଲ୍ଲା ସମ୍ପାଦକ ସମରଶଙ୍କର କାନୁନଗୋ, ଶୁଭ୍ରାଂଶୁ ନନ୍ଦ, ଗୋପୀବଲ୍ଲଭ ରାଉତ, ଆନନ୍ଦ ମିଶ୍ର, ଚନ୍ଦ୍ରଶେଖର ମହାଲିକ, ପରେଶ ପରିଡା, ଜୟନ୍ତ ପାତ୍ର, ଅଜିତ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ବିକ୍ଷୋଭରେ ସାମିଲ ହୋଇଥିଲେ।

## ଫାଇଲେରିଆ ନିରାକରଣ ଅଭିଯାନ

## ସାମୂହିକ ଔଷଧ ସେବନର ଦ୍ୱିତୀୟ ସମନ୍ୱୟ ବୈଠକ



**ସୁନ୍ଦରଗଡ଼,୨୨।୭(ସଂଚାର ବ୍ୟୁରୋ):** ଜିଲ୍ଲାରେ ଫାଇଲେରିଆ ନିରାକରଣ ନିମନ୍ତେ ଆସନ୍ତା ଅଗଷ୍ଟ ୧୦ ରୁ ୧୯ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ସାମୁହିକ ଓଷଧ ସେବନ କର୍ଯ୍ୟକ୍ରମ ନିମନ୍ତେ ଆଜି ସ୍ଥାନୀୟ ସଦଭାବନା ଭବନଠାରେ ଜିଲ୍ଲାପାଳ ମନୋଜ ସତ୍ୟୱାନ ମହାଜନଙ୍କ ଅଧ୍ୟକ୍ଷତାରେ ଦ୍ୱିତୀୟ ସମନ୍ୱୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଅଛି। ଜିଲ୍ଲାରେ ଏହି ଫାଇଲେରିଆ ନିରାକରଣ ଅଭିଯାନକୁ ସଫଳ କରିବାକୁ ସମସ୍ତ ବିଭାଗ ଗୁଡ଼ିକ ପୂର୍ଣ୍ଣ ସହଯୋଗ କରିବା ସହିତ ଏଥି ନିମନ୍ତେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ଜିଲ୍ଲାପାଳ ଶ୍ରୀ ମହାଜନ ନିର୍ଦ୍ଦେଶ ଦେଇଥିଲେ ଏବଂ ନିୟମିତ ଏହି ସଂକ୍ରାନ୍ତୀୟ ସମୀକ୍ଷା କରିବାକୁ କହିଥିଲେ। ଏହା ସହିତ ପ୍ରତିଷେଧକ ବଟିକା ସେବନ କରି ଫାଇଲେରିଆ ନିରାକରଣ ଅଭିଯାନ କୁ ସଫଳ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ବୈଠକରେ ଜିଲ୍ଲାରେ ଫାଇଲେରିଆ ଦୂରୀକରଣ ଉପରେ ଆଲୋଚନା କରାଯାଇଥିଲା। ବିଶେଷ କରି ଏହି ଔଷଧ ସେବନ ନିମନ୍ତେ ବ୍ୟାପକ ଜନସଚେତନତା ସୃଷ୍ଟି କରାଯିବା ଉପରେ ଆଲୋଚନା କରାଯାଇ ଥିଲା। ସମସ୍ତ କାର୍ଯ୍ୟାଳୟ, ସମସ୍ତ ବିଦ୍ୟାଳୟ, ହଷ୍ଟେଲ, ଶିଳ୍ପାଞ୍ଚଳ, ଗ୍ରାମାଞ୍ଚଳ ମାନଙ୍କରେ ଯେଭଳି ଏହି ଔଷଧ ସେବନ କରାଯିବ ତାହା ବୈଠକରେ ଆଲୋଚନା କରା ଯାଇଥିଲା। ସେହିଭଳି ଜନ ପ୍ରତିନିଧି, ପଞ୍ଚାୟତିରାଜ ଅନୁଷ୍ଠାନର ସଭ୍ୟ, ଏନ୍ ଜି ଓ, ଅଙ୍ଗନବାଡ଼ି କର୍ମୀ, ଗ୍ରାମ ସ୍ତରୀୟ ଫେଡରେଶନ ମାନଙ୍କୁ ମଧ୍ୟ ଏହି ଅଭିଯାନରେ ସାମିଲ କରାଯିବ ଏବଂ ସେମାନେ ଜନସାଧାରଣଙ୍କୁ ଫାଇଲେରିଆ ନିରାକରଣ ଔଷଧ ସେବନ ନିମନ୍ତେ ଉତ୍ସାହିତ କରିବେ।

## ନବ ଭାରତ ହିନ୍ଦୁ ସଂଗଠନ ପକ୍ଷରୁ ବ୍ୟାସନଗର କଲେଜ ସମ୍ମୁଖରେ ବିକ୍ଷୋଭ




**ଯାଜପୁର ରୋଡ଼,୨୨।୭(ସଂଚାର ବ୍ୟୁରୋ):** ବାଲେଶ୍ୱର ଏଫ.ଏମ କଲେଜର ଛାତ୍ରୀ ଆତ୍ମହତ୍ୟା ଘଟଣା ରାଜ୍ୟର ମୁଖ୍ୟ ବିଷୟ ପାଲଟିଥିବା ବେଳେ ରାଜଧାନୀରେ ଏକ ଛାତ୍ରୀଙ୍କ ଅଭିଯୋଗରେ ପୋଲିସ ଆରେଷ୍ଟ କରିଥିବା କଂଗ୍ରେସ ଓ ବାମପନ୍ଥୀର ଛାତ୍ର ନେତା ସଭାପତି ଉଦିତ ପ୍ରଧାନ'ଙ୍କୁ କଠୋରରୁ କଠୋର ଦଣ୍ଡ ମିଳିବା ଦାବିରେ ଆଜି ଓଡିଶା ପ୍ରଦେଶ ନବ ଭାରତ ହିନ୍ଦୁ ସଂଗଠନ ପକ୍ଷରୁ ଯାଜପୁର ଜିଲ୍ଲାର ବ୍ୟାସନଗର ସ୍ୱୟଂ ଶାସିତ ମହାବିଦ୍ୟାଳୟ ସମ୍ମୁଖ୍ୟରେ ଭିକ୍ଷୋଭ ପ୍ରଦଶନ କରାଯାଇଛି। ଏହି ଘଟଣାରେ କଂଗ୍ରେସ ନେତାଙ୍କୁ ନିନ୍ଦା କରିବା ସଙ୍ଗେ ବ୍ୟାନର ଫଟୋ ଦାହ କରିଥିଲେ। ଏଫ.ଏମ୍ ଛାତ୍ରୀ ଆତ୍ମହତ୍ୟା ଘଟଣାରେ କଲେଜ ଅଧ୍ୟାପକଙ୍କୁ ସମର୍ଥନ କରିବା ଓ ଛାତ୍ରୀଙ୍କ ଚରିତ୍ରକୁ ସୋସିଆଲ ମିଡ଼ିଆରେ ସଂଘାର କରିବା ସହିତ କଲେଜ ପରିସରରେ ହଇରାଣ କରିବା ଅଭିଯୁକ୍ତଙ୍କ ଉପରେ ତୁରନ୍ତ ଦୃଢ଼ କାର୍ଯ୍ୟନୁଷ୍ଠାନ ନିଆଯାଉ ବୋଲି ସଙ୍ଗର ମୁଖ୍ୟ ଉପଦେଷ୍ଟା ସତ୍ୟ ରଞ୍ଜନ ନାୟକ ସୂଚନା ଦେଇଥଲେ। ଏହି କାର୍ଯ୍ୟକ୍ରମରେ ଭିକି ସ୍ୱାଇଁ, ଆଶୁତୋଷ ପଲେଇ, ରାଜା ଗେଡି, ଆଦିତ୍ୟ ନନ୍ଦ, ରଶ୍ମି ରାଉତ, ଜିତେନ୍ଦ୍ର କୁମାର ସାହୁ, ଅଭିମନ୍ୟୁ ମହାକୁଡ଼ଙ୍କ ସମେତ ଅନେକ ସଭ୍ୟ ମାନେ ଉପସ୍ଥିତ ରହିଥିଲେ।

## ପଞ୍ଚଦିବସୀୟ ନିଷ୍ଠା ଅନ୍ତର୍ନିବେଶୀ ଶିକ୍ଷା ଶିକ୍ଷକ ପ୍ରଶିକ୍ଷଣ



**ସୁବର୍ଣ୍ଣପୁର,୨୨।୭(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ରାମପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ପଞ୍ଚ ଦିବସୀୟ ନିଷ୍ଠା ଅନ୍ତର୍ନିବେଶୀ ଶିକ୍ଷା ଶିକ୍ଷକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦଘାଟିତ ହୋଇଯାଇଛି। ଗୋଷ୍ଠୀ ସମ୍ବଳ ଶିକ୍ଷକ ମନୋଜ ସାହୁ ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ତାଲିମ କାର୍ଯ୍ୟକ୍ରମ କୁ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଶ୍ୱ ମେହେର ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦଘାଟନ କରିଥିଲେ। ରାମପୁର ସିଆରସିସି ପ୍ରଦୀପ୍ତକିଶୋର ଦାଶ ସମ୍ମାନିତ ଅତିଥିଭାବେ ଯୋଗଦେଇଥିବା ବେଳେ ଗଜବନ୍ଧ ସିଆରସିସି ନରେନ୍ଦ୍ରକୁମାର ପୁରୋହିତ ସଭା ପରିଚାଳନା କରିଥିଲେ। ଏହି ଅବସରରେ ଅନ୍ତର୍ନିବେଶୀ ଶିକ୍ଷା ସଂଯୋଜକ ଲୋଚନ ସାହୁ ଓ ପ୍ରକୃତିମିତ୍ର ପୁରସ୍କାରପ୍ରାପ୍ତ କାଇସକନ୍ଦା ପ୍ରାଥମିକ ବିଦ୍ୟାଳୟ ର ପ୍ରଧାନଶିକ୍ଷୟିତ୍ରୀ ଚୁମକି ବିଶି ଙ୍କୁ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା।ରାମପୁର, ଅନ୍ଧାରିବାଞ୍ଜି, ଗଜବନ୍ଧ, ବାଙ୍କୀପାଲି ଓ ମାୟାବର୍ହା କ୍ଲଷ୍ଟର ର ୫୦ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଅଂଶଗ୍ରହଣ କରିଥିଲେ। ଗଧାପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ର ଶିକ୍ଷକ ଆନନ୍ଦ ପଧାନ, ଚିଙ୍ଗେରକଟା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ର ଶିକ୍ଷକ ଯୋଗାନନ୍ଦ ପଧାନ, ବଡ଼କର୍ଲେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ର ଶିକ୍ଷକ କୃଷ୍ଣଚନ୍ଦ୍ର ବାରିକ ସାଧନ କର୍ମୀ ଭାବେ ଯୋଗଦେଇ ବିବିଧତାପୂର୍ଣ୍ଣ ଅନ୍ତର୍ନିବେଶୀ ଶ୍ରେଣୀ କକ୍ଷ, ଭିନ୍ନକ୍ଷମ ବିଭାଗୀକରଣ, ସ୍ୱତନ୍ତ୍ର ଆବଶ୍ୟକତା ଥିବା ଶିଶୁ ଏବଂ ଅଧିକ ସହାୟତା ଆବଶ୍ୟକ କରୁଥିବା ଶିଶୁ, ସ୍ୱତନ୍ତ୍ର ଆବଶ୍ୟକତା ଥିବା ବିଦ୍ୟାର୍ଥୀ ଙ୍କ ନିମନ୍ତେ ଶିକ୍ଷାଗତ ବ୍ୟବସ୍ଥା, ଶିକ୍ଷାର୍ଥୀ ମାନଙ୍କ ଉପରେ ପଡୁଥିବା ବିଭିନ୍ନ ଅକ୍ଷମତା ଜନିତ ଶିକ୍ଷଣ, ପ୍ରଶସ୍ତ ଆପ ର ବ୍ୟବହାର, ପାଠ୍ୟକ୍ରମ ଅନୁକୂଳନ ଓ ରୂପାନ୍ତରଣ, ସାର୍ବଜନୀନ ଶିକ୍ଷଣ ଢାଞ୍ଚା, ଅନ୍ତର୍ନିବେଶୀ ଶିକ୍ଷା ପାଇଁ ଭିନ୍ନଭିନ୍ନ ସୂଚନା, ଅନ୍ତର୍ନିବେଶୀ ଶ୍ରେଣୀ ଗୃହରେ ସୂଚନା ଓ ପ୍ରଯୁକ୍ତି ବିଦ୍ୟା ର ପ୍ରୟୋଗ ବିଷୟରେ ପ୍ରଶିକ୍ଷଣ ଦେଇଥିଲେ। ଡୁଙ୍ଗୁରିପାଲି ଗୋଷ୍ଠୀ ଶିକ୍ଷାଧିକାରୀ ଗଣେଷ କିଷାନ ତାଲିମ କେନ୍ଦ୍ର ପରିଦର୍ଶନ କରି ସୁଚିନ୍ତିତ ଉପଦେଶ ଦେଇଥିଲେ। ଶେଷରେ ପ୍ରଶିକ୍ଷାର୍ଥୀ ସଞ୍ଜୀବ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଏକ ଦିବାସୀୟ ବୃତ୍ତିପରାମର୍ଶ କର୍ମଶାଳା




**ସୁବର୍ଣ୍ଣପୁର,୨୨।୭(ସଂଚାର ବ୍ୟୁରୋ):** ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ, ସୁବର୍ଣ୍ଣପୁର ଦ୍ୱାରା ଆୟୋଜିତ ଶିଶୁ ଯତ୍ନ ଅନୁଷ୍ଠାନ ଓ ଅନଆନୁଷ୍ଠାନିକ ସେବା, ହାଇସ୍କୁଲ, ଯୁକ୍ତ ଦୁଇ, ଓ ଆଇଟିଆଇ ପାସ୍ କରିଥିବା ଛାତ୍ର ଛାତ୍ରୀ ଙ୍କ ପାଇଁ ଏକ ଦିବାସୀୟ ବୃତ୍ତି କର୍ମଶାଳା ଜିଲ୍ଲା ଯୋଜନା କାର୍ଯ୍ୟାଳୟର ସମ୍ମିଳନୀ କକ୍ଷ ରେ ଅନୁଷ୍ଠିତ ହୋଇଯାଇଛି ଉକ୍ତ କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ତଥା ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳୀନା ପଧାନ, ସମ୍ମାନିତ ଅତିଥି ଶଙ୍କର୍ଷଣ ପଣ୍ଡା ଜିଲ୍ଲା ଶିଶୁ ସୁରକ୍ଷା ସମିତି ଅଧ୍ୟକ୍ଷ ପିଲା ମାନଙ୍କ ର ଭାବିଷ୍ୟତ ଗଠନ ପାଇଁ ବୃତ୍ତି କର୍ମଶାଳା ର ଗୁରୁତ୍ୱ ଉପରେ ଆଲୋଚନା କରିଥିଲେ ଶିଶୁ ସୁରକ୍ଷା ଅଧିକାରୀ ବିଜୟ କୁମାର ବିଶ୍ୱାଳ ସ୍ୱାଗତ ଭାଷଣ ଦେଇଥିବା ବେଳେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀଯୁକ୍ତ ଚତୁର୍ଭୁଜ ଦାଶ କର୍ମଶାଳା ର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ, ଜିଲ୍ଲା ଶିଳ୍ପ କେନ୍ଦ୍ର ର ଶୁଭମ ସାହୁ ଆଇଟିଆଇ ର ସୋନପୁରର ମଞ୍ଜିତ ମାଝୀ କ୍ୟାରିୟର କୁ ପରାମର୍ଶଦାତା ରାଜୀବ ନାୟକ ନର୍ସିଂ କଲେଜର ଅଧ୍ୟକ୍ଷ ସୁବୋଧ ସାହୁ, ସୋନପୁର ମହିଳା ମହାବିଦ୍ୟାଳୟର ପ୍ରାଧ୍ୟାପକ କ୍ଷୀରୋଦ କୁମାର ମେହେର ବୃତ୍ତି ସମ୍ବନ୍ଧୀୟ ପରାମର୍ଶ ପ୍ରଦାନ କରିଥିଲେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ପ୍ରଶାନ୍ତ ମହାକୁଡ଼, ରୁଦ୍ର ପ୍ରସନ୍ନ ମିଶ୍ର, ସରିତା ସୁନା, ଥବିର କାଲସେ, ଜିତେନ୍ଦ୍ର ମଣ୍ଡଳ, ମୃତ୍ୟୁଞ୍ଜୟ ସାହୁ, ଅନିଲ ମହଲା, ପ୍ରତୀକ ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ ଉକ୍ତ କାର୍ଯ୍ୟକ୍ରମ ରେ ଶହେ ଜଣରୁ ଉର୍ଦ୍ଧ୍ୱ ଛାତ୍ର ଛାତ୍ରୀ ଓ ଅଭିଭାବକ ଅଂଶ ଗ୍ରହଣ କରିଥିଲେ ପରିଶେଷରେ ସୁରକ୍ଷା ଅଧିକାରୀ ଅଣ ଆନୁଷ୍ଠାନିକ ଗୌତମ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।